
# ଉତ୍କଳ ପ୍ରସଙ୍ଗ

[illegible] ବିଶେଷାଙ୍କ


6373
22/1/93





୧୯୭୮ ଅଗଷ୍ଟ ୭ ତାରିଖ ଦିନ ନୂଆଦିଲ୍ଲୀସ୍ଥିତ ବିହାର ଭବନରେ ସୁବର୍ଣ୍ଣରେଖା ନଦୀ ଜଳ ବଣ୍ଟନ ପାଇଁ ବିହାର, ଓଡ଼ିଶା ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଏକ ତ୍ରିପାକ୍ଷିକ ରାଜିନାମା ସ୍ୱାକ୍ଷରିତ ହୋଇଛି । ଚିତ୍ରରେ: (ବାମରୁ ଦକ୍ଷିଣକୁ) ଓଡ଼ିଶା, ବିହାର ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ରାଜିନାମା ସ୍ୱାକ୍ଷର ପରେ କରମର୍ଦ୍ଦନ କରୁଛନ୍ତି ।





ଭୁବନେଶ୍ୱର ସହିତ ସିକନ୍ଦରାବାଦକୁ ସିଧାସଳଖଭାବେ ସଂଯୁକ୍ତ କରୁଥିବା କୋଣାର୍କ ଏକ୍ସପ୍ରେସର ଶୁଭ ଉଦ୍‌ଘାଟନ ଉତ୍ସବ ଅଗଷ୍ଟ ୧୬ ତାରିଖରେ ଅନୁଷ୍ଠିତ ହୋଇଥିଲା । ଚିତ୍ରରେ: କେନ୍ଦ୍ର ରେଳବାଇ ମନ୍ତ୍ରୀ ଶ୍ରୀ ମଧୁ ଦଣ୍ଡବତେ ସବୁଜ ପତାକା ଉତ୍ତୋଳିତ କରି ଯାତାରମ୍ଭ ପାଇଁ ସଙ୍କେତ ଦେଉଛନ୍ତି । ତାଙ୍କ ପାର୍ଶ୍ୱରେ ଅଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ।

# ଉତ୍କଳ ପ୍ରସଙ୍ଗ

୧୯୭୮ ସେପ୍ଟେମ୍ବର : ଭାଦ୍ରବ
୧୯୦୦ ଶକାବ୍ଦ
୩୫ ଖଣ୍ଡ : ଦ୍ୱିତୀୟ ସଂଖ୍ୟା

ଶ୍ରୀ କୈଳାସ ଚନ୍ଦ୍ର ମିଶ୍ର
ମୁଖ୍ୟ ସମ୍ପାଦକ

ଶ୍ରୀ ବିପିନବିହାରୀ ପଟ୍ଟନାୟକ
ସମ୍ପାଦକ

ପ୍ରହରାଜ ଶ୍ରୀ ସତ୍ୟନାରାୟଣ ନନ୍ଦ
ସହକାରୀ ସମ୍ପାଦକ

ଶ୍ରୀ ବ୍ରଜମୋହନ ପଟ୍ଟନାୟକ
ଶ୍ରୀ କିଶୋର ଚନ୍ଦ୍ର ବେହେରା
ସହଯୋଗୀ ସଂପାଦକ

ଶ୍ରୀ ଅସିତ୍ ମୁଖାର୍ଜୀ
ସଜ୍ଜା ଶିଳ୍ପୀ

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ
ମୁଦ୍ରଣ

ବାର୍ଷିକ ଦେୟ—ଟ ୧୦·୦୦

ପ୍ରତିଖଣ୍ଡ—ଟ ୧·୦୦

* * *

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ପ୍ରବନ୍ଧ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଉଥାଏ । ସେଉଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବନାହିଁ ।

## ସୂଚୀପତ୍ର

| | | |
|---|---|---|
| ସମାଜ ମଙ୍ଗଳ କ୍ଷେତ୍ରରେ ଆମର ଭୂମିକା | .. | ୧ |
| ସମାଜ ମଙ୍ଗଳ ଓ ଶିଶୁ କଲ୍ୟାଣ | .. | ୨ |
| ଶ୍ରମ ଦିବସର ଶପଥ | .. | ୫ |
| କାଳ ଗର୍ଭର ପରେ | .. | ୭ |
| ସମାଜ ମଙ୍ଗଳ : ଏକ ଆହ୍ୱାନ | .. | ୯ |
| ଶିକ୍ଷକ ସମସ୍ୟା ଓ ଏହାର ପ୍ରତିକାର | .. | ୧୩ |
| ସୁବର୍ଣ୍ଣରେଖା ନଦୀ ଜଳ ବଣ୍ଟନ ପାଇଁ ଓଡ଼ିଶା, ବିହାର ଓ ପଶ୍ଚିମ ବଙ୍ଗ ମଧ୍ୟରେ ଚୁକ୍ତିନାମା | | ୧୫ |
| ଅଭ୍ୟୁଦୟର ଆଲୋକ | .. | ୧୭ |
| ସମାଜର ବିକାଶରେ ଶିକ୍ଷକଙ୍କର ଭୂମିକା | .. | ୧୯ |
| ଭାରତରେ ଟେଲିଭିଜନ ପ୍ରସାରର ଇତିହାସ | .. | ୨୧ |
| ଆମ ଅଗ୍ରଗତିର ଏକ ବର୍ଷ | .. | ୨୫ |
| ବୁଢ଼ୀଆର ଘର | .. | ୨୯ |
| ମାଛ କାନ୍ଦଣା କ୍ଷୁଦ୍ର ଜଳସେଚନ ଯୋଜନା | .. | ୩୧ |
| ଓଡ଼ିଶାରେ ଆଦିବାସୀଙ୍କ ପାଇଁ ପଶୁପାଳନ ଯୋଜନା | .. | ୩୩ |
| ଯୁରିଆ ଗ୍ରାମର ଅଗ୍ରଗତି | .. | ୩୫ |
| ମହିଳା ଓ ଆଦିବାସୀ ସାକ୍ଷର ଯୋଜନା | .. | ୩୭ |
| ସମାଜ କଲ୍ୟାଣ | .. | ୩୯ |
| ମାଲେରିଆକୁ ଠିକଣା ଜବାବ୍ | .. | ୪୧ |
| ଦୁର୍ଘଟଣାରୁ ନିଜକୁ ରକ୍ଷା କରନ୍ତୁ | .. | ୪୩ |
| ଜନସେବା କ୍ଷେତ୍ରରେ ସମାଜ ମଙ୍ଗଳ ବୋର୍ଡର ଭୂମିକା | .. | ୪୭ |
| ସାବାସ୍ ବିଜୟୀ ! | .. | ୪୮ |
| ପ୍ରେସ୍ କମିଶନ | .. | ୪୯ |
| ଘଟଣା ପ୍ରବାହ | .. | ୫୦ |



ରାଜଭବନ

ଭୁବନେଶ୍ୱର, ଅଗଷ୍ଟ ୩, ୧୯୭୮

କେନ୍ଦ୍ର ସମାଜମଙ୍ଗଳ ବୋର୍ଡ ରୌପ୍ୟ ଜୁବୁଲି ପାଳନ କରୁଥିବା ଅବସରରେ ୧୯୭୮ ଅଗଷ୍ଟ ୧୨ ତାରିଖ ଦିନ ଅନୁଷ୍ଠିତ ଏକ ସମ୍ମିଳନୀରେ ଶ୍ରୀମତୀ ଦୁର୍ଗାବାଈ ଦେଶମୁଖଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଥିବାର ଜାଣି ମୁଁ ବିଶେଷ ଆନନ୍ଦିତ । ଆମ ଦେଶର ସାମାଜିକ ଅବସ୍ଥାର ଉନ୍ନତି ତଥା ନାରୀ ସ୍ୱାଧୀନତା ଲାଭ କରିବା ଦିଗରେ ଦୁର୍ଗାବାଈଜୀଙ୍କର ଅବଦାନ ଉଲ୍ଲେଖନୀୟ । କେନ୍ଦ୍ରୀୟ ବୋର୍ଡ ଓ ରାଜ୍ୟ ବୋର୍ଡଗୁଡ଼ିକୁ ପ୍ରେରଣା ଯୋଗାଇ ଅଧିକରୁ ଅଧିକ ଆଗେଇ ନେବା ନିମନ୍ତେ ମୁଁ ଈଶ୍ୱରଙ୍କ ନିକଟରେ ତାଙ୍କର ସୁସ୍ଥ ଓ ଦୀର୍ଘ ଜୀବନ ପାଇଁ ପ୍ରାର୍ଥନା କରୁଛି ।

କେନ୍ଦ୍ରୀୟ ସମାଜ ମଙ୍ଗଳ ବୋର୍ଡ ଆରମ୍ଭ ହେବାର ୨୫ ବର୍ଷ ବିତି ଗଲାଣି ଏବଂ ଏହି ସମୟ ମଧ୍ୟରେ ପଥପ୍ରଦର୍ଶକ ଶକ୍ତିସହ ଉକ୍ତ ବୋର୍ଡ ସାମାଜିକ ଅବସ୍ଥାଗୁଡ଼ିକୁ ସୁଧାରିବା ଦିଗରେ ପ୍ରଶଂସନୀୟ କାର୍ଯ୍ୟ କରି ଆସିଛି । ଓଡ଼ିଶାରେ ରାଜ୍ୟ ସମାଜ ମଙ୍ଗଳ ଉପଦେଷ୍ଟା ବୋର୍ଡ ଦ୍ରୁତ ଅଗ୍ରଗତି କରିଥିବା ବିଷୟ ମୋତେ କୁହାଯାଇଛି ଏବଂ ଚାକିରୀ କରିଥିବା ମହିଳାମାନଙ୍କ ନିମନ୍ତେ ଭୁବନେଶ୍ୱର ଠାରେ 'ନିବେଦିତା' ନାମରେ ଏକ ହଷ୍ଟେଲ ପ୍ରତିଷ୍ଠା ହୋଇଥିବା ଉକ୍ତ ବୋର୍ଡର ଅନ୍ୟତମ ଉଲ୍ଲେଖନୀୟ କାର୍ଯ୍ୟ । ଆମ ରାଜ୍ୟର ସମସ୍ତ ବଡ଼ ଓ ଛୋଟ ସହରରେ ଏଭଳି 'ନିବେଦିତା' ମାନ ଗଢ଼ି ଉଠିବା ଉଚିତ ବୋଲି ମୁଁ ଆଶା କରୁଛି । ପଞ୍ଜାବ, ହରିଆନା, ମହାରାଷ୍ଟ୍ର ପ୍ରଭୃତି ଉନ୍ନତ ରାଜ୍ୟଗୁଡ଼ିକ ରେଡ୍‌କ୍ରସ୍, ରାଜ୍ୟ ବୋର୍ଡ ଭଳି ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ଜରିଆରେ ଅଭୂତପୂର୍ବ ସଫଳତା ହାସଲ କରି ପାରିଛନ୍ତି । ଓଡ଼ିଶା ସମାଜ ମଙ୍ଗଳ ଉପଦେଷ୍ଟା ବୋର୍ଡ ପ୍ରସୂତି ମହିଳା ଓ ଶିଶୁ ମଙ୍ଗଳ ସେବା, ପ୍ରସୂତି ପରବର୍ତ୍ତୀ ସେବା ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମ ଜରିଆରେ ଗ୍ରାମାଞ୍ଚଳରେ ସାହାଯ୍ୟ କରୁଥିବା ଅତ୍ୟନ୍ତ ଆନନ୍ଦର ବିଷୟ । ସାମାଜିକ ବ୍ୟାଧି ଦୂରୀକରଣ ନିମନ୍ତେ ସଫଳତା ହାସଲ କରିବାପାଇଁ ଏହି ବୋର୍ଡ ଆଶ୍ରୟସ୍ଥଳୀ, ପ୍ରୌଢ଼ ଶିକ୍ଷା କେନ୍ଦ୍ର, ଅନାଥାଶ୍ରମ ପ୍ରଭୃତି ପ୍ରତିଷ୍ଠା ଦିଗରେ ଉଦ୍ୟମ କରିବା ଆବଶ୍ୟକ । ଏଭଳି ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକୁ ସାହାଯ୍ୟ କରିବା ପାଇଁ ଜନସାଧାରଣ ଆଗେଇ ଆସିବା ଉଚିତ । ଏହା ଫଳରେ ଗଠନମୂଳକ ସାମାଜିକ ପରିବର୍ତ୍ତନ ଲାଗି ଯେଉଁ ପରିକଳ୍ପନା କରାଯାଉଛି, ଆଗାମୀ ବର୍ଷଗୁଡ଼ିକରେ ତାହାର ସଫଳ ରୂପାୟନ ହୋଇପାରିବ ।

ମୁଁ, ରାଜ୍ୟ ସମାଜ ମଙ୍ଗଳ ଉପଦେଷ୍ଟା ବୋର୍ଡର ଏହି ସମ୍ମିଳନୀ ଓ ଉଦ୍ୟମର ପୂର୍ଣ୍ଣ ସଫଳତା କାମନା କରୁଛି ।

**ଭଗବତ୍ ଦୟାଲ ଶର୍ମା**

ରାଜ୍ୟପାଳ, ଓଡ଼ିଶା



## ସମାଜ ମଙ୍ଗଳ କ୍ଷେତ୍ରରେ

# ଆମର ଭୂମିକା

ମାନବ ଜାତିର ଇତିହାସରେ ଦୈନ୍ୟ, ବ୍ୟାଧି, ଦୁଃଖ ଦୁର୍ଦ୍ଦଶା ତଥା ସାମାଜିକ-ଅସଙ୍ଗତିର ଚିତ୍ର ସର୍ବତ୍ର ବିଦ୍ୟମାନ । ଯନ୍ତ୍ରଣା ପ୍ରତି ସଚେତନ ଥିବାରୁ ମାନବ ଜାତି ବ୍ୟଷ୍ଟି ଅଥବା ସମଷ୍ଟିଗତ ଭାବେ ଏ ପ୍ରକାର ପରିସ୍ଥିତି ବିରୁଦ୍ଧରେ ସର୍ବଦା ସଂଗ୍ରାମ ଚଳାଇ ଆସିଛି ଏବଂ ଏଗୁଡ଼ିକୁ ପରାସ୍ତ କରିବାପାଇଁ କଠିନ ପରିଶ୍ରମ କରିଛି । ଯନ୍ତ୍ରଣାରୁ ନିଜକୁ ମୁକ୍ତ କରିବାର ଏହି ସ୍ୱତଃସ୍ଫୂର୍ତ୍ତ ପ୍ରଚେଷ୍ଟାମାନ ମନୁଷ୍ୟର ଆଚରଣ ଏବଂ ପୁରାତନ କାଳରୁ ଘଟି ଆସିଥିବା ସାମାଜିକ ପରିବର୍ତ୍ତନରୁ ନିର୍ଣ୍ଣୟ କରାଯାଇ ପାରିବ । ସମୟର ପରିବର୍ତ୍ତନ ତଥା ବିଜ୍ଞାନ ଓ କାରିଗରୀ ବିଦ୍ୟାର ଅଗ୍ରଗତି ସଂଗେ ସଂଗେ ମାନବ ଜାତି ଆଜି ଏକ ପ୍ରତିକୂଳ ଅବସ୍ଥା ମଧ୍ୟରେ ଗତି କରୁଛି, ଯେଉଁଠାରେ କି ଆଶା ଓ ସମ୍ଭବ ମଧ୍ୟରେ ଥିବା ଭାରସାମ୍ୟ ଲୋପ ପାଇ ଯାଇଛି । ମନୁଷ୍ୟସମାଜ ଦୁଃଖ ଦୁର୍ଦ୍ଦଶାରେ ବୁଡ଼ି ରହିଥିବା ବେଳେ ଆମେ ପାର୍ଥିବ ସଫଳତା ସଂପର୍କରେ କହି ବୁଲୁଛୁ । ସଂପ୍ରତି "ସମାଜ ମଂଗଳ" ଶବ୍ଦଟି ଆଜିର ଦୁନିଆରେ ଏକ ମାମୁଲି ଶବ୍ଦ ରୂପେ ଉଚ୍ଚାରିତ ହେଉଛି ଏବଂ ଏହାର ଲକ୍ଷ୍ୟ କ'ଣ, ସେ ସଂପର୍କରେ ସଠିକ ଭାବେ ଚିନ୍ତା କରାଯାଉନାହିଁ । ମୋ ମତରେ, ସମାଜ କଲ୍ୟାଣର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ମଣିଷର ଅର୍ଥନୈତିକ ଚାହିଦା ପୂରଣ କରିବା, ତାର ସ୍ୱାସ୍ଥ୍ୟ କଲ୍ୟାଣ ତଥା ବସବାସ ପାଇଁ ବ୍ୟବସ୍ଥା କରିବା, ତାକୁ ଅନ୍ୟମାନଙ୍କ ପରି ସମାନ ସୁବିଧା ସୁଯୋଗ ପ୍ରଦାନ କରିବା ଏବଂ ତା' ପକ୍ଷେ ସମ୍ଭବ ହେଉଥିବା ସର୍ବାଧିକ ମାତ୍ରାର ଆତ୍ମ ସମ୍ମାନ ଅର୍ଜନ ପାଇଁ ତଥା ସ୍ୱାଧୀନ ଚିନ୍ତା ଓ କାର୍ଯ୍ୟକଳାପରେ ଲିପ୍ତ ହେବା ପାଇଁ ସୁଯୋଗ ପ୍ରଦାନ କରିବା ।

ସ୍ୱାଧୀନୋତ୍ତର ଭାରତରେ ଆମେ ୩୦ଟି ବର୍ଷ ଅତିବାହିତ କଲୁଣି । ଆମ ଦେଶରେ ସଂଗଠିତ ସମାଜ ମଙ୍ଗଳ ଅତୀବ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କରି ପାରିଛି । କିନ୍ତୁ ଏବେବି ଭାରତରେ ମୋଟ ଲୋକ ସଂଖ୍ୟାର ଶତକଡ଼ା ୬୬ ଭାଗ ଲୋକ ନିରକ୍ଷର ଏବଂ ଆମର ବାର୍ଷିକ ସାକ୍ଷରତା-ହାର ମାତ୍ର ଶତକଡ଼ା ୦'୨ ଭାଗ ବୃଦ୍ଧି ପାଉଛି । ଆଶ୍ଚର୍ଯ୍ୟର ବିଷୟ, ଭାରତରେ ଆମର ସାମାଜିକ ସ୍ତର ଦୁଇଟି ଭାଗରେ ବିଭକ୍ତ । ଦେଶର ଜନ ସଂଖ୍ୟାର ଏକ ଅଂଶ ବିଶ୍ୱର ନିଗୂଢ଼ ସତ୍ୟ ନିରୂପଣ କରିବା ଦିଗରେ ଜଟିଳ ତଥା ଦୁର୍ଲଭ ଗବେଷଣାରେ ଲିପ୍ତ ଥିବା ବେଳେ ଜନ-ସଂଖ୍ୟାର ବହୁଦାଂଶ ନିରକ୍ଷର । ଆମ ଦେଶରେ ପିଲାମାନଙ୍କ ସଂଖ୍ୟା ପ୍ରାୟ ଶତକଡ଼ା ୪୨ ଭାଗ, ତନ୍ମଧ୍ୟରୁ ଆନୁମାନିକ ଶତକଡ଼ା ୨୩ ଭାଗ ପିଲା ଛୋଟ ବଡ଼ ସହର ମାନଙ୍କରେ ବାସ କରନ୍ତି ଓ ସେମାନଙ୍କ ପାଇଁ ଶିକ୍ଷା ସ୍ତରର ସୁବିଧା ରହିଛି । ଅବଶିଷ୍ଟ ଶତକଡ଼ା ୧୯ ଭାଗ ପିଲା ଗ୍ରାମା-ଞ୍ଚଳରେ ଅବହେଳିତ ଅବସ୍ଥାରେ ଥାଆନ୍ତି । ଯେ କୌଣସି ପିଲାର ଜୀବନରେ ପ୍ରଥମ ଛଅ ବର୍ଷ ସମୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ସମୟରେ ଯେଉଁ ପ୍ରଭାବ ପିଲା ଉପରେ ପଡ଼େ, ଯେଉଁ ଆଦର୍ଶ ତାକୁ ଶିକ୍ଷା ଦିଆଯାଏ ସବୁଦିନ ପାଇଁ ସେ ସବୁର ଛାପ ତା' ମନରେ ରହିଯାଏ । ଏହା ଅତ୍ୟନ୍ତ ବିଷାଦର ବିଷୟ ଯେ ଭାରତରେ ପ୍ରାକ୍-ପ୍ରାଥମିକ ଶିକ୍ଷା ଏବେ ବି ଶୈଶବ ଅବସ୍ଥାରେ ରହିଛି । ଜାତୀୟ ଶିକ୍ଷା ବଜେଟର ଶତକଡ଼ା ୨ ଭାଗ ବ୍ୟୟରେ କେବଳ ୩ ରୁ ୫ ବର୍ଷ ବୟସର ଶତକଡ଼ା ୨'୧ ଭାଗ ପିଲା ଏହି ଶିକ୍ଷା ଲାଭ କରି ଥାଆନ୍ତି । ଶିକ୍ଷାର ଅଭାବ ଯୋଗୁଁ ମହିଳାମାନେ ନୂତନ ଦକ୍ଷତା ଆହରଣ କରିବାର ସୁଯୋଗରୁ ବଞ୍ଚିତ ହୁଅନ୍ତି ଏବଂ ଜନ ଗଣନାରେ ସେମାନଙ୍କର ସଂଖ୍ୟା ଶତକଡ଼ା ୪୮.୨ ଭାଗ ହୋଇଥିବା-ସତ୍ତ୍ୱେ ଅର୍ଥନୈତିକ କାର୍ଯ୍ୟକଳାପରେ ମାତ୍ର ଶତକଡ଼ା ୧୩ ଭାଗ ମହିଳା ଅଂଶ ଗ୍ରହଣ କରି ଥାଆନ୍ତି । ଓଡ଼ିଶା ସଂପର୍କରେ ସମୀ-କ୍ଷାରୁ ଜଣାଯାଏ ଯେ, ଆମ ରାଜ୍ୟର ଅର୍ଥନୈତିକ କାର୍ଯ୍ୟକଳାପରେ ଅଂଶ ଗ୍ରହଣ କରୁଥିବା ମହିଳାଙ୍କ ସଂଖ୍ୟା ମାତ୍ର ଶତକଡ଼ା ୬.୩ ଭାଗ; ଏହା ସର୍ବ ଭାରତୀୟ ସ୍ତରରେ ହେଉଛି ସର୍ବନିମ୍ନ । ପିଲା-ମାନଙ୍କର ବିକାଶମୂଳକ ବ୍ୟବସ୍ଥା ବିଷୟରେ ଆଲୋଚନା କଲେ ଏତିକି କୁହାଯାଇ ପାରେ

ଯେ ବିଧିବଦ୍ଧ ଅବସର ବିନୋଦନ ସୁବିଧା ସୁଯୋଗର ଅଭାବରେ ଆମ ଦେଶରେ ପିଲମାନଙ୍କ ସଂଖ୍ୟା ଏକ ବଡ଼ ଧରଣର ସମସ୍ୟା ରୂପେ ଦେଖା ଦେଇଛି । ଆଜି କାଲି ଅନେକ ପିଲ ପଥଭ୍ରଷ୍ଟ ହୋଇ ବିଭିନ୍ନ ଅପରାଧ କରି ବସୁଛନ୍ତି । ଯୁବ ସଂପ୍ରଦାୟ ମଧ୍ୟ ଅସ୍ଥିରତାର ତରଙ୍ଗରେ ଆନ୍ଦୋଳିତ । ସେମାନେ ଭାବୁଛନ୍ତି, ସେମାନଙ୍କୁ ଆଜି କେହି ଗ୍ରହଣ କରିବାକୁ ଚାହୁଁନାହାନ୍ତି ଅଥବା, ସାଧାରଣ ମଣିଷ ଭାବେ ଗ୍ରହଣ ନ କରି ସମାଜ ସେମାନଙ୍କୁ ସମସ୍ୟା ରୂପେ ବିବେଚନା କରୁଛି । ଯୁବ ସଂପ୍ରଦାୟ ମନରୁ ନୈରାଶ୍ୟ ଦୂର କରି ଦେଶ ଗଠନ କାର୍ଯ୍ୟରେ ସେମାନଙ୍କୁ କିପରି ନିୟୋଜିତ କରାଯାଇ ପାରିବ, ତାହା ହେଉଛି ଆଜି ଆମ ସମ୍ମୁଖରେ ସବୁଠୁଁ ବଳି ଗୁରୁତ୍ୱପୂର୍ଣ୍ଣ ବିଷୟ ।

ପ୍ରତ୍ୟେକ ଦେଶରେ ଏ ଭଳି ବ୍ୟକ୍ତି ମାନଙ୍କର ଆବଶ୍ୟକତା ପୂରଣ ନିମନ୍ତେ ମୂଳତଃ ଦୁଇଟି ସଂସ୍ଥା ରହିଛି । ମୁଖ୍ୟତଃ ସରକାରଙ୍କ ତରଫରୁ ଏ ବିଷୟରେ ଧ୍ୟାନ ଦିଆଯାଇଥାଏ ଏବଂ ଦ୍ୱିତୀୟରେ, ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ସଂଗଠିତ ଭାବେ ଏ କ୍ଷେତ୍ରରେ ସେମାନଙ୍କ ଉଦ୍ୟମ ଲଗୁଇଥାଆନ୍ତି । ଯଦିଓ ସରକାରଙ୍କୁ ଏଥିନିମନ୍ତେ ପ୍ରଧାନ ସଂସ୍ଥା ରୂପେ ଧରାଯାଇଥାଏ, ତଥାପି ଏ ଦିଗରେ ସରକାରଙ୍କ ଭୂମିକା ସୀମିତ । ସରକାର ଅର୍ଥ ବିନିଯୋଗ ନିମନ୍ତେ ଯୋଜନା କରିବା ସଂଗେ ସଂଗେ ଏଥିପାଇଁ ଆବଶ୍ୟକ ଆଇନ୍ ପ୍ରଣୟନ କରିବାବେଳେ ସ୍ୱେଚ୍ଛାସେବୀ ସଂଗଠନ ସେ ସବୁକୁ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ କରିଥାନ୍ତି ।

ଆତୃବିଦ୍ୟା, ଅର୍ଥନୀତି ଏବଂ ସମାଜ ବିଜ୍ଞାନର ମନୀଷୀମାନେ ମାନବ ସମାଜର ସାଂପ୍ରତିକ ଉନ୍ନତାବସ୍ଥାକୁ "ବିଭ୍ରାନ୍ତ କାଳ" ବୋଲି କହିଥାନ୍ତି । କୌଣସି ରାଷ୍ଟ୍ର ଅଦ୍ୟାବଧି ପାର୍ଥିବ ପ୍ରଗତି ଓ ସାମଗ୍ରିକ ମାନବିକ ବିକାଶ ମଧ୍ୟରେ ଏକ ସୁସଂହତ ଭାରସାମ୍ୟ ପ୍ରତିଷ୍ଠା କରିବାକୁ ସମର୍ଥ ହୋଇ ପାରି ନାହିଁ । ସରକାର ଓ ସ୍ୱେଚ୍ଛାସେବୀ ସଂଗଠନ ଗୁଡ଼ିକ ଯଦି ପରସ୍ପର ପ୍ରତି ସହଯୋଗ ମନୋଭାବ ପୋଷଣ କରନ୍ତି ତେବେ ଏ ଭଳି ଭାରସାମ୍ୟ ରକ୍ଷା କରାଯାଇ ପାରିବ । ମା' ପେଟରେ ଥିବା ଅବସ୍ଥାରୁ ମୃତ୍ୟୁ ପର୍ଯ୍ୟନ୍ତ ମନୁଷ୍ୟର ସମସ୍ତ ଚାହିଦା ମେଣ୍ଟାଇ ପାରୁଥିବା ଭଳି ମୌଳିକ ସୁବିଧା ସୁଯୋଗ ଯେପରି ଆମ ସମାଜରେ ସଦା ସର୍ବଦା ମିଳି ପାରିବ, ସେ କ୍ଷେତ୍ରରେ ସ୍ୱେଚ୍ଛା ସେବୀ ସଂଗଠନ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହା ଫଳରେ ମାନବିକ ଚେତନା ଓ ପ୍ରଗତି ମଧ୍ୟରେ ସୁସଂହତ ବିକାଶ ସମ୍ଭବ ହେବ । ଏତଦ୍ୱାରା ଦେଶରେ ଅର୍ଥନୈତିକ ସମୃଦ୍ଧି ଓ ଭୌତିକ ପ୍ରଗତି ମଧ୍ୟରେ ଆବଶ୍ୟକ ଭାରସାମ୍ୟ ରକ୍ଷା କରାଯାଇ ପାରିବ ।

ଲୋକବଳର ଯଥାଯଥ ବିନିଯୋଗ କରିବାକୁ ହେଲେ ତାହାର ସୃଷ୍ଟି ମଧ୍ୟ ଆବଶ୍ୟକ । ଏହି ଦର୍ଶନକୁ ଭିତ୍ତିକରି, ଆମର ସମସ୍ତ ଯୋଜନା ପ୍ରସ୍ତୁତ କରାଯିବା ଉଚିତ ଓ ଆମେ ପ୍ରଗତି ହାସଲ କରି ନାହୁଁ ବୋଲି କାହା ମନରେ ନୈରାଶ୍ୟ ଭାବ ସଂଚ୍ଚାର ହେବା ଉଚିତ ନୁହେଁ । ବିଗତ ୩୦ ବର୍ଷ ମଧ୍ୟରେ ଆମେ ଉଲ୍ଲେଖଯୋଗ୍ୟ ସଫଳତା ହାସଲ କରିଛୁ । ଏହି ସମୟ ମଧ୍ୟରେ ସ୍ୱେଚ୍ଛା ସେବୀ ସଂଗଠନ ଗୁଡ଼ିକ ଯେଉଁଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ତାହା ଯେ ଅତୀବ ପ୍ରଶଂସନୀୟ ଏଥିରେ ସନ୍ଦେହ ନାହିଁ । ଏହି ୩୦ ବର୍ଷ ମଧ୍ୟରେ ବହୁ ବାଧା ବିଘ୍ନ ସତ୍ତ୍ୱେ ବିଭିନ୍ନ ସାମାଜିକ ବୈଷମ୍ୟ ଦୂର କରାଯାଇ ପାରିଛି । ପାର୍ଥିବ ପ୍ରଗତି ଓ ମାନବିକ ବିକାଶ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା ଦିଗରେ ଆମ ଦେଶ, ସମଗ୍ର ବିଶ୍ୱରେ ଉଲ୍ଲେଖନୀୟ ସ୍ଥାନ ଅଧିକାର କରି ପାରିଛି ।

ଭାରତର ଜଣେ ନାଗରିକ ଭାବେ ମୁଁ ଅନୁଭବ କରେ ଯେ, ସମାଜ କଲ୍ୟାଣ ପାଇଁ ପ୍ରତ୍ୟେକ ବ୍ୟକ୍ତି ମନରେ ଆଗ୍ରହ ରହିଛି । ମାତ୍ର ବିଭିନ୍ନ ସମସ୍ୟା ଓ ଏଥିପାଇଁ ଆବଶ୍ୟକ ସୁବିଧା ସୁଯୋଗର ଅଭାବ ଯୋଗୁଁ ଆମର ସେ ଚିନ୍ତାଧାରା ବାସ୍ତବରେ କାର୍ଯ୍ୟକାରୀ ହେଉ ନାହିଁ । ଆମର ପରିବେଷ୍ଟନୀକୁ ଅନୁଶୀଳନ କରି ନିଜ ନିଜର କର୍ତ୍ତବ୍ୟ ପ୍ରତି ସଚେତନ ରହିବା ସଂଗେ ସଂଗେ ପ୍ରତିବେଶୀଙ୍କ ପ୍ରତି ଆମର ସାମାଜିକ ଦାୟିତ୍ୱ ବୃଦ୍ଧି କରିବା ହେଉଛି ମୌଳିକ କର୍ତ୍ତବ୍ୟ । ଏହି ଦାୟିତ୍ୱ ଆମର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଯଥାଯଥ ଭାବେ ସଂପାଦନ କରାଯାଇ ପାରିବ ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା



# ସମାଜ ମଙ୍ଗଳ ଓ ଶିଶୁ କଲ୍ୟାଣ

**ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହ**
ସମାଜ ମଙ୍ଗଳ ରାଷ୍ଟ୍ରମନ୍ତ୍ରୀ

ଆଜିର ଗୋଷ୍ଠୀ ଉନ୍ନୟନ ଓ ସମାଜ କଲ୍ୟାଣ ବିଭାଗ ପୂର୍ବର ଗୋଷ୍ଠୀ ଉନ୍ନୟନ ଓ ପଞ୍ଚାୟତି ରାଜ ବିଭାଗର ନାମାନ୍ତର ମାତ୍ର । ଅବଶ୍ୟ ଇତି ମଧ୍ୟରେ ସରକାରଙ୍କର ବିଭିନ୍ନ ବିଭାଗ ଜରିଆରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟକ୍ରମ ଗୁଡ଼ିକୁ ସେହି ସବୁ ବିଭାଗରୁ ଅଣା ଯାଇ ଗୋଷ୍ଠୀ ଉନ୍ନୟନ ଓ ସମାଜ କଲ୍ୟାଣ ବିଭାଗ ଅଧିନରେ ରଖା ଯାଇଅଛି । ଏକ ଉଚ୍ଚ ଲକ୍ଷ୍ୟ ଓ ଅଭିଳାଷ ନେଇ ଏହି ବିଭାଗର ପୁନର୍ଗଠନ କରାଯାଇଛି । ସାମାଜିକ ଶିକ୍ଷା ସ୍ୱାସ୍ଥ୍ୟ, ସାମାଜିକ ମୂଲ୍ୟବୋଧ, ପ୍ରସୂତି ଓ ଶିଶୁମାନଙ୍କର ଯତ୍ନ, କାରା ମୁକ୍ତ ଅପରାଧୀ, ମୂକ, ବଧିର, ଅନାଥ ବାଳକ ବାଳିକା, ନିଃସହାୟା ତଥା ପତିତା ସ୍ତ୍ରୀ ଲୋକମାନଙ୍କର ପୁନର୍ବାସନ ଓ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ପ୍ରଭୃତି କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ଯୋଜନା ଏହି ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଛି । ଓଡ଼ିଶା ଭଳି ଏକ ଅନୁନ୍ନତ ରାଜ୍ୟରେ ଉକ୍ତ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଓ ସଫଳ ରୂପାୟନ ଏକାନ୍ତ ଅପରିହାର୍ଯ୍ୟ । ଏଥି ନିମିତ୍ତ ଲୋକ ସହଯୋଗ ଏକାନ୍ତ ଆବଶ୍ୟକ । ଲୋକ ସହଯୋଗ ସମାଜ କଲ୍ୟାଣର ମୂଳ ଭିତ୍ତି । ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଲୋକ ସହଯୋଗକୁ କେନ୍ଦ୍ରୀଭୂତ କରି ଯୋଜନାର ଲକ୍ଷ୍ୟ ହାସଲ କରିବାରେ ନିର୍ଦ୍ଦିଷ୍ଟ ଭୂମିକା ଗ୍ରହଣ କରିଥାନ୍ତି । ସରକାରୀ ଅନୁଦାନ ଯାହା ହେଉନା କାହିଁକି, ଲୋକ ସହଯୋଗ ବିନା କୌଣସି ପରିକଳ୍ପନା ସଫଳତା ଲାଭ କରିବା ଏକାନ୍ତ ଅସମ୍ଭବ । ଏଣୁ ରାଜ୍ୟ ସ୍ତରରେ କାର୍ଯ୍ୟକାରୀ ହେଉଥିବା ସମାଜ କଲ୍ୟାଣ ଯୋଜନାଗୁଡ଼ିକର ସଫଳ ରୂପାୟନ ନିମିତ୍ତ ୧୯୫୫ ମସିହାରେ ରାଜ୍ୟ ସମାଜ ମଙ୍ଗଳ ପରାମର୍ଶଦାତା ବୋର୍ଡ ବୋଲି ଏକ ସଂପୂର୍ଣ୍ଣ ବେସରକାରୀ ଅନୁଷ୍ଠାନ ଗଠନ କରାଗଲା । ଏହି ପରାମର୍ଶଦାତା ବୋର୍ଡ ଆଜକୁ ପ୍ରାୟ ଦୁଇ ଦଶଂଧିରୁ ଊର୍ଦ୍ଧ୍ୱ ସମୟ ଧରି ରାଜ୍ୟ ବାସୀଙ୍କର ସେବା କରି ଆସୁଅଛି । ବ୍ଳକ୍ ସ୍ତରରେ କାର୍ଯ୍ୟ କରୁଥିବା ବିଭିନ୍ନ ଯୁବ ଅନୁଷ୍ଠାନ, ମହିଳା ମଣ୍ଡଳ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ପ୍ରେରଣା ଦେବା ଏବଂ ସେମାନଙ୍କର ସମାଜ କଲ୍ୟାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଏହାର ପ୍ରଧାନ ଲକ୍ଷ୍ୟ । ଆଜି ରାଜ୍ୟ ସମାଜ କଲ୍ୟାଣ ପରାମର୍ଶ ଦାତା ବୋର୍ଡ ତାର ରୌପ୍ୟ ଜୁବୁଲି ପାଳନ କରୁଛି । ଏହି ଅବସରରେ ମୁଁ ରାଜ୍ୟ ସମାଜ କଲ୍ୟାଣ ପରାମର୍ଶଦାତା ବୋର୍ଡର ଉତ୍ତରୋତ୍ତର ଉନ୍ନତି କାମନା କରିବା ସଂଗେ ସଂଗେ ରାଜ୍ୟ ସ୍ତରରେ ସମାଜ କଲ୍ୟାଣ ପରିକଳ୍ପନାଗୁଡ଼ିକ କିପରି କାର୍ଯ୍ୟକାରୀ ହେଉଛି ଏବଂ ରାଜ୍ୟ ସମାଜ କଲ୍ୟାଣ ପରାମର୍ଶଦାତା ବୋର୍ଡର ଭୂମିକା ସଂପର୍କରେ କିଞ୍ଚିତ ଆଭାସ ଦେଉଛି ।

## ପୂର୍ଣ୍ଣାଙ୍ଗ ଶିଶୁ ବିକାଶ ଯୋଜନା

ପଞ୍ଚମ ପଞ୍ଚ ବାର୍ଷିକ ଯୋଜନାର ସମାଜ କଲ୍ୟାଣ ଅଧ୍ୟାୟରେ ଶିଶୁ କଲ୍ୟାଣ ଯୋଜନାକୁ ଅଗ୍ରାଧିକାର ଦିଆଯାଇଥିଲା । କେନ୍ଦ୍ର ସରକାର ୧୯୭୪ ମସିହା ଅଗଷ୍ଟ ୨୨ ତାରିଖରେ ଶିଶୁମାନଙ୍କର ପୂର୍ଣ୍ଣାଙ୍ଗ ବିକାଶ ନିମିତ୍ତ ଏକ ୧୫ ଦଫା ସମ୍ବଳିତ ଜାତୀୟ ନୀତି ପ୍ରଣୟନ କଲେ ଏବଂ ପ୍ରଧାନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନେସନାଲ ଚିଲ୍ଡ୍ରେନ୍ସ ବୋର୍ଡ (National Children's Board) ପ୍ରତିଷ୍ଠା କରାଗଲା । ଏହାର ସୁପାରିଶ କ୍ରମେ ଦେଶରେ ପୂର୍ଣ୍ଣାଙ୍ଗ ଶିଶୁ ବିକାଶ ଯୋଜନା କାର୍ଯ୍ୟକାରୀ କରିବାକୁ ସ୍ଥିର ହେଲା । ଶିଶୁର ପୂର୍ଣ୍ଣାଙ୍ଗ ବିକାଶ ନିମିତ୍ତ ଉକ୍ତ ଯୋଜନାଟି ମୁଖ୍ୟତଃ ଉଦ୍ଦିଷ୍ଟ ଜନ୍ମଠାରୁ ୬ ବର୍ଷ ବୟସ ଶିଶୁମାନଙ୍କର ପୁଷ୍ଟିସାର ଓ ସ୍ୱାସ୍ଥ୍ୟ ଅବସ୍ଥାର କ୍ରମୋନ୍ନତି କରିବା, ଉକ୍ତ ଶିଶୁମାନେ ଭବିଷ୍ୟତରେ ସୁନାଗରିକ ହେବା ପାଇଁ ଉପଯୁକ୍ତ ମାନସିକ, ଶାରୀରିକ ଓ ସାମାଜିକ ଅବସ୍ଥା ସୃଷ୍ଟି କରିବା, ଶିଶୁମାନଙ୍କ ମଧ୍ୟରେ ମୃତ୍ୟୁ, ରୁଗ୍ଣ, ପୁଷ୍ଟିହୀନତା ଓ ଅଧ୍ୟୟନ ବନ୍ଦ କରିବାର ହାର କମାଇବା, ମା' ମାନେ ପୁଷ୍ଟିସାର ଓ ସ୍ୱାସ୍ଥ୍ୟରକ୍ଷାର ନିୟମମାନ ଜାଣି ସେମାନଙ୍କର ସନ୍ତାନମାନଙ୍କର କିପରି ଉପଯୁକ୍ତ ଯତ୍ନ ନେବେ, ସେହି ଉଦ୍ଦେଶ୍ୟରେ ୧୫ ବର୍ଷ ଠାରୁ ୪୪ ବୟସର ପ୍ରତ୍ୟେକ ସ୍ତ୍ରୀ ଲୋକଙ୍କୁ ଆବଶ୍ୟକୀୟ ଶିକ୍ଷା ଦେବା କାର୍ଯ୍ୟକ୍ରମଗୁଡ଼ିକ ପୂର୍ଣ୍ଣାଙ୍ଗ ଶିଶୁ ବିକାଶ ଯୋଜନାର ଅନ୍ତର୍ଭୁକ୍ତ ।

ପ୍ରାଥମିକ ଅବସ୍ଥାରେ ପରୀକ୍ଷାମୂଳକଭାବେ ସାରା ଦେଶରେ ୩୩ଟି ଆଗୁଆ ଯୋଜନା କାର୍ଯ୍ୟକାରୀ କରାଗଲା । ଏହା ମଧ୍ୟରୁ ଆମ ରାଜ୍ୟର ସୁନ୍ଦରଗଡ଼ ଜିଲ୍ଲା ସବ୍‌ଦେଗା ବ୍ଳକର ପୂର୍ଣ୍ଣାଙ୍ଗ ଶିଶୁ ବିକାଶ ଯୋଜନା ଅନ୍ୟତମ । ୧୯୭୫-୭୬ ମସିହାରୁ ଏହା କାର୍ଯ୍ୟକାରୀ କରାଯାଉଛି । ଜଣେ ଦକ୍ଷ ମହିଳା ଯୋଜନା ଅଧିକାରୀ ଭାବେ ଅବସ୍ଥାପିତ ହୋଇଛନ୍ତି । ତାଙ୍କୁ ସାହାଯ୍ୟ କରିବା ପାଇଁ ତିନି ଜଣ ମହିଳା ପର୍ଯ୍ୟବେକ୍ଷକ ଏବଂ ୫୬ ଜଣ ମହିଳା କର୍ମୀ (Anganwadi Workers) ନିଯୁକ୍ତ ହୋଇଛନ୍ତି ।

ଯୋଜନାବଦ୍ଧଭାବେ ବିଗତ ତିନି ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସବ୍‌ଦେଗା ପୂର୍ଣ୍ଣାଙ୍ଗ ଶିଶୁ ବିକାଶ ଯୋଜନା କାର୍ଯ୍ୟକାରୀ ହୋଇଆସୁଛି । ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ଗର୍ଭବତୀ

ଏବଂ ପ୍ରସୂତି ମା' ଓ ୬ ବର୍ଷ ବୟସର ଶିଶୁମାନଙ୍କୁ ସେମାନଙ୍କର ଶାରୀରିକ ଆବଶ୍ୟକତା ଅନୁଯାୟୀ ପୁଷ୍ଟିସାର ଯୋଗାଇ ଦିଆଯାଉଛି । ସେହି ଅଞ୍ଚଳରେ ମିଳୁଥିବା ଖାଦ୍ୟ ପଦାର୍ଥଗୁଡ଼ିକରୁ କିପରି ସହଜ ଉପାୟରେ ପୁଷ୍ଟିସାର ମିଳିପାରିବ ପ୍ରତ୍ୟକ୍ଷଭାବେ ତାହାର ନମୁନା ପ୍ରସ୍ତୁତ କରାଯାଇ ଗର୍ଭବତୀ ମା' ଏବଂ ଶିଶୁମାନଙ୍କ ମଧ୍ୟରେ ବଣ୍ଟନ କରାଯାଉଛି । ଏହା ବ୍ୟତୀତ ବସନ୍ତ, ଧନୁଷ୍ଟଙ୍କାର, ଡିପ୍‌ଥେରିଆ, କମାକାଶ, ଆନ୍ତ୍ରିକ ଜ୍ୱର ଏବଂ ଯକ୍ଷ୍ମା ପ୍ରଭୃତି ମାରାତ୍ମକ ରୋଗରୁ ରକ୍ଷା ପାଇବା ନିମିତ୍ତ ୬ ବର୍ଷ ବୟସର ପ୍ରତ୍ୟେକ ଶିଶୁକୁ ଆବଶ୍ୟକ ଟିକା ଦିଆଯାଉଛି । ଏହି ଯୋଜନାରେ ଗର୍ଭବତୀ, ପ୍ରସୂତି ଏବଂ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷାର ବିଧିବଦ୍ଧ ବ୍ୟବସ୍ଥା କରାଯାଉଛି । ୧୫ ବର୍ଷରୁ ୪୪ ବର୍ଷ ବୟସର ପ୍ରତ୍ୟେକ ନିରକ୍ଷର ସ୍ତ୍ରୀଲୋକଙ୍କୁ ଅକ୍ଷର ଶିକ୍ଷା ସହିତ ସନ୍ତାନ ପାଳନ ଓ ପୁଷ୍ଟିସାର ସମ୍ବନ୍ଧରେ ଉପଯୁକ୍ତ ଶିକ୍ଷା ଦିଆଯାଉଛି । ୬୫୦୦ ମା' ଓ ଶିଶୁ ଏହି ଯୋଜନା ପରିସରଭୁକ୍ତ ହୋଇ ଉପକୃତ ହେଉଛନ୍ତି । ବର୍ଷକୁ ଏହି ଯୋଜନାରେ ମୋଟ୍ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଉଛି ।

ସଦ୍ୟତମ ପୂର୍ଣ୍ଣାଙ୍ଗ ଶିଶୁ ବିକାଶ ଯୋଜନାର ସଫଳତାରେ ଉତ୍ସାହିତ ହୋଇ ଭାରତ ସରକାର ଆମ ରାଜ୍ୟରେ ଖଲିକୋଟ କଙ୍କଡ଼ାହାଡ଼, ପଟାଙ୍ଗି ଏବଂ ନୀଳଗିରି ବ୍ଲକମାନଙ୍କରେ ଆଉ ୪ ଗୋଟି ପୂର୍ଣ୍ଣାଙ୍ଗ ଶିଶୁ ବିକାଶ ଯୋଜନା ଚଳିତ ବର୍ଷଠାରୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ପୁଷ୍ଟିସାର ଯୋଜନା

ଆମ ଓଡ଼ିଶା ରାଜ୍ୟ ସାରା ଦେଶର ଦାରିଦ୍ର୍ୟ ସୀମାରେଖା ତଳେ ଅଛି । ଏହି ରାଜ୍ୟର ଗର୍ଭବତୀ, ପ୍ରସୂତି ଏବଂ ଶିଶୁମାନେ ଆବଶ୍ୟକ ପୁଷ୍ଟିସାର ଖାଦ୍ୟ ଅଭାବରେ ବହୁ କଷ୍ଟ ରୋଗ କରି ଅକାଳରେ ମୃତ୍ୟୁ ମୁଖରେ ପଡ଼ନ୍ତି । ୧୯୭୧ ଜନଗଣନା ଅନୁସାରେ ପୁଷ୍ଟିସାର ଆବଶ୍ୟକତା ଅନୁଭବ କରୁଥିବା ମା' ଓ ଶିଶୁମାନଙ୍କର ସଂଖ୍ୟା ପ୍ରାୟ ୪୭ ଲକ୍ଷ । ଏହା ସମୁଦାୟ ଲୋକ ସଂଖ୍ୟାର ଶତକଡ଼ା ୨୧.୫ । ଏମାନଙ୍କ ମଧ୍ୟରୁ ପ୍ରାୟ ୪୫ ଲକ୍ଷଙ୍କ ପାଇଁ ପୁଷ୍ଟିସାର ଏକାନ୍ତ ଆବଶ୍ୟକ । କେୟାର, ୟୁନିସେଫ୍, ବିଶ୍ୱ ଖାଦ୍ୟ ସଂସ୍ଥା ପ୍ରଭୃତି ଆନ୍ତର୍ଜାତିକ ଅନୁଷ୍ଠାନମାନଙ୍କ ସହାୟତାରେ ପୁଷ୍ଟିସାର ଯୋଜନା ୩୧୯ ଟି ବ୍ଲକରେ କାର୍ଯ୍ୟକାରୀ ହୋଇ ଆସୁଅଛି । ୯.୯୪ ଶିଶୁ ଓ ମା' ଏବଂ ୫'୬୦ ଲକ୍ଷ ଛାତ୍ର ଉକ୍ତ ପୁଷ୍ଟିସାର ଯୋଜନାର ପରିସରଭୁକ୍ତ ହୋଇଛନ୍ତି । ଆନ୍ତର୍ଜାତିକ ସଂସ୍ଥାମାନଙ୍କଠାରୁ ମିଳୁଥିବା ଖାଦ୍ୟ ବ୍ୟତୀତ ବାର୍ଷିକ ୧୮୫ ଲକ୍ଷ ଟଙ୍କା ବ୍ୟୟରେ ପୁଷ୍ଟିସାର ଖାଦ୍ୟ ଏହି ଯୋଜନାରେ ଖର୍ଚ୍ଚ କରାଯାଉଛି ।

ବ୍ଲକ ସ୍ତରରେ କାର୍ଯ୍ୟ କରୁଥିବା ମହିଳା ମଣ୍ଡଳ ଓ ଯୁବ ଅନୁଷ୍ଠାନ ପ୍ରଭୃତି ଏହି ଯୋଜନାରେ ମୁଖ୍ୟ ଅଂଶ ଗ୍ରହଣ କରିଛନ୍ତି । ପରିତାପର ବିଷୟ ଉକ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ଉକ୍ତ ଯୋଜନାରେ ସକ୍ରିୟ ଅଂଶଗ୍ରହଣ କରୁନଥିବାରୁ ବହୁ ମୂଲ୍ୟବାନ ପୁଷ୍ଟିସାର ଖାଦ୍ୟ ପଦାର୍ଥ ଅସଦୁପଯୋଗ ହେବାର ଅଭିଯୋଗ ହେଉଛି ।

## ଆନ୍ତର୍ଜାତିକ ଶିଶୁ ବର୍ଷ ୧୯୭୯

ଆସନ୍ତା ୧୯୭୯ ମସିହାକୁ ସାରା ପୃଥିବୀ ଆନ୍ତର୍ଜାତିକ ଶିଶୁ ବର୍ଷ ଭାବେ ୟୁନିସେଫ୍ (U N I C E F) ଆନୁକୂଲ୍ୟରେ ପାଳନ କରିବାକୁ ଯାଉଛି । ଆମେ ଯେତେବେଳେ ପୂର୍ଣ୍ଣାଙ୍ଗ ଶିଶୁ ବିକାଶ ଯୋଜନା ଭଳି କାର୍ଯ୍ୟକ୍ରମଗୁଡ଼ିକ ହାତକୁ ନେଉଛୁ ଉକ୍ତ ୧୯୭୯ ମସିହା ଆମ ପକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ଗୌରବର ବର୍ଷ । ପ୍ରତ୍ୟେକ ରାଜ୍ୟ ସରକାର ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶିଶୁମାନଙ୍କର ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶ ଘଟାଇ ଉପଯୁକ୍ତ ନାଗରିକ ଭାବେ ଜୀବନଯାପନ କରିବାକୁ ପ୍ରତ୍ୟେକ ଶିଶୁକୁ ସୁବିଧାସୁଯୋଗ ଦେବାକୁ ସାମ୍ବିଧାନିକ ନିର୍ଦ୍ଦେଶ ରହିଛି । ଏହି ପରିପ୍ରେକ୍ଷୀରେ ଶିଶୁ କଲ୍ୟାଣ ନିମିତ୍ତ ଭାରତ ସରକାର ୧୫ ଦଫା ସମ୍ବଳିତ ଏକ ଜାତୀୟ ନୀତି ପ୍ରଣୟନ କରିଛନ୍ତି । ଶିଶୁମାନେ ଜାତିର ଭବିଷ୍ୟତ ବଂଶଧର । ଆଜିର ଶିଶୁ ଆସନ୍ତା କାଲିର ନାଗରିକ , ଦେଶର ଭବିଷ୍ୟତ ଏବଂ ସମୃଦ୍ଧି ଏମାନଙ୍କର ଶାରୀରିକ ଏବଂ ବୌଦ୍ଧିକ ବିକାଶ ଉପରେ ସଂପୂର୍ଣ୍ଣ ନିର୍ଭର କରେ । ଉନ୍ନତ ପାରିପାର୍ଶ୍ୱିକ ଅବସ୍ଥା, ପୁଷ୍ଟିସାର ଖାଦ୍ୟର ସୁଲଭତା ଏବଂ ସୁସ୍ଥ ଜୀବନଯାପନ ପ୍ରଣାଳୀ ଉତ୍ତମ ଶିଶୁ ଗଢ଼ି ତୋଳିବାରେ ସହାୟକ ହୁଏ । ଓଡ଼ିଶା ଭଳି ଆଦିବାସୀ ବହୁଳ ରାଜ୍ୟରେ ଉପରୋକ୍ତ ସୁବିଧାସୁଯୋଗଗୁଡ଼ିକର ଏକାନ୍ତ ଅଭାବ ରହିଛି । ଆର୍ଥିକ ସମ୍ବଳର ଅଭାବ ହେତୁ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ପ୍ରାଥମିକ ଶ[illegible] ବାଧ୍ୟତାମୂଳକ କରି ପାରିନାହାନ୍ତି । [illegible] ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତ୍ୟେକ ବ[illegible] ବାଳିକାଙ୍କୁ ଅବୈତନିକ ଶିକ୍ଷାଦାନର ସୁ[illegible] ଦେବା ସମ୍ଭବ ହୋଇ ପାରିନାହିଁ । [illegible] ଦିଗରେ ଆମ ରାଜ୍ୟ ବହୁ ପଛରେ ପଡ଼ି[illegible] ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ଅ[illegible] ସାହାଯ୍ୟ ବିନା ଏ ଦିଗରେ ନିର୍ଦ୍ଦିଷ୍ଟ [illegible] ହାସଲ କରିବା ସମ୍ଭବ ହେବନା[illegible] ଗ୍ରାମାଞ୍ଚଳରେ କାର୍ଯ୍ୟରତ ଥିବା ପ୍ରତ୍[illegible] ମହିଳା ମଣ୍ଡଳ, ଯୁବ ଅନୁଷ୍ଠାନ ପ୍ରଭୃତି ସ୍ୱେ[illegible] ସେବୀ ସଙ୍ଗଠନମାନେ ଅଧିକ ସକ୍ରିୟ [illegible] ଆଗଭର ହେବା ଉଚିତ । ଆସ[illegible] ଆନ୍ତର୍ଜାତିକ ଶିଶୁ ବର୍ଷରେ ପ୍ରତ୍ୟେକ ଗୋ[illegible] ଗୋଟିଏ ଶିଶୁ କଲ୍ୟାଣ ଯୋଜନା କାର୍ଯ୍ୟକା[illegible] କରିବା ପାଇଁ ସଂପୂର୍ଣ୍ଣ ଦାୟିତ୍ୱ ନେବ[illegible] ସଂକଳ୍ପ କରିବା ଉଚିତ । ଆଶା ଏ[illegible] ବିଶ୍ୱାସ ରାଜ୍ୟ ସମାଜ ମଙ୍ଗଳ ଉପଦେ[illegible] ବୋର୍ଡ ପ୍ରତ୍ୟେକ ସ୍ୱେଚ୍ଛାସେବୀ ଅନୁଷ୍ଠା[illegible] ମାନଙ୍କୁ ଏ ଦିଗରେ ନିର୍ଦ୍ଦିଷ୍ଟ ଦିଗ୍‌ଦର୍ଶ[illegible] ଦେବେ ।

ନିକଟ ଅତୀତରେ ରାଜ୍ୟ ସରକାରଙ୍କ [illegible] ଗୋଷ୍ଠୀ ଉନ୍ନୟନ ଓ ସମାଜ କଲ୍ୟା[illegible] ବିଭାଗର ପୁନର୍ଗଠନ କରାଯାଇଛି । ଏ[illegible] ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ଶି[illegible] ବିକାଶ ଯୋଜନା ତଥା ବିଭିନ୍ନ ସମାଜ [illegible] କଲ୍ୟାଣ ଯୋଜନାଗୁଡ଼ିକୁ ତ୍ୱରାନ୍ୱିତ କରିବ[illegible] ଏହି ପୁନର୍ଗଠନର ମୂଳ ଲକ୍ଷ୍ୟ । ଉକ୍ତ [illegible] ଯୋଜନାର ସଫଳତା ଓ ଏହାର ପ୍ରସାର [illegible] ରାଜ୍ୟ ସରକାରଙ୍କ ସମଗ୍ର ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ଅକୁଣ୍ଠ ସାହାଯ୍ୟ ଉପରେ ନିର୍ଭର କରେ । ବିଭିନ୍ନ ସମାଜ କଲ୍ୟାଣ ଯୋଜନା କାର୍ଯ୍ୟକାରୀ ହେଉଥିବା ଅଞ୍ଚଳମାନଙ୍କରେ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁପ୍ତ ଏବଂ ନିଷ୍କ୍ରିୟ ଅବସ୍ଥାରେ ଅଛନ୍ତି । ସେମାନଙ୍କୁ ସୁସଙ୍ଗଠିତ କରି ଉକ୍ତ ସମାଜ କଲ୍ୟାଣ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ରାଜ୍ୟ ସମାଜ ମଙ୍ଗଳ ପରାମର୍ଶଦାତା ବୋର୍ଡର ପ୍ରଥମ ଏବଂ ପ୍ରଧାନ କର୍ତ୍ତବ୍ୟ । ସମାଜ ମଙ୍ଗଳ ବୋର୍ଡ ନିଜକୁ ଏକ ଅନୁଦାନ ବଣ୍ଟନକାରୀ ସଂସ୍ଥାରୂପେ ସ୍ଥିର ନ କରି ଅଧିକ ସକ୍ରିୟ ହେବା ଉଚିତ୍ । ବୋର୍ଡ ନିଜେ ଯେଉଁ କାର୍ଯ୍ୟକ୍ରମଗୁଡ଼ିକ ହାତକୁ ନେଉଛନ୍ତି ଉକ୍ତ ଯୋଜନାରେ ଯେପରି ପ୍ରତ୍ୟେକ ବ୍ୟକ୍ତିର ପୂର୍ଣ୍ଣାଙ୍ଗ ବିକାଶ ହେବ ତାହା ଲକ୍ଷ୍ୟ ରଖିବା ଏକାନ୍ତ ବିଧେୟ ।

# ଗୁରୁ ଦିବସର ଶପଥ

ଅଧ୍ୟାପକ ଜଗନ୍ନାଥ ମହାନ୍ତ

ଗୁରୁ ଦିବସ କାହିଁକି ? ଏହି ପ୍ରଶ୍ନର ସହଜ ଉତ୍ତର ଶିକ୍ଷକଙ୍କି ସମାଜକୁ ସମ୍ମାନ ଦେବାପାଇଁ ଏହା ଏକ ସରକାରୀ ନିର୍ଦ୍ଦେଶ । କିନ୍ତୁ ସମାଜ କ'ଣ ଏ ପର୍ଯ୍ୟନ୍ତ ଶିକ୍ଷକଙ୍କୁ ସମ୍ମାନ ଦେଇ ପାରିଛି ? ସମାଜର ସ୍ତରେ ସ୍ତରେ ଯେତେବେଳେ ଧନ, କ୍ଷମତା, ଅନ୍ୟାୟ ଓ ଦୁର୍ନୀତିର ବିଷ ସଞ୍ଚରି ଯାଇଛି, ସେତେବେଳେ ସ୍ୱଳ୍ପ ବେତନ ଭୋଗୀ ଓ କ୍ଷମତା ହୀନ ଶିକ୍ଷକଙ୍କୁ ସମ୍ମାନ ଦେଉଛି କିଏ ? ସ୍ୱାଧୀନ ଭାରତର ସରକାର ଶିକ୍ଷକମାନଙ୍କୁ ସମାଜରେ ଉପଯୁକ୍ତ ସ୍ଥାନ ଦେବା ପାଇଁ ସେମାନଙ୍କର ବେତନ ବୃଦ୍ଧି ଠାରୁ ଆରମ୍ଭ କରି ସେବା-କାଳୀନ ଅନ୍ୟାନ୍ୟ ସୁବିଧା ସୁଯୋଗ ଓ ଉପାୟନ ପ୍ରଦାନ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି । କିନ୍ତୁ ଏହା ଶିକ୍ଷକ ସମାଜକୁ ଅଧିକ ସମ୍ମାନ ଦେବାରେ ବିଶେଷ ସାହାଯ୍ୟ କରିନାହିଁ, ସେମାନଙ୍କୁ ସମାଜରେ ଏକ ବୃତ୍ତିଜୀବୀ ଭାବରେ ବଞ୍ଚି ରହିବା ପାଇଁ ସୁଯୋଗ ଦେଇଛି ମାତ୍ର ।

ଗୁରୁ ଦିବସ ପାଳନ ପାଇଁ ଜାତୀୟ ସରକାରଙ୍କଠାରୁ ଯେଉଁ ନିର୍ଦ୍ଦେଶ ଯାଏ, ଯେଉଁ ନିବେଦନ କରାଯାଏ, ତାହାତ କେବଳ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସୀମିତ ହୋଇରହେ, ଅନ୍ୟ କେହି ସେଥିପ୍ରତି କର୍ଣ୍ଣପାତ କରନ୍ତି ନାହିଁ । ସୁତରାଂ ଶିକ୍ଷକମାନେ ନିଜ ନିଜର ପେଁକାଳି ବଜାଇ ଦିଅନ୍ତି ଆଉ ଛାତ୍ର ଛାତ୍ରୀମାନେ "ଯାହା ବତାଇଛି ଜଟାଧାରୀରେ" ପରି ଶିକ୍ଷକମାନଙ୍କ ପରୋକ୍ଷ ପରାମର୍ଶ ଓ ପ୍ରେରଣାରେ ସବୁ କରନ୍ତି । ସଭା ସମିତିର ଆୟୋଜନ ହୁଏ । ଶିକ୍ଷକମାନଙ୍କୁ ପୁଷ୍ପ ଚନ୍ଦନ ଦିଆଯାଏ । ସେମାନଙ୍କର ଗୁଣ କୀର୍ତ୍ତନ ହୁଏ । ସେମାନଙ୍କ ମଙ୍ଗଳ ନିମନ୍ତେ ସେମାନେ ଛାତ୍ର ଛାତ୍ରୀ-ମାନଙ୍କୁ ନେଇ ପାଣ୍ଠି ସଂଗ୍ରହ କରନ୍ତି । ଯଥାଶୀଘ୍ର ଉଚ୍ଚ କର୍ମକର୍ତ୍ତାଙ୍କ ନିକଟକୁ ବିବରଣୀମାନ ପଠାଯାଏ । ଏତିକିରେ ସରକାର ସନ୍ତୁଷ୍ଟ ହୋଇଥାନ୍ତି ଯେ ଗୁରୁ ଦିବସ ଉପଯୁକ୍ତ ଭାବରେ ପାଳିତ ହୋଇଗଲା । ତା' ପରେ ତକେ ଗଲେ ବାରହାତ !

ଗୁରୁ ଦିବସର ପାଳନ ହୁଏ ଏହିପରି ଏକ ଦେଶବ୍ୟାପୀ ପ୍ରହସନ ରୂପେ ଶିକ୍ଷକ ସମାଜକୁ ସମ୍ମାନ ଦେବାରେ ଏହା ଏକ ବିଡ଼ମ୍ବନା । ସମୟ ଥିଲା ଯେତେବେଳେ ଶିକ୍ଷା ଗୁରୁ ପିତାମାତାଙ୍କଠାରୁ ଅଧିକ ସମ୍ମାନର ପାତ୍ର ଥିଲେ । କାରଣ ଜନକ ଜନନୀ ସନ୍ତାନମାନଙ୍କୁ କେବଳ ଜନ୍ମ କରିଥାନ୍ତି, କିନ୍ତୁ ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଦେଇ ମନୁଷ୍ୟ କରିଥାନ୍ତି ଶିକ୍ଷକ । ଶିକ୍ଷକ ଦୂରଦ୍ରଷ୍ଟା ଉପଦେଷ୍ଟା ଭାବରେ ଜାତିର ସ୍ୱତନ୍ତ୍ର ସମ୍ମାନ ଲାଭ କରୁଥିଲେ । କାରଣ ସେ ଜାତିକୁ ଅନ୍ଧାରରୁ ଆଲୋକକୁ, ମୃତ୍ୟୁରୁ ଅମୃତକୁ ନେଇ ଯାଉଥିଲେ । ଏକାଙ୍ଗ ଚକ୍ରବର୍ତ୍ତୀ ରାଜ ସିଂହାସନରୁ ଓହ୍ଲାଇ ନିଜ ଗୁରୁଙ୍କ ଚରଣ ତଳେ ଭକ୍ତି ଅର୍ଘ୍ୟ ସମର୍ପଣ କରୁଥିଲେ । ଗୁରୁକୁଳର ଅସାଧାରଣ ବିଦ୍ୱତ୍ତା ଓ ଚରିତ୍ରବତ୍ତା ଦେଶ ବିଦେଶର ସହସ୍ର ସହସ୍ର ଶିଷ୍ୟଙ୍କୁ ଆକର୍ଷଣ କରିଥିଲା । ଜ୍ଞାନାର୍ଜନ ଓ ସତ୍ୟାନୁସନ୍ଧାନରେ ଉଭୟ ଗୁରୁ ଓ ଶିଷ୍ୟ ବ୍ରତୀ ହେଉଥିଲେ । "ଓଁ ସହନାବବତୁ । ସହନୌଭୁନକ୍ତୁ । ସହବୀର୍ଯ୍ୟଂ କରବାବହୈ ତେଜସ୍ୱିନା ବଧିତମସ୍ତୁ" ଅର୍ଥାତ୍ "ପରମେଶ୍ୱର ଆମ୍ଭ ଦୁହିଁଙ୍କୁ ରକ୍ଷାକରନ୍ତୁ ଆମ୍ଭ ଦୁହିଁଙ୍କୁ ପାଳନ କରନ୍ତୁ । ଆମ୍ଭେ ଉଭୟ ସାହସ ଓ ଶକ୍ତି ସହକାରେ ନିଜର କର୍ତ୍ତବ୍ୟ କରିଯାଉଁ । ଆମ୍ଭର ଅଧ୍ୟୟନ କ୍ରମେ ତେଜୀୟାନ ହେଉ" । ଏହାଥିଲା ବିଦ୍ୟା-ଧ୍ୟୟନ ପୂର୍ବରୁ ଗୁରୁ ଶିଷ୍ୟଙ୍କର ଶ୍ଳୋକାବୃତ୍ତି, ପାରସ୍ପରିକ ଶୁଭଚିନ୍ତନ ଓ ଜ୍ଞାନ ନିଷ୍ଠାର ପରାକାଷ୍ଠା !

କିନ୍ତୁ ସେହି ସ୍ୱର୍ଣ୍ଣଯୁଗ ଆଜି ଅସ୍ତମିତ । ଗୁରୁଶିଷ୍ୟଙ୍କ ବାଞ୍ଛିତ ସୁସମ୍ବନ୍ଧ ଅଧୁନା ସ୍ୱପ୍ନ । ସେହି ଜ୍ଞାନ ପିପାସାର ସ୍ୱର୍ଣ୍ଣଦୀ ଶୁଷ୍କ । ପାରସ୍ପରିକ ସଦିଚ୍ଛା ଓ ସ୍ନେହ ଭକ୍ତିର ସୁରଧୁନୀ ସମାଜର "ଜଟା" ମଧ୍ୟରେ ସତ୍ତାହୀନ । ଜଟାର ଅବୁଝାବାଳ ପରି ଏହି ଦୁରବସ୍ଥାର କାରଣ ସବୁ ଅସଂଖ୍ୟ ଓ ଜଟିଳ । ବିରାଟ ବିଷଚକ୍ର ପରି ଏହି କାରଣ ଗୁଡ଼ିକ ପରସ୍ପର ନିର୍ଭରଶୀଳ । ଅର୍ଥନୈତିକ, ରାଜନୈତିକ, ଐତିହାସିକ, ସମାଜତାତ୍ତ୍ୱିକ, ମନସ୍ତାତ୍ତ୍ୱିକ ପ୍ରଭୃତି ବହୁବିଧ କାରଣ ଯୋଗୁଁ ଏହି ଦୁରବସ୍ଥା । ସେଗୁଡ଼ିକର ପର୍ଯ୍ୟାଲୋଚନା ପୋଥିଗତିକ ହେବ । ଆଜି ଦିନରେ ତାହା ଅପ୍ରାସଙ୍ଗିକ ।

ସୁତରାଂ ଶିକ୍ଷକ ନିଜକୁ ପ୍ରଥମେ ଚିହ୍ନିବା ଉଚିତ । ନିଜର ଶକ୍ତି ସାମର୍ଥ୍ୟ ସଂପର୍କରେ ସଚେତନ ହେବା ସର୍ବାଦୌ ଆବଶ୍ୟକ । ତାଙ୍କର ଯେଉଁ ଶକ୍ତି ଅଛି ତାର ସଦୁପଯୋଗ

ଯେଉଁ ଦୁର୍ବଳତା ଅଛି ତାର ପରିହାର ଓ ଯେଉଁ ଅଭାବ ରହିଛି, ତାର ପରିପୂରଣ ହିଁ ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ । ସେ ନିଜର ମାନସିକ ଓ ନୈତିକ ବିକାଶ କରିବା ଆବଶ୍ୟକ । ସେ ଯେଉଁ ଜୀବିକା ଗ୍ରହଣ କରିଛନ୍ତି, ତାକୁ ଜୀବନ ଭାବରେ ବିଗ୍ରହ କରିବା ବାଞ୍ଛନୀୟ । ଯେଉଁ ଚପଳମତି କିଶୋର କିଶୋରୀ ବା ତରୁଣ ତରୁଣୀଙ୍କ ଶିକ୍ଷାଦାନ କରିବା ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ, ସେମାନଙ୍କୁ ଉପଯୁକ୍ତ ଜ୍ଞାନ, ବିଗ୍ରହ, ବିବେକ ଓ କୁଶଳତାରେ ସମର୍ଥ କରି ତୋଳିବା ତାଙ୍କର ପରମ ପବିତ୍ର କର୍ତ୍ତବ୍ୟ । ଏଥିପାଇଁ ନିଜର ବିଦ୍ୱତ୍ତାର ବିକାଶ ଯେତିକି ଆବଶ୍ୟକ, ତାଠାରୁ ଅଧିକ ଆବଶ୍ୟକ ଚରିତ୍ରବତ୍ତା—ସ୍ନେହ ସୌହାର୍ଦ୍ଦ୍ୟ, ସହାନୁଭୂତି ଓ ସଦିଚ୍ଛାର ଅବିଚ୍ଛିନ୍ନ ଅନାବିଳ ଫଲ୍‌ଗୁଧାରା ।

ଏହି ଶକ୍ତି ସାମର୍ଥ୍ୟ ବୃଦ୍ଧିରେ ଶିକ୍ଷକ ସମାଜ ନିଜକୁ ମହାନ୍ ଦାୟିତ୍ୱ ସମ୍ପାଦନ ପାଇଁ ଉପଯୁକ୍ତ କରିପାରିବେ ଏବଂ ଜାତି ଗଠନରେ ନିଜର ଅବଦାନକୁ ଅନବଦ୍ୟ କରିପାରିବେ । ସେମାନେ ଯେଉଁ ଛାତ୍ର ଛାତ୍ରୀ ମାନଙ୍କ ବ୍ୟକ୍ତିତ୍ୱର ପୁଷ୍କଳ ଓ ପୂର୍ଣ୍ଣାଙ୍ଗ ପରିପ୍ରକାଶ ସାଧନ କରିବେ, ସେମାନେ ନିଶ୍ଚୟ ସେହି କୃତୀ ଶିକ୍ଷକମାନଙ୍କୁ ଅନ୍ତରର ଭକ୍ତି-ଅର୍ଘ୍ୟ ନିବେଦନ କରିବେ, ସମାଜ ମଧ୍ୟ କୃତଜ୍ଞ ଚିତ୍ତରେ ସେମାନଙ୍କର ବନ୍ଦନା କରିବ । ସମ୍ମାନ ଦାବୀକଲେ ହେଁ ମିଳେନାହିଁ, ଏଥିପାଇଁ ନିଜକୁ ଉପଯୁକ୍ତ କରିବାକୁ ହେବ । ଦାବିକରି ପ୍ରତ୍ୟେକ ନିଜର ବେତନ ବୃଦ୍ଧି ଓ ସେବାକାଳୀନ ସୁବିଧା ସୁଯୋଗ ଲାଭ କରିପାରନ୍ତି, କିନ୍ତୁ ସମ୍ମାନ ଲାଭ କରିପାରିବେ ନାହିଁ । ସମ୍ମାନ ବା ଭକ୍ତି ହୃଦୟର ଏକ ଗଭୀରତମ ଅନୁଭୂତି ଏବଂ ଏହା ସ୍ୱତଃସ୍ଫୂର୍ତ୍ତ । ଆଧୁନିକ ସମାଜର ଆବିଳତା ଓ ଅର୍ଥ କ୍ଷମତାର ଆଡ଼ମ୍ବର ମଧ୍ୟରେ ଏହା ଅସ୍ପଷ୍ଟ ହୋଇ ଥାଇପାରେ, କିନ୍ତୁ ଅବଲୁପ୍ତ ନୁହେଁ ।

ଏହି ପ୍ରସଙ୍ଗରେ ବିଶ୍ୱବନ୍ଦ୍ୟ ଡ଼କ୍‌ଟର ରାଧାକୃଷ୍ଣନ୍, ଯାହାଙ୍କର ପବିତ୍ର ଜୟନ୍ତୀରେ ଗୁରୁ ଦିବସ ପାଳିତ ହେଉଛି, ଯଥାର୍ଥରେ କହିଥିଲେ, "ଆମେ ଶିକ୍ଷକତା ପାଇଁ ଅଯୋଗ୍ୟ ଓ ଅକର୍ମଣ୍ୟମାନଙ୍କୁ ତ୍ୟାଗକରି ଉପଯୁକ୍ତ ବ୍ୟକ୍ତିମାନଙ୍କୁ ନିଯୁକ୍ତ କରିବା ଆବଶ୍ୟକ । ନିର୍ଦ୍ଦେଶ ମାଧ୍ୟମରେ ଶିକ୍ଷକମାନଙ୍କୁ ସମ୍ମାନ ପ୍ରଦାନ କରିହେବନାହିଁ, ଏହା ସେମାନେ ନିଜେ ଅର୍ଜନ କରିବାକୁ ହେବ । ଆଧୁନିକ ଶିକ୍ଷକ ସମାଜ ଅସାର ଆଦର୍ଶରେ ବିଭ୍ରାନ୍ତ ନହୋଇ ନିଜର ବିଦ୍ୱତ୍ତା ଓ ଚରିତ୍ରବତ୍ତାରେ ଛାତ୍ର ସମାଜକୁ ଉଦ୍‌ବୁଦ୍ଧ ଓ ଅନୁପ୍ରାଣିତ କରନ୍ତୁ । ଏହାହେଉ ଆଜିର ପବିତ୍ର ଦିବସରେ ସମସ୍ତଙ୍କର ଶୁଭେଚ୍ଛା ଓ ଶିକ୍ଷକ ସମାଜର ଶପଥ ।


ଅଫିସର-ଇନ-ଚ୍ଚାର୍ଜ, ଇ. ଟି. ସେଲ
ଶିକ୍ଷା ନିର୍ଦ୍ଦେଶାଳୟ
ଓଡ଼ିଶା, ଭୁବନେଶ୍ୱର


## ସ୍ୱାଧୀନତା ସଂଗ୍ରାମୀମାନେ ଏକସଙ୍ଗେ କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କ ଭତ୍ତା ପାଇ ପାରିବେ ।

୫୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ଯେଉଁ ବ୍ୟକ୍ତିମାନେ ଜାତୀୟ ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇ ଜେଲ ବରଣ କରିଥିବେ କିମ୍ବା ନିରୁଦ୍ଦିଷ୍ଟ ହୋଇଥିବେ ଏବଂ ଏଭଳି ଦୁଃସ୍ଥ ବ୍ୟକ୍ତିମାନଙ୍କର ଯଦି ୩ ଏକରରୁ କମ୍ ଜମି ଥାଏ ତେବେ ସେମାନଙ୍କୁ ସ୍ୱାଧୀନତାସଂଗ୍ରାମୀ ପରିସରଭୁକ୍ତ କରାଯିବ ।

କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କଠାରୁ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ପାଇବା ପାଇଁ ବହୁ ସ୍ୱାଧୀନତା ସଂଗ୍ରାମୀଙ୍କ ଦରଖାସ୍ତ ଶୀଘ୍ର ବିଚାର କରି ଫଇସଲା କରିବାକୁ ସ୍ୱାଧୀନତା ସଂଗ୍ରାମୀ ପେନ୍‌ସନ୍ କମିଟି ବିଭିନ୍ନ ସମୟରେ ଯେଉଁ ସୁପାରିଶମାନ କରିଛନ୍ତି, ତାହାକୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି ।

ଉପରୋକ୍ତ ସଂଜ୍ଞା ଅନୁଯାୟୀ ଯେଉଁ ସ୍ୱାଧୀନତା-ସଂଗ୍ରାମୀମାନେ ଜେଲ ସାର୍ଟିଫିକେଟ କିମ୍ବା ଜେଲରେ ଥିବା ସମୟରେ ସହବନ୍ଦୀଭାବେ ରହୁଥିବା କୌଣସି ପୂର୍ବତନ ବା ବର୍ତ୍ତମାନ ବିଧାନ ସଭା ସଦସ୍ୟ ବା ଲୋକସଭା ସଦସ୍ୟଙ୍କଠାରୁ ପ୍ରମାଣପତ୍ର ଦାଖଲ କରିପାରିବେ, ସେମାନଙ୍କ ବିଷୟ ବିଚାରକୁ ନିଆଯିବ ।

ଏହି କମିଟିର ଦ୍ୱିତୀୟ ସୁପାରିଶ ଅନୁଯାୟୀ ସ୍ୱାଧୀନତା ସଂଗ୍ରାମୀମାନେ ଏକ ସଙ୍ଗେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଭତ୍ତା ପାଇପାରିବେ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ।

# କାଳ ରାତ୍ରର ପରେ

**ଶ୍ରୀ ପ୍ରସନ୍ନ ରଥ**

ସପ୍ତଦୀପଟିକୁ ତୁଳସୀ ଚଉରା ମୂଳେ, ଥୋଇଦେଇ ଅବ୍ୟକ୍ତ କାମନା ତାର ପ୍ରକାଶ କରିଛି ମୁଣ୍ଡପୋତି କନକ । ନୂଆଁଣିଆ ସ୍ୱରଟା ଭିତରୁ ଭାସି ଆସିଛି—"ଦୀନବନ୍ଧୁ ଏହି ଅଛି ଶ୍ରୀଛାମୁରେ" । କନକ ଅପଲକ ନେତ୍ରରେ ଚାହିଁ ରହିଛି ସଞ୍ଜ ସଳିତାଟିକୁ । ସଳିତାଟି ଧୀରେ ଧୀରେ ଲିଭିଯାଉଛି । କନକ ଆଖିର ଦୁଇଟୋପା ଅଶ୍ରୁପ୍ରକାଶ କରିଛି ତାର ମନର ବେଦନା । ଅନ୍ଧ ବୁଢ଼ା ବାପ ରୋଗଶଯ୍ୟାରେ ପଡ଼ି ଛଟପଟ ହେଉଛି । ଡାକ ଛାଡ଼ିଛି— ଆଲୋ ମା କୁଆଡ଼େ ଗଲୁକି— ସଞ୍ଜନଇଁ ଗଲଣିରେ— ସଞ୍ଜଦୀପ ଦେଲୁଣି? କନକ ଆଖିରୁ ଲୋତକ ପୋଛିଦେଇ ଉତ୍ତର ଦିଏ ହଁ ବୋଲି ।

ପୂର୍ଣ୍ଣିମା ଜହ୍ନ ଲୁଚକାଳି ଖେଳୁଛି ଉସ. ବାଦଲ କୋଳରେ । ଜହ୍ନକୁ ଚାହିଁ ମୁରୁକି ହସୁଥାଏ କନକ । ସତରେ ତୁ କେଡ଼େ ସୁନ୍ଦର । ସେହି ଗାଁର ଝିଅ ପୂର୍ଣ୍ଣିମା ପିଲାଦିନର ହସ କାନ୍ଦର ସାଥିସଙ୍ଗାତ । ସେ ତାର ଅତୀତ ସ୍ୱପ୍ନର ପୂର୍ଣ୍ଣତାକୁ ଖୋଜି ପାଉଛି । ଆଉ ମୁଁ ? ଦୀର୍ଘନିଶ୍ୱାସ ମାରି ମନକୁ ସାନ୍ତ୍ୱନା ଦିଏ କନକ । ଗରିବ ବୋଲି ମନକୁ ବୁଝାଏ । ପୂର୍ଣ୍ଣିମା ବାପାଙ୍କର ଯୌତୁକ ଦବାର କ୍ଷମତା ଥିଲା ବୋଲି ସିନା ସେ ତାର ମନଲାଖି ବର ପାଉଛି । ଏ ସମାଜ କେବଳ ଧନକୁ ଚିହ୍ନେ, ହେଲେ ମନକୁ ଚିହ୍ନୁଛି କିଏ । ପ୍ରଜାପତିଟିଏ ଫୁଲ ଉପରେ ବସି ଆନନ୍ଦରେ ମଧୁ ଆହରଣ କଲବେଳେ କନକ ମନରେ ଈର୍ଷାଭାବ ଜାଗ୍ରତ ହୁଏ । ପ୍ରଜାପତିଟିକୁ ଧରି ତାକୁ ଫୁଲଠାରୁ ଦୂରେଇ ଦେବାକୁ ଚେଷ୍ଟାକରେ ।

ମାତୃସ୍ନେହହରା କନକ ଅନ୍ଧବୁଢ଼ା-ବାପଟିପାଇଁ ଠାକୁରଙ୍କ ପାଖରେ ଅନେକ-କାନ୍ଦେ । ରୋଜଗାର କରିବାର କ୍ଷମତା ନାହିଁ । ଶିକ୍ଷାଗତ ଯୋଗ୍ୟତା ମଧ୍ୟ ନାହିଁ । ଘରେ ଯାହାକିଛି ଥିଲା ବନ୍ଧାପକେଇ କିଛିଦିନ ଚଳିଗଲା । ବୁଢ଼ାବାପ ରୋଗ-ଶଯ୍ୟାରେ । ପାଚିଲପତ୍ର ଆଜି ନହେଲେ କାଲି ଝଡ଼ିଯିବ । ତାପରେ? କନକ ମନରେ ଏକ ବିରାଟ ପ୍ରଶ୍ନବାଚୀ । ବାପାଙ୍କ ଅତେ ତାର ଆଉ ସାହା ଭରସା କେହିନାହିଁ । ଓଳିଏ ଖାଇଲେ ଓଳିଏ ଓପାସ । କେତେ-ଦିନ ଏମିତି ବଞ୍ଚିବେ । ବୁଢ଼ାବାପଟି ରୋଗରେ ଆଉଟୁ ପାଉଟୁ ହେଉଛି । କାହାପାଖରେ ହାତ ପତେଇବ । ସମସ୍ତେତ ନାକ ଟେକିବେ । ଘୃଣା କରିବେ । ଔଷଧ ଟିକିଏ ଆଣିବାପାଇଁ •ପଇସାଟିଏ ମଧ୍ୟନାହିଁ ବାପାଙ୍କ ମୁଣ୍ଡକୁ ତାର କର୍ପିଳ ହାତରେ ଆଉଁସି ଦେଉଥାଏ କନକ । ଅଜାଣତରେ କନକ ଆଖିରୁ ବହିଯାଉଛି ଦୁଇଧାର ଲୁହ । କନକ ମୁହଁ ଖୋଲି ନକହିଲେ ମଧ୍ୟ ବାପ-ମନ କଣ ବୁଝିବେନି ଉ ଆଶୁଣି ଝିଅଟାର ମନର ବେଦନା । ହେଲେ କଣ କରିବ ? ଆଖିର ଲୁହକୁ ଆଖିତଳେ ଚାପି ମନର କୋହକୁ ମନରେ ମାରି ସମବେଦନା ପ୍ରକାଶ କରେ । ଆଉ କ'ଣ ଶକ୍ତି ଅଛି ଝିଅଟି ପାଇଁ ବାରଦ୍ୱାର ବୁଲିବାକୁ ।

କନକ ଜୀବନ ଆକାଶରେ ଘୋଟି ଆସିଛି କଳାହାଣ୍ଡିଆ ମେଘ । ଆଘାତ ପରେ ଆଘାତ ପାଇ ଭାଙ୍ଗିଯାଇଛି କଳ୍ପନାର ପିରାମିଡ଼ । ଅସ୍ତଗାମୀ ସୂର୍ଯ୍ୟ ଆଶୟ ନେଲେଣି ଦୂର ଦିଗ୍‌ବଳୟ ତଳେ ସେ ସଞ୍ଜଦୀପଟିକୁ ତୁଳସୀ ଚଉରା ମୂଳେ ବସେଇଦେଇ ଫେରି ଆସିଛି ଭଙ୍ଗା ଘର ଭିତରକୁ । ବାପାଙ୍କୁ ଅନେକ ଡାକିଛି । ହେଲେ ସେ ଶୋଇ-ଯାଇଛନ୍ତି ସବୁଦିନ ପାଇଁ । ଯନ୍ତ୍ରଣାରୁ ମୁକ୍ତି ମିଳିଛି । ବାପାଙ୍କ ମୁହଁରୁ ପଦେକଥା ଶୁଣିବାପାଇଁ କେତେ କାକୁତି ମିନତି । ଆଉ କଣ ? ଯିଏ ଯାଇଛି ସେ କଣ ଆଉ ଫେରି ଆସିବ । ସେହି ସନ୍ଧ୍ୟାରେ ଜଳି-ଉଠିଲା ଗାଁ ମୁଣ୍ଡ ଶ୍ମଶାନରେ ବାପାଙ୍କର ଚିତା ।

ଏକାକିନୀ କନକ ଖୋଜିବୁଲୁଛି ପେଟ ପୋଷଣ ପାଇଁ ଆଶୟ । ସଂଗ୍ରାମରେ ହାରି ଯାଇନି କନକ । କିନ୍ତୁ ଶଂଖା-ସିନ୍ଦୂରର କଳ୍ପନା ଉଭେଇ ଯାଇଛି ତାର ସବୁଦିନ ପାଇଁ । ଯୌବନ ତାର ସାଧିଛି । ମଧୁକର-ମାନେ ତାହାର ରୂପ ଯୌବନରେ ଆକୃଷ୍ଟ ହୋଇ ଆଶୟ ଦେବାପାଇଁ ଆଗଭର ହୋଇ ଆସିଛନ୍ତି । ନିରୀହା କନକ ବୁଝିପାରିନି କିଛି । ଯେଉଁ କନକ ପାଇଁ ତାର ଅନ୍ଧବୁଢ଼ା ବାପକୁ ବାରଦ୍ୱାର ବୁଲିବାକୁ ପଡୁଥିଲା, ଯୌତୁକର ବାରରେ ଭଙ୍ଗାମନ ନେଇ ଫେରି-ବାକୁ ପଡୁଥିଲା, ସେହି ସମାଜ ଯେ ଦିନେ ବିନା ଯୌତୁକରେ ଶଂଖା-ସିନ୍ଦୂର ଦେଇ ତାକୁ ସାଦରେ ଗ୍ରହଣ କରିବ ଏ ଆଶା ତାର ମରକି ଯାଇଥିଲା । ସୁନା-ସଂସାର ଗଢ଼ିବାର ସ୍ୱପ୍ନ ତା'ମନ କୋଣରେ ଉଙ୍କି ମାରିଛି । ଭଗବାନଙ୍କୁ ସାକ୍ଷୀ ରଖି ତାର ଜୀବନ ସାଥି ମଦନ ବେକରେ ବରଣମାଳା ଦେଇଥିଲା କନକ । ଭଙ୍ଗା ଘରଟି ପୁଣି କର୍ମମୁଖର ହୋଇ ଉଠିଥିଲା ।

ମଦନ--ମଦ୍ୟପ । ଘରସଂସାର ଗଢ଼ିବାର କଳ୍ପନା ନାହିଁ । ମଦ ଏବଂ ମାଂସ ହିଁ ତାହାର ସର୍ବସ୍ୱ । ଦିନସାରା କାମସାରି ମଦନର ଫେରିବା ବାଟକୁ ଚାହିଁବସିଥାଏ କନକ । ଫେରିବା ସମୟ ରାତି ୧୧ଟା ପରେ । ଡିବିରିଟିକୁ ଜଗେଇ ଦେଇ ଭୋକ ଓପାସରେ ଚାହିଁ ବସିଥାଏ ପତି ଦେବତାଙ୍କର ଫେରିବା ବାଟକୁ । ସରଳ ନିରୀହା କନକ କେବେ ପାଇନି ସ୍ନେହ, ପ୍ରେମ, କେବଳ ପାଇଛି ସ୍ୱାମୀଙ୍କ ଠାରୁ ଲାଞ୍ଛନା । ସ୍ୱାମୀଙ୍କୁ ମଦ ପିଇବାକୁ ବାରଣ କରେ କନକ । କିନ୍ତୁ ମଦ୍ୟପ ମଦନ ନିରୀହା କନକକୁ ବାହାର କରିଦିଏ ଘରୁ—ଭିଡ଼ି ଭିଡ଼ି ଆଣି ଗାଁ ଦାଣ୍ଡରେ ଛାଡ଼ି ଦିଏ । ଏମିତି ଅନେକ ରାତି ବିତେଇଛି କନକ ଦାଣ୍ଡ ପିଣ୍ଡାରେ ବସି କାନ୍ଦିକାନ୍ଦି ସାଇ ପଡ଼ିଶା ସେତେବେଳେ ଚାହିଁ ଟାପରା କରନ୍ତି । କନକ କାକୁତି ମିନତି ହୋଇ ଲୋତକ ଭରା ନୟନରେ ଚାହିଁ ରହିଥାଏ ମଦନକୁ । ମୁହଁ ଖୋଲି କେବେ କିଛି କହିନି । ସବୁ ମୁଣ୍ଡ-ପାତି ସହି ଯାଇଛି । ସ୍ୱାମୀଙ୍କ ପ୍ରତି କେବେ-ହେଲେ ଅବହେଳା କରିନି । ସ୍ୱାମୀହିଁ ତାହାର ସର୍ବସ୍ୱ । ଅତ୍ୟାଚାରରେ ଭାଙ୍ଗିପଡ଼ିନି । ପଛଘୁଞ୍ଚା ଦେଇନି ସଂଗ୍ରାମରୁ । ସ୍ୱାମୀଙ୍କୁ ଠିକ୍ ବାଟକୁ ଆଣି ମଣିଷ ଭଳି ମଣିଷ ହୋଇ ବଞ୍ଚି ରହିବାର କଳ୍ପନା କରିଛି ସେ ।

ଭାରତୀୟ ନାରୀର ପବିତ୍ର ଏବଂ ପ୍ରଧାନ ବ୍ରତ, ସାବିତ୍ରୀ ଅମାବାସ୍ୟା । ସେ ଦିନ ଗାଁ ମାଉସିମାନେ ବ୍ରତ ପାଳନ ପାଇଁ, ସୂର୍ଯ୍ୟୋଦୟ ପୂର୍ବରୁ ସାଧୁଆ କାମ ସାରି ବେଶ ମଣ୍ଡନା କରି ବିଭିନ୍ନ ଜିନିଷ ଆୟୋଜନ କରିବାରେ ଲାଗିଛନ୍ତି । କନକ ମଧ୍ୟ ସେଥିରୁ ବାଦ୍ ଯାଇନି । ଘୋଷେଇ କାମ ସାରି, ପୂଜା ସାମଗ୍ରୀ ଯୋଗାଡ଼ କରି ବ୍ରତ ପାଳନ ପାଇଁ ଲାଗି ପଡ଼ିଛି । ଠାକୁରାଣୀଙ୍କ ମସ୍ତକରେ ଫୁଲ ଚଢ଼େଇ ସ୍ୱାମୀଙ୍କୁ ଠିକ୍ ବାଟକୁ ଫେରେଇ ଆଣିବା ପାଇଁ କାନ୍ଦି କାନ୍ଦି କହିଛି । କିନ୍ତୁ ବିଧିର ବିଧାନ ଥିଲା ଭିନ୍ନ । ଗଢ଼ି ଉଠିଥିବା ସୁନାର ସଂସାର ନିମିଷକରେ ଭାଙ୍ଗି ଚୂନା ହୋଇଗଲା । କିଏ ଜଣେ ଆସି କହିଲା—

ମଦନବାବୁ ଅତ୍ୟଧିକ ମଦ ନିଶାରେ ରାସ୍ତାରେ ଚଳି ଚଳି ଆସୁ ଆସୁ ଗାଡ଼ି ତଳେ ପଡ଼ି ପ୍ରାଣ ହରେଇଛନ୍ତି । କନକକୁ ଘୋରିଦିଗ ଅନ୍ଧକାର ଦେଖାଗଲା । ଠାକୁରଙ୍କ ପାଖରେ ମୁଣ୍ଡ ପିଟି ପିଟି ବହିଗଲା ଧାର ଧାର ରକ୍ତ । ସାବିତ୍ରୀ ବ୍ରତ ସୃଷ୍ଟିକଲା ତା' ଜୀବନରେ ଏକ କରୁଣ ଇତିହାସ । ଯାହାକୁ କରିଥିଲା ନିଜର, ସେ ଆଜି ଅନେକ ଦୂରରେ । ଆହା ବୋଲି କହିବାକୁ କେହି ନାହାନ୍ତି । ସବୁ ମିଛ । ସିନ୍ଥିର ସିନ୍ଦୂର ରେଖାକୁ ପୋଛିଦେଇ, ହାତର ଦୁଇପଟ ଶଙ୍ଖାକୁ ବାହାର କରି ଠାକୁରଙ୍କ ପଦତଳେ ସମର୍ପି ଦେଇଛି କନକ ।

ବିବାହିତା ଜୀବନର ଅଧ୍ୟାୟ ପରେ କନକ ଖୋଜି ବୁଲୁଛି ତାର ଜୀବନର ପାଥେୟ । ତୃଷାର୍ତ୍ତ କଣ୍ଠରେ ବିନ୍ଦୁଏ ଜଳ ଦେବା ପାଇଁ କେହି ନାହିଁ । ଚତୁର୍ଦ୍ଦିଗରେ ହତାଶା ଏବଂ ଅବସାଦର କରୁଣ ଛାୟା । ସଂଗ୍ରାମ କରିବାକୁ ଶକ୍ତି ନାହିଁ । ଅବଶ ଅଙ୍ଗକୁ ନେଇ ଚଳ ବାଟରେ ପାଦ ବଢେଇବାର ଶକ୍ତିନାହିଁ । ମାନସିକ ଦୁଃଖରେ ଭାଙ୍ଗିପଡ଼ିଛି କନକ । ତ୍ରିବିଧି ଆନ୍ଧାରରେ ଝଲସି ଉଠୁଥିବା ଘରଟି ଭିତରେ ଛୁଟିଛି ଲୁହର ଶ୍ରାବଣୀ । ତୁଳସୀ ଚଉରା ମୂଳେ ଉଇହୁଙ୍କା ମୁଣ୍ଡ ଟେକିଛି । ଖୁଣ୍ଟି ଯାଉଛି ସେହି ହସ ହସ ମୁହଁଟି । ପୂର୍ଣ୍ଣିମା ଆକାଶର ଚନ୍ଦ୍ର ଆଜି ପରିହାସ କରୁଛି । ମୁହଁ ପୋତି ଫେରି ଆସିଛି ଘରକୁ । ବାକ୍‌ସରେ ଥିବା ରଙ୍ଗୀନ୍ ଶାଢ଼ୀ ଗୁଡ଼ାକ ସତେ ଯେମିତି କନକଠାରୁ ଦୂରେଇ ଯିବାକୁ ଚାହାନ୍ତି । କନକ କାହିଁକିବା ମନା କରିବ । ସବୁ ଯାଉଛି । କାହିଁକି, କାହାକୁ ନେଇ ବଞ୍ଚିବ । କର୍ମମୟ ଜୀବନର ଚଲାବାଟରେ ପୂର୍ଣ୍ଣଚ୍ଛେଦ ପକାଇବା ପାଇଁ ସ୍ଥିର କରିଛି କନକ । କିନ୍ତୁ............ ?

ଜୀବନ ଆକାଶରେ ଉଦୟ ହେଉଛନ୍ତି ସୂର୍ଯ୍ୟ ନୂତନ ଆଶା, ଉଦ୍ଦୀପନା ନେଇ । ନୂତନ ସୂର୍ଯ୍ୟର ନୂତନ ଆଲୋକରେ କନକ ଆଜି ପାଇଛି ନୂତନ ଶକ୍ତି । ଗାଁରେ କିଛିଦିନ ପୂର୍ବରୁ ଗଢି ଉଠିଥାଏ ଗୋଟିଏ ସମାଜ ସେବୀ ସଂସ୍ଥା । ସମାଜର ମଙ୍ଗଳ ନିମନ୍ତେ 'ସମାଜ ମଙ୍ଗଳ ବୋର୍ଡ', ଗାଁ ଗହଳିରେ ମୁଣ୍ଡଟେକିଥିବା ସଂସ୍ଥାଗୁଡ଼ିକ ମାଧ୍ୟମରେ ସମାଜର ଦୁଃସ୍ଥ, ନିରାଶ୍ରୟା, ପତିତା ମହିଳା ମାନଙ୍କର ଉତ୍ଥାନ ନିମନ୍ତେ ବିଭିନ୍ନ କାର୍ଯ୍ୟପନ୍ଥା ନିର୍ଣ୍ଣୟ କରିଥାନ୍ତି । ନିରାଶ୍ରୟା କନକକୁ ପେଟ ଗୁଜୁରାଣ ପାଇଁ କାହାର ଦ୍ୱାରସ୍ଥ ହେବାକୁ ପଡ଼ିନି । କନକ ଜୀବନରେ କାଳ ରାତ୍ରୀର ଅବସାନ ଘଟିଛି । ସମାଜ ମଙ୍ଗଳ ବୋର୍ଡର ସାହାଯ୍ୟ ପାଇ ସେ ଗୋଟିଏ କୁକୁଡ଼ା ପାଳନ କେନ୍ଦ୍ର ପ୍ରତିଷ୍ଠା କରିପାରିଛି । ବଞ୍ଚିବାର ବାଟ ଖୋଜି ପାଉଛି ସେ । କିନ୍ତୁ ଅତୀତର ସ୍ମୃତି ସବୁ ଯେତେବେଳେ ମନକୋଣରେ ଉଙ୍କିମାରେ, ଆଖିରୁ ଦୁଇଟୋପା ଲୁହ ଝରେଇ ମନକୁ ସାନ୍ତ୍ୱନା ଦିଏ ।

## କ୍ଷୁଦ୍ର ଶିଳ୍ପ ସାମଗ୍ରୀ ଖରଦ ଦର ଚୁକ୍ତି ପଦ୍ଧତି ସରଳ କରାଗଲା

ରେଜିଷ୍ଟ୍ରିଭୁକ୍ତ କ୍ଷୁଦ୍ର ଶିଳ୍ପ ସଂସ୍ଥାଗୁଡ଼ିକ ସେମାନଙ୍କର ଉତ୍ପାଦିତ ସାମଗ୍ରୀ ସରକାରୀ ଓ ଅର୍ଦ୍ଧସରକାରୀ ବିଭାଗ ଓ ସଂସ୍ଥାଗୁଡ଼ିକୁ ଯୋଗାଇ ଦେବା ପାଇଁ ଦରଚୁକ୍ତି କରାଯିବା ନିମନ୍ତେ ଯେଉଁ ପଦ୍ଧତି ଧାର୍ଯ୍ୟ କରାଯାଇଥିଲା, ତାହା ଏହି ମଧ୍ୟରେ ସହଜ ଓ ସରଳ କରାଯାଇଛି ।

ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗ ଦ୍ୱାରା ପ୍ରବର୍ତ୍ତିତ ଏକ ନିର୍ଦ୍ଦେଶନାମା ଅନୁଯାୟୀ କ୍ଷୁଦ୍ର ଶିଳ୍ପ ସଂସ୍ଥାଗୁଡ଼ିକ ସହ ଦରଚୁକ୍ତି ସଂପାଦନ ପାଇଁ ରପ୍ତାନୀ ବିକାଶ ଓ ବାଣିଜ୍ୟ ସଙ୍ଗଠନର ନିର୍ଦ୍ଦେଶକଙ୍କୁ ଏଥି ନିମନ୍ତେ ଅଧିକ କ୍ଷମତା ପ୍ରଦାନ କରାଯାଇଛି । ନିର୍ଦ୍ଦେଶକ ବର୍ତ୍ତମାନ କ୍ଷୁଦ୍ର ଶିଳ୍ପ ସଂସ୍ଥାର ଉତ୍ପାଦିତ ସାମଗ୍ରୀଗୁଡ଼ିକ ପାଇଁ ଉତ୍ପାଦନ ମୂଲ୍ୟଠାରୁ ଶତକଡ଼ା ୧୦ ଭାଗ ପର୍ଯ୍ୟନ୍ତ ଲାଭ ଦେଇ ଦରଚୁକ୍ତି ସଂପାଦନ କରିପାରିବେ । ଏଥି ପୂର୍ବରୁ ଏଭଳି ଚୁକ୍ତି ସଂପାଦନ ଶିଳ୍ପ ବିଭାଗ ଓ ଅର୍ଥ ବିଭାଗ ପରାମର୍ଶକ୍ରମେ କରାଯାଉଥିଲା । ଏହା ବ୍ୟତୀତ ଦରଚୁକ୍ତି ପଦ୍ଧତି ଓ ସର୍ତ୍ତ ମଧ୍ୟ ସରଳ କରାଯାଇଛି ।

ଏଠାରେ ସ୍ମରଣ କରାଯାଇପାରେ ଯେ ଓଡ଼ିଶାରେ ପ୍ରତିଷ୍ଠିତ କ୍ଷୁଦ୍ର ଶିଳ୍ପଗୁଡ଼ିକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସରକାରୀ ଓ ଅର୍ଦ୍ଧ-ସରକାରୀ ସଂସ୍ଥାଗୁଡ଼ିକ ସେମାନଙ୍କର ଆବଶ୍ୟକୀୟ ସମସ୍ତ ସାମଗ୍ରୀ ଓଡ଼ିଶା ବାହାରୁ ନ କିଣି, ଦର, ଗୁଣ ଓ ଯୋଗାଣ କ୍ଷମତାକୁ ବିଚାର କରି କେବଳ ସ୍ଥାନୀୟ ଶିଳ୍ପ ସଂସ୍ଥାଗୁଡ଼ିକରୁ କିଣିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏହି ଉଦ୍ଦେଶ୍ୟରେ କ୍ଷୁଦ୍ର ଶିଳ୍ପ ସଂସ୍ଥାଗୁଡ଼ିକ ସହ ରପ୍ତାନୀ ବିକାଶ ଓ ବାଣିଜ୍ୟ ସଙ୍ଗଠନ ଦରଚୁକ୍ତି ସଂପାଦନ କରିଥାନ୍ତି ।

କ୍ଷୁଦ୍ର ଶିଳ୍ପ ସଂସ୍ଥାଗୁଡ଼ିକ ସେମାନଙ୍କର ସାମଗ୍ରୀ ସରକାରୀ ବିଭାଗକୁ ଯୋଗାଇ ଦେବାର ୭ ଦିନ ମଧ୍ୟରେ ସେମାନଙ୍କ ପ୍ରାପ୍ୟର ଶତକଡ଼ା ୯୦ ଭାଗ ଓ ୬୦ ଦିନ ମଧ୍ୟରେ ଅବଶିଷ୍ଟ ୧୦ ଭାଗ ଦେଇ ଦେବାକୁ ସରକାର ବିଭିନ୍ନ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ।


୧୯୭୬-୭୭ ମସିହାରେ ବିଭିନ୍ନ ସରକାରୀ ଓ ଅର୍ଦ୍ଧ-ସରକାରୀ ସଂସ୍ଥାଗୁଡ଼ିକ ୪·୨୨ କୋଟି ଟଙ୍କା ମୂଲ୍ୟର କ୍ଷୁଦ୍ର ଶିଳ୍ପଜାତ ସାମଗ୍ରୀ ଖରିଦ କରିଥିଲେ । ଏଥିମଧ୍ୟରୁ ଦରଚୁକ୍ତି ସଂପାଦନ କରାଯାଇଥିବା କ୍ଷୁଦ୍ର ଶିଳ୍ପଗୁଡ଼ିକରୁ ୧.୫୯ କୋଟି ଟଙ୍କା ମୂଲ୍ୟର ଜିନିଷ କିଣା ଯାଇଥିଲା । ଏହାର ପୂର୍ବବର୍ତ୍ତୀ ବର୍ଷ ୧୯୭୫-୭୬ ମସିହାରେ ଖରିଦ ହୋଇଥିବା ଜିନିଷର ମୂଲ୍ୟ ଯଥାକ୍ରମେ ୨.୦୭ କୋଟି ଟଙ୍କା ଓ ୧.୩୪ କୋଟି ଟଙ୍କା ହୋଇଥିଲା ।



"ସଂକ୍ଷିପ୍ତ ପାଠ୍ୟକ୍ରମ" ଯୋଜନାରେ ଅସହାୟା ମହିଳାମାନେ ଯଥେଷ୍ଟ ଉପକୃତ ହେଉଛନ୍ତି । ହଳଦିଆପଡ଼ାସ୍ଥ ବିଦ୍ୟୁତ୍ କୁଟୀର ଶିକ୍ଷାନବିସମାନେ ରମଣୀୟ ପ୍ରାକୃତିକ ପରିବେଶ ମଧ୍ୟରେ ଶିକ୍ଷାଲାଭ କରୁଛନ୍ତି । ରାଜ୍ୟ ସମାଜ ମଙ୍ଗଳ ଉପଦେଷ୍ଟା ବୋର୍ଡ ଏହି କେନ୍ଦ୍ରକୁ ସାହାଯ୍ୟ ଦେଉଛନ୍ତି ।



ପୁରୀ ଜିଲ୍ଲାର ହଳଦିଆପଡ଼ା ଗ୍ରାମରେ ଅବସର ସମୟର ସଦୁପଯୋଗ



ସାକ୍ଷୀଗୋପାଳ ମହିଳା ଶିଳ୍ପ ସମବାୟ ସମିତିରେ ମହିଳାମାନେ ଫୁଲ ଗୁଣ୍ଡି ଓ ଖଡ଼ିକା ଝାଡୁ ତିଆରି କରୁଛନ୍ତି



ସାକ୍ଷୀଗୋପାଳ ମହିଳା ଶିଳ୍ପ ସମବାୟ ସମିତିରେ ମହିଳାମାନେ ପାପୋଷ ପ୍ରସ୍ତୁତ କରୁଛନ୍ତି



# ସମାଜ ମଙ୍ଗଳଃ ଏକ ଆହ୍ୱାନ

ଶ୍ରୀମତୀ କୁନ୍ତଳା କୁମାରୀ ଆଚାର୍ଯ୍ୟ

ଦିଲ୍ଲୀନଗରୀର ବାଦଶାହି ରାଜଦାଣ୍ଡରେ ଯେତେବେଳେ ଜୟଗାନ ଉଠିଲା ଭାରତବର୍ଷ ଆଜି ମଧ୍ୟରାତ୍ରରୁ ସ୍ୱାଧୀନ ହେବ........ କି ଆନନ୍ଦ ଉଲ୍ଲାସ-ଉନ୍ମାଦନାର ଦିନ ସେ ! ସାଧାରଣ ଜନତାଙ୍କ ଆଖିରେ ଆଖିଏ ଆଖିଏ ଆନନ୍ଦର ଲୁହ । ମନରେ ଶତ ଯୁଗର ବାଞ୍ଛିତ କାମନା । ଆମେ ସ୍ୱାଧୀନ ଦେଶର ମଣିଷ ହେବା । ଏତିକି ବେଳେ ଦୂରରୁ ଶୁଣା ଯାଉଥିଲା-ଅଗଣିତ ଜନସମାଜ ମଧ୍ୟରେ ଜାତିର ପିତା ଗାନ୍ଧୀଙ୍କ ସୁଗମ୍ଭୀର ସ୍ନେହ ମିଶ୍ରିତ ଆଶୀର୍ବାଦ ବାଣୀ ! ସମସ୍ତଙ୍କର କଲ୍ୟାଣ କାମନା କରି ସବୁରି ରୋଗ-ଶୋକ ଦୁଃଖ-ଦୈନ୍ୟ ଘୁଞ୍ଚାଇବାର ପୂର୍ଣ୍ଣ ସଂକଳ୍ପ ! ସେଇ ସଂକଳ୍ପ ଆଜି ସମାଜ ମଙ୍ଗଳର ରୂପରେଖ ନେଇ ଭାରତୀୟ ଜନତାଙ୍କର ସର୍ବବିଧ ଉନ୍ନତି କଳ୍ପେ ଉଦିଷ୍ଟ ! ସମାଜ ମଙ୍ଗଳ ଓ ସମାଜ ସେବା !

ଦିନ ଗଡ଼ି ଚାଲିବା ସାଙ୍ଗେ ସାଙ୍ଗେ ସମାଜ ମଙ୍ଗଳର ରୂପରେଖ ମଧ୍ୟ ବଦଳି ବଦଳି ଗଲା । ସାଧାରଣ ମଣିଷର ଅଭାବ ଅସୁବିଧା, ନିର୍ଯ୍ୟାତନା ଓ ଅପାରଗତାକୁ ଘୁଞ୍ଚାଇ ଦେଇ ଏକ ସୁସ୍ଥ ଆତ୍ମନିର୍ଭରଶୀଳ, ପରିପକ୍ୱ ଶିକ୍ଷିତ ସମାଜ ଗଢ଼ିବା ହେଉଛି ସମାଜ ମଙ୍ଗଳର ଆଜି ଲକ୍ଷ୍ୟ । ତେଣୁ ଅଳ୍ପ ଦିନରେ କ୍ଷଣସ୍ଥାୟୀ ଯୋଜନା ପରିବର୍ତ୍ତେ ସବୁଦିନ ପାଇଁ ସୁସ୍ଥ ପରିବେଶ ଗଢ଼ି ଦେବା ଏହାର ଅଭିମୁଖ୍ୟ ଭାବେ ଗ୍ରହଣ କରାଯାଉଛି । ଏହା ହୋଇ ନ ପାରିଲେ ଭାରତ ବର୍ଷର ଅଗଣିତ ଜନ ସମାଜର ଅଭିଳେଖ ଇତିହାସରୁ ଅଥବା ପୃଥିବୀର ମାନଚିତ୍ରରୁ ଲିଭିଯିବ ସିନା-ଏ ଦେଶ ଏକ ସ୍ୱାଧୀନ-ଗଣତାନ୍ତ୍ରିକ ଦେଶରୂପେ ମୁଣ୍ଡ ଟେକି ପାରିବ ନାହିଁ । ଏଇ ଅବସ୍ଥାକୁ ଆଖି ଆଗରେ ରଖି ଅନୁଭବ କରାଯାଏ ଯେ କେବଳ ସରକାରୀ କଳ ବା ସରକାରୀ ସଂସ୍ଥା-ଗୁଡ଼ିକ ଦ୍ୱାରା ଅଗଣିତ ଗାଁ ଗହଳରେ ଅବହେଳାରେ ପଡ଼ିଥିବା ଲକ୍ଷ ଲକ୍ଷ ମହିଳା ଓ ଶିଶୁଙ୍କର ମଙ୍ଗଳ ପାଇଁ କୌଣସି ଯୋଜନାବଦ୍ଧ କାର୍ଯ୍ୟ କରି ହେବ ନାହିଁ । ସେତେବେଳର ଭାରତୀୟ ଯୋଜନାକାରୀମାନେ ଚିନ୍ତା କଲେ ଯଦି ସ୍ୱେଚ୍ଛାସେବୀ ସଂସ୍ଥାମାନେ ଏଥିପାଇଁ ଆଗଭର ନ ହେବେ ତେବେ ଯେଉଁମାନେ ଅନ୍ଧାରରେ ପଡ଼ି ଅଶିକ୍ଷା, ଦାରିଦ୍ର୍ୟ ଓ ନିର୍ଯ୍ୟାତନା ଭିତରେ କାଳ କଟାଉଛନ୍ତି ସେମାନଙ୍କ ପାଖରେ ଏ ବାର୍ତ୍ତା ପହଞ୍ଚିବ ନାହିଁ କି ଏଇ ଅବସ୍ଥାର ପରିବର୍ତ୍ତନ ହୋଇପାରିବ ନାହିଁ । ତେଣୁ ଦେଶର ଅର୍ଦ୍ଧ ସନ୍ଧିରେ ସେତେବେଳେ ଯେଉଁ ସମାଜ ସେବୀ କର୍ମୀମାନେ ସମାଜ କଲ୍ୟାଣ କାର୍ଯ୍ୟକ୍ରମମାନ ନିଜ ନିଜ ପ୍ରଚେଷ୍ଟାରେ ଚଳାଉଥିଲେ ତାହାକୁ ମୂଳ କରି ଧରି ସଂଘବଦ୍ଧ ଭାବରେ ଧାରାବାହିକ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ କେନ୍ଦ୍ର ସମାଜ କଲ୍ୟାଣ ବୋର୍ଡ ଓ ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ମାନ ଏକମାତ୍ର ମହିଳା ପରିଚାଳିତ ସଂସ୍ଥା ରୂପେ ଗଢ଼ାଗଲା । ଆଜି ପଚିଶ ବର୍ଷ ପରେ .......... ରୌପ୍ୟ ଜୁବୁଲି ଅବସରରେ କହିଲେ ଅତ୍ୟୁକ୍ତି ହେବ ନାହିଁ-ସେ ଦିନର ପ୍ରଥମ ଅଧ୍ୟକ୍ଷା ଶ୍ରୀମତୀ ଦୁର୍ଗାବାଈ ଦେଶମୁଖଙ୍କ ନେତୃତ୍ୱରେ ସର୍ବ-ଭାରତୀୟ ସ୍ତରରେ ଓ ରାଜ୍ୟ ସ୍ତରରେ ସମାଜ କଲ୍ୟାଣ ଯୋଜନା ଓ ସମାଜ ସେବୀ ମହିଳା ସଂସ୍ଥା ନାମରେ ଏକ ସମାଜ ସେବୀ ମହିଳା ଦଳ ଗଢି ଉଠିଲା । ସେତେବେଳର ସମସ୍ତ ସମାଜ ସେବୀ ସଂସ୍ଥାଗୁଡ଼ିକୁ ସଂଗଠିତ କରି ଭାରତ ସରକାରଙ୍କର ସମାଜ ସେବା କରିବା ପାଇଁ ଥିବା ବ୍ୟବସ୍ଥାକୁ ତାଙ୍କରି ଜରିଆରେ କାର୍ଯ୍ୟକାରୀ କରାଇବା ଦ୍ୱାରା ବର୍ତ୍ତମାନ ଭାରତ ବର୍ଷରେ ପ୍ରାୟ ଛଅ ଲକ୍ଷ ସମାଜ ସେବୀ ମହିଳାଙ୍କ ଦ୍ୱାରା ଛଅ ହଜାର ଛୋଟ ବଡ଼ ଅନୁଷ୍ଠାନ ପରିଚାଳିତ ହେଉଅଛି । ଏହି ଛଅ ହଜାର ଅନୁଷ୍ଠାନ ପ୍ରାୟତଃ ପୂର୍ବରୁ ଯେଉଁ ସ୍ଥାନ ମାନଙ୍କରେ ଜମାରୁ କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ନ ଥିଲା ସେହି ସ୍ଥାନମାନଙ୍କରେ ସମାଜ ମଙ୍ଗଳ ବୋର୍ଡର ନିୟମିତ ଅନୁଦାନ ପାଇ କାର୍ଯ୍ୟକାରୀ ହୋଇ ପାରିଛି । ଏହା ପୃଥିବୀର ଏକ ବୃହତ୍ତମ ଏକୀକରଣ ମହିଳା ସଂସ୍ଥା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିପାଇଁ ଆଜି ଏଇ ସମାଜ ମଙ୍ଗଳ ବୋର୍ଡର ରୌପ୍ୟ ଜୁବୁଲି ଅବସରରେ ସେଇ ମହିୟସୀ ମହିଳା ଯାହାଙ୍କର ଚିନ୍ତା, ଅଦମ୍ୟ ଚେଷ୍ଟା, ଅବିରାମ ଉଦ୍ୟମ ଦ୍ୱାରା ଏହା ସମ୍ଭବ ହୋଇଛି ତାଙ୍କୁ ଦେଶର ଅଗଣିତ ମହିଳା ସଂସ୍ଥାର ପ୍ରତିନିଧିମାନେ ଗଭୀର ଶ୍ରଦ୍ଧାର ସହ କୃତଜ୍ଞତା ନିବେଦନ କରୁଛନ୍ତି । ଏଇ ଅବସରରେ ଆତ୍ମ ସମୀକ୍ଷାର ସୀମା ବାହାରକୁ ଆମେ ଯାଇ ପାରିବା ନାହିଁ ତେଣୁ ସେଇ ସୀମାର ଚଉହଦି ଭିତରେ ଠିଆହୋଇ ଆଜି ଅନୁଧ୍ୟାନ କରିବାର ବେଳ ଆସି ଯାଇଛି । ସମାଜ କଲ୍ୟାଣ କାହା-ପାଇଁ, କ'ଣ ପାଇଁ ଓ କେଉଁପରି ? ଏହି

ତିନୋଟି ପ୍ରଶ୍ନର ଉତ୍ତର ଆଜି ଆମକୁ ଦେବାକୁ ହେବ ।

ସମାଜରେ ନାନା ସମସ୍ୟା ରହିଛି । ନାରୀମାନଙ୍କ ପାଇଁ ଏଇ ସମସ୍ୟା ଅଧିକ । କାରଣ ସଂଖ୍ୟାରେ ମହିଳାମାନେ ଅର୍ଦ୍ଧାଧିକ କିନ୍ତୁ ଶିକ୍ଷାରେ ଆଜି ମଧ୍ୟ ଅଠାଅଶୀ ଭାଗ ସ୍ତ୍ରୀଲୋକ ନିରକ୍ଷରା ବୋଲି ହିସାବ ଅଛି । ସେଇପରି ସାମ୍ବିଧାନିକ ସମସ୍ତ ଅଧିକାର ପାଇଥିଲେ ମଧ୍ୟ ବସ୍ତୁତଃ ନିଜର ଅର୍ଜନ କ୍ଷମତା ନ ଥିବାରୁ, ଶିକ୍ଷା ଓ ପାରଙ୍ଗମତା ନଥିବାରୁ ପରିବାରରେ ସମାଜରେ, ଗୋଷ୍ଠୀରେ ଅବହେଳିତ ହୋଇ ବହୁ ମହିଳା ଆଜି ଅସହାୟ ଭାବେ ପରିତ୍ୟକ୍ତା ଜୀବନ ଯାପନ କରନ୍ତି । ଯେଉଁ ମହିଳା କୌଣସି ମତେ ବିବାହ କରି ସମାଜରେ ନିଜର ସ୍ଥିତି ସୁଦୃଢ଼ କରି ନ ପାରିଲେ ବା ବିବାହ କରି ବିଧବା ହେଲେ ତା'ର ତ କୌଣସି ରକ୍ଷଣାବେକ୍ଷଣର ଉପାୟ ନାହିଁ । ବୃଦ୍ଧା ଅବସ୍ଥାରେ ମଧ୍ୟ ଏଇ କଣ୍ଟକମୟ ଜୀବନ ଯାପନ ଭିତରେ ସନ୍ତାନ ସନ୍ତତି ବା ଆତ୍ମୀୟ କେହି ପଦେ ଆହା କରିବାକୁ ନଥାନ୍ତି-ସେପରି ଅଲୋଡ଼ା ଅବସ୍ଥାରେ ସେ'ତ ବଞ୍ଚିବ ? କିପରି ବଞ୍ଚିବ ? ପୁଣି ରୋଗ ବିକାରଗ୍ରସ୍ତ ଜୀବନତ ଅଛି । ଶାରୀରିକ ଅକ୍ଷମତା ଯଥା ଅନ୍ଧତ୍ୱ-ହାତ-ଗୋଡ଼ ନଥିବା ବା ଥାଇ ଅଚଳ ହେବା-ମସ୍ତିଷ୍କ ବିକୃତି ଏସବୁ ଅବସ୍ଥାରେ ସାଧାରଣ ପରିବାରର ପରିସରଭୁକ୍ତ ସ୍ତ୍ରୀଲୋକମାନେ ତ ଏକଦମ୍ ଅବହେଳିତ ଜୀବନ ଯାପନ କରିଥାନ୍ତି । ସେ ଜୀବନ ଯାପନରେ ଯତ୍ କିଞ୍ଚିତ୍ ସୁସ୍ଥ-ଶିଷ୍ଟ ଅବସ୍ଥା ଆଣିବା ସମାଜ ମଙ୍ଗଳର ଲକ୍ଷ୍ୟ । ସେଇପରି ଲକ୍ଷ ଲକ୍ଷ ଶିଶୁ ପିଲାଦିନରୁ ଅକ୍ଷମ ଅବହେଳିତ ଜୀବନ ବିତାଇ ଥାନ୍ତି । ଲାଳନପାଳନ, ଶିକ୍ଷା, ଖାଦ୍ୟ ଓ ନିରାପତ୍ତାର ଅଭାବରେ ଅକାଳରେ ବଣ ମାଳତୀ ପରି ଝଡ଼ି ପଡ଼ନ୍ତି । ଯଦିବା ବଞ୍ଚନ୍ତି ତେବେ ସାଧାରଣ ଜୀବନ ପାଇଁ ଯେଉଁ ପରିପୁଷ୍ଟତା ତାହା ଅଭାବରେ ନାନା ଦୁରାରୋଗ୍ୟ ରୋଗର ଶିକାର ହୋଇ ଅଶିକ୍ଷା ଭିତରେ ସଢ଼ି ସେ ଜୀବନ ଆଉ ଆଦୃତ ଜୀବନ ହୋଇ ପାରେ ନାହିଁ । ଉତ୍ତର ଜୀବନରେ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ସହାୟକ ନହୋଇ ସମାଜ ଭିତରେ ଏକ ଦୁଷ୍ଟ ଅଲୋଡ଼ା ଗଳଗ୍ରହ ରୂପେ ଗଢ଼ି ଉଠିବା ସ୍ୱାଭାବିକ । ସେଇପରି ଶିଶୁଟିର କିଛି ଦୋଷ ନଥାଇ ନାଳ କଡ଼ରୁ, ଡଷ୍ଟବିନ୍‌ରୁ, ପଡ଼ିଆ ପ୍ରାନ୍ତରରୁ ମଧ୍ୟ ଜୀବନ୍ତ ଶିଶୁକୁ ଉଦ୍ଧାର କରାଯିବାର ଶହ ଶହ ଦୃଷ୍ଟାନ୍ତ ଅଛି । ବଢ଼ି-ମରୁଡ଼ି-ଝଡ଼-ବତାସ ଆଦି ଦୈବୀଦୁର୍ବିପାକର ଘୂର୍ଣ୍ଣି ଭିତରେ କେତେ ଶିଶୁ ଅଖୋଜା ଅଲୋଡ଼ା ଭାବରେ ପଡ଼ି ରହନ୍ତି । ଏଇ ବିଶାଳ ଦୁନିଆରେ କେହି ନାହିଁ ବା କିଛି ନାହିଁ ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରାଯାଇଥାଏ । ସେମାନେ ବଞ୍ଚିବେ କିପରି-ବଢ଼ି ଉଠିବେ କିପରି-କିଏ ବଞ୍ଚାଇବ-କିଏ ବଢ଼ାଇବ-ଶିକ୍ଷା ସଭ୍ୟତାର ଆଲୋକ ତାଙ୍କୁ ଦେବ କିଏ । ଏଇ ଅବସ୍ଥାରେ ସମାଜସେବୀ ସଂସ୍ଥାର ପରିବେଶହିଁ ତାର ଏକମାତ୍ର ସାହା-ଭରସାର ସ୍ଥଳ । ସେହିପରି ଶିଶୁ ଅବସ୍ଥାରୁ ମାନସିକ ବିକୃତି-ଅନ୍ଧତ୍ୱ-ପଙ୍ଗୁତ୍ୱ ପ୍ରଭୃତି ଦ୍ୱାରା ଆହାର ବିକାରଗ୍ରସ୍ତ ଶିଶୁକୁ କିଞ୍ଚିତ ସାହାଯ୍ୟ ପ୍ରଦାନ କରି ପାରିବାର ପରିକଳ୍ପନା ସମାଜ କଲ୍ୟାଣର ପରିସରଭୁକ୍ତ ହୋଇ ରହିଛି । ଏହିସବୁ କାର୍ଯ୍ୟ ପରିଚାଳନା ଉଦ୍ଦେଶ୍ୟରେ ୧୯୫୪ ମସିହାରେ ଦେଶ ବ୍ୟାପୀ ରାଜ୍ୟ ସ୍ତରୀୟ ସମାଜ ମଙ୍ଗଳ ବୋର୍ଡମାନ ଗଠିତ ହେଲା । ୧୯୫୭ ମସିହା ଗ୍ରାମ୍ୟଭିତ୍ତିକ ବାଲବାଡ଼ୀ, ବାଳବିକାଶ, ପ୍ରସୂତି ପରିଚର୍ଯ୍ୟା, ଶିଳ୍ପଶିକ୍ଷା ଇତ୍ୟାଦି କାର୍ଯ୍ୟ ଛଡ଼ା ଅନେକ ନୂତନ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଗଲା । ସହରାଞ୍ଚଳର ଘନ ଜନବସତି ମଧ୍ୟରେ ଯେଉଁ ମହିଳାମାନେ କାର୍ଯ୍ୟ କରି କୌଣସି ନା କୌଣସି ଧନ୍ଦା ଆବୋରି ଗ୍ରାମ ଛାଡ଼ି-ଗୃହ ଛାଡ଼ି ଅନ୍ୟତ୍ର ରହିବାକୁ ବାଧ୍ୟ ହେଲେ ସେମାନଙ୍କ ପାଇଁ କର୍ମ-ଜୀବୀ ମହିଳା ହଷ୍ଟେଲ୍, ବସ୍ତି ଅଞ୍ଚଳର ଅଧିବାସୀମାନଙ୍କ ପାଇଁ ଏକ୍‌ସ୍‌ଟେନ୍‌ସନ୍ ପ୍ରୋଜେକ୍ଟ, ମଲିଆ ଖଟିଖିଆ ଯେଉଁମାନେ କି କୌଣସି ମତେ ସହରରେ ଶ୍ରମଜୀବନରେ ମୂଲ ଲାଗି ପେଟ ପୋଷିବେ କିନ୍ତୁ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ନାହିଁ-ସେମାନଙ୍କ ପାଇଁ ରାତ୍ରୀ ଆବାସସ୍ଥଳ, ଦରିଦ୍ର ଓ ନିମ୍ନ ଆୟ କାରୀ ପରିବାରର ଶିଶୁ ଯେଉଁ ମାନେ କି ଜୀବନରେ କେବେ ଅବସର-ବିନୋଦନ ପାଇଁ ଘରର ଚାରିକାନ୍ଥ ଛାଡ଼ି ଦର୍ଶନୀୟ-ଶିକ୍ଷଣୀୟ-ସ୍ୱାସ୍ଥ୍ୟକର କୌଣସି ସ୍ଥାନକୁ ଯାଇ ନିଜର ଛୁଟି କଟାଇବେ ଏପରି କଳ୍ପନା ମଧ୍ୟ କରି ନଥିବେ ଓ ସେମାନଙ୍କ ପାଇଁ ଅବସର ବିନୋଦନ ଶିବିରର ପରିକଳ୍ପନା କାର୍ଯ୍ୟକ୍ରମ ମାନ ହାତକୁ ନିଆଗଲା । ସେହିପରି କୌଣସି ମତେ ଗ୍ରାମାଞ୍ଚଳରେ ଏପରିକି ସହରାଞ୍ଚଳରେ ମହିଳାମାନେ ଶିକ୍ଷା କ୍ଷେତ୍ରରେ ଅନ୍ତତଃ ସର୍ବନିମ୍ନ ଯୋଗ୍ୟତା ହାସଲ କରିବା, ଅର୍ଥନୈତିକ କ୍ଷେତ୍ରରେ କୌଣସି ନା କୌଣସି ଶିଳ୍ପ ମାଧ୍ୟମରେ ନିଜର ଗୁଜୁରାଣ ମେଣ୍ଟାଇବା ପରି କାର୍ଯ୍ୟକ୍ରମ ସଂଘ ବଦ୍ଧ ଭାବେ ହାତକୁ ନେଇ ସ୍ୱଳ୍ପ ମିଆଦୀ ମାଇନର୍, ମାଟ୍ରିକୁଲେସନ୍, ସାବାଳିକା ମହିଳା ମାନଙ୍କ ନିମନ୍ତେ ଓ ସାମାଜିକ ଅର୍ଥନୈତିକ କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରାଗଲା । ଏହି ପରିପ୍ରେକ୍ଷୀରେ କହିବି, ଏପର୍ଯ୍ୟନ୍ତ ଓଡ଼ିଶାର ଗାଁ ଗହଳରେ ୧୨୦ ଟି ମହିଳା ସ୍ୱଳ୍ପ ମିଆଦୀ ପାଠ୍ୟକ୍ରମ ପରିଚାଳିତ ହୋଇ ୩୩୩୫ ଜଣ ମହିଳା ଅନ୍ତତଃ ମାଇନର୍ ଓ ମାଟ୍ରିକ୍ ପଢ଼ି ପାରିଛନ୍ତି । ୧୪୫୦ ଜଣ ମହିଳା ନିଜ ପରିବାରର ଭରଣପୋଷଣ ନିମନ୍ତେ ଅନ୍ତତଃ ଯୋଗ୍ୟତା ହାସଲ କରି ପାରିଛନ୍ତି । ସେହିପରି ସାମାଜିକ, ଅର୍ଥନୈତିକ କାର୍ଯ୍ୟକ୍ରମରେ ବିଭିନ୍ନ କୁଟୀର ଶିଳ୍ପ, ଗ୍ରାମ୍ୟ ଶିଳ୍ପ-ଏପରିକି ଘରକରଣା ଶିଳ୍ପ ମାଧ୍ୟମରେ ନିଜକୁ କିଛି ଅର୍ଜନ କରି ପାରିବାର ତାଲିକା ଭିତରେ ଅନ୍ତତଃ ରଖି ପାରିଛନ୍ତି । ବିଗତ ୩ । ୪ ବର୍ଷ ମଧ୍ୟରେ ଯାହା କିଛି ଶିଳ୍ପ ଭିତ୍ତିକ ଯୋଜନାମାନ କାର୍ଯ୍ୟକାରୀ ହୋଇ ପାରିଥିଲା, ଚଳନ୍ତି ବର୍ଷ ପ୍ରାୟ ୧୯୭୮-୭୯ ବର୍ଷ ପାଇଁ ଏହାର ପରିସର ପ୍ରାୟତଃ ୨୦ ଗୁଣ ବୃଦ୍ଧି ପାଇ ପାରିବାର ବିଶ୍ୱାସ ମୋର ଅଛି । ଏହି ପରିପ୍ରେକ୍ଷୀରେ ଅସହାୟା-ସମାଜ ପରିତ୍ୟକ୍ତା-ବିଧବା ମହିଳାମାନଙ୍କୁ ସବୁଦିନିଆ ତାଲିମ ଦେଇ ଶିଳ୍ପଶିକ୍ଷା ଦେବାର ବ୍ୟବସ୍ଥା ମଧ୍ୟ ସମବାୟ ଭିତ୍ତିକ ମହିଳା ସମିତି, ସ୍ୱେଚ୍ଛାସେବୀ ମହିଳା ସମିତିମାନେ ହାତକୁ ନେଇ କାର୍ଯ୍ୟକାରୀ କରିପାରିବାର ଯୋଜନା ରହିଛି ।

୧୯୫୭ ମସିହାରେ ଗାଁ ଗହଳରେ ମହିଳା ମଣ୍ଡଳ କେନ୍ଦ୍ରମାନ ସ୍ଥାପନ କରି ଶିକ୍ଷା, ଶିଳ୍ପ, ଘରକରଣା, ସନ୍ତାନପାଳନ, ଶିଶୁଶିକ୍ଷା, ଶିଶୁ ବିକାଶ ଇତ୍ୟାଦି କାର୍ଯ୍ୟକ୍ରମ ପ୍ରୋଜେକ୍ଟ ଜରିଆରେ ଆରମ୍ଭ କରାଯାଇଥିଲା । ଏହି ସବୁ ପ୍ରୋଜେକ୍ଟ ବସ୍ତୁତଃ ସହରାଞ୍ଚଳର ବା ସେତେବେଳର ଗଠିତ ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟିଙ୍ଗ୍ କମିଟିମାନଙ୍କ ଦ୍ୱାରା ପରିଚାଳିତ ହେବାର କୋଡ଼ିଏ ବର୍ଷ ପରେ ଅନେକ ପ୍ରୋଜେକ୍ଟ'ତ ଗ୍ରାମାଞ୍ଚଳରେ ବହୁବିଧ-ଉନ୍ନତିର ସହାୟକ ହୋଇ ପାରିଥିଲେ-ସେହି ମୂଳଦୁଆକୁ ନେଇ ପ୍ରତ୍ୟେକ ପ୍ରୋଜେକ୍ଟର କେନ୍ଦ୍ର ଅଞ୍ଚଳରେ ଯେଉଁ ମହିଳା ସଂସ୍ଥାଗୁଡ଼ିକ ଗଢ଼ି ଉଠିଥିଲା ଆଜି କାର୍ଯ୍ୟକ୍ରମ ହାତକୁ ନେବାର କ୍ଷମତା ଓ ଆତ୍ମବିଶ୍ୱାସ ସେମାନେ ହାସଲ କରି ପାରିଲେଣି ବୋଲି ମନରେ ବିଶ୍ୱାସ ଆସିଲାଣି । ତେଣୁ ଗ୍ରାମାଞ୍ଚଳର ମହିଳାମାନେ ସଙ୍ଗଠିତ ଭାବରେ ଯେ ଗ୍ରାମର ସର୍ବବିଧ ଉନ୍ନତି ସଙ୍ଗେ ସଙ୍ଗେ ନିଜର ପରିବାର-ଆଗାମୀ ଯୁଗର ଶିଶୁର ସମସ୍ତ ଉନ୍ନତି ପାଇଁ ଦାୟିତ୍ୱ ନେଇ ପାରିବେ ଏହାର ସମୀକ୍ଷାର ବେଳ ପ୍ରକୃତ କାର୍ଯ୍ୟକ୍ଷେତ୍ରରେ ଆସି ଗଲାଣି । ଏହିସବୁ ପ୍ରୋଜେକଟ ଜରିଆରେ ମଧ୍ୟ ଆତ୍ମନିଯୋଗ କ୍ଷେତ୍ରରେ ଜଣେ ମହିଳା ନିଜ ପାରିବାରିକ କାର୍ଯ୍ୟକ୍ରମ ମଧ୍ୟରେ ମଧ୍ୟ କିଛି ଅର୍ଜନ କରି ପାରିବାର ଯୋଜନା ରହିଛି ଏବଂ କ୍ଷଣସ୍ଥାୟୀ ରିଲିଫ୍ ଦେବା ପରିବର୍ତ୍ତେ ବହୁବିଧ କୁଟୀର ଶିଳ୍ପ, ଗ୍ରାମ୍ୟ ଶିଳ୍ପ, କ୍ଷୁଦ୍ରଶିଳ୍ପ, ହସ୍ତତନ୍ତ ଶିଳ୍ପ, କାରୁକାର୍ଯ୍ୟ, କୃଷିଭିତ୍ତିକ, ଗୋପାଳନ, କୁକୁଡ଼ା ପାଳନ ଇତ୍ୟାଦି ଜରିଆରେ ଶିଳ୍ପଭିତ୍ତିକ ଟ୍ରେନିଂ ଦେଇ ତାଙ୍କ ପାଇଁ ସମାଜରେ ଆତ୍ମନିର୍ଭର ଓ ଆତ୍ମ ନିଯୁକ୍ତିର ବାଟ ଖୋଲି ଦିଆଯିବାର ବ୍ୟବସ୍ଥା ଅଛି ।

ତେଣୁ ଆଜି ବିଗତ ପଚିଶ ବର୍ଷର କାର୍ଯ୍ୟକ୍ରମମାନ ଚିନ୍ତା କଲାବେଳକୁ ଆମକୁ ନୂତନ ଆଭିମୁଖ୍ୟ ନେଇ ସମ୍ପୂର୍ଣ୍ଣ ରୂପେ ସାମାଜିକ ପରିବର୍ତ୍ତନର ଢାଞ୍ଚା ବଦଳାଇ ଦେବାକୁ ହେବ । ଏହି ସମାଜ ମଙ୍ଗଳ ଯେ ଦେଶର ଦୁର୍ଦ୍ଦିନରେ ନୂତନ ଆଲୋକ ବର୍ତ୍ତିକା ଜାଳିଦେଇ ଅନ୍ଧକାର ମଧ୍ୟରେ ଆଲୋକର ସନ୍ଧାନ ଦେଇଛି, ସେଥିରେ କ'ଣ କାହାରି ସନ୍ଦେହ ଅଛି । ଏଇ ପରିବାରର

ପରିସରଭୁକ୍ତ ହୋଇ ଗୋଟିଏ ପତାକା ତଳେ ଶହ ଶହ ସମାଜସେବୀ ମହିଳା ଏକତ୍ରିତ ହୋଇ ପାରିବା କମ୍ ଗୌରବର ବିଷୟ ନୁହେଁ । ରାଜ୍ୟ ଓ କେନ୍ଦ୍ରରେ ମଧ୍ୟ ସମାଜ ମଙ୍ଗଳ ନାମରେ ଏକ ନୂତନ ବିଭାଗ ଗଢ଼ା ଯାଇଛି । ପୃଥିବୀର ପ୍ରତ୍ୟେକ ତିନି ଜଣରେ ଜଣେ ଭାରତୀୟ ଦୃଷ୍ଟିଶକ୍ତିହୀନ । ଭାରତବର୍ଷର ପ୍ରାୟ ଅଧିକାଂଶ ଗ୍ରାମ ସହରରେ କୁଷ୍ଠବ୍ୟାଧି ପରିବ୍ୟାପ୍ତ । ଅସଂଖ୍ୟ ଭାରତୀୟ ଦାରିଦ୍ର୍ୟର ତାଡ଼ନାରେ ଅତିଷ୍ଠ । ତେଣୁ ଏହିସବୁ ସମସ୍ୟାର ସମାଧାନ ନ ହେଲା ପର୍ଯ୍ୟନ୍ତ ବିଜ୍ଞାନ ପରିବ୍ୟାପ୍ତି ଓ ସଭ୍ୟତା ପ୍ରସାରର କଳ୍ପନା ମଧ୍ୟ ସାର୍ଥକ ହେବ ନାହିଁ । ତେଣୁ ସମସ୍ତ ନିଷ୍ଠା ଓ ଯତ୍ନ ସହକାରେ ଅସଂଖ୍ୟ ଅସହାୟା ନିଃସ୍ୱ- ଅପାଠୁଆ-ଅପାରଗ- ପଙ୍ଗୁ-ବିକଳାଙ୍ଗଙ୍କ ପାଇଁ ବିଧିବଦ୍ଧ ସଂଗ୍ରାମ ଆବଶ୍ୟକ । ଏହି ସଂଗ୍ରାମର ପ୍ରକୃତ ସୈନିକ ହେଲେ ସମାଜସେବୀ କର୍ମୀଗଣ । ସବୁଦିନେ ଏପରି ଭାବିବା ଉଚିତ ନୁହେଁ ଯେ ଆମେ ଯେଉଁମାନେ ସମାଜରେ ଅଧିକ ସୁସ୍ଥ ଅବସ୍ଥାରେ କାଳାତିପାତ କରୁଛୁଁ ଦୟା ବା କରୁଣା ପରବଶ ହୋଇ ଅନ୍ୟକୁ ସାହାଯ୍ୟ କରିବୁ । ବରଂ ଆମଠାରୁ ନ୍ୟାଯ୍ୟ ସହାୟତା ପାଇବା ପାଇଁ ତାଙ୍କର ଅଧିକାର ଅଛି । ସେମାନେ ତାଙ୍କର ଅଧିକାର ବଳରେ ଆମମାନଙ୍କଠାରୁ ଏହା ଆଦାୟ କରିନେବା ସ୍ୱାଭାବିକ ।

ଏଇ ଅବସରରେ ଆଜି ଏତିକି କହିବି !

ସବରି କଲ୍ୟାଣ କରେ କାମନା
ନିବାର ସବୁରି ରୋଗ ଯାତନା ।
ସୁଖରେ ରହନ୍ତୁ ସକଳେ ଭବେ
ଦୁଃଖ ଭାଗୀ କେହୁ ନହେଉ ଭବେ ।

(ଆକାଶବାଣୀ, କଟକ ସୌଜନ୍ୟରୁ)

ଅଧ୍ୟକ୍ଷା
ରାଜ୍ୟ ସମାଜମଙ୍ଗଳ ଉପଦେଷ୍ଟା ବୋର୍ଡ
ଭୁବନେଶ୍ୱର

---

## ଜିଲ୍ଲା ଶିଳ୍ପ କେନ୍ଦ୍ର

ଭାରତ ସରକାରଙ୍କ ନୂତନ ଶିଳ୍ପ ନୀତି ଅନୁଯାୟୀ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ କେନ୍ଦ୍ରମାନ ସ୍ଥାପନ କରାଯାଇଅଛି । ପ୍ରତି ଜିଲ୍ଲା ଶିଳ୍ପ କେନ୍ଦ୍ର ସଂପୃକ୍ତ ଜିଲ୍ଲାର କ୍ଷୁଦ୍ର, ଅତି କ୍ଷୁଦ୍ର, ଗ୍ରାମ୍ୟ ଓ କୁଟୀର ଶିଳ୍ପର ବିକାଶ ପାଇଁ ସବୁପ୍ରକାର ସାହାଯ୍ୟ ପରାମର୍ଶ ଆଦି ଦେବେ । ପ୍ରତି ଶିଳ୍ପ କେନ୍ଦ୍ରରେ ପ୍ରଧାନ କର୍ମକର୍ତ୍ତା ଭାବରେ ଜଣେ ଜେନେରାଲ ମ୍ୟାନେଜର ଅଛନ୍ତି ଓ ତାଙ୍କ ଅଧୀନରେ ପାଞ୍ଚଜଣ ଲେଖାଏଁ ମ୍ୟାନେଜର ଓ ପାଞ୍ଚଜଣ ଲେଖାଏଁ ସହକାରୀ ମ୍ୟାନେଜର ଅଛନ୍ତି ।

ଏଥି ପୂର୍ବରୁ ପ୍ରତି ଜିଲ୍ଲାରେ ଜଣେ ଲେଖାଏଁ ଜିଲ୍ଲା ଶିଳ୍ପ ଅଧିକାରୀ ଥିଲେ ଓ କେତୋଟି ଜିଲ୍ଲାରେ ଅତିରିକ୍ତ ଜିଲ୍ଲା ଶିଳ୍ପ ଅଧିକାରୀ ମଧ୍ୟ ଥିଲେ । ଏହା ଛଡ଼ା ରାଜ୍ୟର କେନ୍ଦ୍ର, ଦକ୍ଷିଣ ଓ ଉତ୍ତରାଞ୍ଚଳରେ ଜଣେ ଲେଖାଏଁ ଆଞ୍ଚଳିକ ଡେପୁଟି ଶିଳ୍ପ ଡିରେକଟର ଥିଲେ । ଗ୍ରାମ୍ୟ ଶିଳ୍ପ ଯୋଜନା କାର୍ଯ୍ୟକାରୀ ହେଉଥିବା କଟକ, ସମ୍ବଲପୁର, ବଲାଙ୍ଗିର ଓ କଳାହାଣ୍ଡି ଜିଲ୍ଲାରେ ଜଣେ ଲେଖାଏଁ ଗ୍ରାମ୍ୟ ଶିଳ୍ପ ପ୍ରୋଜେକ୍ଟ ଅଫିସର ଥିଲେ । ବର୍ତ୍ତମାନ ଏହି ଅଫିସ ଓ ପଦବୀଗୁଡ଼ିକ ଉଠାଇ ଦିଆଯାଇ ସେଗୁଡ଼ିକୁ ଜିଲ୍ଲା ଶିଳ୍ପ କେନ୍ଦ୍ର ସହ ସାମିଲ କରି ଦିଆ ଯାଇଅଛି । ତାଳଚେରଠାରେ ଥିବା ସହାୟକ ଶିଳ୍ପ ଉପନିର୍ଦ୍ଦେଶକ (Deputy Director of Ancillary Industries) ପଦଟି ମଧ୍ୟ ଉଠାଇ ଦିଆଯାଇଅଛି । ପ୍ରତି ଜିଲ୍ଲାରେ ଥିବା ସବ୍ ଆସିଷ୍ଟାଣ୍ଟ କୋ-ଅପରେଟିଭ୍ ରେଜିଷ୍ଟ୍ରାର (ଶିଳ୍ପ), ବ୍ଲକ ସ୍ତରୀୟ ଶିଳ୍ପ ସଂପ୍ରସାରଣ ଅଫିସର, ଶିଳ୍ପ ସୁପରଭାଇଜର, ଟେକ୍ନିକାଲ ସୁପରଭାଇଜର, କୋ-ଅପରେଟିଭ୍ ଜୁନିୟର ଇନ୍ସପେକ୍ଟର (ଶିଳ୍ପ), କ୍ରାଫଟ ଟ୍ରେନିଂ ଇନସପେକ୍ଟର, ପଞ୍ଚାୟତ ଶିଳ୍ପ ଅଫିସର ଓ ଜିଲ୍ଲା ସ୍ତରରେ ଥିବା ଅନ୍ୟାନ୍ୟ ଶିଳ୍ପ ବିଭାଗୀୟ କର୍ମଚାରୀମାନଙ୍କୁ ସଂପୃକ୍ତ ଜିଲ୍ଲାର ଶିଳ୍ପ କେନ୍ଦ୍ର ଅଧୀନରେ ଅବସ୍ଥାପିତ କରାଯାଇଅଛି ।

ପ୍ରତି ଜିଲ୍ଲାର ଶିଳ୍ପ କେନ୍ଦ୍ର ସେହି ଜିଲ୍ଲାର ସଦର ମହକୁମାରେ ଅବସ୍ଥିତ ।

କ୍ଷୁଦ୍ର, ଅତି କ୍ଷୁଦ୍ର, ଗ୍ରାମ୍ୟ ଓ କୁଟୀର ଶିଳ୍ପ ସଂପର୍କୀୟ ଯାବତୀୟ ସୂଚନା, ପରାମର୍ଶ, ସାହାଯ୍ୟ ଓ ସହାୟତା ଏହି ଶିଳ୍ପ କେନ୍ଦ୍ରଗୁଡ଼ିକରୁ ମିଳିପାରିବ । ତେଣୁ ଏହିସବୁ ଶିଳ୍ପ ଉଦ୍ୟୋଗୀମାନେ ସେମାନଙ୍କର ସମସ୍ତ ସମସ୍ୟା ନିଜ ଶିଳ୍ପ କେନ୍ଦ୍ରକୁ ଯାଇ ସମାଧାନ କରିବାକୁ ଅନୁରୋଧ ।

---

## ମନେ ରଖନ୍ତୁ—

# ପରିବାର କଲ୍ୟାଣ ଯୋଜନା

କେବଳ ସରକାରଙ୍କର ନୁହେଁ—ଆପଣଙ୍କର କାରଣ ଏହା କେବଳ ଆପଣଙ୍କର ଓ ଆପଣଙ୍କ ପରିବାରର ମଙ୍ଗଳ ପାଇଁ ।

ରାଜ୍ୟ ପରିବାର କଲ୍ୟାଣ ସଂସ୍ଥା
ଭୁବନେଶ୍ୱର

# ଭିକ୍ଷୁକ ସମସ୍ୟା ଓ ଏହାର ପ୍ରତିକାର

ଶ୍ରୀମତୀ ଇନ୍ଦୁମତୀ ମହାପାତ୍ର

ଭିକ୍ଷାବୃତ୍ତିର ଦିନକୁ ଦିନ ବୃଦ୍ଧି ଦ୍ୱାରା ଆମ ଦେଶରେ ହଜାର ହଜାର ଦରିଦ୍ର ନରନାରୀ ଓ ବାଳକ ବାଳିକା କିପରି ଅସହାୟ ଅବସ୍ଥାରେ ଅଛନ୍ତି ସେ ବିଷୟରେ କିଛିଟା ଧାରଣା କରିହେବ । ବିଶେଷତଃ ସହର ଓ ତୀର୍ଥସ୍ଥାନମାନଙ୍କରେ ସେମାନଙ୍କୁ ଅଧିକ ସଂଖ୍ୟାରେ ଦେଖିବାକୁ ମିଳେ । ସହରରେ ପାନ ଦୋକାନ ବା ଚା ଦୋକାନ କିମ୍ବା ଯେ କୌଣସି ହୋଟେଲ ଆଗରେ ଭିକ୍ଷୁକମାନଙ୍କୁ ଅଧିକ ସଂଖ୍ୟାରେ ଦେଖିବାକୁ ପାଉ । ବିଶେଷତଃ ପର୍ବ ପର୍ବାଣିମାନଙ୍କରେ ଏମାନେ ମନ୍ଦିର, ମସଜିଦ୍ ଆଗରେ ବହୁ ସଂଖ୍ୟାରେ ସମବେତ ହୁଅନ୍ତି । ଠାକୁରଙ୍କର ପ୍ରାର୍ଥନା ପାଇଁ ସେମାନଙ୍କର ଆଗ୍ରହ ନ ଥାଏ । ଯେଉଁମାନେ ଦେବ ଦେବୀଙ୍କୁ ଭକ୍ତି ଦେଖାଇବାକୁ ଆସନ୍ତି ସେମାନେ ଦାରିଦ୍ର୍ୟ ପ୍ରତି ସମବେଦନଶୀଳ ହୋଇଥିବେ ବୋଲି ବିଶ୍ୱାସ ରଖି ମଠ, ମନ୍ଦିର, ମସଜିଦ୍ ବା ଗୀର୍ଜା ଆଗରେ ସମବେତ ହୋଇ ହାତ ପତାଇ ଭିକ୍ଷା କରନ୍ତି । ବେଳେବେଳେ କିଛି ନ ପାଇଲେ ଗାଳି ଗୁଲଜ କରିବାର ମଧ୍ୟ ଦେଖିବାକୁ ମିଳେ । ଓଡ଼ିଶାରେ ଶତକଡ଼ା ୭୮ ଭାଗ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ଥିବାବେଳେ, ଅନ୍ୟ କୌଣସି ବୃତ୍ତି ନ ପାଇ ସେମାନେ ଜୀବନ ରକ୍ଷା ପାଇଁ ଏହାକୁହିଁ ଶେଷ ବୃତ୍ତି କରନ୍ତି ।

ଭିକ୍ଷା ବୃତ୍ତି କରୁଥିବା ଲୋକମାନଙ୍କ ମଧ୍ୟରେ ଦୁଇ ଶ୍ରେଣୀର ଲୋକ ଅଛନ୍ତି । କେତେକ ସୁସ୍ଥ ଲୋକ ବାସ୍ତବରେ ଅନ୍ୟ କୌଣସି ବୃତ୍ତି ନପାଇ ଭିକ୍ଷାବୃତ୍ତି କରନ୍ତି । ଆଉ କେତେକ ରୁଗ୍ଣ ଲୋକ, ବିଶେଷତଃ କୁଷ୍ଠ ରୋଗୀମାନେ ନିୟମିତ ଭିକ୍ଷାବୃତ୍ତି କରୁଥିବାର ଦେଖାଯାଏ । ସରକାରୀ କୁଷ୍ଠାଶ୍ରମରେ ରହୁଥିବା ଲୋକେ ମଧ୍ୟ ଯଥେଷ୍ଟ ଖାଦ୍ୟ ଏବଂ ବସ୍ତ୍ର ନପାଇ ଭିକ୍ଷାବୃତ୍ତି କରିଥାଆନ୍ତି. ସେମାନଙ୍କ ମଧ୍ୟରୁ କେତେକ ଚୋରା ଅଫିମ, ଭାଙ୍ଗ, ଗଞ୍ଜେଇ ଆଦି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବାରେ ସାହାଯ୍ୟ କରି କିଛି ଉପାର୍ଜନ କରି ଥାଆନ୍ତି । ମୋଟାମୋଟି ଭାବେ ଏ ସମସ୍ୟାକୁ ଦୁଇ ଭାଗରେ ବିଭକ୍ତ କରି ଏହାର ସମାଧାନର ପନ୍ଥା ବିଚାର କରିବାକୁ ହେବ ।

ଆମ ଦେଶରେ ବହୁଦିନରୁ ଭିକ୍ଷା ବୃତ୍ତି ବିରୁଦ୍ଧରେ ଜନମତ ପ୍ରକାଶ ପାଇଲାଣି । କିଛିଦିନ ତଳେ ଭାରତ ସରକାର ମଧ୍ୟ ଏହାର ପ୍ରତିକାର ଦିଗରେ ତତ୍ପର ହେବାପାଇଁ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବାସ୍ତବରେ ବିଦେଶୀ ପର୍ଯ୍ୟଟକଙ୍କ ଉପରେ ଏହାର କୁପ୍ରଭାବ ପଡୁଥିବାର ଅନୁଭୂତ ହୁଏ । ସେଥିପାଇଁ ବିଶେଷତଃ ପର୍ଯ୍ୟଟନ କେନ୍ଦ୍ରଭାବେ ପରିଚିତ ସ୍ଥାନମାନଙ୍କରେ ଏହାର ଦୃଢ଼ତାର ସହିତ ପ୍ରତିକାର ପାଇଁ ଭାରତ ସରକାର ନିର୍ଦ୍ଦେଶ ଦେଇଥିଲେ । ବମ୍ବେ ଓ ଦିଲ୍ଲୀ ପ୍ରଭୃତି ବଡ଼ ବଡ଼ ନଗରୀରେ ଭିକ୍ଷାବୃତ୍ତି କରୁଥିବା ଲୋକମାନଙ୍କୁ କେତେକ ସ୍ଥାନରେ ଗିରଫ କରାଗଲା । ମାତ୍ର ତଦ୍ୱାରା ଏ ସମସ୍ୟାଟିର କୌଣସି ପ୍ରତିକାର ହେଲନାହିଁ । କେବଳ ସାମୟିକଭାବେ ଏହାକୁ ଦମନ କରାଗଲା । ଗାନ୍ଧିଜୀ ୧୯୨୧ ମସିହାରେ ପ୍ରଥମେ ଓଡ଼ିଶାକୁ ଆସିଥିଲେ । ସେ ପୁରୀରେ ଅବସ୍ଥାନ କରୁଥିବା ସମୟରେ କୁଷ୍ଠାଶ୍ରମ ଓ ଅନାଥାଶ୍ରମ ପରିଦର୍ଶନ କରିଥିଲେ । ତାଙ୍କର ଆଗମନର ପୂର୍ବ ବର୍ଷ ଓଡ଼ିଶାର କେତେକ ଅଞ୍ଚଳ ବନ୍ୟା ଓ ମଡ଼ୁଡ଼ିରେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲା । ହଜାର ହଜାର ଲୋକ ଖାଇବାକୁ ନପାଇ ଭିକ୍ଷାବୃତ୍ତିକୁ ଆଦରି ନେଇଥିଲେ । ଗାନ୍ଧିଜୀ ଅନାଥାଶ୍ରମ ପରିଦର୍ଶନ କଲାବେଳେ, ଭିକ୍ଷାବୃତ୍ତି ସମସ୍ୟାର ସମାଧାନ ପାଇଁ ଉପସ୍ଥିତ ନେତା ଓ କର୍ମୀମାନଙ୍କ ସହିତ ଆଲୋଚନା କରିଥିଲେ । ଏହି ଆଲୋଚନାରେ ସମସ୍ତେ ଏକମତ ହୋଇଥିଲେ ଯେ ଭିକ୍ଷାବୃତ୍ତି ଦ୍ୱାରା ଜଣେ ଯାହା ଉପାର୍ଜନ କରୁଛି, ତା' ଅପେକ୍ଷା ସୂତା କାଟିବା ଦ୍ୱାରା ସେ ନିଶ୍ଚିତଭାବେ ଅଧିକ ଆୟ କରି ପାରିବ । ସେଥିପାଇଁ ଓଡ଼ିଶାରେ ବ୍ୟାପକ ଭାବେ ଚରଖାର ପ୍ରସାର ପାଇଁ କ୍ଷେତ୍ର ଅଛି ବୋଲି ସେ ପରାମର୍ଶ ଦେଇଥିଲେ । ତା'ପରେ ଓଡ଼ିଶାରେ ଚରଖା ପ୍ରସାର ଅସହଯୋଗ ଆନ୍ଦୋଳନର ଏକ ମୁଖ୍ୟ କାର୍ଯ୍ୟକ୍ରମରେ ପରିଣତ ହୋଇଥିଲା ।

ଅବଶ୍ୟ ସେତେବେଳେ ଦେଶ ପରାଧୀନ ଥିଲା । ଶାସନରେ ସମବେଦନଶୀଳତା ନଥିଲା । ବ୍ରିଟେନର ସ୍ୱାର୍ଥରକ୍ଷା ଶାସନର ଲକ୍ଷ୍ୟ ଥିଲା । ଏ ଦେଶର ଲୋକମାନଙ୍କର ଜୀବନ ରକ୍ଷା ବା ସମ୍ମାନ ରକ୍ଷା ପାଇଁ ତତ୍କାଳୀନ ଶାସନର ଚିନ୍ତା ବା କାର୍ଯ୍ୟ ନଥିଲା । ତେଣୁ ସରକାର ଉପରେ ଜନ ସାଧାରଣଙ୍କର କୌଣସି ସମସ୍ୟାର ସମାଧାନ ପାଇଁ ନିର୍ଭର ନକରି ନିଜ ଉଦ୍ୟମରେ ଏ ଦିଗରେ ଯେତିକି ସମ୍ଭବ କେବଳ ସେତିକି କରିବାକୁ ଗାନ୍ଧିଜୀ ପରାମର୍ଶ ଦେଇଥିଲେ ।

ସ୍ୱାଧୀନତା ପରେ ଲୋକ ଶାସନ ବ୍ୟବସ୍ଥାର ସଫଳତା ପାଇଁ ଶାସନ ସମବେଦନଶୀଳ ହେବା ଅନିବାର୍ଯ୍ୟ । ତେଣୁ ଭିକ୍ଷାବୃତ୍ତିକୁ ଦମନ କରିବା ପରିବର୍ତ୍ତେ ଗଠନମୂଳକ ପନ୍ଥାରେ ଏହାର ସମାଧାନ ପାଇଁ ବିଚାର ଓ ଉଦ୍ୟମ ବର୍ତ୍ତମାନ ସମ୍ଭବ । ସରକାର ତଥା ବିଭିନ୍ନ ସରକାରୀ ସଂସ୍ଥାର ଏ ଦିଗରେ ସହଯୋଗ ମିଳିବା ମଧ୍ୟ ସହଜ ସାଧ୍ୟ ହୋଇପାରିବ ।

ଆଚାର୍ଯ୍ୟ କୃପାଳିନୀ ନିକଟରେ ଏକ ପ୍ରବନ୍ଧରେ ମତ ଦେଇଛନ୍ତି ଯେ, ସ୍ୱାଧୀନତା ସଂଗ୍ରାମ ସମୟରେ ଯେଉଁ ପରିସ୍ଥିତିରେ ଗାନ୍ଧିଜୀ ଲୋକଙ୍କୁ କାମ ଯୋଗାଇବା ପାଇଁ ମୁଖ୍ୟତଃ ଚରଖା ଉପରେ ନିର୍ଭର କରୁଥିଲେ, ତାହା ପରିବର୍ତ୍ତିତ ହୋଇଅଛି । ବର୍ତ୍ତମାନ ସରକାର ତଥା ଜନ ସହଯୋଗରେ ଏ ଦିଗରେ ବିଭିନ୍ନ ପନ୍ଥା ଗ୍ରହଣ କରିବା ସମ୍ଭବ । ଜାପାନରେ ଯେପରି ବିଭିନ୍ନ ଧରଣର କୁଟୀର ଶିଳ୍ପର ଉଲ୍ଲେଖଯୋଗ୍ୟ ଉନ୍ନତି ଫଳରେ ଏହା ଉପରେ ନିର୍ଭର କରୁଥିବା ଲୋକଙ୍କର ନିଶ୍ଚିତଭାବରେ ଆୟ ବୃଦ୍ଧି ପାଇଅଛି, ଆମ ଦେଶରେ ମଧ୍ୟ ସେହିପରି କରାଯାଇ ପାରନ୍ତା ।

ସାଧାରଣତଃ ଉତ୍କଟ ଅଭାବରେ ପଡ଼ି ଅସହାୟ ଅବସ୍ଥାରେ ଶିଶୁ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ଭିକ୍ଷାବୃତ୍ତି କରନ୍ତି । ଏହି ମୁକ୍ତ

କାରଣର ପ୍ରତିଷେଧକ ବ୍ୟବସ୍ଥା ଦ୍ୱାରା ହିଁ ଭିକ୍ଷାବୃତ୍ତିର ସଫଳ ସମାଧାନ ନିର୍ଭର କରୁଛି ।

ଶ୍ରୀମତୀ ଦୁର୍ଗାବାଈ ଦେଶମୁଖ କେନ୍ଦ୍ର ସମାଜମଙ୍ଗଳ ବୋର୍ଡର ଅଧ୍ୟକ୍ଷାଭାବେ ଦାୟିତ୍ୱ ନେଇ, ଦେଶରେ ଦରିଦ୍ର, ଅସହାୟ ଓ ଅଶିକ୍ଷିତା ମହିଳାମାନଙ୍କ ମଧ୍ୟରେ ଶିକ୍ଷା ପ୍ରସାର ଏବଂ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିଯୁକ୍ତି ଦେବା ଦିଗରେ ଫଳପ୍ରଦ ଉଦ୍ୟମ କରିଥିଲେ । ତାଙ୍କରି ଉଦ୍ୟମରେ ଦେଶରେ ମହିଳାମାନଙ୍କୁ ସଂକ୍ଷିପ୍ତ ଶିକ୍ଷା ଦେଇ ମାଟ୍ରିକ୍ୟୁଲେସନ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରାଯାଇଥିଲା । ହଜାର ହଜାର ବୟସ୍କା ମହିଳା ଏହାର ସୁଯୋଗ ନେଇ ମାଟ୍ରିକ୍ୟୁଲେସନ ପାସ୍ କରିବାର ସୁଯୋଗ ପାଇଥିଲେ । କ୍ରମେ ବିଶ୍ୱବିଦ୍ୟାଳୟ ଗୁଡ଼ିକ ମଧ୍ୟ ମହିଳାମାନଙ୍କୁ ଘରୋଇଭାବେ ଉଚ୍ଚ ଶିକ୍ଷା ଲାଭର କିଛିଟା ସ୍ୱତନ୍ତ୍ର ସୁବିଧା ପ୍ରଦାନ କଲେ । ଏହା ଏବେ ମଧ୍ୟ ଅଛି ।

ଶ୍ରୀମତୀ ଦୁର୍ଗାବାଈ ଦେଶମୁଖ ଆପଣା ଜୀବନର ଅନୁଭୂତି ଦୃଷ୍ଟିରୁ ମହିଳାମାନଙ୍କ ମଧ୍ୟରେ ଶିକ୍ଷା ପ୍ରସାର ସହିତ ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇଁ ସ୍ୱତନ୍ତ୍ର ଉଦ୍ୟମ କରିଥିଲେ । ଗ୍ରାମ ସେବିକା ନିଯୁକ୍ତି ଓ ଧାଈ ଶିକ୍ଷାର ପ୍ରସାର ପାଇଁ ତାଙ୍କର ନିର୍ଦ୍ଦିଷ୍ଟ ଉଦ୍ୟମ ବାସ୍ତବରେ ସ୍ମରଣୀୟ । ଏହିସବୁ କ୍ରମାଗତ ବିଧିବଦ୍ଧ ଉଦ୍ୟମ ଯୋଗୁ ଦେଶର ମହିଳାମାନଙ୍କ ମଧ୍ୟରେ ସେ ଆତ୍ମବିଶ୍ୱାସ ଓ କର୍ମ ପ୍ରେରଣା ସୃଷ୍ଟି କରି ପାରିଛନ୍ତି । ବହୁ ଅଶିକ୍ଷିତା ବିଧବା ଓ ପରିତ୍ୟକ୍ତା ମହିଳା ସଂକ୍ଷିପ୍ତ ଶିକ୍ଷା ପରେ ନିଯୁକ୍ତି ପାଇବାକୁ ମଧ୍ୟ ସମର୍ଥ ହୋଇଛନ୍ତି ।

ମୋ ବିଚାରରେ ଆମେ ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ପକ୍ଷରୁ ଭିକ୍ଷା ବୃତ୍ତିର ପ୍ରତିକାର ଓ ସମାଧାନ ଦିଗରେ ନିର୍ଦ୍ଦିଷ୍ଟ ଉଦ୍ୟମ କରିବା ଉଚିତ । ବର୍ତ୍ତମାନ ପାଇଁ ପୁରୀ, ଭୁବନେଶ୍ୱର ବା କଟକରେ ପରୀକ୍ଷାମୂଳକ-ଭାବେ ଏ ଦିଗରେ ପ୍ରଥମେ କାର୍ଯ୍ୟ ଆରମ୍ଭ କରି ତାପରେ ଏହାକୁ ଅନ୍ୟାନ୍ୟ ଜିଲ୍ଲାକୁ ସମ୍ପ୍ରସାରିତ କରିହେବ । ପୁରୀ ଓ କଟକରେ ଅନାଥାଶ୍ରମ ଓ ବୃଦ୍ଧାଶ୍ରମ ଆଦି ଅଛି ।

ସଦସ୍ୟା, ରାଜ୍ୟ ସମାଜ ମଙ୍ଗଳ ବୋର୍ଡ
ଚଗରପଡ଼ା, କଟକ

ସୁସ୍ଥ ଅବସ୍ଥାରେ ଥିଲେ ମଧ୍ୟ ଅନେକ ସମୟରେ ବନ୍ୟା, ମରୁଡ଼ି ଓ ଘରପୋଡ଼ି ଆଦି ବିପର୍ଯ୍ୟ ଯୋଗୁ କେତେକ ଲୋକ ଭିକ୍ଷାବୃତ୍ତି ଦ୍ୱାରା ଜୀବନ ରକ୍ଷା କରିବାକୁ ସହରାଞ୍ଚଳକୁ ଚାଲି ଆସନ୍ତି । ମାସେ ଦୁଇମାସ ପରେ ସେମାନଙ୍କ ଭିଟା ମାଟି ସେମାନଙ୍କୁ ଆକର୍ଷଣ କରେ । ଏଭଳି ଅସ୍ଥାୟୀ ଭିକ୍ଷୁକମାନଙ୍କୁ ବିଭିନ୍ନ ସ୍ଥାନରେ ମାଗଣା ଭୋଜନ କେନ୍ଦ୍ର କରି ବଦାନ୍ୟ ବ୍ୟକ୍ତି ଓ ସଂସ୍ଥାମାନେ ଅନ୍ତତଃ ଓଳିଏ ରନ୍ଧା ଖାଦ୍ୟ ଯୋଗାଉଥିବାର ଦେଖାଯାଏ । କଟକ ଷ୍ଟେସନ ପାଖରେ ବାରବାଟୀ ଏଭଳି ମାଗଣା ଭୋଜନ କେନ୍ଦ୍ର କରାଯାଇଛି । ସେମାନଙ୍କୁ ମଧ୍ୟ ଅଳ୍ପ ଦିନ ପାଇଁ ଅସ୍ଥାୟୀ ଭାବେ ଆଶ୍ରୟ ଯୋଗାଇବା ଉଚିତ । ସମ୍ପୂର୍ଣ୍ଣ ଅସହାୟ ଅବସ୍ଥାରେ ଭିକ୍ଷାବୃତ୍ତି ଅବଲମ୍ବନ କରିଥିବା ଶିଶୁ ଓ ମହିଳାମାନେ ସୁସ୍ଥ ଥିଲେ ସେମାନଙ୍କୁ ଅନାଥାଶ୍ରମ ମାନଙ୍କରେ ଆଶ୍ରୟ ଦିଆଯିବା ଉଚିତ । ଅନାଥାଶ୍ରମରେ ଶିଶୁ ଓ ମହିଳାଙ୍କ ପାଇଁ କୁଟୀର ଶିଳ୍ପର ବ୍ୟବସ୍ଥା କରିବାକୁ ହେବ । ଏଥିପାଇଁ ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡର ସାହାଯ୍ୟ ମିଳିବା ସମ୍ଭବ । ଯେଉଁମାନେ ଶିକ୍ଷା ପାଇବାକୁ ସମର୍ଥ, ସେମାନଙ୍କୁ କୁଟୀର ଶିଳ୍ପ ସହିତ ଶିକ୍ଷାର ସୁଯୋଗ ଦିଆଯିବା ଉଚିତ । ଅନାଥାଶ୍ରମମାନଙ୍କରେ ସୂତାକଟା ମହୁଷଷ, ସତ୍ରଞ୍ଜିବୁଣା, ଲୁଗାବୁଣା, ଚମଡ଼ାରେ ଜିନିଷ ତିଆରି, ସିଲେଇ ଆଦିର ବ୍ୟବସ୍ଥା କରାଯାଇ ପାରିବ । ଛୋଟ ବାଳକ ବାଳିକା ଓ ପ୍ରୌଢ଼ାମାନେ ମଧ୍ୟ ଏ ସମସ୍ତ କାର୍ଯ୍ୟରେ ଆପଣାର ଜୀବନ ରକ୍ଷାପାଇଁ ଯାହା ଉପାର୍ଜନ କରିବେ, ତାହା ଭିକ୍ଷା ବୃତ୍ତି ଅପେକ୍ଷା ଅଧିକ ହେବ । ତେଣୁ ସେମାନଙ୍କର ଖଟି ଖାଇବାର ସମ୍ମାନ ଜ୍ଞାନ ବୃଦ୍ଧି ପାଇବ । ଏହି ଆତ୍ମ ସମ୍ମାନ ଜ୍ଞାନର ବିକାଶ ଦ୍ୱାରାହିଁ ସେମାନେ ଭିକ୍ଷା ବୃତ୍ତି ପରିହାର କରିବାକୁ ସ୍ୱତଃପ୍ରବୃତ୍ତଭାବେ ଆଗ୍ରହୀ ହେବେ ।

ଭିକ୍ଷାବୃତ୍ତି କରୁଥିବା ବୃଦ୍ଧ ଓ ବୃଦ୍ଧାମାନଙ୍କ ପାଇଁ ବୃଦ୍ଧ ବୟସର ପେନସନ୍ ଯୋଜନା ଅଛି ଓ ସେମାନଙ୍କ ଉଦ୍ଦେଶ୍ୟରେ ବୃଦ୍ଧାଶ୍ରୟସ୍ଥଳୀ ଆଦି ନିର୍ମାଣ କରାଯାଇ ପାରେ । ସେମାନଙ୍କୁ କେତେକ ସ୍ଥାନରେ 'କାମ ପାଇଁ ଖାଦ୍ୟ' ଯୋଜନାରେ ବିନିଯୋଗ କରାଯାଇ ପାରିବ । ଏଥିପାଇଁ ବର୍ତ୍ତମାନ ଯେ କୌଣସି ଗୋଟିଏ ଅନାଥାଶ୍ରମ ସରକାର ଅସ୍ଥାୟୀଭାବେ ସମାଜମଙ୍ଗଳ ବୋର୍ଡ ଦାୟିତ୍ୱରେ ଦେଇ ପାରନ୍ତି । ଲୋକଙ୍କ ଆଜୁ ବାରମ୍ବାର ଦାବୀହେଉଛି ଯେ ଅନାଥାଶ୍ରମ-ଗୁଡ଼ିକ ସରକାର ହାତକୁ ନେଇ ତାହାର ସୁପରିଚାଳନା କରନ୍ତୁ । ତେଣୁ ଏ ଦିଗରେ କୌଣସି ଅସୁବିଧା ହେବନାହିଁ ।

ପରୀକ୍ଷାମୂଳକ ଭାବରେ ପ୍ରଥମେ ଶହେ ଲୋକଙ୍କ ପାଇଁ ଆଶ୍ରୟ ଓ କାମର ବ୍ୟବସ୍ଥା କରି ଶିଶୁ କଲ୍ୟାଣ ବୋର୍ଡ, ଖଦୀ ବୋର୍ଡ, କୁଟୀର-ଶିଳ୍ପ ବିଭାଗର ସାହାଯ୍ୟ ନେଇ ସେମାନଙ୍କ ପାଇଁ ବୃତ୍ତିଗତ ଓ ରକ୍ଷଣାବେକ୍ଷଣ ବ୍ୟବସ୍ଥା କରିହେବ । ତେଣୁ ଗୋଟିଏ ଘର ଓ ମାସକର ଖର୍ଚ୍ଚର ବ୍ୟବସ୍ଥା ଦ୍ୱାରା ଏହା ଆରମ୍ଭ କରାଯାଇ ପାରନ୍ତା । ଗୋଟିଏ ମାସର ଖର୍ଚ୍ଚ ଜଣପିଛା ଦୈନିକ ତିନିଟଙ୍କା ହିସାବରେ ମାସିକ ନଅହଜାର ଟଙ୍କା ହେବ । ଖଦୀବୋର୍ଡ କୁଟୀର ଶିଳ୍ପର ବିକାଶ ଯୋଜନା ପାଇଁ ଏହାକୁ କେନ୍ଦ୍ରଭାବେ ବାଛି ପାରନ୍ତେ । ତାହାହେଲେ କୁଟୀର ଶିଳ୍ପ ବ୍ୟବସ୍ଥା ପାଇଁ ଯେଉଁ ପୁଞ୍ଜି ବିନିଯୋଗ ହେଉଛି ତାହାର ଲକ୍ଷ୍ୟ ପୂରଣ ହୋଇପାରନ୍ତା । କୁଟୀର ଶିଳ୍ପ ମାଧ୍ୟମରେ ସେମାନେ କିଛି ଆୟ କରିବାକୁ ସମର୍ଥ ହୁଅନ୍ତେ । ବର୍ତ୍ତ-ମାନର କେନ୍ଦ୍ର ସରକାର ଗ୍ରାମ ଓ କୁଟୀର ଶିଳ୍ପର ବିକାଶ ଦ୍ୱାରା କାମ ଯୋଗାଇବା ପାଇଁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଭିକ୍ଷୁକ-ମାନଙ୍କ ପାଇଁ ଏହି ଯୋଜନା ବିଶେଷ ଫଳପ୍ରଦ ହୁଅନ୍ତା । ସମାଜମଙ୍ଗଳ ବୋର୍ଡ ପକ୍ଷରୁ ସରକାରଙ୍କୁ ଏହି ଯୋଜନା ପଠାଇ, ସରକାରୀ ସାହାଯ୍ୟ ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇ ପାରନ୍ତା । କାରଣ ଗୃହ ଯୋଗାଣ ଏବଂ ଅନ୍ୟାନ୍ୟ ସରକାରୀ ସଂସ୍ଥାର ସାହାଯ୍ୟ ଓ ସହଯୋଗ ପାଇଁ ଏହି ପ୍ରସ୍ତାବ ଓ ପରିକଳ୍ପନା ସରକାରୀ ଅନୁ-ମୋଦନ ପାଇବା ଦରକାର ।



# ସୁବର୍ଣ୍ଣରେଖା ନଦୀ ଜଳ ବଣ୍ଟନ ପାଇଁ ଓଡ଼ିଶା, ବିହାର ଓ ପଶ୍ଚିମବଙ୍ଗ ମଧ୍ୟରେ ରାଜିନାମା

୧୯୭୮ ଅଗଷ୍ଟ ୭ ତାରିଖ ଭାରତର ପୂର୍ବାଞ୍ଚଳ ରାଜ୍ୟ ପଶ୍ଚିମବଙ୍ଗ, ବିହାର ଓ ଓଡ଼ିଶା ପାଇଁ ଏକ ସ୍ମରଣୀୟ ଦିବସ । ସେଦିନ ପୂର୍ବାହ୍ନ ୧୦ଟା ସମୟରେ ନଆଦିଲ୍ଲୀସ୍ଥିତ ବିହାର ଭବନରେ ସୁବର୍ଣ୍ଣରେଖା-ଖଡ଼କେଇ ନଦୀ ଅବବାହିକାର ଜଳସଂପଦକୁ ଉପଯୋଗ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ, ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶ୍ରୀ ଜ୍ୟୋତି ବସୁ ଓ ବିହାରର ମୁଖ୍ୟମନ୍ତ୍ରୀ ଶ୍ରୀ କର୍ପୁରୀ ଠାକୁରଙ୍କ ମଧ୍ୟରେ ଏକ ତ୍ରିପାର୍ଶ୍ୱିକ ରାଜିନାମା ସ୍ୱାକ୍ଷରିତ ହୋଇ ଯାଇଛି । ଏହି ରାଜିନାମା ସ୍ୱାକ୍ଷରିତ ହେବା ସମୟରେ କେନ୍ଦ୍ର କୃଷି ଓ ଜଳସେଚନ ମନ୍ତ୍ରୀ ଶ୍ରୀ ସୁରଜିତ ସିଂହ ବର୍ଣ୍ଣାଲ, ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ଜଗଜୀବନ ରାମ ଏବଂ ଇସ୍ପାତ ଓ ଖଣିମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସମେତ ସଂପୃକ୍ତ ରାଜ୍ୟର ଜଳସେଚନ ମନ୍ତ୍ରୀ ଏବଂ ଉଚ୍ଚ ପଦସ୍ଥ ଇଞ୍ଜିନିୟର ଓ ଅଫିସରମାନେ ଉପସ୍ଥିତ ରହିଥିଲେ ।

ରାଜିନାମା ସ୍ୱାକ୍ଷରିତ ହେବା ପରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ରାଉତରାୟ ଏହାକୁ ଏକ "ସ୍ମରଣୀୟ ରାଜିନାମା" ରୂପେ ଅଭିହିତ କରି ସୁବର୍ଣ୍ଣରେଖା ଆଉ "ଦୁଃଖର ନଦୀ" ନ ହୋଇ ବନ୍ୟାଜଳ ନିୟନ୍ତ୍ରଣ ଫଳରେ ଏହା ତିନୋଟି ରାଜ୍ୟପାଇଁ ପ୍ରଗତିରେ ସହାୟକ ହେବ ବୋଲି ଆଶା ପ୍ରକାଶ କରିଥିଲେ । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶ୍ରୀ ବସୁ ଅତ୍ୟନ୍ତ ଆନନ୍ଦିତ ହୋଇ ଏହାକୁ ଏକ "ଐତିହାସିକ ଘଟଣା" ରୂପେ ଅଭିହିତ କରିଥିଲେ । ବିଭିନ୍ନତା ମଧ୍ୟରେ ଭାରତର ଐକ୍ୟ କିପରି ଅକ୍ଷୁଣ୍ଣ ରହିଛି ସେ ସଂପର୍କରେ ସୂଚନା ଦେବାକୁ ଯାଇ ସେ ଆଶା ପ୍ରକାଶ କରିଥିଲେ ଯେ ଅନ୍ୟାନ୍ୟ ସମସ୍ୟାମାନ ଏଭଳି ମନୋବୃତ୍ତି ନେଇ ସମାଧାନ କରାଯିବା ଆବଶ୍ୟକ ।

ବିହାରର ମୁଖ୍ୟମନ୍ତ୍ରୀ ଶ୍ରୀ ଠାକୁର ଏଭଳି ପନ୍ଥାରେ ଅନ୍ୟାନ୍ୟ ସମସ୍ୟା ସମାଧାନ କରାଯିବା ଉଚିତ୍ ବୋଲି ଦୃଢ଼ ମତ ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଆନ୍ତଃରାଜ୍ୟ ବିବାଦମାନ ସମାଧାନ କରିବା ଦିଗରେ ପୂର୍ବାଞ୍ଚଳ ରାଜ୍ୟର ଏହି ରାଜିନାମା ପଥପ୍ରଦର୍ଶକ ହେବ ବୋଲି ଆଶା ପୋଷଣ କରିଥିଲେ । କେନ୍ଦ୍ର ସେଚ ଓ କୃଷିମନ୍ତ୍ରୀ ଶ୍ରୀ ବର୍ଣ୍ଣାଲ ଏହାକୁ ଏକ ଐତିହାସିକ ଘଟଣା ବୋଲି ଅଭିହିତ କରିବା ସଙ୍ଗେ ସଙ୍ଗେ ଆପୋଷ ଆଲୋଚନା କ୍ରମେ ଏହି ଆନ୍ତଃରାଜ୍ୟ ଜଳ ବିବାଦ ତୁଟିଥିବା ଯୋଗୁଁ ଆହ୍ଲାଦ ପ୍ରକାଶ କରିଥିଲେ । କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ଜଗଜୀବନ ରାମ ଉଭୟ ବୁଝାମଣା ଭିତରେ ଏଭଳି ସମସ୍ୟାର ସମାଧାନ ଯୋଗୁଁ ତିନି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ । କେନ୍ଦ୍ର ଖଣି ଓ ଇସ୍ପାତ୍ ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ପୂର୍ବାଞ୍ଚଳର ଏହି ଐତିହାସିକ ରାଜିନାମା ଅନ୍ୟାନ୍ୟ ରାଜ୍ୟମାନଙ୍କ ପକ୍ଷେ ଆନ୍ତଃ ରାଜ୍ୟ ଜଳ ବିବାଦ ଆପୋଷ ଆଲୋଚନା କ୍ରମେ ତୁଟାଇବା କ୍ଷେତ୍ରରେ ପଥପ୍ରଦର୍ଶକ ହେବ ବୋଲି ଆଶା ପ୍ରକାଶ କରିଥିଲେ ।

ଏଠାରେ ସ୍ମରଣ କରାଇ ଦିଆଯାଇ ପାରେ ଯେ ସୁବର୍ଣ୍ଣରେଖା ଏକ ଆନ୍ତଃ ପ୍ରାଦେଶିକ ନଦୀ । ରାଞ୍ଚି ନିକଟସ୍ଥ ଛୋଟ ନାଗପୁର ମାଳଭୂମିରୁ ଏହାର ଉତ୍ପତ୍ତି । ବିହାରର ରାଞ୍ଚି ଓ ସିଂହଭୂମ୍ ଜିଲ୍ଲାରେ ୧୩୦ ମାଇଲ ପଥ ଅତିକ୍ରମ କରିବା ପରେ ବିହାର ଓ ଓଡ଼ିଶା ସୀମାରେ ୧୦ ମାଇଲଯାଏ ଏହି ନଦୀ ପ୍ରବାହିତ ହୋଇଛି । ତା'ପରେ ପଶ୍ଚିମ ବଙ୍ଗ ଅନ୍ତର୍ଗତ ବାଙ୍କୁଡ଼ା ଓ ମେଦିନୀପୁର ଜିଲ୍ଲାରେ ୪୦ ମାଇଲ ଅଗ୍ରସର ହୋଇ ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ସୀମାରେଖା ସୃଷ୍ଟି କରି ବାଲେଶ୍ୱର ଜିଲ୍ଲାର ଲକ୍ଷ୍ମଣନାଥଠାରେ ଓଡ଼ିଶା ମଧ୍ୟକୁ ପ୍ରବେଶ କରିଛି । ବାଲେଶ୍ୱର ଜିଲ୍ଲାରେ ପ୍ରାୟ ୩୭ ମାଇଲ ଧରି ପ୍ରବାହିତ ହେବା ପରେ ଏହା ବଙ୍ଗୋପସାଗରରେ ମିଶିଛି ।

ବଙ୍ଗୋପସାଗରରେ ଏହି ନଦୀ ପଡ଼ିବା ପର୍ଯ୍ୟନ୍ତ ଏହାର ଜଳଗ୍ରହ ଅବବାହିକାର ଆୟତନ (Catchment area) ୭,୩୧୭ ବର୍ଗ ମାଇଲ । ସେଥି ମଧ୍ୟରୁ ଅଂଶୀଦାର ରାଜ୍ୟ, ବିହାରରେ ୫୨୪୭ ବର୍ଗ ମାଇଲ, ଓଡ଼ିଶାରେ ୧୨୩୬ ବର୍ଗମାଇଲ ଓ ପଶ୍ଚିମବଙ୍ଗରେ ୮୩୪ ବର୍ଗମାଇଲ ଜଳଗ୍ରହ ଅଞ୍ଚଳ ରହିଛି । ଓଡ଼ିଶାର ଏହି ଜଳଗ୍ରହ ଅଞ୍ଚଳ ଦୁଇ ଭାଗରେ ବିଭକ୍ତ । ଏଥି ମଧ୍ୟରୁ ଅବବାହିକାର ଉପର ୬୦୦ ବର୍ଗ ମାଇଲ ବ୍ୟାପୀ ଅଞ୍ଚଳଟି ସୁବର୍ଣ୍ଣରେଖା ନଦୀର ପ୍ରଧାନ ଉପନଦୀ ଖଡ଼କେଇର ଉପରି ଭାଗରେ ଅବସ୍ଥିତ । ଲକ୍ଷ୍ମଣନାଥ ନିକଟରେ ଓଡ଼ିଶା ମଧ୍ୟକୁ ଏହି ନଦୀ ପ୍ରବେଶ କରିବା ପରେ ଅବବାହିକାର ନିମ୍ନ ଭାଗ ପ୍ରାୟ ୬୩୬ ବର୍ଗ ମାଇଲ ଯାଏ ପରିବ୍ୟାପ୍ତ ।

ସୁବର୍ଣ୍ଣରେଖା ପରିକଳ୍ପନାରେ ଓଡ଼ିଶାର ସ୍ୱାର୍ଥ ଦ୍ୱିବିଧ । ତନ୍ମଧ୍ୟରୁ ପ୍ରଥମଟି ଜଳସେଚନ ଓ ଦ୍ୱିତୀୟଟି ବନ୍ୟା ନିୟନ୍ତ୍ରଣ । ଏହି ଐତିହାସିକ ତ୍ରିପାକ୍ଷିକ ରାଜିନାମା ଫଳରେ ଜଳସେଚନ ନିମନ୍ତେ ସୁବର୍ଣ୍ଣରେଖାର ଜଳ ଉପଯୋଗ କରିବା ସଙ୍ଗେ ସଙ୍ଗେ ଏହାର ବନ୍ୟା ନିୟନ୍ତ୍ରଣ କରିବା ମଧ୍ୟ ଓଡ଼ିଶା ପକ୍ଷରେ ସମ୍ଭବ ହେବ ।

ଏହି ତ୍ରିପାକ୍ଷିକ ରାଜିନାମା ଅନୁଯାୟୀ କୋକପଡ଼ାର ଉପରିଭାଗ ଅଞ୍ଚଳରେ ସୁବର୍ଣ୍ଣରେଖା ନଦୀର ଜଳ ବଣ୍ଟନ ଯଥାକ୍ରମେ ବିହାର-୩୨ ଲକ୍ଷ ଏକର ଫୁଟ, ଓଡ଼ିଶା-୧୨ ଲକ୍ଷ ଏକର ଫୁଟ ଓ ପଶ୍ଚିମବଙ୍ଗ ୧ ଲକ୍ଷ ଏକର ଫୁଟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ କୋକ୍‌ପଡ଼ାର ନିମ୍ନ ଭାଗର ଜଳ ବଣ୍ଟନ ଯଥାକ୍ରମେ ବିହାର-୨.୭ ଲକ୍ଷ ଏକର ଫୁଟ, ଓଡ଼ିଶା-୨.୯ ଲକ୍ଷ ଏକର ଫୁଟ ଓ ପଶ୍ଚିମବଙ୍ଗ ପାଇଁ ୫.୯ ଲକ୍ଷ ଏକର ଫୁଟ ରଖାଯାଇଛି । ସୁବର୍ଣ୍ଣରେଖା ନଦୀ ଜଳ ବଣ୍ଟନ କ୍ଷେତ୍ରରେ ବିହାର ୩୪.୭ ଲକ୍ଷ ଏକର ଫୁଟ ଓ ପଶ୍ଚିମବଙ୍ଗ ୬.୯ ଲକ୍ଷ ଏକର ଫୁଟ ଜଳ ପାଉଥିବା ସ୍ଥଳେ ମୋଟାମୋଟି ଭାବେ ଓଡ଼ିଶାର ଅଂଶ ହେଉଛି ୧୪.୯ ଲକ୍ଷ ଏକର ଫୁଟ ।

ଏହି ତ୍ରିପାକ୍ଷିକ ରାଜିନାମା ଅନୁଯାୟୀ ଖଡ଼କେଇ ନଦୀର ପ୍ରସ୍ତାବିତ ଇଛାବନ୍ଧ ଉପରି ଭାଗରେ ଓଡ଼ିଶା ପାଇଁ ଯେଉଁ ୨ ଲକ୍ଷ ଏକର ଫୁଟ ଜଳ ରହିଛି, ସେ ସଂପର୍କରେ ବିହାର ଓ ଓଡ଼ିଶା ମଧ୍ୟରେ

ଏକ ମିଳିତ ରାଜିନାମା ସ୍ୱାକ୍ଷରିତ ହୋଇ ସାରିଛି । ତଦନୁଯାୟୀ ୪'୮୪ କୋଟି ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟକାରୀ ହେବାକୁ ଯାଉଥିବା (କ) ଖଡ଼କେଇ ଜଳସେଚନ ପରିକଳ୍ପନା ଦ୍ୱାରା ୬୨ ହଜାର ଏକର ଫୁଟ ଜଳ ସଂପଦର ଉପଯୋଗ କରାଯିବ । ଏହାଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଅଞ୍ଚଳରେ ପ୍ରାୟ ୧୫ ହଜାର ଏକର ଜମି ଜଳସେଚିତ ହୋଇ ପାରିବ । ୧'୬୩ କୋଟି ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ନେସା ଜଳସେଚନ ପରିକଳ୍ପନା ଦ୍ୱାରା ୧୦ ହଜାର ଏକର ଫୁଟ ଜଳ ସଂପଦର ଉପଯୋଗ କରାଯାଇ ରାଇରଙ୍ଗପୁର ଅଞ୍ଚଳର ୨୩୦୦ ଏକର ଜମିକୁ ଜଳସେଚନ କରାଯାଇ ପାରିବ । ଏହାଛଡ଼ା ଗାଲୁଯୋଡ଼ି ଜଳସେଚନ ଯୋଜନା କାର୍ଯ୍ୟକାରୀ ହେଲେ ୮୦ ହଜାର ଏକର ଫୁଟ ଜଳ ସଂପଦର ଉପଯୋଗ କରାଯାଇ ରାଇରଙ୍ଗପୁର ଅଞ୍ଚଳର ୨୦ ହଜାର ଏକର ଜମିକୁ ଜଳସେଚନ କରାଯାଇ ପାରିବ । ଆଉ-ମଧ୍ୟ କ୍ଷୁଦ୍ର ଜଳସେଚନ ନିମନ୍ତେ ଓଡ଼ିଶା ୩୧ ହଜାର ଏକର ଫୁଟ ଜଳ ଉପଯୋଗ କରିବ ଏବଂ ଭବିଷ୍ୟତ ଉପଯୋଗ ନିମନ୍ତେ ୧୭ ହଜାର ଏକର ଫୁଟ ଜଳ ରଖାଯିବ ।

ବିହାର ସରକାରଙ୍କ ଦ୍ୱାରା ନିର୍ମିତ ସୁବର୍ଣ୍ଣରେଖା ନଦୀର ଶୁଙ୍ଗିଲ ବନ୍ଧ ଏବଂ ମିଳିତଭାବେ ବିହାର ଓ ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ମିତ ହେଉଥିବା ଗାଲୁଡ଼ିହି ଆନିକଟ ମଧ୍ୟବର୍ତ୍ତୀ ଅଞ୍ଚଳରୁ ଜଳସେଚନ ନିମନ୍ତେ ଓଡ଼ିଶା ୧୦ ଲକ୍ଷ ଏକର ଫୁଟ ଜଳ ପାଇ ପାରିବ । ମିଳିତ ଭାବେ ନିର୍ମିତ ହେଉଥିବା ଗାଲୁଡ଼ିହ ଆନିକଟ ଯୋଜନାରେ ଓଡ଼ିଶା ୨୯'୧୦ କୋଟି ଟଙ୍କା ଖଟାଇବ । ଏହା ଫଳରେ ମୟୂରଭଞ୍ଜ ଜିଲ୍ଲାର ୨'୪ ଲକ୍ଷ ଏକର ଜମି ଓ ବାଲେଶ୍ୱର ଜିଲ୍ଲାର ୧୦ ହଜାର ଏକର ଜମି ଜଳସେଚିତ ହୋଇ ପାରିବ । ଗାଲୁଡ଼ିହ ଯଗ୍ମ ପରିକଳ୍ପନାରେ ଓଡ଼ିଶାର ଅଂଶ ସମେତ ସୁବର୍ଣ୍ଣରେଖା ଜଳସେଚନ ଯୋଜନାର ମୋଟ ବ୍ୟୟ ପରିମାଣ ହେବ ୧୫'୦୨ କୋଟି ଟଙ୍କା ।

ବନ୍ୟା ନିୟନ୍ତ୍ରଣ ନିମନ୍ତେ ଏହି ତ୍ରିପାକ୍ଷିକ ରାଜିନାମାରେ ବିହାର ସରକାରଙ୍କ ଦ୍ୱାରା ନିର୍ମିତ ହେଉଥିବା ଶୁଙ୍ଗିଲ ବନ୍ଧରେ ୩'୬୫ ଲକ୍ଷ ଏକର ଫୁଟ ଜଳ ସଂରକ୍ଷିତ କରି ରଖିବା ପାଇଁ ବ୍ୟବସ୍ଥା ରହିଛି । ବିହାର, ଓଡ଼ିଶା ଏବଂ ପଶ୍ଚିମବଙ୍ଗ ପ୍ରଭୃତି ଅଂଶୀଦାର ରାଜ୍ୟଗୁଡ଼ିକ ଶୁଙ୍ଗିଲ୍ ବନ୍ଧର ବନ୍ୟା ନିୟନ୍ତ୍ରଣ ଅଂଶ ବାବଦ ସମୁଦାୟ ଖର୍ଚ୍ଚ ଭାରତ ସରକାର ବହନ କରିବାକୁ ମିଳିତଭାବେ ନିବେଦନ କରିଛନ୍ତି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଓଡ଼ିଶାର ସୁବର୍ଣ୍ଣରେଖା ନଦୀରେ ପ୍ରବଳ ବନ୍ୟାରେ ୭'୫ ଲକ୍ଷ କ୍ୟୁସେକ୍ ଜଳ ଆସିଥାଏ । ମାତ୍ର ନଦୀର ମୁହାଣରେ ୧'୫ ଲକ୍ଷ କ୍ୟୁସେକ୍ ଏବଂ ସ୍ଥାନେ ସ୍ଥାନେ ୦'୭୫ ଲକ୍ଷ କ୍ୟୁସେକ୍ ଜଳ ନିଷ୍କାସିତ ହୋଉଥାଏ । ଏହି ତ୍ରିପାକ୍ଷିକ ରାଜିନାମାରେ ଶୁଙ୍ଗିଲ ବନ୍ଧରେ ୩'୬୫ ଲକ୍ଷ ଏକର ଫୁଟ ବନ୍ୟାଜଳ ସଂରକ୍ଷିତ କରି ରଖିବା ପାଇଁ ବ୍ୟବସ୍ଥା ହୋଇଛି ଏବଂ ଅବଶିଷ୍ଟ ବନ୍ୟାଜଳ ନିମନ୍ତେ ପଶ୍ଚିମବଙ୍ଗ, ଓଡ଼ିଶା ସରକାର, କେନ୍ଦ୍ର ଜଳ କମିଶନ, ଭାରତ ସରକାରଙ୍କ ରେଳବାଇ ଓ ପରିବହନ ମନ୍ତ୍ରଣାଳୟଙ୍କ ପରାମର୍ଶକ୍ରମେ ଏକ ସଙ୍ଗରେ ଓ ସମନ୍ୱିତଭାବେ ବନ୍ଧ ନିର୍ମାଣ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି ।

## ବ୍ୟାପକ ଖରଫ୍ କାର୍ଯ୍ୟକ୍ରମ

### ୬୧ ଲକ୍ଷ ହେକ୍ଟର ଜମିରେ ବିଭିନ୍ନ ଶସ୍ୟ ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ

କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବ୍ୟାପକ ଖରିଫ୍ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏଥିପାଇଁ ରାଜ୍ୟର ୩୦ଟି କୃଷି ଜିଲ୍ଲାରେ ୬୧ ଲକ୍ଷ ୫୮ ହଜାର ୨୦୦ ହେକ୍ଟର ଜମିରେ ବିଭିନ୍ନ କିସମ ଶସ୍ୟ ଉତ୍ପାଦନ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏଥି ମଧ୍ୟରୁ ଗତ ଜୁଲାଇ ମାସ ଶେଷ ସୁଦ୍ଧା ୪୧ଲକ୍ଷ ୮୦ ହଜାର ହେକ୍ଟର ଜମିରେ ବିଭିନ୍ନ ଫସଲ କରାଯାଇଛି ।

ବିଭିନ୍ନ କିସମ ଫସଲ ମଧ୍ୟରୁ ଅଧିକ ଉତ୍ପାଦନକ୍ଷମ ଧାନ ୪ଲକ୍ଷ ୪୮ ହଜାର ହେକ୍ଟର, ସାଧାରଣ କିସମ ଧାନ ୨୭ ଲକ୍ଷ ୮୪ହଜାର ହେକ୍ଟର, ମକା ୧ ଲକ୍ଷ ୧୩ହଜାର ହେକ୍ଟର, ଜଅ ୨୯ହଜାର ହେକ୍ଟର, ମାଣ୍ଡିଆ ୧ଲକ୍ଷ ୮୧ ହଜାର ହେକ୍ଟର, ବାଜରା ୭ ହଜାର ହେକ୍ଟର, ସୁଆଁ ୧ ଲକ୍ଷ ୮୧ ହଜାର ହେକ୍ଟର, ହରଡ଼ ୬୦ ହଜାର ହେକ୍ଟର, ମୁଗ ୩୨ ହଜାର ହେକ୍ଟର, ବିରି ୪୧ ହଜାର ହେକ୍ଟର, ଚିନାବାଦାମ ୭୦ ହଜାର ହେକ୍ଟର ଏବଂ ଅନ୍ୟାନ୍ୟ ଡ଼ାଲି ଜାତୀୟ ଫସଲ ୨୨ ହଜାର ହେକ୍ଟର ଜମିରେ ଚାଷ କରାଯାଇଛି । ଏହା ବ୍ୟତୀତ ରାଶି ୩୮ହଜାର ହେକ୍ଟର, ଜଡ଼ା ୧୦ ହଜାର ହେକ୍ଟର, ଝୋଟ ୪୦ ହଜାର ହେକ୍ଟର, କପା ୩ ହଜାର ୮୦୦ ହେକ୍ଟର, ଆଖୁ ୧୩ ହଜାର ହେକ୍ଟର, ଲଙ୍କା ୧୫ ହଜାର ହେକ୍ଟର, ହଳଦୀ ୨୦ ହଜାର ହେକ୍ଟର ଏବଂ ଅଦା ୨ ହଜାର ୩୦୦ ହେକ୍ଟର ଜମିରେ ଚାଷ ହୋଇଛି । ବିଭିନ୍ନ କୃଷି ଜିଲ୍ଲାରେ ବର୍ତ୍ତମାନ ଚାଷ କାର୍ଯ୍ୟ ଆଗେଇ ଚାଲିଛି ଏବଂ ରାଜ୍ୟର ଫସଲ ଅବସ୍ଥା ମୋଟାମୋଟି ଭଲ ଥିବା ଜଣା ଯାଉଛି ।

# ଅଭ୍ୟୁଦୟର ଆଲୋକ

ଶ୍ରୀ ଉଦୟନାଥ ରଥ

ରୋଗି-ଖଗିଟା ପିଲ ନେଇ ଘର ସମ୍ଭାଳି ସେ ରହିଛି । ସାଇ ପଡ଼ିଶା କେତେ ଟାହି ଟାପରା କରନ୍ତି । ହେଲେ ରାଧା ତାକୁ ଖାତିରି କରେନି । ସେ ଭାବେ ପିଲ ଗୋଟେ ଦିଟା ତା'ର ପାରିଗଲେ ସେ କାଲି ସକାଳେ ମୁଣ୍ଡ ଟେକି ଚାଲିବ ।

କେଉଁ ଦିନ ଖାଏ କେଉଁଦିନ ବା ନ ଖାଇ ରହିଯାଏ । ପିଲେ ତା'ର ଖାଆନ୍ତୁ—ଏଇ ତା'ର ଇଚ୍ଛା । ପିଲଙ୍କ ମନରେ ଆନନ୍ଦର ହସ ଦେଖିଲେ ରାଧା ତା'ର ସବୁ ଦୁଃଖ ଭୁଲିଯାଏ । ସ୍ୱାମୀ କଥା ଭାବି ଭାବି ରାତିଯାକ ତାକୁ ନିଦ ନାହିଁ । ଦୀର୍ଘ ନିଃଶ୍ୱାସ ପକାଇ କହେ "ଭଗବାନ ! ପଥର ଚୁଣ୍ଡି ଉପରେ ଡମର ଡଡ଼କ କାହିଁକି ? ସେ କ'ଣ ଘରକୁ ଆଉ ଲେଉଟି ଆସିବେନି ? ଏମାନଙ୍କୁ ଜନ୍ମଦେଇଛ ଖାଲି କ'ଣ ଜୀଅନ୍ତା ଜଉବଳ କରି ମାରିବା ପାଇଁ ?" ଆଖିରୁ ଲୁହ ଗଡ଼ାଇ କେତେ କ'ଣ କହି ପକାଏ । ପୁଣି ମନକୁ ସାନ୍ତ୍ୱନା ଦେଇ କହେ, "ଆପଣା ସ୍ୱନାଦ ରେଣି କହିବି କାହାକୁ ?"

ସ୍ୱାମୀ ତା'ର ପାଞ୍ଚବର୍ଷ ଜେଲ ଦଣ୍ଡରେ ଦଣ୍ଡିତ । ପାଞ୍ଚବର୍ଷ କହିଲେ ଆଖି ପାଉନି । ସତେ ସେ କ'ଣ ଘର ମୁହଁ ଦେଖିବେ ? ମାଇପି ଲୋକ ତା'ର ଅବା ସେ ଧାରଣା ଆସିବ କୁଆଡୁ ? ଆକାଶ କଇଁଆ ଚିଲିକା ମାଛ ପରି ନିରାଶ ହୋଇ ରହେ । କିନ୍ତୁ ତା'ର ଆଶା ଭରସା ବଡ଼ପୁଅ ଉପରେ । ଦୁଇ ପୁଅ ଓ ଗୋଟିଏ ଝିଅ ପରେ ପୁଣି ଗୋଟିଏ ପୁଅ ହୋଇଛି । ସ୍ୱାମୀ ଜାଣନ୍ତିନି ସେ ଝିଅ କି ପୁଅ । ସ୍ୱାମୀ ବିଦାୟ ନେବାର ତିନି ମାସ ପରେ ପୁଅର ଜନ୍ମ ।

ପୋଡ଼ିଗଲ ମନ ଥୟ ଧରି ରହିପାରେନି ରାଧାର । ଗାଁ ଗଣ୍ଡାରେ ଯେତେବେଳେ କାହାକୁ ଦେଖେ ସ୍ୱାମୀ କଥା ପଚାରେ । ସେ ଯେଉଁ ଉତ୍ତର ପାଏ ମନ ଆନନ୍ଦରେ ପୁରି ଉଠେ । କେତେ କଳ୍ପନା ଜଳ୍ପନା ଖେଳି-ଯାଏ । ପୁଣି ଭାବେ, ସତେ କ'ଣ ଉହାଁସ ରାତି ଯାଇ ପୁନେଇଁ ଉଦ ଏ ଘରେ ଉଇଁବ ? ଖସିଗଲ ଗୋଡ଼ ସବୁବେଳେ ତଳକୁ ତଳକୁ । ଏଣୁ ତେଣୁ ଗୁଡ଼ାଏ ଭାବି ସକାଳେ ପିଲଙ୍କ ପାଇଁ ଖାଇବା ଯୋଗାଡ଼ରେ ଲାଗିଯାଏ ।

ମଗୁଶୀର ମାସର ଗୁରୁବାର । ଘରେ ଢିଂଶ ଲକ୍ଷ୍ମୀ ପୂଜା । ରାତି ଅଧରୁ ମାଇପି-ମାନେ ଉଠି ହୁଳହୁଳି ଶବ୍ଦରେ ଗାଁ ଉଚ୍ଛୁଳେଇ ଦେଉଛନ୍ତି । ଯା' ଦୁଆରକୁ ଗଲେ ଖାଲି ଚିତାରେ ଧୋବ ଫର ଫର ଦିଶୁଛି । ସାତ ପୁରୁଷୀ ପୂଜା,—ଯେତେ ଗରିବ ହେଲେ ବି ତାକୁ କରିବାକୁ ପଡ଼ିବ । କାଲି ପରି ଲାଗୁଛି । ରାଧାର ଶାଶୂ ତାକୁ କ'ଣ ନ କରିଛି । ଥରେ ଟିକିଏ ଶୋଇ ପଡ଼ିଲ ବୋଲି ଗାଁ ପଡ଼ିଲ କି ଉଠିଲ । ସବୁ ତା' ଆଖିରେ ଜଳଜଳ ହୋଇ ଦିଶିଯାଉଛି । ଯୁଗ ଯାଏ, କିନ୍ତୁ କଥା ରହେ । ମନ୍ତ୍ର ବେଳକୁ ଶାଶୂ କହି ଯାଇଛି, "ରାଧା ! ତୁ ସବୁ ଭୁଲି ଯାଉପାରୁ, କିନ୍ତୁ ଗୁରୁବାର ପୂଜା ଭୁଲିବୁନି । ତାକୁ ଭୁଲିଲେ ଦାନା-କନା ମିଳିବନି । ଜଗତର ନାଥ ସେ, ଲକ୍ଷ୍ମୀଠାକୁରାଣୀଙ୍କୁ ଛୁଡ଼ି ତାଙ୍କ ଅବସ୍ଥା କ'ଣ ନହେଲା ?" ସେଇ ଦିନଠାରୁ ରାଧା ଶାଶୁର କଥାକୁ ବେଦର ଗାର ମାନି ସବୁ ବର୍ଷ ମଗୁଶୀର ଗୁରୁବାର କରି ଆସୁଛି । ଆଜି ତା'ର ଘରେ ସ୍ୱାମୀ ନାହାନ୍ତି ବୋଲି ସେ କ'ଣ କିଛି ନକରି ତୁନି ହୋଇ ରହିବ ? ଯାହା ଯେମିତି ଯୋଗାଡ଼ କରିଥିଲ ସେତକ ସକାଳୁ ଗାଧୋଇ ଲକ୍ଷ୍ମୀ ମା'ଙ୍କୁ ଦେଲ । ରାଧାର ମନ ଆଜି ଭାରି ଚଞ୍ଚଳ ହୋଇ ଉଠିଛି । ଘରେ ଯାହା ଖୋଜିଲେ ତା ହାତରେ ପଡୁନି,—ପଡ଼ିଲେ ପୁଣି ଖସି ଯାଉଛି । ମନେ ମନେ ଭାବିଲ, "ଆଜି କିଏ ଆସି ପାରେ" । ଯାହା କରିଥିଲ ସକାଳ ପୂଜାରୁ ପିଲମାନଙ୍କୁ ଖାଇବାକୁ ଦଉଚି ଦେଖିଲ, ଦୂରରୁ କିଏ ଜଣେ ଧୋବ-ଧାଉଳିଆ ତା' ଘର ଆଡ଼କୁ ଆସୁଛନ୍ତି । ବହୁ ନିରୀକ୍ଷଣ କରି ମଧ୍ୟ ଚିହ୍ନିପାରିଲ ନି । ଛାତିଟା କାହିଁକି ତା'ର ଦମ୍ ଦମ୍ ହୋଇ ଉଠିଲ । ନଥିଲ ଘରେ କୁଣିଆକୁ ଚରଗ୍ର କରିବ କେମିତି ? ଆଗନ୍ତୁକ କ୍ରମେ ପାଖେଇ ଆସିଲେ । କିନ୍ତୁ ଏ କଣ ? ରାଧା ତାର ଆଖିକୁ ବିଶ୍ୱାସ କରି ପାରିଲନି । ଏ ଯେ ତାର ସ୍ୱାମୀ, ମହନା ! କଣ ସେ କରିବ ବା କହିବ କିଛି ଜାଣି ପାରିଲ ନି ରାଧା । ପଣତ କାନିଟାକୁ ସେ ବେକରେ ଗୁଡ଼େଇ ଦେଇ ଓଳଗି ହେବାକୁ ଯାଉଛି, ହଠାତ୍ ମହନା ତାର ହାତ ଧରି ନିଜ ଆଡ଼କୁ ଟାଣି ନେଇ ପାଟି କରି ଡାକି ଦେଲ 'ରାଧା' ! ତା ପରେ ତାର କଣ୍ଠ ରୁଦ୍ଧ ହୋଇ ଆସିଲ ଓ ଦୁଇ ଜଣଙ୍କ ଆଖିରୁ କେବଳ ଧାର ଧାର ହୋଇ ଲୁହ ଗଡ଼ି ଯିବାକୁ ଲାଗିଲ । ମହନା କ୍ରମଶଃ ତାର ଜେଲ ଜୀବନର ସମସ୍ତ ଅନୁଭୂତି ରାଧା ଆଗରେ ବର୍ଣ୍ଣନା କରିବାକୁ ଲାଗିଲ—ଜେଲ ସବୁ ଆଗ ଭଳି ଆଉ ନାହିଁ । ଜେଲରେ ସେ କଳୁଆଳ କାମ କରୁଥିଲ । ତାରି ଭିତରେ ଯେଉଁ ସମୟ ପାଏ, ସେଥିରେ ବହିପତ୍ର ପଢ଼ି ଚିଠି ଲେଖି ସେ ଶିଖି ପାରିଛି । ତାର କାମ ବାବଦ୍ ଯେଉଁ ଦୁଇକୋଡ଼ି ଦଶଟଙ୍କା ସେ ଆସିବାବେଳେ ପାଇଲ, ତାହା ରାଧାକୁ ଦେଇଦେଲ । ଟଙ୍କାକୁ ଦେଖି ରାଧା ଟଙ୍କେଇ ଟଙ୍କେଇ ହସିବାକୁ ଲାଗିଲ । ବାପାଙ୍କୁ ଏତେ ଦିନ ପରେ ଦେଖି ପିଲ-ମାନଙ୍କର ମଧ୍ୟ ଆନନ୍ଦର ସୀମା ରହିଲ ନି । ବାପା କାହା ପିଠିରେ ହାତ ମାରି, କାହାର ଓଠ ଧରି ସମସ୍ତଙ୍କର ଶୁଭ କାମନା କଲେ । ମା' ଲକ୍ଷ୍ମୀଙ୍କ ଦୟାରୁ ଆଜି ସାରା ପରିବାରର ହୃଦୟ ପୁଲକିତ । ସମସ୍ତଙ୍କ ହସ ହସ ମୁହଁରୁ ଜଣାଯାଉଛି ଯେପରି ସମସ୍ତେ ପୂର୍ବ ଦୁଃଖକୁ ପାଶୋରି ଆନନ୍ଦ ସାଗରରେ ଭାସୁଛନ୍ତି ।

ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କ ମନକୁ ଛୁଇଁଲ ଘରର ନୂଆ ଯୋଜନା । ପୁଞ୍ଜିତ ଦେଖୀ ମୂର୍ଦ୍ଧେ, କରିବେ ବା କ'ଣ ? ମହନା ଦାଣ୍ଡ ପିଣ୍ଡାରେ ଗୋଟିଏ ପାନ ଦୋକାନ ଆରମ୍ଭ କଲ । ସାଇ ପଡ଼ିଶାରେ କେତେ ଯେ ଟାହି ଟାପରା ରାଧା ମୁହଁରେ ଛିଡ଼ି ପଡୁଥାଏ ତାହା ସେ କେବଳ ଜାଣେ । କିଏ ତାକୁ ଶୁଣେଇ ଶୁଣେଇ କହେ "କଇଁଛ କାଢ଼ିଛି ବେକ, ନ ଦେଖିଲ ଲୋକ ଦେଖ" । ମାଇପିମାନେ ସହି ନପାରି ଛଳେଇ ଛଳେଇ କହନ୍ତି, "କାନ ଶୁଣିଲ, ଭିକମାଗି ଝିଅ ରାଣୀ ସାଜିଲ" । କେତେ କିଏ କ'ଣ କହି ଯାଉଥାଆନ୍ତି । କିନ୍ତୁ ରାଧାର ମନ ଅଟଳ ଓ ଅଚଳ । ସେ ସ୍ୱାମୀର ଉପଦେଶରେ ସବୁ ମୁଣ୍ଡପାତି ସହି ଯାଉଥାଏ । ମହନା ଜେଲଖାନାରୁ ଫେରି ପାନ ଦୋକାନ କରିଛି । ମହନାକୁ ଦେଖିବାକୁ ବହୁତ ଲୋକ ତା ଘରକୁ ଆସୁ ଆଆନ୍ତି । ପିଲ କୁଟୁମ୍ବର ଦୁଃଖ କଷ୍ଟକୁ ମନେ ପକାଇ କେହି କେହି ପଇସା ଦେଇ ତା ପାଖରୁ ପାନ ଖାଆନ୍ତି । ବିଶେଷତଃ

ଯୁବକମାନଙ୍କର ପ୍ରେରଣା ତାକୁ ସତ୍‌ପଥର ପଥିକ କରି ଗଢିଲା । ଦରକାର ନଥିଲେ ବି ଶିକ୍ଷିତ ଯୁବକମାନେ ମହନାର ଆର୍ଥିକ ଉନ୍ନତି ପାଇଁ ତା'ଠାରୁ ପାନ ଖାଆନ୍ତି । ଭେଙ୍ଗା ଫେରେଇବାକୁ ଥିଲେ ମଧ୍ୟ ପରେ ଦେବୁ କହି ଛାଡ଼ି ଯାଆନ୍ତି । ବହୁତ ବାଧା ବିଘ୍ନ ପରେ ମହନାର ପରିବର୍ତ୍ତନ ଆସିଲା । ଗାଁ ଯୁବକ ସମାଜର ଉତ୍ସାହ, ଗ୍ରାମବାସୀଙ୍କର ସହଯୋଗ ଓ ପ୍ରତିବେଶୀମାନଙ୍କର ସହାନୁଭୂତି ଫଳରେ ମହନା ପରିବାରର ରୂପ ବିଲକୁଲ୍ ବଦଳିଗଲା । କେତେ ଦିନ ପରେ ପାନ ଦୋକାନ ଛାଡ଼ି ସେ ଖୋଲିଲା ଡାଲି, ତେଲ, ଚାଉଳ ଓ ମସଲା ପ୍ରଭୃତିର ଏକ ଦେଶରାଡ଼ି ଦୋକାନ । ମହନାର ଅକ୍ଳାନ୍ତ ପରିଶ୍ରମ, ହୃଦୟ ଖୋଲା କଥାବାର୍ତ୍ତା ଓ ସାଧୁତା ତାକୁ ଉଚ୍ଚ କରି ଗଢିଲା । ତେରଟା ଦିନ ଭିତରେ ତା' ଘରର ଉନ୍ନତି ପରିଲକ୍ଷିତ ହେଲା । ପାଞ୍ଚ ଜଣଙ୍କ ଭିତରେ ଗଣତି ହେଲା ସେ । କ୍ରମଶଃ ତାଂକୁ ସତିପରି ବଢିବାକୁ ଲାଗିଲା । ମହନା ସଭା ସମିତିକୁ ଡ଼କରା ହୋଇ ନ୍ୟାୟ ନିଶାପରେ ଭାଗ ନେଲା । ତା'ର ସାରା ପରିବାରର ଦୁଃଖମୟ ଜୀବନ ଦୂର ହୋଇ ଶାନ୍ତିମୟ ଜୀବନର ଅଭ୍ୟୁଦୟ ହେଲା ।

ହେଲର,
ଫୁଲବାଣୀ ହେଲ

## ରାଜ୍ୟ ସ୍ତରୀୟ ଆଦିବାସୀ ଉପଯୋଜନା

୧୯୭୮ ଅଗଷ୍ଟ ୩ ତାରିଖ ଦିନ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଆଦିବାସୀ ଉପଯୋଜନା ସମନ୍ୱୟ କମିଟିର ଏକ ବୈଠକରେ ଏହି ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଆଦିବାସୀ ଓ ହରିଜନମାନଙ୍କର ସମନ୍ୱିତ ଉନ୍ନୟନ ପ୍ରତି ରାଜ୍ୟ ସରକାର ଅଗ୍ରାଧିକାର ଦେଉଥିବା ଦୃଷ୍ଟିରୁ ଏହି କାର୍ଯ୍ୟକ୍ରମଗୁଡ଼ିକୁ ନିଷ୍ଠାପର ଭାବେ କାର୍ଯ୍ୟକାରୀ କରିବାକୁ ସଂପୃକ୍ତ କର୍ମକର୍ତ୍ତାମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହି ଯୋଜନା ପ୍ରଣୟନ ଓ କାର୍ଯ୍ୟକାରୀ ହେବାରେ ବାସ୍ତବ କ୍ଷେତ୍ରରେ ଏହାକୁ କାର୍ଯ୍ୟକାରୀ କରୁଥିବା ପ୍ରୋଜେକ୍ଟ କର୍ମକର୍ତ୍ତାମାନଙ୍କ ସକ୍ରିୟ ସହଯୋଗ ଏବଂ ପରାମର୍ଶ ନେବାକୁ ବୈଠକରେ ମତ ପ୍ରକାଶ ପାଇଥିଲା ।

ଚଳିତ ଆର୍ଥିକ ବର୍ଷ ପାଇଁ ଏଥିପାଇଁ ୭୪ କୋଟି ୯୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏଥି ମଧ୍ୟରୁ ରାଜ୍ୟ ଯୋଜନାରୁ ୪୭ କୋଟି ୫୨ ଲକ୍ଷ, କେନ୍ଦ୍ରୀୟ ଯୋଜନାରୁ ୧୬ କୋଟି ୪ ଲକ୍ଷ, କେନ୍ଦ୍ରୀୟ ସାହାଯ୍ୟ ୯ କୋଟି ୬୦ ଲକ୍ଷ ଏବଂ ଆଦିବାସୀ ଉନ୍ନୟନ ଏଜେନ୍‌ସିଗୁଡ଼ିକ ପକ୍ଷରୁ ୧ କୋଟି ୭୯ ଲକ୍ଷ ଟଙ୍କା ବ୍ୟୟ କରାଯିବ ।

ଆଦିବାସୀ ଉପଯୋଜନା ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ସାଧାରଣ କାର୍ଯ୍ୟକ୍ରମ ବ୍ୟତୀତ ଚଳିତ ବର୍ଷ କେତେକ ସ୍ୱତନ୍ତ୍ର ପରିକଳ୍ପନା ହାତକୁ ନିଆଯାଇଛି । ପୋଡୁଚାଷ ନିବାରଣ, ଖଣି ଓ ଶିଳ୍ପାଞ୍ଚଳରେ ବାସ କରୁଥିବା ଆଦିବାସୀମାନଙ୍କ ସମନ୍ୱିତ ଉନ୍ନୟନ, ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟମାନଙ୍କରେ ମାଛ ଚାଷ, ଫଳ ଚାଷ ଏବଂ ଶିଳ୍ପ ତାଲିମ ପ୍ରଚଳନ, ଉପଯୋଜନା ଅଞ୍ଚଳ ବାହାରେ ଥିବା ଆଦିବାସୀ ବହୁଳ ଅଞ୍ଚଳ ତଥା ପ୍ରାଚୀନ ଉପଜାତିମାନଙ୍କର ଉନ୍ନୟନ ଏହି ପରିକଳ୍ପନାର ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ଆଦିବାସୀ ଅଞ୍ଚଳମାନଙ୍କରେ ପ୍ରଚଳିତ ହସ୍ତଶିଳ୍ପ ଗୁଡ଼ିକର ଆଧୁନିକରଣ କରାଯାଉଛି । ଏହା ଫଳରେ ଆଦିବାସୀମାନଙ୍କୁ ବ୍ୟବସାୟିକ ଧନ୍ଦା ମାଧ୍ୟମରେ କର୍ମସଂସ୍ଥାନ ଯୋଗାଯାଇପାରିବ ।

ସାକ୍ଷରତା ଦୃଷ୍ଟିରୁ ଅନଗ୍ରସର ୩୪ଟି ବ୍ଲକରେ ୧ ହଜାର ୮୫୫ଟି ପ୍ରାକ୍-ପ୍ରାଥମିକ ବିଦ୍ୟାଳୟ ଖୋଲାଯିବ ଏବଂ ତହିଁର ଛାତ୍ର ଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯିବ । ଏହି ଉପଯୋଜନା ଅଞ୍ଚଳରେ କେନ୍ଦ୍ରୀୟ ସହାୟତାରେ କାର୍ଯ୍ୟକାରୀ ହେଉଥିବା ୩୯ଟି କ୍ଷୁଦ୍ର ଜଳସେଚନ ଯୋଜନା ଚଳିତ ବର୍ଷ ପୂର୍ଣ୍ଣାଙ୍ଗ ହେବ । ପୂର୍ବ ବର୍ଷମାନଙ୍କରେ ସୃଷ୍ଟି ହୋଇଥିବା ଫଳ ବଗିଚାଗୁଡ଼ିକ ବ୍ୟତୀତ ଏ ବର୍ଷ ୧୦ ହଜାର ଏକରରୁ ଊର୍ଦ୍ଧ୍ୱ ଜମିରେ ଫଳ ଗଛମାନ ଲଗାଯିବ ଏବଂ ଟସର ଉତ୍ପାଦନ ପାଇଁ ୨ ହଜାର ଏକର ଜମିରେ ଅସନ ଓ ଅର୍ଜ୍ଜୁନ ଗଛ ଲଗାଯିବ । ଏହା ବ୍ୟତୀତ ଫୁଲବାଣୀ, କେନ୍ଦୁଝର ଏବଂ କୋରାପୁଟ ଜିଲ୍ଲାମାନଙ୍କରେ ଏକ ବ୍ୟାପକ ଅଞ୍ଚଳରେ ରେଶମ ପୋକ ପାଳନ ପାଇଁ ମାଲବେରୀ ଗଛ ଲଗାଯିବ ।

ଉପଯୋଜନା ଅଞ୍ଚଳରେ ସେଚକୂପ ଖନନ ପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି ଅନୁଯାୟୀ ଗତ ବର୍ଷ ୭ ହଜାର ସେଚକୂପ ଖୋଳାଯାଇଛି ଏବଂ ଚଳିତ ବର୍ଷ ୫ ହଜାର ନୂତନ ସେଚକୂପ ଖନନ ଏବଂ ୨ ହଜାର ସେଚକୂପ ସଂପୂର୍ଣ୍ଣ କରିବା ପାଇଁ ୯୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ଏକ ବିଭାଗୀୟ ସମୀକ୍ଷାରୁ ଜଣାଯାଇଛି ।

ଏହି ବୈଠକରେ ଅନ୍ୟାନ୍ୟମାନଙ୍କ ମଧ୍ୟରେ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ମଲ୍ଲିକ, ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ବୀରଭଦ୍ର ସିଂହ, ମୁଖ୍ୟ ଶାସନ ସଚିବ ଶ୍ରୀ କେ. ରାମମୂର୍ତ୍ତି, ବିଭିନ୍ନ ବିଭାଗର ଶାସନ ସଚିବ ଓ ବିଭାଗୀୟ ମୁଖ୍ୟ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

# ସମାଜର ବିକାଶରେ ଶିକ୍ଷକଙ୍କ ଭୂମିକା

ଅଧ୍ୟାପକ ଶତ୍ରୁଘ୍ନ ନାଥ

ଶିକ୍ଷାର ପରିସର ବସ୍ତୁତଃ ଶିକ୍ଷାୟତନ ମଧ୍ୟରେ ସୀମିତ । ଅସୀମ ସମ୍ଭାବନା ପରିପୂର୍ଣ୍ଣ ଜୀବନକାଳର ସ୍ୱଳ୍ପାଂଶ ଶିକ୍ଷାୟତନରେ ବ୍ୟୟିତ ହେଲେ ହେଁ ଏହାକୁ ସମସ୍ତ ପ୍ରସ୍ତୁତିର ଏକମାତ୍ର କ୍ଷେତ୍ରରୂପେ ଗ୍ରହଣ କରିବା ଏକ ବିରାଟ ବିଡ଼ମ୍ବନା । କେବଳ ସେତିକି ନୁହେଁ, ଶିକ୍ଷାୟତନ ବହିର୍ଭୂତ ସମସ୍ତ ଅଭିଜ୍ଞତା ଓ ଜୀବନର ସକଳ ସୁଯୋଗରେ ଶିକ୍ଷାର ପ୍ରୟୋଗକୁ ଅତି ଚତୁରତା ସହକାରେ ବାଦ ଦିଆଯାଇଥାଏ । ପାଠ୍ୟକ୍ରମର ବିନ୍ୟାସ ଓ ପରୀକ୍ଷାର ପରିସର ମଧ୍ୟରେ ଏଥିପାଇଁ ସୁଯୋଗ ନ ଥାଏ, କାରଣ ଏହା ସହଜସାଧ୍ୟ । ଆହୁରି ମଧ୍ୟ ସାମାଜିକ ସ୍ଥିତାବସ୍ଥାର କଳ୍ପନା ଏଥିରେ ନିହିତ । ଜ୍ଞାନରାଶି ମାତ୍ର କତିପୟ ଓ ଏହା ସୁସ୍ଥିର—ଏ ପ୍ରକାର ଏକ ଅସ୍ୱାଭାବିକ ଚିନ୍ତାକୁ ଏଥିରେ ଆଶ୍ରୟ କରାଯାଇଥାଏ । ଏଥିରେ ଜୀବନଦର୍ଶନ ନଥାଏ । ଆଚରଣସିଦ୍ଧ ହେବାର ପରିକଳ୍ପନା ନଥାଏ । ଗୁରୁଙ୍କର ମୁଖନିଃସୃତ ବାଣୀକୁ ଶିଷ୍ୟମାନଙ୍କ କର୍ଣ୍ଣ ଗୋଚରୀଭୂତ କରାଯାଏ । ଆବଶ୍ୟକ ସ୍ଥଳରେ ମନଃପ୍ରାଣଶୂନ୍ୟ କଣ୍ଠସ୍ଥୀକରଣର ଆଶ୍ରୟ ନିଆଯାଏ । ଏହା ନିଶ୍ଚିତ ଭାବରେ ଏକ ପ୍ରମାଣପତ୍ରସର୍ବସ୍ୱ ବ୍ୟବସ୍ଥା । ଏଥିରେ ଜୀବନର ରଚନା ନାହିଁ ଓ ତେଣୁ ଜୀବନର ଆଧେୟ ସମାଜ ସହିତ ସମ୍ପର୍କ କାହିଁ ?

ଏହି ଦୟନୀୟ ପରିସ୍ଥିତିର ପରିଣତି ଭୟାବହ ହୋଇଅଛି । ଗୁରୁ ଓ ଶିଷ୍ୟ ମଧ୍ୟରେ ସମ୍ପର୍କ କ୍ରମେ ଦୂରତରହେଉଅଛି । ଶିକ୍ଷା ସମାଜର ଆବଶ୍ୟକତା ପୂରଣ କରିପାରୁନାହିଁ । ସମାଜର ଆବଶ୍ୟକତା ଓ ବ୍ୟକ୍ତିର ଆବଶ୍ୟକତା ମଧ୍ୟରେ ସଂଯୋଗର ସେତୁ ନାହିଁ । ଏହା ଫଳରେ ଅନେକ ସ୍ଥଳରେ ଏପରି ଦେଖାଯାଏ ଯେ ଶିକ୍ଷା ଓ ଶିକ୍ଷାପ୍ରାପ୍ତ ବ୍ୟକ୍ତିକୁ ପ୍ରତ୍ୟାଖ୍ୟାନ କରାଯାଉଛି । ବ୍ୟକ୍ତି ଜୀବନର ଯେଉଁ ଦୁଇଟି ଦିଗ ଅଛି, ଯଥା ବ୍ୟକ୍ତିଗତ ଓ ସାମାଜିକ—ସେଥି ମଧ୍ୟରେ ସମନ୍ୱୟ ସ୍ଥାପନ କରାଯାଉ ନାହିଁ । ଏହା ଫଳରେ ବ୍ୟକ୍ତିର ଜୀବନ ସମନ୍ୱିତ, ସଙ୍ଗଠିତ ଓ ସୁସଂହତ ହୋଇ ପାରୁନାହିଁ । ଏଥି ଯୋଗୁଁ ସମାଜ ଓ ଏହାର ପରିବର୍ତ୍ତନକୁ ବ୍ୟକ୍ତି ଗ୍ରହଣ କରିପାରୁ ନାହିଁ । ଏହି ସ୍ଥିତି ଦ୍ୱୈତ ହୋଇଥିବାରୁ ଦ୍ୱନ୍ଦ୍ୱହିଁ ସାର ହେଉଛି । ଜ୍ଞାନର ଉତ୍ପାଦନ ଏହା ଫଳରେ ଆଶାନୁରୂପ ହେଉନାହିଁ । ଶୁକ ପକ୍ଷୀର ଜ୍ଞାନଭଣ୍ଡାର ପରି ଜ୍ଞାନ ରାଜ୍ୟରେ ଚର୍ବିତ ଚର୍ବଣ କରାଯାଉଛି । ଜୀବନର ବିଭିନ୍ନ ଅବସ୍ଥା ଓ ବହୁବିଧ ସ୍ଥିତିର ଜୀବନ ମଧ୍ୟରେ ଭାବର ସଞ୍ଚାର ହୋଇ ପାରୁନାହିଁ । ଏହା ଏକ ଅହେତୁକ ବିଭାଜନ ସୃଷ୍ଟି କରିଛି । ବିଭିନ୍ନ ସ୍ଥିତିରେ ସାମାଜିକ ବିକାଶ ପାଇଁ ଅନୁରୂପ ଓ ଅନ୍ୟାନ୍ୟ କୌଶଳ ସମ୍ଭବ ହେଉନାହିଁ । ତେଣୁ ବିକାଶ ବ୍ୟାହତ ଓ ରୋଗଗ୍ରସ୍ତ ହୋଇପଡ଼ିଛି । ଆମେ ଅନ୍ୟ ଦେଶର କୌଶଳକୁ ଅନ୍ଧ ଭାବରେ ଅନୁକରଣ କରୁଅଛୁ । ଏହାଦ୍ୱାରା ସମାଜ ଖଣ୍ଡିତ ହୋଇଅଛି । ଏହାର କଳ୍ପନା ଓ ଏକକ, ପରିବାର ମଧ୍ୟରେ ଆବଦ୍ଧ ହୋଇଅଛି । କେତେକ ସ୍ଥାନରେ ଏକ ବ୍ୟକ୍ତି, ଏକ ସମାଜ—ଏ ପ୍ରକାର ସ୍ୱାର୍ଥକେନ୍ଦ୍ରିକ ଓ ଉଗ୍ର ସଂକୀର୍ଣ୍ଣତାର ପରିପୋଷକ ମାନବର ଅଭ୍ୟୁଦୟ ଘଟିଛି ।

ବିଭକ୍ତିକରଣ ଏକ ବ୍ୟାଧି । ଏଥିରେ ମୃତ୍ୟୁ ସୁନିଶ୍ଚିତ । ଏ ବିଷୟରେ ସୁବିସ୍ତୃତ ଆଲୋଚନା କରାଯାଇପାରେ । ଏହି ପ୍ରସଙ୍ଗରେ ଆମ ଐତିହ୍ୟପୂର୍ଣ୍ଣ ଅତୀତର ଗୌରବ ଗୁରୁକୁଳ ଶିକ୍ଷାର କିଞ୍ଚିତ ପର୍ଯ୍ୟାଲୋଚନା କରିବା । ସେଠାକାର ଧ୍ୟେୟ ହେଉଛି, ଜୀବନଯାପନ ମାଧ୍ୟମରେ ଜୀବନର ନିର୍ମାଣ । ଗୁରୁ ଓ ଶିଷ୍ୟ ମଧ୍ୟରେ ନୈକଟ୍ୟର ତୁଳନା ଅନ୍ୟତ୍ର ନାହିଁ କହିଲେ ଚଳେ । "ଉପାସନା" ଶବ୍ଦରୁ ସାମୀପ୍ୟର ସୂଚନା ମିଳେ । "ତେଜସ୍ୱିନାମବଧୀତମସ୍ତୁ"ରୁ ଗୁରୁ ଓ ଶିଷ୍ୟ—ଏହି ଉଭୟଙ୍କର ସାଧନା ଓ ସିଦ୍ଧିର ପ୍ରମାଣ ମିଳେ । ଏହି ସାଧନାରେ ସମାଜ ଏକ ସ୍ୱତଃପ୍ରବୃତ୍ତ ଓ ଅବିଚ୍ଛିନ୍ନ ଅଙ୍ଗ ହୋଇଯାଏ । We have read and so we are paid. ଏହା ସ୍ୱପ୍ନରେ ମଧ୍ୟ କଳ୍ପନା କରାଯାଏ ନାହିଁ । ଆତ୍ମୋପଲବ୍ଧି ହିଁ ଉଭୟଙ୍କର ଲକ୍ଷ୍ୟ ହୋଇଯାଏ । ପରିପୂର୍ଣ୍ଣତାର ଧ୍ୟେୟକୁ ଉଭୟେ ନିଜ ନିଜ ଜୀବନରେ ରୂପାୟିତ କରନ୍ତି । ଫଳରେ ମର୍ତ୍ତ୍ୟକୁ ଓହ୍ଲାଇ ଆସେ ଶାନ୍ତି, ମୈତ୍ରୀ ଓ ପ୍ରୀତି । ବସୁଧୈବ କୁଟୁମ୍ବକମ୍ । ଏହାହିଁ ସେହି ସାଧନାର ସିଦ୍ଧି । ବ୍ୟକ୍ତିଗତ ଉପାୟରେ ଏହା ବ୍ୟକ୍ତିର ଉତ୍କର୍ଷ ନୁହେଁ, ସମଷ୍ଟିର ସ୍ରୋତ ଓ ସହଯୋଗରେ ବ୍ୟଷ୍ଟିର ବଳିଷ୍ଠ ସାଧନା ।

ଏହାକୁ ଧ୍ୟାନ କରି ବିଭକ୍ତିକରଣର ବିଷମ ବ୍ୟାଧିରୁ ମୁକ୍ତ ହେବା ପାଇଁ ଉଦ୍ୟମ କରାଯାଉଛି । "ସା ବିଦ୍ୟା ଯା ବିମୁକ୍ତୟେ" ପ୍ରାଚୀନ କାଳର ଏହି ସ୍ୱରୂପ ବର୍ଣ୍ଣନା ଶିକ୍ଷାକୁ ଯେଉଁ ଆସନରେ ଅଳଙ୍କୃତ କରିଥିଲା ଏହାର ପୁନରୁଦ୍ଧାର ପାଇଁ ପୁନଃ ପୁନଃ ପ୍ରୟାସ କରାଯାଉଅଛି । ସାମଗ୍ରିକ କଲ୍ୟାଣକୁ ଶିକ୍ଷାରେ ଅଙ୍ଗୀଭୂତ କରିବା ହେଉଛି ଏକ ପ୍ରଧାନ ପ୍ରଚେଷ୍ଟା । ସମୟ ସମୟରେ ସମାଜର ସଞ୍ଚିତ ସାମଗ୍ରୀ ଓ ଦର୍ଶନୀୟ ସ୍ଥାନକୁ ପରିଭ୍ରମଣ ମାଧ୍ୟମରେ ଅଧ୍ୟୟନ କରି ବିସ୍ମୟ ଓ ଆନନ୍ଦ ପ୍ରକାଶ କରିବା ହେଉଛି ଏହାର ଉଦାହରଣ । ଦୁର୍ବିପାକଗ୍ରସ୍ତ ସମାଜର ସେବା କରିବା ଅନ୍ୟତମ ଦୃଷ୍ଟାନ୍ତ । ସମାଜସେବା—ବାହିନୀ ଗଠନ କରାଯାଉଅଛି । ସମ୍ମିଳିତ ଓ ସଙ୍ଗଠିତ ଉଦ୍ୟମ କରାଯାଉଥିଲେ ହେଁ ଶିକ୍ଷା ପଦ୍ଧତିର ଏହା ଅବିଚ୍ଛିନ୍ନ ଅଙ୍ଗ ହୋଇନାହିଁ ଓ ସମାଜ ସେବାକୁ ଶିକ୍ଷାର ଉପଜୀବ୍ୟ କରାଯାଉ ନାହିଁ । ଶିକ୍ଷା ଜୀବନରେ ଏହା ଏକ ଅବାରିତ କ୍ରିୟାକଳାପରେ ପରିଣତ ହୋଇନାହିଁ । ଅବଶ୍ୟ ସମାଜତତ୍ତ୍ୱ ଏକ ପାଠ୍ୟ ବିଷୟ ରୂପେ ସ୍ୱୀକୃତି ଲାଭ କରିଛି ଏବଂ ଶିକ୍ଷାର ସମାଜତତ୍ତ୍ୱ ମଧ୍ୟ ଆଦର ଓ ପ୍ରସାର ପାଉଛି ।

ଏହାଛଡ଼ା, ଶିକ୍ଷାକୁ ସମାଜ ଅଭିମୁଖୀ ଓ ସମାଜ ଆଧାରିତ କରିବା ପାଇଁ ଗାନ୍ଧୀ ବିଚାରଧାରାର ନିର୍ଦ୍ଦିଷ୍ଟ ଦାନ ରହିଛି । "ଅତି ନଗଣ୍ୟ ହେଉପଛକେ, ଜୀବନର ଏପରି ବ୍ୟାପାର ନାହିଁ, ଯାହାକି ଶିକ୍ଷାର ଉପଜୀବ୍ୟ ହେବ ନାହିଁ ?" ସମଗ୍ର ଦୃଷ୍ଟିଭଙ୍ଗୀର ଏହା ବୈପ୍ଳବିକ ପରିବର୍ତ୍ତନ ଆଣିଦିଏ । ଠିକ ସେହି କ୍ରମରେ କର୍ମକୁ ଶିକ୍ଷାର ବାହକ ରୂପେ ଗ୍ରହଣ କରିବା ଫଳରେ ଶିକ୍ଷା, ଜୀବନ, ସମାଜ ଓ ବ୍ୟକ୍ତିର ଏକ ବିଚିତ୍ର ବିକାଶ କଳ୍ପନା କରାଯାଏ । ଏହା ଫଳରେ

ବଦ୍ୟାଳୟକୁ ବିଦ୍ୟାବିଭୟର କ୍ଷେତ୍ର ନକରି ବିଦ୍ୟାର ଆଳୟ କରାଯିବ । ଏ ସମ୍ପର୍କରେ ବିନୋବାଙ୍କ ସୂତ୍ର ତାତ୍ପର୍ଯ୍ୟପୂର୍ଣ୍ଣ । ଗୁରୁ ଛାତ୍ର ପରାୟଣ ହେବେ, ଛାତ୍ର ଗୁରୁପରାୟଣ ହେବେ, ଗୁରୁ ଓ ଛାତ୍ର ବିଦ୍ୟାପରାୟଣ ହେବେ ଓ ଉଭ ବିଦ୍ୟା ସେବାପରାୟଣ ହେବ । ସମସ୍ତ ବିଶକ୍ଷିତ ଓ ଦ୍ୱୈତ ଭାବନା ପରିବର୍ତ୍ତେ ଏହା ଏକ ଅଦ୍ୱୈତ ଭାବମୂର୍ତ୍ତି ସୃଷ୍ଟି କରେ । ଏହା ସହଯୋଗର ସୂତ୍ର ପ୍ରତିଷ୍ଠା କରେ । ସେବା ମାଧ୍ୟମରେ ଗୋପବନ୍ଧୁ ମାନବ ନିର୍ମାଣରେ ଲାଗି ପଡ଼ନ୍ତି । ଜୟପ୍ରକାଶଙ୍କ ସଂପୂର୍ଣ୍ଣ କ୍ରାନ୍ତି ସେହି ପରିପ୍ରେକ୍ଷୀରେ ଅଧିକ ସମୟୋପଯୋଗୀ ଓ ପ୍ରାସଙ୍ଗିକ । ଶିକ୍ଷା ହେବ ସେହି ସମାଜର ଉପାୟ ଓ ଉଦ୍ଦେଶ୍ୟ । ବିକାଶକୁ କ୍ଷିପ୍ରତର କରିବା ପାଇଁ ଶିକ୍ଷାକୁ ସାଧନ କରାଯିବ ଓ ଏହାହିଁ ବିକାଶର ଅନ୍ୟତମ ଧାରା ହୋଇ ରହିବ ।

ଏହି ଦୃଷ୍ଟିରେ ଲକ୍ଷ୍ୟ କରାଗଲେ ସମାଜ କଲ୍ୟାଣ ଯେ ଶିକ୍ଷା ଦ୍ୱାରା ସାଧିତ ହେବ ଏହି ଚିନ୍ତା ସେତେଦୂର ଗଳତ ଜଣାଯାଏ ନାହିଁ । ଗୋଟିଏ ଶ୍ରେଣୀ ସମାବିଷ୍ଟ ସମାଜରେ କଲ୍ୟାଣ ଉଚ୍ଚତର ଶ୍ରେଣୀର ଦାନ ରୂପେ ପରିଗଣିତ ହୁଏ । ଅଭାବଗ୍ରସ୍ତଙ୍କ ପ୍ରତି ଧାଇଁ ଯାଇ କିଛି ଦେଇ ଆସିବାର ଅର୍ଥକୁ ବୁଝାଇବ । ଏହି ନିକୃଷ୍ଟ ଭାବନାକୁ ଦୂର କରିବା ପାଇଁ "ନରନାରାୟଣ" ଓ "ଜୀବକୁ ଶିବ" ଜ୍ଞାନ କରିବାର ବିଗ୍ଭର ଆସିଛି । ସମାଜର ଋଣ ପରିଶୋଧ କରିବା ପାଇଁ ସମାଜ ସେବାର ଅବଲମ୍ବନ କରାଯାଇଛି । ବହୁ ବିକାଶଶୀଳ ରାଷ୍ଟ୍ରରେ ବିକାଶର ଧାରାକୁ ସାର୍ଥକ ଓ ସକ୍ରିୟ କରିବା ପାଇଁ ଏହି ଚିନ୍ତା ଗ୍ରହଣ କରାଯାଇଛି । ୧୯୬୪ ମସିହାରେ ଟାଞ୍ଜାନିଆର ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ ପଞ୍ଚବାର୍ଷିକ ଯୋଜନାର ଉପକ୍ରମରେ ସଭାପତି ନିରେରେ ବ୍ୟକ୍ତ କରନ୍ତି, "ଆମ ନାଗରିକଙ୍କ ମଧ୍ୟରୁ ଅନେକଙ୍କ ଶିକ୍ଷାରେ ବହୁ ଅର୍ଥ ବ୍ୟୟ କରାଯିବ, ଅଥଚ ଅନ୍ୟମାନେ କିଛି ପାଇବେ ନାହିଁ । ସୁତରାଂ ସେଇମାନେ ଏହି ସୁବିଧା ପାଉଛନ୍ତି ଅନ୍ୟମାନଙ୍କ ତ୍ୟାଗର ଋଣ ପରିଶୋଧ ପାଇଁ ସେମାନଙ୍କର କର୍ତ୍ତବ୍ୟ ରହିଛି । ଏହାକୁ ତୁଳନା କରାଯାଇ ପାରେ ଯେ ଗୋଟିଏ ବୁଭୁକ୍ଷୁ ଗାଁର ସମସ୍ତ ଖାଦ୍ୟ ସେମାନଙ୍କୁ ଦିଆଯାଇଛି, ଯଦ୍ୱାରା ଦୂରବର୍ତ୍ତୀ ସ୍ଥାନରୁ ଖାଦ୍ୟ ବୋହି ଆଣିବା ପାଇଁ ସେମାନଙ୍କର ବଳ ହେବ । ସେ ସବୁ ଖାଦ୍ୟ ଖାଇସାରି ତା'ର ଭାଇମାନଙ୍କୁ ଯଦି ସାହାଯ୍ୟ ନକରେ ତେବେ ସେ ବିଶ୍ୱାସ-ଘାତକ । ସେହିପରି ଏହି ସାଧାରଣତନ୍ତ୍ରର ଲୋକମାନଙ୍କ ପଇସାରେ ଶିକ୍ଷା ପାଇ ଯୁବ-ସମ୍ପ୍ରଦାୟ ମଧ୍ୟରୁ ଯଦି କେହି ହାମବଡ଼ା ଭାବ ପୋଷଣ କରନ୍ତି କିମ୍ବା ଏହି ଦେଶର ବିକାଶକୁ ସାହାଯ୍ୟ କରିବା ନିମନ୍ତେ ସେମାନଙ୍କ ଜ୍ଞାନର ପ୍ରୟୋଗ କରିବା ପାଇଁ ବିଫଳ ହୁଅନ୍ତି ତେବେ ସେମାନେ ଆମ ଦେଶରେ ବିଶ୍ୱାସଘାତକତା କରୁଛନ୍ତି ।" ବାସ୍ତବରେ ଶିକ୍ଷା ପାଇ ନିଜ ପ୍ରଭୁତ୍ୱକୁ ଜାହିର କରିବା ପାଇଁ ଶିକ୍ଷାକୁ ସାଧନ ରୂପେ ବ୍ୟବ-ହାର କରିବାର ଦୃଷ୍ଟାନ୍ତ ବିଶେଷ ଭାବରେ ପରିଲକ୍ଷିତ ହୁଏ । ଯେପରି ରେଳଗାଡ଼ିର ଭିଡ଼ ଭିତରେ ନିଜ ପାଦକୁ ଥୟ କରିସାରି ଅନ୍ୟମାନଙ୍କ ପ୍ରବେଶାଧିକାରକୁ ଅବରୋଧ କରିବା ପାଇଁ ଆମର ଶତସିଂହର ବଳ ହୋଇଯାଏ ଓ ଆମ ଭିତରେ ଅଭୂତପୂର୍ବ ସଙ୍ଗଠନ ଆସିଯାଏ, ଏହା ଠିକ୍ ସେହିପରି । ସେଥିପାଇଁ ସୁବିଧାଭୋଗୀ ଗୋଷ୍ଠୀ ଯେ ଶିକ୍ଷାରୁ ସବୁ ସୁବିଧା ମାରି-ନେଉଛନ୍ତି ଓ ଅନ୍ୟମାନେ ଅବହେଳା ଓ ଅପଚୟରେ ସଡ଼ି ଜଳକା ହୋଇଛନ୍ତି— ଏହା କାହାରିକୁ ଅବିଦିତ ନୁହେଁ । ସମାଜ ସହିତ ନିବିଡ଼ ସମ୍ପର୍କ ସ୍ଥାପନ କରିବା ଉଦ୍ଦେଶ୍ୟରେ କୋଠାରୀ କମିଶନ୍ ସମାଜ ସେବାକୁ ଶିକ୍ଷା ଯୋଜନାର ଅଙ୍ଗୀଭୂତ କରିଛନ୍ତି, ତାହାହେଲେ ଶିକ୍ଷା ଓ ସମାଜର ବିକାଶ ସାଧିତ ହୋଇପାରିବ ।

ଅତଏବ ସମାଜ କଲ୍ୟାଣକୁ ଦାନର ବସ୍ତୁ ଭାବରେ ଗ୍ରହଣ କରି ଶିକ୍ଷାର ଅଙ୍ଗୀଭୂତ କରିବାର ଯୁଗ ଗଡ଼ି ଗଲଣି । ଶିକ୍ଷା ଓ ବିକାଶର ଅର୍ଥରେ ପରିବର୍ତ୍ତନ ହୋଇଛି । ଶିକ୍ଷା ବିକାଶର ପ୍ରକ୍ରିୟା । ଶିକ୍ଷକ ଶିକ୍ଷା ଦେବେ ଓ ଶିଷ୍ୟ ଶିକ୍ଷକଙ୍କ ଦାନ ଗ୍ରହଣ କରିବେ—ଏହା ଏକ ଭ୍ରାନ୍ତ ଧାରଣା । ସେ ଢାଳିଦେବେ ଓ ଇଏ ପିଇଯିବେ— ଏହା ଭୁଲ । ଏହା ଫଳରେ ଛାତ୍ରର ମର୍ଯ୍ୟାଦା ବଢ଼ିଛି ଓ ସେ ନିଜକୁ ନିଜେ ଆତ୍ମବଳରେ ଶିକ୍ଷା ଦେଇପାରିବ—ଏହି ସ୍ୱୀକୃତି କ୍ରମେ ବୃଦ୍ଧି ପାଉଛି । କେତେକ ଲୋକଙ୍କର ବା ଗୋଟିଏ ଗୋଟିଏ ଅଞ୍ଚଳର ବିକାଶ ଅନ୍ୟମାନେ କରିଦେବେ—ଏହି ଧାରଣା ମଧ୍ୟ ଭ୍ରାନ୍ତ ବୋଲି ପ୍ରମାଣିତ ହୋଇଛି । ଏଥିରେ ଦାତା ଓ ଗ୍ରହୀତାଙ୍କ ପ୍ରଶ୍ନ ନାହିଁ । ଉଭୟଙ୍କ ବିକାଶର ସମ୍ଭାବନାରେ ଏହି ପ୍ରକ୍ରିୟା ଗ୍ରଥିତ ହୁଏ । ଶିକ୍ଷା ଓ ବିକାଶର କେନ୍ଦ୍ରବିନ୍ଦୁ ହେଉଛି ମାନବ । ସେ ସମଗ୍ର ଓ ଅବିଭକ୍ତ । ଶରୀର, ମନ, ଆତ୍ମା, ଆବେଗ ଆଦିର ବିଭାଗୀକରଣ ନକରି ସମଗ୍ର ବ୍ୟକ୍ତିର ସର୍ବାଙ୍ଗୀନ ଶିକ୍ଷା କଥା କୁହାଯାଏ । ସେହିପରି ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଆଦି ଦିଗରେ ବିକାଶର ବିଭାଗ କରିବା ସମୁଚିତ ନୁହେଁ । ଏସବୁ ପରସ୍ପର ଜଡ଼ିତ । ସେ ଦୃଷ୍ଟିରୁ ଅନେକେ ଗ୍ରାମ୍ୟ ଓ ସହରାଞ୍ଚଳର ବିକାଶକୁ ଆପରି କରି ଛୋଟ ପିଲା କାନ୍ଦୁଥିବାବେଳେ ଗୋଟିଏ ଖେଳନା ପରେ ଆଉ ଗୋଟିଏ ଦେଇ ଭଣ୍ଡାଇ ଦେବା ସଙ୍ଗେ ଏହାକୁ ସମାନ କରନ୍ତି । ସମସ୍ତଙ୍କର ସର୍ବାଙ୍ଗୀନ ଓ ସମଗ୍ର ବିକାଶ ଆମର ଧ୍ୟେୟ ହେବା ଉଚିତ ।

ସୁତରାଂ ଶିକ୍ଷା ଓ ବିକାଶ ପରସ୍ପର ଅଙ୍ଗାଙ୍ଗୀ ଜଡ଼ିତ । ଶିକ୍ଷା ହେଉଛି ବିକାଶର ସାଧନ ଓ ସିଦ୍ଧି । ଏହା ବିକାଶର ଅଙ୍ଗ ଅଟେ । ସେହିପରି ଶିକ୍ଷା ହେଉଛି ଏକ ବିକାଶମୂଳକ ପ୍ରକ୍ରିୟା । ବିକାଶ ମାଧ୍ୟମରେ ଓ ବିକାଶ ପାଇଁ ଶିକ୍ଷା ଅଭିପ୍ରେତ । ତେଣୁ ଶିକ୍ଷା ଓ ଶିକ୍ଷକ ବିକାଶ ସହିତ ଜଡ଼ିତ । ପାଠ୍ୟକ୍ରମର ବିନ୍ୟାସ ଏପରି କରାଯିବ ଯଦ୍ୱାରା ଶିକ୍ଷାୟତନ ସମାଜର ଅଙ୍ଗ ହୋଇ ରହିବ । ଏହା ସମାଜ ସହିତ ଜଡ଼ିତ ହେବ । ଶ୍ରେଣୀର ବିଜ୍ଞାନ ଓ କୃଷିର ବିଜ୍ଞାନ ମଧ୍ୟରେ ବଡ଼ ସ୍ତରର ଭେଦ ନାହିଁ । ଶିକ୍ଷାର ସୂତ୍ରପାତ ହେଉଛି ସମାଜର ବିକାଶରୁ । ଶିକ୍ଷା ସମସ୍ତ ବିକାଶର ମୌଳିକ ସୋପାନ ।

ଏହି ଦୃଷ୍ଟିରୁ ବିଗ୍ଭର କଲେ ସମାଜର ବିକାଶରେ ଶିକ୍ଷକଙ୍କ ଭୂମିକା କିପରି ଏହା ସହଜରେ ଅନୁମେୟ । ବିକାଶର କର୍ମୀ ହେଉଛନ୍ତି ଶିକ୍ଷକ, ତେଣୁ ସେ ଅନ୍ୟମାନଙ୍କ ଠାରୁ ବିଚ୍ଛିନ୍ନ ନହନ୍ତି । ଶିକ୍ଷା ମଧ୍ୟ ଅନ୍ୟାନ୍ୟ ବିକାଶମୂଳକ ଧାରା ସହିତ ଜଡ଼ିତ । ଅତଏବ ଏହି ସମୂହ ପରିପ୍ରେକ୍ଷୀରେ ଗୁରୁଙ୍କର ଦାୟିତ୍ୱ ମଧ୍ୟ ବଢ଼ି ପାଉଛି । କୃଷି, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ବିକାଶର ଧାରା ସହିତ ନିଜକୁ ସମ୍ପୃକ୍ତ କରାଇ ସମଗ୍ର ସମାଜର ପ୍ରଗତି ସାଧନ କରିବାରେ ତାଙ୍କ କର୍ତ୍ତବ୍ୟ ସମୁଚିତ ହୁଏ ।

ଅଧ୍ୟକ୍ଷ, ଏକାମ୍ର କଲେଜ
ଭୁବନେଶ୍ୱର

# ଭାରତରେ ଟେଲିଭିଜନ ପ୍ରସାରର ଇତିହାସ

ଶ୍ରୀ ଯତୀନ୍ ଦାସ

ଭାରତରେ ଟେଲିଭିଜନ ପ୍ରସାର କିପରି ଆରମ୍ଭ ହେଲା ତା'ର ଗୋଟିଏ ସଂକ୍ଷିପ୍ତ ଇତିହାସ ରହିଛି । ସେସବୁ ବିଷୟ ଜାଣିବା ପୂର୍ବରୁ ତାର ଜନ୍ମ ବୃତ୍ତାନ୍ତ ବିଷୟରେ କିଛି ଜାଣିବା ଦରକାର ।

ରେଡ଼ିଓ ଭଳି, ଟେଲିଭିଜନର ମଧ୍ୟ ଜନ୍ମ ହୋଇଥିଲା ବିଦେଶରେ । ମିଷ୍ଟର ଜେ. ଏଲ. ବେୟାର୍ଡ ନାମକ ଜଣେ ବିଖ୍ୟାତ ବୈଜ୍ଞାନିକ, ୧୯୨୬ ମସିହାରେ ଏହି ଅଦ୍ଭୁତ ଯନ୍ତ୍ରଟିର ଆବିଷ୍କାର କରିଥିଲେ । ପ୍ରଥମେ କିଛି କାଳ ପରୀକ୍ଷା ନିରୀକ୍ଷା କରାଗଲା ପରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବାର କେଇ ବର୍ଷ ପୂର୍ବରୁ ଲଣ୍ଡନର ଆଲେକଜାଣ୍ଡ୍ରିଆ ପ୍ୟାଲେସରୁ ବିଶ୍ୱର ସର୍ବପ୍ରଥମେ ଟେଲିଭିଜନ ପ୍ରସାର ଆରମ୍ଭ ହେଲା ।

ଭାରତରେ ଟେଲିଭିଜନର ଆବିର୍ଭାବ ହେଲା, ଦେଶରେ ନିୟମିତ ବେତାର ପ୍ରସାର ଆରମ୍ଭ ହେବାର (୧୯୨୭) ତିରିଶ ବର୍ଷ ପରେ । ସେଇ ସମୟ ଭିତରେ ପୃଥିବୀର କେତେଗୁଡ଼ିଏ ରାଷ୍ଟ୍ର ଏପରିକି ଆମର ପଡ଼ିଶା ଦେଶ ପାକିସ୍ଥାନ ମଧ୍ୟ ଟେଲିଭିଜନ ପ୍ରସାର କ୍ଷେତ୍ରରେ ଆଗେଇ ଗଲା । ଅଥଚ ଭାରତ ବେତାର ପ୍ରସାର କ୍ଷେତ୍ରରେ ଅନ୍ୟମାନଙ୍କ ଅପେକ୍ଷା ଅଗ୍ରଣୀ ଥାଇ ମଧ୍ୟ, ଟେଲିଭିଜନ ପ୍ରସାର କ୍ଷେତ୍ରରେ ସେମାନଙ୍କ ସହିତ ସମାନ ତାଳ ଦେଇ ଚାଲି ପାରିଲା ନାହିଁ । କାହିଁକି ପାରିଲା ନାହିଁ, ତାର ଅବଶ୍ୟ କେତେଗୁଡ଼ିଏ ଯୁକ୍ତିସଂଗତ କାରଣ ଥିଲା । ସେଗୁଡ଼ିକ ମଧ୍ୟରୁ ପ୍ରଥମ ଓ ପ୍ରଧାନ କାରଣ ଥିଲା ପାଣ୍ଠିର ଅଭାବ ।

ଗୋଟିଏ ଟେଲିଭିଜନ କେନ୍ଦ୍ର ସ୍ଥାପନ କରିବାକୁ ହେଲେ, ସେଥିସକାଶେ କୋଟି କୋଟି ଟଙ୍କା ଓ ପ୍ରଚୁର ପରିମାଣର ବୈଦେଶିକ ମୁଦ୍ରା (Foreign Exchange) ର ପ୍ରୟୋଜନ ହୁଏ । ତା ନହେଲେ କ୍ୟାମେରା, ଲେନ୍ସ୍, ଲାଇଟ, ସୂକ୍ଷ୍ମ ଓ ସ୍ଥୂଳ ଯନ୍ତ୍ରପାତି, ଅନ୍ୟାନ୍ୟ ଉପକରଣ ଇତ୍ୟାଦି ସହଜରେ ସଂଗ୍ରହ କରିବା ସମ୍ଭବ ହୋଇ ପାରେ ନାହିଁ । କାରଣ ଏସବୁ ଅତି ମୂଲ୍ୟବାନ ଉପକରଣ । ଟେଲିଭିଜନର ଗୋଟିଏ ମୁଭିଂ ଇଲେକ୍ଟ୍ରୋନିକ୍ କ୍ୟାମେରାର ମୂଲ୍ୟ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା । ଗୋଟିଏ ଲେଖା ଲେନ୍ସର ମୂଲ୍ୟ, ଲକ୍ଷେ ଦେଢ଼ ଲକ୍ଷ ଟଙ୍କାରୁ କମ୍ ନୁହେଁ । ଏହା ବ୍ୟତୀତ ଲାଇଟ, ଗାଂ-ଫିଲିମ୍, କେମିକ୍ୟାଲ୍, ଡ୍ରେସ୍, ମେକଅପ୍ ଓ ଗହଣାପତ୍ର ଇତ୍ୟାଦି ଆହୁରି ବହୁ ପ୍ରକାର ଖର୍ଚ୍ଚ ରହିଛି ।

ଏସବୁ ଖର୍ଚ୍ଚ ବାଦଦେଲେ ଟେଲିଭିଜନରେ ଦୈନିକ ପ୍ରୋଗ୍ରାମ ବାବଦ୍, ଯାହା ଖର୍ଚ୍ଚ ହୁଏ, କୌଣସି ପ୍ରସାର ମାଧ୍ୟମ, ଏପରିକି ରେଡ଼ିଓରେ ମଧ୍ୟ ଏତେ ଖର୍ଚ୍ଚ ହୁଏ ନାହିଁ । ତାର କାରଣ, ରେଡ଼ିଓରେ ଯେଉଁ କାମ ଅଳ୍ପ ଲୋକ ଅଳ୍ପ ଖର୍ଚ୍ଚ ଓ ଅଳ୍ପ ସମୟ ଭିତରେ ହୋଇପାରେ, ଟେଲିଭିଜନରେ ସେଇ କାମ ସକାଶେ ବହୁଲୋକ, ବହୁ ଖର୍ଚ୍ଚ ଓ ବହୁ ସମୟର ପ୍ରୟୋଜନ ହୁଏ । କାହିଁକି ହୁଏ, ତାର ଗୋଟିଏ ଯୋଡ଼ିଏ ଉଦାହରଣ ଦିଆଗଲେ ବିଷୟଟି ସହଜରେ ଅନୁମାନ କରିହେବ ।

ରେଡ଼ିଓରେ ଗୋଟିଏ ପ୍ରୋଗ୍ରାମ ରେକର୍ଡ କରିବାକୁ ହେଲେ, ସେଥି ସକାଶେ ଜଣେ କିମ୍ବା ଦୁଇଜଣ ଲୋକ ହେଲେ କାମ ଚଳିଯାଏ, କିନ୍ତୁ ଟେଲିଭିଜନରେ ତା' ହୋଇ ପାରେ ନାହିଁ । ଟେଲିଭିଜନ ପ୍ରୋଗ୍ରାମ ରେକର୍ଡ କରିବା ସକାଶେ ସେଟ୍ ତିଆରିଠାରୁ ଆରମ୍ଭ କରି ଲାଇଟ, କ୍ୟାମେରା, ଡ୍ରେସ୍, ମେକଅପ, ଅଳଙ୍କାର ଇତ୍ୟାଦି ବହୁ କିଛି ଜିନିଷ ପତ୍ର ଆୟୋଜନ କରିବାକୁ ହୁଏ ।

ରେଡ଼ିଓରେ ସ୍କ୍ରିପ୍ଟ୍ ଦେଖି କହିବାର ସୁବିଧା ଅଛି, ଟେଲିଭିଜନରେ ସେ ସୁବିଧା ନାହିଁ । ଟ୍ୟାଲେଣ୍ଟମାନଙ୍କୁ ସବୁ କିଛି ମୁଖସ୍ଥ କରି କହିବାକୁ ପଡ଼େ । ସ୍କ୍ରିପ୍ଟ ଦେଖି କହିବାର ସୁବିଧା ନାହିଁ ବୋଲି ଟି. ଭି. ଟ୍ୟାଲେଣ୍ଟମାନଙ୍କୁ, ରେଡ଼ିଓ ଆର୍ଟିଷ୍ଟଙ୍କ ଅପେକ୍ଷା ଆହୁରି ବେଶୀ ସତର୍କ ରହିବାକୁ ହୁଏ । ରେଡ଼ିଓରେ ଯେଉଁମାନଙ୍କୁ ଆଟିଷ୍ଟ କୁହାଯାଏ ଟେଲିଭିଜନରେ ସେମାନଙ୍କୁ କୁହାଯାଏ ଟ୍ୟାଲେଣ୍ଟ ।

ରେଡ଼ିଓ ପ୍ରୋଗ୍ରାମ ରେକର୍ଡ କରାଗଲାବେଳେ କୌଣସି ଆର୍ଟିଷ୍ଟ୍ କୌଣସି ଜାଗାରେ ଫମ୍ବଲ କଲେ ବା ଝୁଣ୍ଟିଲେ, କିମ୍ବା ଅଟକି ଗଲେ, ଅଥବା କୌଣସି ପ୍ରକାର ଟେକନିକ୍ୟାଲ୍ ତ୍ରୁଟି ବିଚ୍ୟୁତି ହେଲେ, ସେହି ଅଂଶଟିକୁ ରିରେକର୍ଡ କରାଯାଇ ଅନ୍ୟ ଅଂଶ ସାଙ୍ଗରେ ଯୋଡ଼ି ଦିଆ ଯିବାର ସୁବିଧା ରହିଛି, ହେଲେ ଟେଲିଭିଜନରେ ସେ ସୁବିଧା ନାହିଁ । ଟେଲିଭିଜନ ପ୍ରୋଗ୍ରାମରେ ଅତି ନଗଣ୍ୟ ଧରଣର ଭୁଲ ଭାନ୍ତି ହେଲେ ମଧ୍ୟ ପୁଣିଥରେ ମୂଳରୁ ସବୁଯାକ ପ୍ରୋଗ୍ରାମ ରେକର୍ଡ କରିବାକୁ ପଡ଼େ । କାରଣ ରେଡ଼ିଓ ଭଳି ଟେଲିଭିଜନରେ ଡ୍ରବିଂର ବ୍ୟବସ୍ଥା ନାହିଁ ।

ଦେଶରେ ଟେଲିଭିଜନ ପ୍ରସାର ବିଳମ୍ବରେ ଆରମ୍ଭ ହେବାର ଆଉ ଗୋଟିଏ ମଧ୍ୟ କାରଣ ଥିଲା । ସେତେବେଳେ, ସାଧାରଣ ଲୋକଙ୍କ ଭିତରେ, ଟେଲିଭିଜନ ପ୍ରତି ବିଶେଷ କାହାରି ଆଗ୍ରହ ନଥିଲା । କାରଣ ଟେଲିଭିଜନକୁ ସେମାନେ ଗୋଟିଏ ବିଳାସ ସାମଗ୍ରୀ ବୋଲି ମନେ କରୁ ଥିଲେ । ଦେଶର ବିକାଶ, ବିଶେଷ କରି ଶିକ୍ଷା କ୍ଷେତ୍ରରେ ଯେ ଟେଲିଭିଜନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ଏକଥା ସେତେବେଳେ କେହି ଭଲ ଭାବରେ ଉପଲବ୍ଧି କରି ପାରି ନଥିଲେ । ତାର କାରଣ, ଟେଲିଭିଜନର ଜନ୍ମ ପରଠାରୁ ୧୯୫୭ ମସିହା ପର୍ଯ୍ୟନ୍ତ ବହୁ ବର୍ଷ ଯାଏ, ଦେଶର ଲୋକେ, କେବଳ ଟେଲିଭିଜନର ଗପ ଶୁଣି ଆସୁଥିଲେ, ଆଖିରେ ଦେଖିବାର ସୁଯୋଗ ପାଇନଥିଲେ । ଦେଖିବାର ସୁଯୋଗ ପାଇଲେ ଦିଲ୍ଲୀର ଗୋଟିଏ ଶିଳ୍ପ ମେଳାରେ ।

ସେହିବର୍ଷ (୧୯୫୭), ଦିଲ୍ଲୀର ମଥୁରା ରୋଡ଼ ପାଖରେ ଗୋଟିଏ ବିରାଟ ବିଶ୍ୱ ଶିଳ୍ପ ମେଳାର ଆୟୋଜନ କରାଯାଇଥିଲା । ସେହି ମେଳା ଭିତରେ ଫିଲିପ୍ସ୍ କଂପାନୀ ଗୋଟିଏ ଟେଲିଭିଜନ ଷ୍ଟୁଡ଼ିଓ ଖୋଲିଥିଲେ । ପ୍ରତି ଦିନ ସନ୍ଧ୍ୟାରେ ସେହି ଷ୍ଟୁଡ଼ିଓରୁ ଘଣ୍ଟାଏ ଲେଖାଏ

ମନୋରଞ୍ଜନ ପ୍ରୋଗ୍ରାମ ପ୍ରସାରଣର ବ୍ୟବସ୍ଥା କରାଯାଇଥିଲା । ସତ କହିବାକୁ ଗଲେ ସେହି ମେଳାଗୁଡ଼ିକ ସାଧାରଣ ଲୋକଙ୍କର ଟେଲିଭିଜନ ବିଷୟରେ ଗୋଟିଏ ମୋଟାମୋଟି ଧାରଣା ହେଲା ।

୧୯୫୯ ମସିହା ସେପ୍ଟେମ୍ବର ମାସ ୧୫ ତାରିଖ ଦିନ ଦିଲ୍ଲୀରେ ପରୀକ୍ଷାମୂଳକ ଭାବରେ ଗୋଟିଏ ଟେଲିଭିଜନ କେନ୍ଦ୍ର ସ୍ଥାପନ କରାଗଲା । ସେତେବେଳେ ଏହି କେନ୍ଦ୍ରଟିର ଉଦ୍‌ଘାଟନ କରିଥିଲେ, ସ୍ୱାଧୀନ ଭାରତର ପ୍ରଥମ ରାଷ୍ଟ୍ରପତି ଡକ୍‌ଟର ରାଜେନ୍ଦ୍ର ପ୍ରସାଦ । ପ୍ରକୃତରେ କହିବାକୁ ଗଲେ, ସେହି ଦିନ ଠାରୁ ଭାରତରେ ଟେଲିଭିଜନ ପ୍ରସାରଣ ଶୁଭାରମ୍ଭ ହେଲା ।

୧୯୬୦ ମସିହାରେ ଜାତିସଂଘ ଶିକ୍ଷା ବିଜ୍ଞାନ ଓ ସାଂସ୍କୃତିକ ସଂଗଠନ (UNESCO)ର ସହଯୋଗରେ, ସରକାର ଗୋଟିଏ ଯୋଜନାର କାମ ହାତକୁ ନେଲେ । ଦେଶର ସାମାଜିକ ଶିକ୍ଷା କ୍ଷେତ୍ରରେ, ଟେଲିଭିଜନର କେତେ କ'ଣ ପ୍ରଭାବ ପଡୁଛି, ସେହି ବିଷୟ ସର୍ଭେ କରି ଦେଖିବା ଥିଲା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ସେଥି ସକାଶେ ଇଉନେସ୍କୋ ସଂସ୍ଥା ପକ୍ଷରୁ ମୋଟା ପରିମାଣର ଆର୍ଥିକ ସାହାଯ୍ୟ ମଧ୍ୟ ଦିଆଗଲା ।

ତାପୂର୍ବରୁ, ଫିଲିପ୍‌ସ୍ କମ୍ପାନୀ, ଷ୍ଟୁଡ଼ିଓ ସକାଶେ ଯାହାସବୁ ଯନ୍ତ୍ରପାତି ଓ ଉପକରଣମାନ ଗଢ଼ିଥିଲେ ମେଳା ଶେଷ ହେବାପରେ, ସେଥିରୁ କିଛି ଅଂଶ ସରକାରଙ୍କୁ ବିକି ଦେଇ ଯାଇଥିଲେ । ଠିକ୍ ସେତିକିବେଳେ, ଆମେରିକା ସରକାରଙ୍କ ପାଖରୁ ସାହାଯ୍ୟ ବାବଦ୍, କେତେକ ଅତିରିକ୍ତ ଉପକରଣ ଓ ସାଜସରଞ୍ଜାମ ମଧ୍ୟ ମିଳି ଗଲା । ଏହି ସବୁ ସୁବିଧା ଓ ସାହାଯ୍ୟ, ନବ ପ୍ରତିଷ୍ଠିତ ଦିଲ୍ଲୀ ଟେଲିଭିଜନ କେନ୍ଦ୍ରର ମୂଳଦୁଆକୁ ମଜବୁତ୍ କରିବାରେ ଯଥେଷ୍ଟ ସାହାଯ୍ୟ କଲା ।

ପ୍ରଥମେ ଦିଲ୍ଲୀର, ବଛା ବଛା ଏକୋଇଶଟି ପ୍ରୌଢ଼ ଶିକ୍ଷା ଓ ସମାଜ କଲ୍ୟାଣ କେନ୍ଦ୍ରରେ ଟେଲିଭିଜନ୍ ସେଟ୍ ଖଞ୍ଜା ଯାଇ, ସପ୍ତାହରେ ଦିଦିନ (ମଙ୍ଗଳବାର ଓ ଶୁକ୍ରବାର) ଲେଖା ଓ ପ୍ରୋଗ୍ରାମ ପ୍ରସାରଣର ବ୍ୟବସ୍ଥା କରାଗଲା । ତାର କେଇ ମାସ ପରେ 'ଇଉନେସ୍କୋ' ପକ୍ଷରୁ ଦଳେ ପ୍ରତିନିଧି ଭାରତ ଆସିଲେ । ସେମାନେ ପରୀକ୍ଷାର ଫଳାଫଳ ବିଷୟରେ ଯେଉଁ ରିପୋର୍ଟ ଦେଲେ, ସେ ରିପୋର୍ଟରେ କୁହାଗଲା :—

The fact that through planned effort a serious-minded and knowledge thirsty audience can be built up has been clearly demonstrated by this project and should be a source of encouragement to the professional broad caster and the social educationist alike. It is however, relevant to remember that this result could not have been achieved only by the actual broadcasts but that it was the product of the entire process namely, organised viewing, planned programmes, earnest and serious discussions and the reporting and taking notice of those discussions.

ଇଉନେସ୍କୋର ଏହି ଉତ୍ସାହପୂର୍ଣ୍ଣ ସର୍ଭେ ରିପୋର୍ଟ ପ୍ରକାଶ ପାଇବା ପରେ, ଆମେରିକାର ଫୋର୍ଡଫାଉଣ୍ଡେସନ ନାମକ ଗୋଟିଏ ସଂସ୍ଥାର ସହଯୋଗରେ, ସ୍କୁଲ ଶିକ୍ଷା ସଂକ୍ରାନ୍ତୀୟ ଗୋଟିଏ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରାଗଲା । ୧୯୬୪ ମସିହାରେ ଏଥି ସକାଶେ ଆକାଶବାଣୀ ଓ ଫୋର୍ଡଫାଉଣ୍ଡେସନ ମଧ୍ୟରେ ଚାରି ବର୍ଷିଆ ଗୋଟିଏ ଚୁକ୍ତି ହୋଇଥିଲା । ସେହି ଚୁକ୍ତିର କେତେଗୁଡ଼ିଏ ସର୍ତ୍ତ ଭିତରୁ ଗୋଟିଏ ପ୍ରଧାନ ସର୍ତ୍ତଥିଲା ଯେ, ଷ୍ଟୁଡ଼ିଓ ସକାଶେ ଆଉ କିଛି ଅତିରିକ୍ତ ଉପକରଣ ଖରିଦ କରିବା, ଟ୍ରାନ୍ସମିଟର ଯନ୍ତ୍ରର ପ୍ରସାରଣ କ୍ଷମତା ବଢ଼ାଇବା ଏବଂ ତା ସଙ୍ଗେ ସଙ୍ଗେ ବଛା ବଛା କେତେଗୁଡ଼ିଏ ସ୍କୁଲକୁ ଟେଲିଭିଜନ ସେଟ୍ ଯୋଗେଇବା ଲାଗି, ଯାହା କିଛି ଖର୍ଚ୍ଚ ହେବ, ସେସବୁ ଖର୍ଚ୍ଚ ଫୋର୍ଡ ଫାଉଣ୍ଡେସନ ବହନ କରିବ ।

ସେଇ ଅନୁଯାୟୀ, ଦିଲ୍ଲୀର ହାଏର ସେକେଣ୍ଡାରୀ ସ୍କୁଲର ଛାତ୍ର-ଛାତ୍ରୀମାନଙ୍କ ସକାଶେ ଟେଲିଭିଜନ ଜରିଆରେ, ଦିନକୁ କୋଡ଼ିଏ ମିନିଟ୍ ଲେଖାଏଁ, କେମେଷ୍ଟ୍ରି, ସୋସିଆଲଷ୍ଟଡ଼ିଜ୍, ବାଇଓଲୋଜି, ଫିଜିକ୍ସ, ଜେନେରାଲ ସାଇନସ୍, ଇଂରାଜି ପ୍ରଭୃତି ଆହୁରି କେତେକ ବିଷୟରେ ତାଲିମ ଦିଆଯିବାର ବ୍ୟବସ୍ଥା କରାଗଲା । ଏହା ଫଳରେ କେବଳ ଛାତ୍ର-ଛାତ୍ରୀମାନେ ଯେ ଯଥେଷ୍ଟ ଉପକୃତ ହେଲେ ତା'ନୁହେଁ, ଶିକ୍ଷା କ୍ଷେତ୍ରରେ ଟେଲିଭିଜନର ଉପକାରିତା କେତେ ସେ କଥା ଜାଣିବା ଲାଗି ଯେଉଁ ନୂଆ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଯାଇଥିଲା, ତା'ର ଉଦ୍ଦେଶ୍ୟ ମଧ୍ୟ ପୂରଣ ହେଲା ।

ଏହିପରି ଭାବରେ ସବୁଯାକ ପରୀକ୍ଷାମୂଳକ ଯୋଜନା ପୂର୍ଣ୍ଣ ସଫଳ ହେବାପରେ, ଦିଲ୍ଲୀ ଟେଲିଭିଜନ ପକ୍ଷରୁ ଗାଁ ଗହଳିର ଲୋକମାନଙ୍କ ଉପକାର ଲାଗି 'କୃଷି-ଦର୍ଶନ' ନାମକ ଯେଉଁ ତୃତୀୟ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଗଲା, ତାହାଫଳରେ ଟେଲିଭିଜନ ପ୍ରତି ସେମାନଙ୍କ ଶ୍ରଦ୍ଧା ଆହୁରି ବଢ଼ିଗଲା । ସେମାନେ ଯାହା ଜାଣି ନଥିଲେ, ଟେଲିଭିଜନରେ ସେସବୁ ଦେଖି-ଶୁଣି, ଶିଖିବାର ସୁଯୋଗ ପାଇଲେ ।

ଆଧୁନିକ ପଦ୍ଧତି ଅନୁଯାୟୀ ଚାଷ କଲେ କିପରି ଅଧିକ ପରିମାଣରେ ଫସଲ ଉତ୍ପାଦନ ହୋଇ ପାରିବ, ସେ ବିଷୟରେ କୃଷକମାନଙ୍କୁ ଅବହିତ କରେଇବା ସଙ୍ଗେ ସଙ୍ଗେ ଗାଁ ଗହଳର ଲୋକମାନଙ୍କୁ ସ୍ୱାସ୍ଥ୍ୟରକ୍ଷା, ପରିସ୍କାର ପରିଚ୍ଛନ୍ନତା, ପୁଷ୍ଟିକର ଆହାର, ପରିବାର କଲ୍ୟାଣ ପଭୃତି ବିଭିନ୍ନ ବିଷୟରେ ସଚେତନ କରେଇ ସେମାନଙ୍କ ଜୀବନ ଧାରଣର ମାନ ଉନ୍ନତ କରିବା ଦିଗରେ ସବୁ ପ୍ରକାର ଉଦ୍ୟମ କରାଗଲା । ଏଥି ସକାଶେ ପ୍ରଥମେ କେତେଗୁଡ଼ିଏ ବଛା ବଛା ଗାଁରେ ଟେଲିଭିଜନ ସେଟ୍ ଖଞ୍ଜା ଯାଇଥିଲା ।

୧୯୭୦ ମସିହା ପର୍ଯ୍ୟନ୍ତ ଦିଲ୍ଲୀ ଟେଲିଭିଜନର ସଂପ୍ରସାରଣ କ୍ଷମତା ମାତ୍ର ପଚିଶ କିଲୋମିଟର ଭିତରେ ସୀମାବଦ୍ଧ ଥିଲା । ଫଳରେ ତା' ଅପେକ୍ଷା ଅଧିକ ଦୂରର ଲୋକମାନେ ଟେଲିଭିଜନର ସୁବିଧା ଉପଭୋଗ କରି ପାରୁ ନଥିଲେ । ୧୯୭୧ ମସିହାରେ ଶହେ ମିଟର ଉଚ୍ଚ ଗୋଟିଏ ବିରାଟ 'ଟାୱାର' ଖଞ୍ଜାଯାଇ ଏହାର ପ୍ରସାରଣ ଶକ୍ତି ବୃଦ୍ଧି କରାଯିବା ଫଳରେ, ଦିଲ୍ଲୀ ଓ ତା'ର ଆଖପାଖ ଷାଠିଏ କିଲୋମିଟରର ଇଲାକାର ଲୋକେ, ପ୍ରୋଗ୍ରାମ ଉପଭୋଗ କରିବାର ସୁଯୋଗ ପାଇଲେ । ଠିକ୍ ସେତିକି ବେଳେ, ପଶ୍ଚିମ ଜର୍ମାନୀ ସରକାର, ଷ୍ଟୁଡ଼ିଓ ସକାଶେ କେତେଗୁଡ଼ିଏ ମୂଲ୍ୟବାନ ଉପକରଣ ଦେଲେ । ସେହିସବୁ ଉପକରଣ, ଆକାଶବାଣୀର ପ୍ରେକ୍ଷାଳୟ ଭିତରେ ଖଞ୍ଜାଯାଇ, ସେହି ପ୍ରେକ୍ଷାଳୟଟିକୁ, ଟେଲିଭିଜନ ଷ୍ଟୁଡ଼ିଓରେ ପରିଣତ କରାଗଲା । ତା' ପୂର୍ବରୁ ଆକାଶବାଣୀ ଭବନ ଉପରିମହଲାର ଗୋଟିଏ ବଡ଼ ହଲ ଘର ଭିତରେ ଅସ୍ଥାୟୀ ଷ୍ଟୁଡ଼ିଓ ତିଆରି କରାଯାଇ, ସେହି ଷ୍ଟୁଡ଼ିଓରୁ ପ୍ରୋଗ୍ରାମ ପ୍ରସାରଣ କରା ଯାଉଥିଲା ।

ଦିଲ୍ଲୀ ଟେଲିଭିଜନ ସେଣ୍ଟର ସ୍ଥାପିତ ହେବାର ତେର ବର୍ଷ ପରେ, ୧୯୭୨ ମସିହା ଅକ୍ଟୋବର ମାସ ଦୁଇ ତାରିଖ ଦିନ, ବମ୍ବେ ଟେଲିଭିଜନ କେନ୍ଦ୍ରର ଶୁଭାରମ୍ଭ ହେଲା । ୧୯୭୩ ମସିହା ସେପ୍ଟେମ୍ବର ମାସ ୨୯ ତାରିଖ ଅମୃତସର, ଅକ୍ଟୋବର ମାସ ୨ ତାରିଖ ପୁନା, ୧୯୭୫ ମସିହା ଅଗଷ୍ଟମାସ ୯ ତାରିଖ କଲିକତା, ସେହିମାସ ୧୫ ତାରିଖ ମାଡ୍ରାଜ ଓ ୧୯୭୫ ମସିହା ନଭେମ୍ବର ମାସ ୨୭ ତାରିଖ ଦିନ ଲକ୍ଷ୍ନୌ

ଟେଲିଭିଜନ କେନ୍ଦ୍ରର ଉଦ୍‌ଘାଟନ ହେଲା । ୧୯୭୬ ମସିହା ଜାନୁଆରୀ ମାସ ପହିଲା ତାରିଖ ଠାରୁ ଟେଲିଭିଜନରେ ବ୍ୟବସାୟିକ ପ୍ରସାର ଆରମ୍ଭ ହେଲା । ସେହି ବର୍ଷ ଏପ୍ରିଲ ମାସ ପହିଲା ତାରିଖ ଠାରୁ, ଟେଲିଭିଜନ ଆକାଶବାଣୀଠାରୁ ପୃଥକ ହୋଇଗଲା । ପରିଶେଷରେ ଟେଲିଭିଜନର ଭାରତୀୟ ନାମକରଣ କରାଗଲା ଏବଂ ତା' ପରଠାରୁ ଏହାର ନାଁ ହେଲା 'ଦୂରଦର୍ଶନ' ।

ଆକାଶବାଣୀ
ନୂଆଦିଲ୍ଲୀ



## ଆଇ. ଏ. ଏସ୍. ଓ ଆଇ. ପି. ଏସ୍. ଇତ୍ୟାଦ ଚାକିରୀପାଇଁ ତଫସିଲଭୁକ୍ତ ଜାତ ଓ ତଫସିଲଭୁକ୍ତ ସଂପ୍ରଦାୟର ପ୍ରାର୍ଥୀଙ୍କ ନମନ୍ତେ ପ୍ରାକ୍-ପରୀକ୍ଷା ତାଲମ ବ୍ୟବସ୍ଥା ।

୧୯୭୯ ମସିହାରେ କେନ୍ଦ୍ରୀୟ ପବ୍‌ଲିକ୍ ସର୍ଭିସ୍ କମିଶନ୍‌ଙ୍କ ଦ୍ୱାରା ଅନୁଷ୍ଠିତ ହେବାକୁ ଥିବା ଭାରତୀୟ ପ୍ରଶାସନିକ ଚାକିରୀ ଇତ୍ୟାଦି ନିମନ୍ତେ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳ ଓ ବିହାର, ଓଡ଼ିଶା, ମଧ୍ୟପ୍ରଦେଶ, ଗୁଜୁରାଟ, ପଶ୍ଚିମବଙ୍ଗ ଓ ସିକିମ୍ ରାଜ୍ୟର ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସଂପ୍ରଦାୟର ପ୍ରାର୍ଥୀମାନଙ୍କୁ (କେବଳ ସ୍ନାତକୋତ୍ତର) ପରୀକ୍ଷା/ସାକ୍ଷାତକାର ପରେ ସିଲଂସ୍ଥିତ ନର୍ଥ ଇଷ୍ଟର୍ଣ ହିଲ୍ ୟୁନିଭରସିଟି ଅନ୍ତର୍ଗତ ଅଲ୍ ଇଣ୍ଡିଆ ସର୍ଭିସେସ୍ ପ୍ରି-ଏକ୍‌ଜାମିନେସନ୍ ଟ୍ରେନିଂ କେନ୍ଦ୍ରରେ ତାଲିମ୍ ଦେବା ନିମନ୍ତେ ସେମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଛାତ୍ରମାନଙ୍କୁ କେବଳ 'କଳା' (ଆର୍ଟସ) ବିଷୟଗୁଡ଼ିକରେ ଇଂରାଜୀ ମାଧ୍ୟମରେ ଶିକ୍ଷାଦାନ କରାଯିବ । ଏହି କେନ୍ଦ୍ରରେ ଆଞ୍ଚଳିକ ଭାଷାରେ ଶିକ୍ଷାଦାନ କିମ୍ବା ଇଣ୍ଟରନାଲ ପରୀକ୍ଷାରେ ଉତ୍ତର ଦେବାର କୌଣସି ବ୍ୟବସ୍ଥା ନାହିଁ । ଯେଉଁ ପ୍ରାର୍ଥୀମାନେ ସ୍ନାତକ ପରୀକ୍ଷାରେ ମୋଟ ଶତକଡ଼ା ୪୫ ଭାଗ ନମ୍ବର ରଖିଥିବେ ଓ ସେମାନଙ୍କ ପିତା ମାତା ବା ଅଭିଭାବକଙ୍କର ବାର୍ଷିକ ଆୟ ୯ହଜାର ଟଙ୍କାରୁ ଅଧିକ ହୋଇ ନ ଥିବ ଏବଂ ଯେଉଁ ପ୍ରାର୍ଥୀଙ୍କର ପରିବାରର ଦୁଇଜଣ ଲୋକ ଭାରତର କୌଣସି ପ୍ରାକ୍-ପରୀକ୍ଷା ତାଲିମ୍ କେନ୍ଦ୍ରରେ ଶିକ୍ଷାଲାଭ କରି ନ ଥିବେ, କେବଳ ସେହି ପ୍ରାର୍ଥୀମାନଙ୍କୁ ପ୍ରତିଯୋଗିତା ପରୀକ୍ଷା ପ୍ରସ୍ତୁତି ନିମନ୍ତେ ସାହାଯ୍ୟ କରିବା ପାଇଁ ଉକ୍ତ କେନ୍ଦ୍ରରେ ଗ୍ରହଣ କରାଯିବ । ଯେଉଁ ପ୍ରାର୍ଥୀମାନଙ୍କର ପିତା ମାତା ମେହେନ୍ତର କିମ୍ବା ଝାଡ଼ୁଦାର ଚାକିରୀ କରୁଥିବେ, ସେଭଳି ପ୍ରାର୍ଥୀମାନେ ମଧ୍ୟ ଏହି କେନ୍ଦ୍ରରେ ଶିକ୍ଷା ପାଇବା ପାଇଁ ଆବେଦନ କରି ପାରିବେ । ଯୋଗ୍ୟତା ଓ ସାକ୍ଷାତକାରକୁ କଡ଼ାକଡ଼ି ଭାବେ ଭିତ୍ତିକରି ଏକ ସ୍କ୍ରିନିଂ ଓ ମନୋନୟନ କମିଟିଙ୍କ ଦ୍ୱାରା ପ୍ରାର୍ଥୀ ମନୋନୟନ କରାଯିବ । ମନୋନୀତ ପ୍ରାର୍ଥୀମାନଙ୍କୁ ୧୯୭୯ ମସିହାରେ ଅନୁଷ୍ଠିତ ହେବାକୁ ଥିବା ଉକ୍ତ କେନ୍ଦ୍ରୀୟ ପବ୍‌ଲିକ୍ ସର୍ଭିସ୍ କମିଶନ ପରୀକ୍ଷା ଶେଷ ହେବା ପର୍ଯ୍ୟନ୍ତ କେନ୍ଦ୍ରର ଛାତ୍ରାବାସରେ ରହିବାକୁ ହେବ । ଯେଉଁ ସ୍ଥାନୀୟ ଛାତ୍ରମାନେ ନିଜ ନିଜ ଘରେ ରହି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରିବାକୁ ଇଚ୍ଛା ପ୍ରକାଶ କରନ୍ତି, ସେମାନଙ୍କୁ ଛାତ୍ରାବାସରେ ରହିବା ପାଇଁ ବାଧ୍ୟ କରାଯିବ ନାହିଁ ଓ ଛାତ୍ରାବାସ ରହଣି ଭତ୍ତା ଦିଆଯିବ ନାହିଁ । ସେମାନଙ୍କର ରହିବା ଓ ଖାଇବା ଖର୍ଚ୍ଚ ଏବଂ ଦରମା ଆଦି ଭାରତ ସରକାର ବହନ କରିବେ । ଶିକ୍ଷାନୁଷ୍ଠାନରେ ମହିଳା ପ୍ରାର୍ଥୀମାନେ ମଧ୍ୟ ନାମ ଲେଖାଇ ପାରିବେ ।

ଏଥି ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ହେଉଛି ୧୯୭୮ ମସିହା ଅକ୍ଟୋବର ମାସ ୧୬ ତାରିଖ । ୧୯୭୮ ମସିହା ଅକ୍ଟୋବରମାସ ୯ ତାରିଖ ସୁଦ୍ଧା ନିଜ ଠିକଣା ଲେଖାଥିବା ୨୩ ସେ. ମି. × ୧୦ ସେ. ମି. ଲଫାପା ସମେତ ୦·୭୫ ପଇସା ମୂଲ୍ୟର ଡ଼ାକ ଟିକଟ ସହ ଅନୁରୋଧ ଜଣାଇଲେ ସିଲଂସ୍ଥିତ ନର୍ଥ ଇଷ୍ଟର୍ଣ ହିଲ ୟୁନିଭରସିଟି ଅନ୍ତର୍ଗତ ଅଲ୍ ଇଣ୍ଡିଆ ସର୍ଭିସେସ୍ ପ୍ରି-ଏକ୍‌ଜାମିନେସନ ଟ୍ରେନିଂ ସେଣ୍ଟରର ନିର୍ଦ୍ଦେଶକ କିମ୍ବା ଉପରୋକ୍ତ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଶିକ୍ଷା ବିଭାଗ ଶାସନ ସଚିବଙ୍କ କାର୍ଯ୍ୟାଳୟରୁ ଦରଖାସ୍ତ ଫର୍ମମାନ ମିଳିପାରିବ । ଏହି ନିର୍ଦ୍ଦିଷ୍ଟ ତାରିଖ ପରେ ଫର୍ମ ନିମନ୍ତେ ଅନୁରୋଧ ଜଣାଇଲେ ତାହା ମିଳିପାରିବ ନାହିଁ ।

ଯେଉଁମାନେ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଆର୍ଥିକ ସାହାଯ୍ୟରେ ଏହି କେନ୍ଦ୍ରରୁ କିମ୍ବା ଅନ୍ୟ କୌଣସି ପ୍ରାକ୍-ପରୀକ୍ଷା କେନ୍ଦ୍ରରୁ ପୂର୍ବରୁ କେବେ ତାଲିମ୍ ଲାଭ କରି ଥାଆନ୍ତି, ସେମାନେ ଉକ୍ତ ତାଲିମ ନିମନ୍ତେ ଆବେଦନ କରିବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ।

# ମାପ ଓ ଓଜନ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି

୧—ଖାଉଟିମାନେ ଜିନିଷପତ୍ର ଖର୍ଦ୍ଦି କଲାବେଳେ ମାପ, ଓଜନ, ନିକିତି ଇତ୍ୟାଦି ନିୟମ ଅନୁଯାୟୀ ଓଜନ ଓ ମାପ ବିଭାଗ ଦ୍ୱାରା ଯାଞ୍ଚ କରାଯାଇ ମୋହର ଦିଆଯାଇଛି କି ନା ଦେଖି ନିଅନ୍ତୁ ।

୨—ବ୍ୟବସାୟୀମାନେ ନିଜ ନିଜର ଦଣ୍ଡି, ବଟକରା, ମାପ ଇତ୍ୟାଦି ପ୍ରତ୍ୟେକ ବର୍ଷ ଓଜନ ଓ ମାପ ବିଭାଗ ଦ୍ୱାରା ମୋହର କରାଇ ନିଅନ୍ତୁ । ଅନ୍ୟଥା ଆଇନ ଅନୁଯାୟୀ ଦଣ୍ଡିତ ହେବେ ।

୩—ପ୍ୟାକେଟ୍ ହିସାବରେ ବିକ୍ରି କରାଯାଇଥିବା ଜିନିଷର ପରିମାଣ ପ୍ୟାକେଟ୍ ଉପରେ ସ୍ପଷ୍ଟ ଲେଖାଅଛି କି ନାହିଁ ଓ ଉପରେ ଲେଖାଥିବା ପରିମାଣ ଅନୁସାରେ ପ୍ୟାକେଟ୍‌ରେ ଥିବା ଜିନିଷ ଠିକ୍ ଅଛି କି ନାହିଁ ଦେଖିକରି ଖର୍ଦ୍ଦି କରନ୍ତୁ ।

୪—ପେଟ୍ରୋଲ ପମ୍ପଗୁଡ଼ିକ ଡିଜେଲ କିମ୍ବା ପେଟ୍ରୋଲ କମ୍ ଦେଉଥିବାର ସନ୍ଦେହ ହେଲେ ସ୍ଥାନୀୟ ମାପ ଓଜନ ଇନ୍‌ସପେକ୍ଟରଙ୍କ ଦୃଷ୍ଟିକୁ ଆଣନ୍ତୁ ।

୫—କେବଳ ମିଟର ଫିତାରେ ଲୁଗା କପଡ଼ା କିଣନ୍ତୁ ।

୬—କେବଳ ସେଣ୍ଟିଗ୍ରେଡ଼ରେ ଲେଖାଥିବା ଥର୍ମୋମିଟର ବ୍ୟବହାର କରନ୍ତୁ ।

୭—କେବଳ ଲାଇସେନ୍‌ସପ୍ରାପ୍ତ ବିକ୍ରେତା, ମରାମତିକାରୀ, ଉତ୍ପାଦନକାରୀଙ୍କ ଜରିଆରେ ମାପ, ଓଜନ, ନିକିତି ଆଦି ଦ୍ରବ୍ୟ କିଣନ୍ତୁ ଓ ମରାମତି କରନ୍ତୁ ।

୮—ସରକାରଙ୍କ ଦ୍ୱାରା ଅନୁମୋଦିତ ମାପ ଓଜନ ଦ୍ରବ୍ୟ (କିଲୋଗ୍ରାମ, ଲିଟର, ଦଣ୍ଡି) ବ୍ୟବହାର କରନ୍ତୁ । ଯିଏ ଏ ସବୁ ଦ୍ରବ୍ୟ ବ୍ୟବହାର ନକରୁଥିବାର ଦେଖୁଛନ୍ତି ତାଙ୍କ ନାମ୍ ଓ ଠିକଣା ସ୍ଥାନୀୟ ଓଜନ ଓ ମାପ ଇନ୍‌ସପେକ୍ଟରଙ୍କୁ ତୁରନ୍ତ ଜଣାନ୍ତୁ ।

ଓଜନ ଓ ମାପ ବିଭାଗ

ଓଡ଼ିଶା


ଭୁବନେଶ୍ୱର




ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ୧୯୭୮ ଜୁଲାଇ ୩୧ ତାରିଖ ଦିନ ଫୁଲବାଣୀ ଜିଲ୍ଲା ବୌଦ୍ଧ ପଞ୍ଚାୟତ କଲେଜ ଉଦ୍‌ଘାଟନ ଉତ୍ସବରେ ଭାଷଣ ଦେଉଛନ୍ତି ।




୧୯୭୮ ଅଗଷ୍ଟ ୧୨ ତାରିଖ ଦିନ ରାଉରକେଲାଠାରେ ଉତ୍କଳ ସାମ୍ବାଦିକ ୟୁନିୟନ ଦ୍ୱାରା ଆୟୋଜିତ "ଅନଗ୍ରସର ଅର୍ଥନୀତିରେ ସମ୍ବାଦପତ୍ରର ଭୂମିକା" ଶୀର୍ଷକ ଆଲୋଚନାଚକ୍ରରେ ଇସ୍ପାତ କାରଖାନାର ମ୍ୟାନେଜିଙ୍ଗ ଡାଇରେକ୍ଟର ଡ଼ଃ ଏନ୍. ଏସ୍. ଦଲାଲ ଉଦ୍‌ବୋଧନ ଦେଉଛନ୍ତି ।



ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ୧୯୭୮ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ଉତ୍ସବରେ ଭୁବନେଶ୍ୱରଠାରେ ରାଜ୍ୟ ସ୍ତରୀୟ ପରେଡ୍ ପରିଦର୍ଶନ କରୁଛନ୍ତି ।




ପୂର୍ତ୍ତ ଓ ପରିବହନ ମନ୍ତ୍ରୀ ଶ୍ରୀ ନଟବର ପ୍ରଧାନ ୧୯୭୮ ଜୁନ ୮ ତାରିଖ ଦିନ ଭବାନୀପାଟଣା ଅନ୍ତର୍ଗତ ଅର୍ଜ୍ଜବାହିଲିପଡ଼ାଠାରେ ଜନତା ଦୋକାନ ଉଦଘାଟନ କରି ଭାଷଣ ଦେଉଛନ୍ତି ।




ରାଜ୍ୟପାଳ ଶ୍ରୀ ଭଗବତ ଦୟାଲ ଶର୍ମା ଓଡ଼ିଶା ରାଜ୍ୟ ସମାଜ ମଙ୍ଗଳ ଉପଦେଷ୍ଟା ବୋର୍ଡ ଦ୍ୱାରା ଆୟୋଜିତ ସମାଜ ମଙ୍ଗଳ କର୍ମୀ ସମ୍ମିଳନୀରେ ଉଦ୍‌ବୋଧନ ଦେଉଛନ୍ତି । ଏହି ସମ୍ମିଳନୀ ଭୁବନେଶ୍ୱରସ୍ଥ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଥିଲା ।



ଗୋଷ୍ଠୀ ଉନ୍ନୟନ ଓ ସମାଜ ମଙ୍ଗଳ ମନ୍ତ୍ରୀ ଶ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତି ୧୯୭୮ ଅପ୍ରେଲ ୨ ତାରିଖ ଦିନ ସୂଚନା-ଭବନଠାରେ ସମାଜ ସେବୀମାନଙ୍କ ସମ୍ମିଳନୀରେ ଉଦ୍‌ବୋଧନ ଦେଉଛନ୍ତି ।



କୋଣାର୍କ ଟି. ଭି. ଦ୍ୱାରା ନିର୍ମିତ ଏକ ନୂଆ ଧରଣର ଟେଲିଭିଜନ ସେଟ୍ ଶିଳ୍ପ ମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କୁ ଗତ ଅଗଷ୍ଟ ୧୫ ତାରିଖରେ ପ୍ରଦର୍ଶିତ ହୋଇଥିଲା । ଛବିରେ: ମନ୍ତ୍ରୀ ଏହାର କାର୍ଯ୍ୟକାରିତା ଲକ୍ଷ୍ୟ କରୁଛନ୍ତି ।



ନଗର ଉନ୍ନୟନ ଓ ଅବକାରୀ ମନ୍ତ୍ରୀ ଡକ୍ଟର ଝସକେତନ ସାହୁ ଗତ ଅଗଷ୍ଟ ୧୫ ତାରିଖରେ ଗଞ୍ଜାମ ଜିଲ୍ଲା ମୋହନପଲ୍ଲି ଗ୍ରାମରେ ସେଚକୂପରେ ବିଦ୍ୟୁତ ସଂଯୋଗ କରିଥିଲେ । ୧୯୭୮-୭୯ ମଧ୍ୟରେ ଏହି ଜିଲ୍ଲାର ୩୪୮୦ ସେଚକୂପକୁ ବିଦ୍ୟୁତିକରଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

# ଆମ ଅଗ୍ରଗତିର ଏକ ବର୍ଷ

ଶ୍ରୀ ବଳରାମ ମହାନ୍ତି

ଗତ ବର୍ଷ ସ୍ୱାଧୀନତା ଦିବସ ପାଳିତ ହେବାର ଦୁଇମାସ ପୂର୍ବରୁ ଓଡ଼ିଶାରେ ରାଜନୈତିକ ପରିବର୍ତ୍ତନ ଘଟି ଜନତା ସରକାର ପ୍ରତିଷ୍ଠିତ ହୋଇ ସାରିଥିଲା । ଏ ବର୍ଷ ସ୍ୱାଧୀନତା ଦିବସ ବେଳକୁ ଏ ସରକାରଙ୍କର ବର୍ଷେ ପୂରି ଯାଉଛି । ଏ ବର୍ଷକ ଭିତରେ ଜନତା ସରକାର କଣ କଲେ ତାହା ଜନସାଧାରଣ ଜାଣିବାକୁ ଚାହିଁବା ସ୍ୱାଭାବିକ । ଜନତା ସରକାର ସେମାନଙ୍କର ନିର୍ବାଚନ ଇସ୍ତାହାରରେ ଶାସନ କ୍ଷେତ୍ରରେ ତଥା ଅର୍ଥନୈତିକ କାର୍ଯ୍ୟକ୍ରମରେ କେତେକ ନିର୍ଦ୍ଦିଷ୍ଟ ପରିବର୍ତ୍ତନ ଆଣିବେ ଏବଂ ନୂତନ ଆଭିମୁଖ୍ୟ ନେଇ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେଥିପାଇଁ ଯୋଜନା ତଥା କେନ୍ଦ୍ର ବଜେଟ ଜରିଆରେ ଏହି ସବ ପରିବର୍ତ୍ତନର ରୂପରେଖ ପ୍ରକାଶ ପାଇଥିଲା । କେନ୍ଦ୍ର ଜନତା ସରକାରଙ୍କ ନୀତି ଅନୁସରଣରେ ଓଡ଼ିଶା ସରକାର ଏହି ନୂତନ ପରିକଳ୍ପନାଗୁଡ଼ିକୁ କାର୍ଯ୍ୟକାରୀ କରୁଛନ୍ତି । ନୂତନ ପରିକଳ୍ପନାଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ କିଛି ସମୟ ଲାଗିବ, ସେଥି ପାଇଁ ଗୋଟିଏ ବର୍ଷ ପର୍ଯ୍ୟାପ୍ତ ସମୟ ନୁହେଁ । ମାତ୍ର ବର୍ଷକ ଭିତରେ ଜନତା ସରକାରଙ୍କ ଏହି ନୂତନ ଅର୍ଥନୈତିକ ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକ କେତେଦୂର ଆଗେଇଛି ଏବଂ ତାହା ଆନ୍ତରିକତା ସହ କାର୍ଯ୍ୟକାରୀ ହୋଇଛି କି ନାହିଁ ତାହାହିଁ ଆଲୋଚ୍ୟ ବିଷୟ ।

ଜନତା ସରକାରଙ୍କ କେନ୍ଦ୍ରୀୟ ନୀତି ଅନୁଯାୟୀ ରାଜ୍ୟ ସରକାର ତାଙ୍କର ଅର୍ଥନୈତିକ କାର୍ଯ୍ୟକ୍ରମକୁ ଗ୍ରାମାଭିମୁଖୀ କରିବା ପାଇଁ ଉଦ୍ୟମ କରିଛନ୍ତି । ରାଜ୍ୟ ସରକାର କ୍ଷମତାକୁ ଆସିବା ପରେ ଯେଉଁ କାମଚଳା ବଜେଟ ଉପସ୍ଥାପିତ ହୋଇଥିଲା ସେଥିରେ ନୂତନ ସରକାରଙ୍କ ପରିବର୍ତ୍ତିତ କାର୍ଯ୍ୟକ୍ରମର ପ୍ରକାଶ ପାଇ ପାରି ନ ଥିଲା, ସେଥିରେ ତାର ସୂଚନା ମାତ୍ର ଥିଲା । କାରଣ ଏହି ବଜେଟ ପୂର୍ବ ସରକାର ପ୍ରସ୍ତୁତ କରିଥିଲେ । ଜନତା ସରକାର ସେଥିରେ ବିଶେଷ ପରିବର୍ତ୍ତନ କରିବା ପାଇଁ ସୁବିଧା ପାଇ ନ ଥିଲେ । ଚଳିତ ବର୍ଷ ମାର୍ଚ୍ଚ ମାସରେ ଆଗତ କରା ଯାଇଥିବା ବଜେଟରୁ ରାଜ୍ୟ ଜନତା ସରକାରଙ୍କ ଆଭିମୁଖ୍ୟ ଓ ନୂତନ କାର୍ଯ୍ୟକ୍ରମର ସୂଚନା ମିଳିଲା । ନୂତନ ନୀତି ଅନୁଯାୟୀ ଏହି ବଜେଟରେ କୃଷି ଓ ଗ୍ରାମାଞ୍ଚଳର ଅନ୍ୟାନ୍ୟ ଉନ୍ନୟନ ପାଇଁ ୪୩.୫୬ କୋଟି ଟଙ୍କା ଖର୍ଚ୍ଚ ବ୍ୟବସ୍ଥା ହୋଇଛି ଏବଂ ଏହା ରାଜ୍ୟର ଅର୍ଥନୈତିକ ବିକାଶ ଦିଗରେ ହେଉଥିବା ଖର୍ଚ୍ଚର ଶତକଡ଼ା ୩୬.୩୧ ଭାଗ ଏବଂ ଜଳସେଚନ ବାବଦରେ ଶତକଡ଼ା ୨୫.୫ ଭାଗ ପର୍ଯ୍ୟନ୍ତ ଖର୍ଚ୍ଚ ହେବ ବୋଲି ବ୍ୟବସ୍ଥା ହେଲା । ସେହିପରି ସାମାଜିକ ସେବାମୂଳକ କାର୍ଯ୍ୟକ୍ରମରେ ମୋଟ ଖର୍ଚ୍ଚର ଶତକଡ଼ା ୫୭.୫୪ ଭାଗ ଶିକ୍ଷା ଦିଗରେ, ଶତକଡ଼ା ୨୭.୮୧ ଭାଗ ସ୍ୱାସ୍ଥ୍ୟ ଦିଗରେ ଖର୍ଚ୍ଚ ପାଇଁ ବଜେଟରେ ବ୍ୟବସ୍ଥା ହୋଇଛି ।

ରାଜ୍ୟ ଜନତା ସରକାର କେନ୍ଦ୍ରୀୟ ନୀତି ଅନୁଯାୟୀ କୃଷି, ଶିଳ୍ପ, ଶିକ୍ଷା ପ୍ରଭୃତି କ୍ଷେତ୍ରରେ ଯେଉଁ ନୂତନ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି ଗତ ବର୍ଷକ ଭିତରେ ତାର ପ୍ରାଥମିକ କାର୍ଯ୍ୟ ଶେଷ ହୋଇଛି । ଆସନ୍ତା ବର୍ଷ ହିଁ ତାହା ନିର୍ଦ୍ଦିଷ୍ଟ ରୂପରେଖ ଧାରଣ କରିବ । ତେଣୁ ଏହି କାର୍ଯ୍ୟକ୍ରମର ମୂଲ୍ୟାୟନ ପାଇଁ ଏବେ ସମୟ ହୋଇ ନାହିଁ । ସଂପ୍ରତି ସରକାରଙ୍କ ଶିଳ୍ପ ନୀତି କଥା ଆଲୋଚନା କରାଯାଉ । ଜନତା ସରକାର ନିଷ୍ପତ୍ତି କଲେ ଯେ ଏଣିକି ଗ୍ରାମ୍ୟ ଶିଳ୍ପ ଓ କୁଟୀର ଶିଳ୍ପ ଉପରେ ଅଧିକ ଜୋର ଦିଆଯିବ ଏବଂ ସେ ବାବଦରେ ଅଧିକ ଖର୍ଚ୍ଚ ବ୍ୟବସ୍ଥା ହେବ । ଏହା କହିଦେବା ଯେତେ ସହଜ, କରିବା ସେତେ ସହଜ ନୁହେଁ । ଏହି ନୀତି ଘୋଷଣା କରାଯିବା ପରେ କଥା ଉଠିଲା ଯେ ବଡ଼ ଶିଳ୍ପ ସହିତ କ୍ଷୁଦ୍ର ଶିଳ୍ପ ପ୍ରସାର କ୍ଷେତ୍ରରେ କିପରି ସମନ୍ୱୟ ରକ୍ଷାଯିବ । ସେଥିରେ ନାନା ଆଶଙ୍କା ଓ ମତଭେଦ ପ୍ରକାଶ ପାଇଲା ଏବଂ ତାହା ଦୂର ହୋଇ ଏ ସମ୍ବନ୍ଧରେ ଏକ ନିର୍ଦ୍ଦିଷ୍ଟ ନୀତି ଘୋଷଣା କରାଗଲା । କେଉଁ କେଉଁ ଶିଳ୍ପଗୁଡ଼ିକୁ କ୍ଷୁଦ୍ର ଶିଳ୍ପ ବୋଲି ଧରାଯିବ ତାହା ନିର୍ଦ୍ଦିଷ୍ଟ କରି ଦିଆଗଲା । ଏହି ଅନୁସାରେ କେନ୍ଦ୍ରୀୟ ଆମଦାନୀ ଓ ରପ୍ତାନୀ ନୀତି ତଥା ଟିକସ ନୀତି ଧାର୍ଯ୍ୟ ହେଲା । କେତେକ କ୍ଷେତ୍ରରେ କ୍ଷୁଦ୍ର ଶିଳ୍ପର ପ୍ରସାର ଉଦ୍ଦେଶ୍ୟରେ ଯନ୍ତ୍ରପାତି ଆମଦାନୀ ଓ ପଣ୍ୟ ରପ୍ତାନୀ ପାଇଁ ଅନୁମତି ଦିଆଗଲା ଏବଂ ଏହି ଉଦ୍ଦେଶ୍ୟରେ ଟିକସ କୋହଳ କରି ଦିଆଗଲା । କେନ୍ଦ୍ର ସରକାର ଏତକ କରି ସାରିବା ପରେ ରାଜ୍ୟମାନଙ୍କରେ କ୍ଷୁଦ୍ର ଶିଳ୍ପ ପ୍ରସାର ପାଇଁ ସଂଗଠନ ଆରମ୍ଭ ହେଲା । ଏଥିପାଇଁ ପ୍ରତି ଜିଲ୍ଲାରେ ଗୋଟିଏ ଗୋଟିଏ ଶିଳ୍ପ ପ୍ରସାର କେନ୍ଦ୍ର ସ୍ଥାପିତ ହେଲା ଓ ଜଣେ ଜଣେ ଜିଲ୍ଲା ଶିଳ୍ପ ମେନେଜର ନିଯୁକ୍ତ କରାଗଲେ । ସେମାନେ ବିଭିନ୍ନ ଜିଲ୍ଲାରେ ନୂତନ କ୍ଷୁଦ୍ରଶିଳ୍ପ ଉଦ୍ୟୋଗକାରୀମାନଙ୍କୁ ସାକ୍ଷାତ କରି ଉତ୍ସାହ ପ୍ରଦାନ କରିବାକୁ ଉଦ୍ୟମ କରୁଛନ୍ତି । ଏହାଛଡ଼ା ଏହି କ୍ଷୁଦ୍ର ଶିଳ୍ପ ସଂସ୍ଥାରୁ ଯେଉଁ ସବୁ ଜିନିଷ ଉତ୍ପାଦିତ ହେବ ସେଗୁଡ଼ିକର ବିକ୍ରି ବ୍ୟବସ୍ଥା ସଂପର୍କରେ ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରାଯାଉଛି । ସେଥିପାଇଁ ରାଜ୍ୟ ସରକାର କ୍ଷୁଦ୍ରଶିଳ୍ପଜାତ ଜିନିଷଗୁଡ଼ିକର ବିକ୍ରି ପାଇଁ ପରିକଳ୍ପନା ପ୍ରସ୍ତୁତ କରିଛନ୍ତି । ଏସବୁ କରିବା ପାଇଁ ଯେ ସର୍ବନିମ୍ନ ସମୟ ଆବଶ୍ୟକ ଏହା ସମସ୍ତେ ସ୍ୱୀକାର କରିବେ ।

ସେହିପରି ପ୍ରଚଳିତ ଶିକ୍ଷା ବ୍ୟବସ୍ଥାର ଆଭିମୁଖ୍ୟ ମଧ୍ୟ କେନ୍ଦ୍ର ଜନତା ସରକାର ପରିବର୍ତ୍ତନ କରିଛନ୍ତି । ଜନତା ସରକାର ପ୍ରାଥମିକ ଶିକ୍ଷା ପ୍ରସାର ଓ ପ୍ରୌଢ଼ ଶିକ୍ଷା ପ୍ରସାର ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ନିଷ୍ପତ୍ତି କରିଛନ୍ତି । ଏହା ଏକ ନୀତିଗତ ପରିବର୍ତ୍ତନ । ମାଧ୍ୟମିକ ଶିକ୍ଷା ଓ ଉଚ୍ଚ ଶିକ୍ଷାକୁ ଅବହେଳା ନ କରି କିପରି ଏହା ସୁସ୍ଥରୂପେ ପରିଚାଳନା କରାଯିବ ସେଥିପାଇଁ ଉପାୟ ଚିନ୍ତା କରାଯାଉଛି । ଏତଦ୍ ବ୍ୟତୀତ ପ୍ରୌଢ଼ଶିକ୍ଷା ପ୍ରସାର ପାଇଁ କେନ୍ଦ୍ର ସରକାର [illegible]ଶରେ ୨୦[illegible] କୋଟି ଟଙ୍କା ଖର୍ଚ୍ଚ କରିବାକୁ ସ୍ଥିର କରିଛନ୍ତି । ତେଣୁ ଏହି [illegible]ରାଟ ପରିକଳ୍ପନାକୁ କାର୍ଯ୍ୟକାରୀ କରିବାପାଇଁ ବଡ଼ ଧରଣର ସଂଗଠନ ଓ ପ୍ରଶାସନିକ ବ୍ୟବସ୍ଥା ଦରକାର ହେବ । ଏଥିପାଇଁ ସରକାରୀ ସ୍ତରରେ କେତେ[illegible]

କାର୍ଯ୍ୟ ହେବ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସାହାଯ୍ୟରେ କିପରି କାର୍ଯ୍ୟ ହେବ ତାହା କରିବାକୁ ସମୟ ଲାଗିଲା । ପ୍ରଥମ ବର୍ଷଟି ଏହି ପ୍ରାଥମିକ କାର୍ଯ୍ୟାନୁଷ୍ଠାନରେ ଅତିବାହିତ ହୋଇଛି । ଆସନ୍ତା ବର୍ଷ କାର୍ଯ୍ୟ ଆରମ୍ଭ ହେଲେ ଯାଇ ଏହାର ଉପଯୁକ୍ତ ମୂଲ୍ୟାୟନ କରିବା ପାଇଁ ବେଳ ଆସିବ ।

କେନ୍ଦ୍ର ଜନତା ସରକାର ଗାଁ ଗହଳର ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ପହଞ୍ଚାଇବା ନିମନ୍ତେ ଏକ ନୂତନ ପରିକଳ୍ପନା କାର୍ଯ୍ୟକାରୀ କରୁଅଛନ୍ତି । ଓଡ଼ିଶାରେ ମାତ୍ର ୧୩ଟି ଅଞ୍ଚଳରେ ଏହି ପରିକଳ୍ପନା କାର୍ଯ୍ୟକାରୀ କରାଯାଇଛି । ପ୍ରଥମେ ଏହି ଯୋଜନାର ଉପଯୋଗିତା ଓ କାର୍ଯ୍ୟକାରିତା ସମ୍ବନ୍ଧରେ ନିଜେ ବିଶିଷ୍ଟ ଡାକ୍ତରମାନେ ସନ୍ଦିହାନ ଥିଲେ । ଅଳ୍ପ ଶିକ୍ଷିତ ଲୋକଙ୍କ ହାତରେ ଚିକିତ୍ସା ବ୍ୟବସ୍ଥା ଛାଡ଼ିଦେବା ଯଥାର୍ଥ ହେବ ନାହିଁ ବୋଲି ସେମାନେ ମତ ପ୍ରକାଶ କରିଥିଲେ । ତଥାପି ସେମାନଙ୍କ ସହିତ ବାରମ୍ବାର ଆଲୋଚନା ଓ ମତ ବିନିମୟ କରାଯିବା ପରେ ଏହା କାର୍ଯ୍ୟକାରୀ ହେଲା । ଆସନ୍ତା ବର୍ଷକୁ ଅଧିକ ଅଞ୍ଚଳରେ ଏହା କାର୍ଯ୍ୟକାରୀ ହେବ ଏବଂ ଏହାର ମୂଲ୍ୟାୟନ କରିବା ପାଇଁ ସମୟ ଆସିବ ।

ଏହା ସତ୍ତ୍ୱେ ରାଜ୍ୟ ସରକାର ସମାଜର ଦରିଦ୍ର ଓ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମଗୁଡ଼ିକ ପ୍ରତି କୌଣସି ଅବହେଳା ପ୍ରଦର୍ଶନ କରିଛନ୍ତି ବୋଲି କହିବା ଯଥାର୍ଥ ହେବ ନାହିଁ । ଭୂମିହୀନମାନଙ୍କ ମଧ୍ୟରେ ବଳକା ଜମି ବଣ୍ଟନ କରିବା, ଘରଡ଼ିହ ଯୋଗାଇ ଦେବା ଓ ସେମାନଙ୍କ ପାଇଁ ଚାଲିଥିବା ଗୃହ ନିର୍ମାଣ କାର୍ଯ୍ୟକ୍ରମର ପ୍ରସାର ଘଟିଛି । ନାମମାତ୍ର ଓ କ୍ଷୁଦ୍ର ଚାଷୀଙ୍କ ପାଇଁ ଯେଉଁ ପରିକଳ୍ପନା ଆଗରୁ ରହିଥିଲା ତାକୁ ଅଧିକ ବ୍ୟାପକ କରି ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ରୂପେ ଚଳାଇବା ପାଇଁ ଜନତା ସରକାର ସ୍ଥିର କରିଛନ୍ତି । ଏହାର ଚିକିନିଖି ପରିକଳ୍ପନା ରାଜ୍ୟ ସରକାର ପ୍ରସ୍ତୁତ କରୁଥିବା ଜଣାଯାଏ ।

ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନୀତି ଅନୁସରଣରେ କ୍ଷୁଦ୍ରଶିଳ୍ପ ପ୍ରସାର ପ୍ରତି ଅଧିକ ଗୁରୁତ୍ୱ ଓ ଅଗ୍ରାଧିକାର ଦେଇଥିଲେ ମଧ୍ୟ ବୃହତ୍ ଶିଳ୍ପ ତଥା ମଧ୍ୟମ ଧରଣର ଶିଳ୍ପ ପ୍ରସାର ଦିଗରେ କୌଣସି ଅବହେଳା ପ୍ରଦର୍ଶନ କରି ନାହାନ୍ତି । ବହୁଦିନୁ କେନ୍ଦ୍ର ସରକାରଙ୍କ ବିଚାରାଧୀନ ଥିବା କେତେଗୁଡ଼ିଏ ଶିଳ୍ପ ଗତବର୍ଷ ଭିତରେ କାର୍ଯ୍ୟକାରୀ ହୋଇ ପାରିଥିବା ଓଡ଼ିଶାବାସୀଙ୍କ ପକ୍ଷରେ ସନ୍ତୋଷର କଥା । ପାରାଦୀପ ବନ୍ଦର ସମନ୍ୱିତ ଉନ୍ନୟନ ପରିକଳ୍ପନା ବହୁକାଳ ପରେ ନିର୍ଦ୍ଦିଷ୍ଟ ରୂପରେଖ ଧାରଣ କରିଛି । ପାରାଦୀପଠାରେ ଜାହାଜ ନିର୍ମାଣ କାରଖାନା ଓ ଦ୍ୱିତୀୟ ପଣ୍ୟବର୍ଥ ନିର୍ମାଣ ଘୋଷଣାରୁ ହିଁ ଏହାର ସୂଚନା ମିଳେ । କୋରାପୁଟର ବିରାଟ ଆଲୁମିନିୟମ ଖଣିର ବହୁଦିନୁ ସନ୍ଧାନ ମିଳିଥିଲେ ମଧ୍ୟ ଏହାର ନିର୍ଦ୍ଦିଷ୍ଟ ଉପଯୋଗ ପାଇଁ ଗତବର୍ଷ ଭିତରେ ହିଁ ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଗଲା ଓ ଏହାର ସମ୍ଭାବନା ରିପୋର୍ଟ ପ୍ରସ୍ତୁତ ହେଉଛି । ଶିଳ୍ପ ବିଶେଷଜ୍ଞମାନେ ମତ ପ୍ରକାଶ କରୁଛନ୍ତି, କୋରାପୁଟ ଆଲୁମିନିୟମ ଓ ଆନ୍ଧ୍ରପ୍ରଦେଶର ଆଲୁମିନିୟମ ଉପଯୋଗ କରାଯାଇ ଶିଳ୍ପ ପ୍ରତିଷ୍ଠା କରାଗଲେ ଭାରତ ପୃଥିବୀର ସର୍ବାପେକ୍ଷା ବୃହତ୍ ଆଲୁମିନିୟମ ଉତ୍ପାଦନ ଦେଶ ରୂପେ ସୁଖ୍ୟାତି ଲାଭ କରିବ । କେନ୍ଦୁଝରରେ ସ୍ପଞ୍ଜ ଲୁହା କାରଖାନା ଓ ମୟୂରଭଞ୍ଜରେ ଫେରୋ-ଭାନାଡ଼ିୟମ କାରଖାନା ନିର୍ମାଣର ସମ୍ଭାବନା ଅଧିକ ଉଜ୍ଜ୍ୱଳ ହୋଇଛି । ବହୁ ଦିନରୁ ପରିକଳ୍ପିତ ଯଶପୁର-ବାଂଶପାଣି ରେଳରାସ୍ତା ନିର୍ମାଣ ତଥା ରେଳ ଡବା ମରାମତି କାରଖାନା ନିର୍ମାଣ କାର୍ଯ୍ୟ ଗତବର୍ଷ ମଧ୍ୟରେ ଆରମ୍ଭ ହେଲା । ଓଡ଼ିଶାରେ ଅନ୍ୟାନ୍ୟ ଯେଉଁ ସବୁ ରେଳରାସ୍ତା ନିର୍ମାଣ ପାଇଁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି ତଥା ରେଳ ଚଳାଚଳ ପାଇଁ ସୁବିଧା ଗତବର୍ଷ ଭିତରେ ଦିଆଯାଇଛି ସେଗୁଡ଼ିକ ସହାନୁଭୂତି ସଂପନ୍ନ କେନ୍ଦ୍ରସରକାର ଓ କେନ୍ଦ୍ର ରେଳବାଇ ମନ୍ତ୍ରୀ ଶ୍ରୀ ମଧୁ ଦଣ୍ଡବତେଙ୍କ ଯୋଗୁହିଁ ସମ୍ଭବ ହୋଇଛି ।

ସେହିପରି ଶିକ୍ଷା କ୍ଷେତ୍ରରେ ପ୍ରାଥମିକ ଶିକ୍ଷା ଓ ପ୍ରୌଢ଼ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିଲେ ମଧ୍ୟ ମାଧ୍ୟମିକ ଶିକ୍ଷା ଓ ଉଚ୍ଚଶିକ୍ଷା ପ୍ରସାର ପାଇଁ କ୍ରମାଗତ ଯେଉଁ ଦାବୀ ହେଉଛି ଓଡ଼ିଶା ସରକାର ତାହା ପୂରଣ କରିବା ଦିଗରେ ସାଧ୍ୟମତେ ଉଦ୍ୟମ କରୁଛନ୍ତି । ପ୍ରତିଷ୍ଠିତ କଲେଜମାନଙ୍କରେ ସ୍ଥାନ ସଂଖ୍ୟା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଏକାନ୍ତ ଆବଶ୍ୟକ ଥିବା ସ୍ଥାନମାନଙ୍କରେ ନୂତନ କଲେଜ ସ୍ଥାପନ ପାଇଁ ମଧ୍ୟ ସରକାର ଅନୁମତି ଦେଉଛନ୍ତି । ଆଦିବାସୀ ବହୁଳ ଅଞ୍ଚଳରେ ମାଧ୍ୟମିକ ସ୍କୁଲ ଓ କଲେଜ ସ୍ଥାପନ ପାଇଁ ଉଦ୍ୟମ ହେଉଛି । ଉଚ୍ଚଶିକ୍ଷା ବାବଦରେ ବିଶ୍ୱବିଦ୍ୟାଳୟ ଗ୍ରାଣ୍ଟ କମିଶନଙ୍କଠାରୁ ଓଡ଼ିଶାର ନ୍ୟାୟସଙ୍ଗତ ଦାବୀ ଉପସ୍ଥାପିତ କରି ଗ୍ରାଣ୍ଟ ମଞ୍ଜୁର କରାଇବା ବ୍ୟବସ୍ଥା କରିଛନ୍ତି । ମାତ୍ର ଓଡ଼ିଶା ଭଳି ଅବହେଳିତ ରାଜ୍ୟରେ ଦ୍ରୁତ ଶିକ୍ଷା ପ୍ରସାର ପାଇଁ ଶିକ୍ଷାନୁଷ୍ଠାନ, କୋଠାବାଡ଼ି ନିର୍ମାଣ, ଆସବାବପତ୍ର କ୍ରୟ, ଲାଇବ୍ରେରୀ ପ୍ରତିଷ୍ଠା ବା ଶିକ୍ଷକମାନଙ୍କ ନ୍ୟାୟସଙ୍ଗତ ଦାବୀ ପୂରଣ ପାଇଁ ଏତେ ଅର୍ଥ ଆବଶ୍ୟକ ଯେ ସମସ୍ତ ନ୍ୟାୟସଙ୍ଗତ ଦାବୀ ପୂରଣ ସରକାରଙ୍କ ପକ୍ଷରେ ସମ୍ଭବ ହୋଇ ପାରୁନାହିଁ । ଜନତା ସରକାରଙ୍କ ଶିକ୍ଷା ବିଭାଗର ଆଉ ଏକ ଉଲ୍ଲେଖଯୋଗ୍ୟ କାର୍ଯ୍ୟ ଓଡ଼ିଶାର ସାହିତ୍ୟ ଓ ସାଂସ୍କୃତିକ ବିକାଶ କ୍ଷେତ୍ରରେ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବିବେଚିତ ହେଉଛି । ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ବଜେଟ୍‌ରେ ବର୍ଷ ଶେଷରେ କିଛି ଟଙ୍କା ବଳକା ହେଲେ ସେଇଥିରୁ କିଛି ବହି କିଣିବା ବାବଦରେ ବିନିଯୋଗ କରାଯାଏ । ମାତ୍ର ରାଜ୍ୟ ସରକାର ଚଳିତ ବର୍ଷ ବଜେଟ୍‌ରେ ପାଞ୍ଚଲକ୍ଷ ଟଙ୍କା କେବଳ ବହି କିଣିବା ବାବଦରେ ସ୍ୱତନ୍ତ୍ର ଭାବରେ ବ୍ୟବସ୍ଥା କରିଛନ୍ତି । ଏହାଛଡ଼ା ବଜେଟ୍‌ରେ ବଳକା ହୋଇଥିବା ଲକ୍ଷାଧିକ ଟଙ୍କାର ବହି କିଣିଛନ୍ତି । ସାଂସ୍କୃତିକ ବ୍ୟାପାର ବିଭାଗ ଜରିଆରେ ଗତବର୍ଷ ରାମମୋହନ ରାୟ ଫାଉଣ୍ଡେସନଙ୍କ ସହାୟତାରେ ଯେଉଁ ୨୦୦ ଗ୍ରାମ୍ୟ ପୁସ୍ତକାଗାରକୁ ବହି ଯୋଗାଇ ଦିଆଯାଉଛି ସେ ବାବଦରେ ରାଜ୍ୟ ସରକାରଙ୍କୁ ପ୍ରାୟ ୩ ଲକ୍ଷ ଟଙ୍କା ଦେବାକୁ ପଡୁଛି । ପ୍ରତିବର୍ଷ ଶିକ୍ଷାବିଭାଗ ପାଞ୍ଚଲକ୍ଷ ଟଙ୍କାର ବହି କିଣି ନେବେ ବୋଲି ମଧ୍ୟ ନିଷ୍ପତ୍ତି କରିଛନ୍ତି । ଏହା ଓଡ଼ିଆ ଲେଖକ, ପ୍ରକାଶକ ଓ ପାଠକମାନଙ୍କ ପକ୍ଷରେ ଉତ୍ସାହର କଥା ।

ରାଜ୍ୟ ସରକାର ବିଭିନ୍ନ ବାବଦରେ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ବା ବିଭିନ୍ନ କ୍ଷେତ୍ରରେ ତଦ୍ଦ୍ୱାରା କି କି କାମ ହୋଇଛି ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ, ସରକାର ଯେଉଁସବୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ତାର କିପରି ସମାଧାନ କରିଛନ୍ତି ତାହା ସେହିପରି ଗୁରୁତ୍ୱପୂର୍ଣ୍ଣ । ଜନତା ସରକାର ଶାସନ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଛାତ୍ର, ଶିକ୍ଷକ, କର୍ମଚାରୀ ଓ ଅନ୍ୟାନ୍ୟ ଶ୍ରମିକମାନଙ୍କର ସଂଗଠିତ ଆନ୍ଦୋଳନର ସମ୍ମୁଖୀନ ହୋଇ ଆସିଛନ୍ତି । ଜରୁରିକାଳୀନ ଅବସ୍ଥା ବେଳେ ମତ ପ୍ରକାଶର ସ୍ୱାଧୀନତା ବା ଆନ୍ଦୋଳନର ସୁବିଧା ନ ଥିବାରୁ ସେମାନେ ଏବେ ସେମାନଙ୍କର ଦାବୀ ସଂଗଠିତଭାବରେ ଉପସ୍ଥାପିତ କରିବାର ସୁଯୋଗ ପାଇଲେ । ଏହି ସବୁ ଦାବୀ ପୂରଣ ପାଇଁ ଧର୍ମଘଟ ଓ ଅନଶନ ଆଦି ପନ୍ଥାର ଆଶ୍ରୟ ନିଆଯାଇଛି । ଲକ୍ଷ୍ୟ କରିବାର କଥା ଯେ ଗତବର୍ଷ ଭିତରେ ଏହି ସମସ୍ତ ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଭାବରେ ହୋଇଛି । ସେଥିପାଇଁ ସମାଜ ବିରୋଧୀ ଲୋକେ ଏହାର ସୁବିଧା ନେଇ ପାରି ନାହାନ୍ତି । ରାଜ୍ୟ ସରକାର ମଧ୍ୟ ଏହିଭଳି ଆନ୍ଦୋଳନ ବେଳେ ଦାବୀ ଯଥାର୍ଥ ହେଲେ ମଧ୍ୟ ସେଗୁଡ଼ିକ ପୂରଣ ଦିଗରେ କେତେଦୂର ସମର୍ଥ ହେବେ ତାହା ଜଣାଇ ଦେଇ ସେଥିରେ ଦୃଢ଼ ରହିଛନ୍ତି । କୌଣସି ଅପ୍ରୀତିକର ଘଟଣା ଯେପରି ନ ଘଟେ ସେଥିପ୍ରତି ସର୍ବଦା ସରକାର ସତର୍କ ରହିଥିବା ଲକ୍ଷ୍ୟ କରାଯାଇଛି । ଏହି ଦୃଢ଼ତା ହିଁ ସମସ୍ୟା ସମାଧାନ ଦିଗରେ ଅନେକ ପରିମାଣରେ ସାହାଯ୍ୟ କରିଛି । ଶେଷରେ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ଓ ସମୃଦ୍ଧି ପାଇଁ ବର୍ତ୍ତମାନ ଯେଉଁ ବିରାଟ ସମ୍ଭାବନା ଦେଖା ଦେଇଛି, ବେକାର ସମସ୍ୟା ସମାଧାନ ନିମନ୍ତେ କୃଷି-

ଭିତ୍ତିକ ତଥା ଅନ୍ୟାନ୍ୟ କ୍ଷୁଦ୍ର ଶିଳ୍ପର ପ୍ରସାର ପାଇଁ ଯେଉଁ ଯେଉଁ ପରିକଳ୍ପନା କାର୍ଯ୍ୟକାରୀ ହେବାକୁ ଯାଉଛି, ପାରାଦୀପଠାରେ ଜାହାଜ ତିଆରି କାରଖାନା, ସାର କାରଖାନା, କୋରାପୁଟଠାରେ ଆଲୁମିନିୟମ କାରଖାନା, ୱାଗନ ମରାମତି କାରଖାନା ଆଦି ବିରାଟ ଶିଳ୍ପ କାରଖାନା ନିର୍ମାଣ ପାଇଁ ଯେଉଁ ଆୟୋଜନ ଚାଲିଛି, ଓଡ଼ିଶାର ନିରକ୍ଷର ଲୋକଙ୍କୁ ୧୦ବର୍ଷ ଭିତରେ ସାକ୍ଷର କରିବା ପାଇଁ ଯେଉଁ ପରିକଳ୍ପନା ରହିଛି, ସେଗୁଡ଼ିକ କେବଳ ସରକାରଙ୍କ ଚେଷ୍ଟାରେ ସମ୍ଭବ ହେବ ନାହିଁ । ଓଡ଼ିଶାର ଯୁବକ ଯୁବତୀମାନେ ଏହାର ସୁଯୋଗ ନେଇ ନିଜକୁ ଜାତି ଗଠନ କାର୍ଯ୍ୟକ୍ରମରେ ନିୟୋଗ କଲେ ଯାଇ ଏହା ସମ୍ଭବ ହେବ ।

୧୧୩ ବାପୁଜୀନଗର,
ଭୁବନେଶ୍ୱର



## ସମବାୟ ବ୍ୟାଙ୍କର ସାଫଲ୍ୟ

ମୟୂରଭଞ୍ଜ ଜିଲ୍ଲାର କୃଷିଜୀବୀ ପରିବାରମାନଙ୍କ ମଧ୍ୟରୁ ଶତକଡ଼ା ଅଠଶଠି ଭାଗ ପରିବାରଙ୍କୁ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ୍ ସହିତ ସଂପୃକ୍ତ ବିଭିନ୍ନ ସଙ୍ଗଠନର ପରିସରଭୁକ୍ତ କରାଯାଇଛି । ବିଗତ ଜୁନ ୩୦ ରେ ଶେଷ ହୋଇଥିବା ସମବାୟ ବର୍ଷ ମଧ୍ୟରେ ପ୍ରାୟ ୨୧୯୫୪୬ କୃଷିଜୀବୀ ପରିବାର ଭିତରୁ ୧୪୯୧୧୪ଟି ପରିବାର ସମବାୟ ସମିତିଗୁଡ଼ିକର ସଦସ୍ୟ ଭୁକ୍ତ ହୋଇଛନ୍ତି ।

ଅନ୍ୟୂନ ୫୪ଟି ବଡ଼ ଧରଣର ବହୁମୁଖୀ କୃଷି ସମିତି ମାଧ୍ୟମରେ ଏହି ବ୍ୟାଙ୍କ୍ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ, ବିଶେଷ କରି ଏହି ଜିଲ୍ଲାରେ ବାସ କରୁଥିବା ଆଦିବାସୀମାନଙ୍କୁ, ଋଣ ପ୍ରଦାନ କରି ଆସୁଛି ବୋଲି ବ୍ୟାଙ୍କ୍ ସଭାପତି ଶ୍ରୀ କେ.ସି. ପତ୍ରୀ କହିଛନ୍ତି ।

ସମାଜରେ ଦୁର୍ବଳ ଶ୍ରେଣୀର ଲୋକମାନେ ଯେମିତି ଆର୍ଥିକ ଚାହିଦା ପୂରଣ କରିପାରିବେ, ଚିକିତ୍ସା ବ୍ୟବସ୍ଥା, ବିବାହ ଉତ୍ସବ ଓ ଅନ୍ତ୍ୟେଷ୍ଟିକ୍ରିୟାର ବ୍ୟୟ ବହନ କରିପାରିବେ ସେଥିପାଇଁ ବ୍ୟାଙ୍କ୍ 'ଖାଉଟି ଋଣ' ବ୍ୟବସ୍ଥା ପ୍ରଚଳନ କରି ବିଶେଷ ସାଫଲ୍ୟ ଲାଭ କରିଛି ।

କୃଷି କ୍ଷେତ୍ରରେ ଅର୍ଥଲଗାଣ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ଶ୍ରୀ ପତ୍ରୀ କହିଲେଯେ, ୧୧୯୮୫ ଜଣଙ୍କୁ ସ୍ୱଳ୍ପମିଆଦୀ ଶସ୍ୟ ଋଣ ଆକାରରେ ୪୬ ଲକ୍ଷ ଟଙ୍କା ଦିଆଯାଇଛି । ଆନୁସଙ୍ଗିକ ବୃତ୍ତିର ବିକାଶ ନିମନ୍ତେ ବ୍ୟାଙ୍କ୍ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ୭୯୫ଟି ଛାଗଳ ପାଳନ କେନ୍ଦ୍ର, ୪୧ଟି ଘୁଷୁରି ପାଳନ କେନ୍ଦ୍ର ଓ ୨୫ଟି ଗୋଦୁଗ୍ଧ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବା ପାଇଁ କୃଷକମାନଙ୍କୁ ଯଥାକ୍ରମେ ଚାରିଲକ୍ଷ ଟଙ୍କା, ୩୯,୦୦୦ ଟଙ୍କା ଓ ୩୪,୦୦୦ ଟଙ୍କା ମଞ୍ଜୁର କରାଯାଇଛି । ସାଫଲ୍ୟ ଦୃଷ୍ଟିରୁ ଏହି ସମବାୟ ବ୍ୟାଙ୍କ ଓଡ଼ିଶାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି ।

Phone—51840

# GROW

## Cashew, Coffee, Sisal, Pine apple and other Plantation Crops

Earn More and Save Your Soil from Erosion

Government are giving Rs. 120·00 per hectare as subsidy for new Cashew plantation in private lands and Rs. 180·00 per hectare for maintenance. The willing growers are requested to contact the concerned Soil Conservation Officers.

For techniques and other details, quality, planting materials and produces like raw Cashewnut, Sisal Fiber and Rope and Raw Coffee beans, etc.

*CONTACT*

DIRECTOR OF SOIL CONSERVATION
Orissa, Bhubaneswar

# ବୁଧିଆର ଘର

ଶ୍ରୀ ଚନ୍ଦ୍ରାନନ୍ଦ ମହାନ୍ତ

ଘର ପିଣ୍ଡାରେ ଦୁଇ ଆଣ୍ଠୁ ଉପରେ ମୁଣ୍ଡଟିକୁ ରଖି ଭାବୁଥିଲା ବୁଧିଆ, କାଲି ରାତିଠାରୁ ଅବିଶ୍ରାନ୍ତ ବର୍ଷା ଲାଗି ରହିଛି । ଭାଦ୍ରବ ମାସର ବର୍ଷା, ଏବର୍ଷ ଅର୍ଥାଭାବରୁ ଘର ଖଣ୍ଡକୁ ଛପର କରି ପାରିନି ! ଯେ କୌଣସି ମତେ ବର୍ଷା ଦିନଟା ଗଲି ଯାଇଛି । ଏଣୁ କିଛିଟା ଆଶ୍ୱସ୍ତ ହୋଇଥିଲା ବୁଧିଆ । କେତେ ବା ଆୟ । ସେଥିରେ ପୁଣି ସାତ ପ୍ରାଣୀ କୁଟୁମ୍ବର ଭାର । ଚାରି ଝିଅ—ପଦ୍ମା, ସୁଲୋଚନା, ସରସ୍ୱତୀ, ପ୍ରେମବତୀ. ପୁଅ ଦଣ୍ଡସୀ ଓ ସ୍ତ୍ରୀ କନ୍ଧୁ । ଆଜିର ଯୁଗରେ ଏତେ ବଡ ପରିବାରକୁ ଚଳାଇ ସଞ୍ଚୟ କରିବା ଭଳି ରୋଜଗାର ତା'ର ନାହିଁ । ରୋଜଗାରର ପନ୍ଥା ବା କ'ଣ ? ବାଉଁଶର କୁଣ୍ଡି ପାଛିଆ ତିଆରି କରି ସେଥିରୁ ଯାହା ପାଉଥିଲା ଯେକୌଣସି ପ୍ରକାରେ ଚଳି ଯାଉଥିଲା ତା'ର ସଂସାର । ଗ୍ରୀଷ୍ମବାସ ସମୟରେ ଦିନ ମୂଲ ଲାଗି ଯାହା ପାଏ ସେଥିରୁ କିଛିଟା ସଞ୍ଚୟ କରି ଦିଓଣ୍ଡ କଷ୍ଟା ନ କଲେ ବର୍ଷସାରା ଚଳିବା କଷ୍ଟକର । ଭାବିଥିଲା ଏବର୍ଷ ସେଥିରୁ କିଛିଟା ଟଙ୍କା ରଖି ଘରଟାକୁ ମରାମତି କରିବ । ଝାଟିମାଟିର ଘର ଏ ବର୍ଷାର ପ୍ରକୋପ ସମ୍ଭାଳିବ ତ ? ମଝିରେ ମଝିରେ ଟିକେ ଘରର ଛାମୁପଟେ ଆଖି ବୁଲାଇ ଆଣି ଦୀର୍ଘ ନିଶ୍ୱାସ ଛାଡୁଥିଲା ବୁଧିଆ । ସେଦିନ ଥିଲା ସେପ୍ଟେମ୍ବର ମାସ ଏଗାର ତାରିଖ ୧୯୭୭ ମସିହା । ଯତ୍ କିଞ୍ଚିତ ଭୋଜନ ପରେ ସାରା ଦିନ କର୍ମକ୍ଳାନ୍ତ ହୋଇ ନଘୋଡ ନିଦରେ ଶୋଇ ଯାଇଥିଲେ ସମସ୍ତେ । କେବଳ ବୁଧିଆ ଆଖିରୁ ନିଦ ଯେପରି ଚିରଦିନ ପାଇଁ ଗଲି ଯାଇଛି ।

ହଠାତ୍ ରାତି ଦୁଇଟା ବେଳେ ଗାଁ ଭିତରେ ପାଣି ପଶିଲା । ଛୋଟ ଏକ ଗାଁ କଳମ୍ବ । ଏହାର ନିକଟ ଦେଇ ବହି ଯାଇଛି ବୋରିଆ ନାଳ । ଧନେଇ ନଦୀର ଘାଇ ଭାଙ୍ଗି ଯିବା ଫଳରେ ବୋରିଆ ନାଳରେ ଆସିଥିଲା ଉତ୍ତାଳ ଜଳରାଶି । ସେଦିନ ବର୍ଷା ପ୍ରାୟ ୨୩୦'୫ ମିଲିମିଟର ହୋଇଥିଲା ଏହି ଅଞ୍ଚଳରେ । ଘର ମରାମତି କରିବା ପାଇଁ ବୁଧିଆର କଳ୍ପନା କଳ୍ପନାରେ ହିଁ ରହିଗଲା । ଗାଁରେ ହଇଗୋଳ । ପରିବାର ସହ ଘର ଛାଡି ବୁଧିଆ ଆଶ୍ରୟ ଲୋଡିଲା ଅନ୍ୟଘର ପିଣ୍ଡାରେ । ବୋରିଆ ନାଳର ପାଣିରେ ତା'ର ଘର ମାଟିରେ ମିଶିଗଲା । କେବଳ ବୁଧିଆର ନୁହେଁ, କଳମ୍ବ ଗାଁର ୮୫ ଜଣଙ୍କର ଘର କ୍ଷତିଗ୍ରସ୍ତ କଲା ଏହି ନାଳ ବଢି ।

ଉକ୍ତ ଅଞ୍ଚଳ ତଦାରଖ କରିବାରୁ ଜଣା ପଡିଲା ଏହି ୮୫ ଜଣଙ୍କ ମଧ୍ୟରୁ ୧୦ ଜଣଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ । ବନ୍ୟା କ୍ଷତିଗ୍ରସ୍ତ ଲୋକଙ୍କୁ ଥଇଥାନ ନିମନ୍ତେ ଗୃହ ନିର୍ମାଣ ଯୋଜନାନୁଯାୟୀ ସାହାଯ୍ୟ କରାଯିବା ନିମନ୍ତେ ଆର୍ଥିକ ସଙ୍କଟାପନ୍ନ ଏହି ଦଶ ଜଣଙ୍କୁ ବଛା ଗଲା । ସେମାନଙ୍କ ମଧ୍ୟରେ ୭ ଜଣ ହରିଜନ ଓ ୩ ଜଣ ଅନ୍ୟ ସଂପ୍ରଦାୟର । ଏହି ହରିଜନ ମାନଙ୍କ ମଧ୍ୟରୁ ବୁଧିଆ ଜଣେ ।

ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକକୁ ଉପରୋକ୍ତ ଯୋଜନାନୁଯାୟୀ କୋଡିଏ ହଜାର ଟଙ୍କା ସରକାରଙ୍କ ତରଫରୁ ଦିଆଯାଇଥିଲା । କଳମ୍ବ ଗାଁର ଏହି ଦଶ ଜଣ ଗରିବ ଲୋକଙ୍କ ଘର ଏହି ଟଙ୍କାରେ ତିଆରି କରିବା ସ୍ଥିର କରାଗଲା । ସରକାରୀ ନିୟମାନୁଯାୟୀ ପ୍ରତ୍ୟେକ ଘର ତିଆରି ପାଇଁ ସରକାରୀ ସାହାଯ୍ୟ ବ୍ୟତୀତ ଲୋକେ ଶ୍ରମଦାନ କରିବା ପାଇଁ ଆଗଭର ହେଲେ । ଘରଗୁଡିକ ସାଧାରଣତଃ ଅନ୍ୟୁନ ୨୫୦ ବର୍ଗ ଫୁଟରେ ତିଆରି ହୁଏ । ଏହାର ତଳତରା ଉଚ୍ଚ ହୁଏ ଓ ଏଥିରେ ରହେ ଅଗ୍ନି ନିରୋଧକ ଛାତ । କଳମ୍ବ ଗାଁର ଅବସ୍ଥିତିକୁ ଲକ୍ଷ୍ୟ କରି ଏହି ସାଧାରଣ ନିୟମରେ କେତେକ ପରିବର୍ତ୍ତନ କରାଗଲା । ତଳତରାଗୁଡିକୁ ମଞ୍ଜୁରୀ ଉଚ୍ଚତାଠାରୁ ଅଧିକ ଉଚ୍ଚ କରାଗଲା । କାନ୍ଥଗୁଡିକ ଇଟାରେ ତିଆରି ହେଲା ।

ଉପରେ ଅଗ୍ନି ନିରୋଧକ ଛାତ ପ୍ରତ୍ୟେକ ଘରେ ରହିଛି ଓ ଗୋଟିଏ ବଡ ବଖରା, ଆଗ ଓ ପଛରେ ପ୍ରଶସ୍ତ ପିଣ୍ଡା ଓ ପଛ ପିଣ୍ଡାରେ ରୋଷେଇ କରିବା ପାଇଁ ଜାଗା । ପ୍ରତ୍ୟେକ ଘରର ଖର୍ଚ୍ଚ ଅଟକଳ କରାଗଲା ଟ୩,୯୦୦ଙ୍କା । କିନ୍ତୁ ଗ୍ଭରୋଟି ଲେଖାଏଁ ଘର ଏକାଠି ତିଆରି କରିବା ଫଳରେ ପ୍ରତ୍ୟେକର ତିଆରି ଖର୍ଚ୍ଚ ଟ୩୩୪୨ କୁ ଖସି ଆସିଲା । ଟ୨୦୦୦ଙ୍କା ସରକାରୀ ସାହାଯ୍ୟ ବ୍ୟତୀତ ବାକି ଟ୧୩୪୨ଙ୍କା ଶ୍ରମଦାନ ରୂପେ ଲୋକେ ଦେଲେ ।

ଆଜି ବୁଧିଆର ଆଉ ଘର ପାଇଁ ଚିନ୍ତା ନାହିଁ । ସେ ଆଜି ଖଣ୍ଡେ ପକ୍‌କା ଘରର ମାଲିକ । ଆଉ ନିଆଁ ପାଣିକି ତା'ର ଡର ନାହିଁ । ମୁହଁରେ ତା'ର ଅମ୍ଳାନ ହସ ।

---

ଗଞ୍ଜାମ ଜିଲ୍ଲାରେ ବାସହୀନ ଲୋକଙ୍କୁ ନିର୍ମିତ ଗୃହ ଯୋଗାଇ ଦେବା ପାଇଁ ୪ଲକ୍ଷ ୩୫ ହଜାର ୪୫୦ ଟଙ୍କା ମଞ୍ଜୁର କରାଯାଇଛି । ଏହି ଅର୍ଥ ବିନିଯୋଗ କରି ୬୨୩ଟି ଗୃହ ନିର୍ମିତ ହେବ । ଏଥିମଧ୍ୟରୁ ଗତ ଜୁଲାଇ ମାସ ଶେଷ ସୁଦ୍ଧା ୨ଲକ୍ଷ ୪୬ ହଜାର ୮୭୮ ଟଙ୍କା ଖର୍ଚ୍ଚ ହୋଇ ୩୦୯ଟି ଗୃହର ନିର୍ମାଣ କାର୍ଯ୍ୟ ଶେଷ ହୋଇ ସାରିଲଣି । ଏହା ବ୍ୟତୀତ ପୋଲସରା ବ୍ଲକର କଳମ ଗ୍ରାମରେ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଦଶ ଜଣ ଦରିଦ୍ର ଲୋକଙ୍କର ଗୃହ ନିର୍ମାଣ ପାଇଁ ରାଜ୍ୟ ସରକାର ୨୦ ହଜାର ଟଙ୍କା ମଞ୍ଜୁର କରିଥିଲେ । ଏହି ଗୃହଗୁଡ଼ିକ ନିର୍ମିତ ହୋଇ ସାରିଛି । ଗତ ଜୁଲାଇ ୬ ତାରିଖ ଦିନ ମୁଖ୍ୟ ଶାସନ ସଚିବ ଶ୍ରୀ କେ. ରାମମୂର୍ତ୍ତି, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଶ୍ରୀ ପ୍ରେମାନନ୍ଦ ତ୍ରିପାଠୀ, ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ରାଇ ମୋହନ ଦାସ ଓ ବିଧାନ ସଭା ସଦସ୍ୟ ଶ୍ରୀ ରାମକୃଷ୍ଣ ପଟ୍ଟନାୟକ ପ୍ରମୁଖ କଳମ ଗ୍ରାମରେ ନିର୍ମିତ ଏହି ଗୃହ ନିର୍ମାଣ ଯୋଜନା ପରିଦର୍ଶନ କରିଥିଲେ ।

---


ବ୍ଲକ୍ ଉନ୍ନୟନ ଅଧିକାରୀ
ପୋଲସରା
ଗଞ୍ଜାମ

## ସୈନ୍ୟ ବାହିନୀରେ ନିଯୁକ୍ତି ନିମନ୍ତେ ଶାରୀରିକ ମାନର ସଂଶୋଧନ

ସୈନ୍ୟ ବାହିନୀରେ ନିଯୁକ୍ତି ବେଳେ ଓଡ଼ିଆ ଏବଂ ଆଦିବାସୀ ପ୍ରାର୍ଥୀମାନଙ୍କ ନିମନ୍ତେ ନିର୍ଦ୍ଧାରିତ ବୟସ ତଥା ଶାରୀରିକ ମାନରେ କେତେକ ସଂଶୋଧନ କରାଯାଇଛି ଏବଂ ଏହା ୧୯୭୮ ଅଗଷ୍ଟ ୧୫ ତାରିଖଠାରୁ କାର୍ଯ୍ୟକାରୀ ହୋଇଛି । ଓଡ଼ିଆ ପ୍ରାର୍ଥୀମାନଙ୍କର ଓଜନ ୫୧ କେ. ଜି., ଉଚ୍ଚତା ୧୬୬ ସେ.ମି., ଛାତି ୭୮ ସେ. ମି. ଓ ସଂପ୍ରସାରଣ ବେଳେ ୮୩ ସେ. ମି. ଏବଂ ଆଦିବାସୀ ପ୍ରାର୍ଥୀମାନଙ୍କ ନିମନ୍ତେ ଓଜନ ୪୮ କେ. ଜି., ଉଚ୍ଚତା ୧୬୦ ସେ. ମି., ଛାତି ୭୭ ସେ. ମି. ଓ ସଂପ୍ରସାରଣ ବେଳେ ଛାତି ୮୨ ସେ. ମି. ହୋଇଥିବା ଆବଶ୍ୟକ । ମାଟ୍ରିକ ପାଶ୍ କରି ନ ଥିବା ପ୍ରାର୍ଥୀମାନଙ୍କର ବୟସ ୧୭ରୁ ୨୦ ଏବଂ ମାଟ୍ରିକ ପାଶ୍ କରିଥିବା ପ୍ରାର୍ଥୀମାନଙ୍କର ବୟସ ୧୭ରୁ ୨୧ ବର୍ଷ ହୋଇଥିବ । ଟ୍ରେଡ଼ମ୍ୟାନ୍ ପର୍ଯ୍ୟାୟ ଚାକିରୀ ପାଇଁ ବୟସ ସୀମା ୧୭ରୁ ୨୫ ବର୍ଷ ରଖାଯାଇ ଓଜନ ଓ ଉଚ୍ଚତାରେ ଯଥାକ୍ରମେ ୨ କେ. ଜି. ଓ ୨ ସେ. ମି. କୋହଳ କରାଯାଇଛି । ସୈନ୍ୟ ବାହିନୀ କର୍ମଚାରୀ କିମ୍ବା ପୂର୍ବତନ କର୍ମଚାରୀଙ୍କର ଗୋଟିଏ ପୁତ୍ର ଯଦି ପିତାଙ୍କର ସର୍ଭିସ୍ ଡିସ୍‌ଚାର୍ଜ ବୁକ୍ ଦାଖଲ କରନ୍ତି, ତେବେ ସଂପୃକ୍ତ ପ୍ରାର୍ଥୀଙ୍କର ଉଚ୍ଚତାରେ ୨ ସେ. ମି., ଓଜନରେ ୨ କେ. ଜି. ଓ ଛାତି ମାପରେ ୧ ସେ. ମି. କୋହଳ କରାଯିବ ।

# ମାଛକାନ୍ଦଣା କ୍ଷୁଦ୍ର ଜଳସେଚନ ଯୋଜନା

କେନ୍ଦୁଝରର ନିକଟର ମାଛକାନ୍ଦଣା ଯୋଡ଼ର ଇତିହାସ ବହୁ ପୁରୁଣା । ପ୍ରାୟ ୮୦ ବର୍ଷ ପୂର୍ବେ ତତ୍କାଳୀନ ରାଜୁତା ଶାସନ ସମୟରେ ଉକ୍ତ ପାନୀୟ ଜଳର ଅଭାବ ମେଣ୍ଟାଇବା ପାଇଁ ଏହି ଯୋଡ଼ରେ ବନ୍ଧକାମ ବେଠିରେ ଆରମ୍ଭ କରାଯାଇଥିବାରୁ ପରବର୍ତ୍ତୀ ସମୟରେ ତାହା ଦୁର୍ନାମେଣ୍ଟିର ଅନ୍ୟତମ କାରଣ ହୋଇଥିଲା । କିନ୍ତୁ ଇତିହାସର ରଥଚକ ଗଡ଼ି ଚାଲିଛି । ଏଥିଭିତରେ ଦେଶରେ ଅନେକ କିଛି ପରିବର୍ତ୍ତନ ହେବା ସଙ୍ଗେ ସଙ୍ଗେ ପରିବର୍ତ୍ତନ ହୋଇଛି ମାଛକାନ୍ଦଣା ଯୋଡ଼ର ।




ଜଳଭଣ୍ଡାରର ଏକ ରମଣୀୟ ଦୃଶ୍ୟ

ଏଇ ସେହି ମାଛକାନ୍ଦଣା ଯୋଡ଼ ଯାହାକି ଦର୍ଶକ ମନ ମୁଗ୍ଧକାରୀ ବଡ଼ ଘାଘରା ଜଳପ୍ରପାତର ଆଧାର । ସେଠାରେ ଯେଉଁ କ୍ଷୁଦ୍ର ଜଳସେଚନ ଯୋଜନାକୁ କାର୍ଯ୍ୟକାରୀ କରାଯାଇଛି ତାହା କେନ୍ଦୁଝରଗଡ଼ଠାରୁ ୧୩ କିଲୋମିଟର ଦୂର ପାହାଡ଼ ପର୍ବତ ପରିପୂର୍ଣ୍ଣ ଘନ ଶ୍ୟାମଳ ବନାନୀ ମଧ୍ୟରେ ଅବସ୍ଥିତ ଏବଂ ୬ ନମ୍ବର ଜାତୀୟ ରାଜପଥ ଠାରୁ ମାତ୍ର ୧ କିଲୋମିଟର ଦୂର । ସନ୍ନିହିତ ଭୂୟାଁ ଗାଁଟିର ନାମ "ଡଙ୍ଗାପାଣି" । ଆଦିବାସୀ ଗାଁଟିର ଏଭଳି ନାମକରଣ କିଏ, କାହିଁକି ଓ କେବେ କରିଥିଲେ ତାହା ଜଣା ନାହିଁ ।

କେଉଁ ଅନାଦିକାଳରୁ ପାହାଡ଼ପର୍ବତ ଘେରା ଭୂଇଁପୀଢ଼ ଦେଇ ଯେଉଁ ମାଛକାନ୍ଦଣା ଯୋଡ଼ ବହିଯାଉଥିଲା ତାହାର ଗତିପଥକୁ ରୋକି ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଇଞ୍ଜିନିୟରିଂ ସଂସ୍ଥାର କୁଶଳୀ ଇଞ୍ଜିନିୟରମାନେ ଏକ କୃତ୍ରିମ ଜଳଭଣ୍ଡାର ସୃଷ୍ଟି କରିବାକୁ ସମର୍ଥ ହୋଇଛନ୍ତି । ଦୁଇଗୋଟି ପାହାଡ଼ ମଧ୍ୟରେ ସଂଯୋଗକାରୀ ସୁଦୃଢ଼ ପଥର ବନ୍ଧଟିଏ ଗଢ଼ି ଉଠିଛି

ଯାହାର ଲମ୍ବ ୩୨୦୦ ଫୁଟ ଓ ଉଚ୍ଚତା ୫୬ ଫୁଟ । ଏହି ଜଳଭଣ୍ଡାରର ଜଳ ସଂରକ୍ଷଣ ପରମାଣ ୧୫୦ ନିୟୁତ ଘନଫୁଟ ଏବଂ ଏହି ଯୋଜନାର ଜଳ ୨୧୦ ଏକର ଆୟତନ ମାଡି ରହିବ । ତନ୍ମଧ୍ୟରୁ ୧୦୦ ନିୟୁତ ଘନଫୁଟ ଜଳ ପ୍ରାୟ ୧୦ଟି ଗ୍ରାମର ୨୪୦୦ ଏକରରେ ଖରିଫ୍ ଶସ୍ୟ ପାଇଁ ଓ ୧୦୦୦ ଏକରରେ ରବିଶସ୍ୟ ପାଇଁ ଜଳ ଯୋଗାଇ ପାରିବ ଏହି ଜଳ ପୂର୍ବ ନିର୍ମିତ ଆଡ଼ିବନ୍ଧ ଦେଇ ଶସ୍ୟ ଜମିକୁ ଯୋଗାଇ ଦିଆଯିବ । ପୂର୍ବ ନିର୍ମିତ ଆଡ଼ିବନ୍ଧର ନାଳ ଦ୍ୱାରା ରାଇସୁଆଁ, ବାଲିଆଡିହି, ବାଲିଆଗୁଡ଼ା, ଧୁରପଦା, ଜନାର୍ଦ୍ଦନପୁର, ଘଟାବନ୍ଧ, ତୋଟାସାହି, ଗୋପୀନାଥପୁରର ଶସ୍ୟଜମି ଜଳସେଚିତ ହୋଇ ପାରିବ । ଉକ୍ତ ଜଳାଧାରରୁ ୪୫ ନିୟୁତ ଘନଫୁଟ ଜଳ କେନ୍ଦୁଝର ସହରକୁ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବହୃତ ହୋଇ ପାରିବ । ଆଗାମୀ ୩୦ ବର୍ଷ ମଧ୍ୟରେ କେନ୍ଦୁଝର ସହରର ଜନସଂଖ୍ୟା ଯେତେ ବୃଦ୍ଧି ପାଇଲେ ମଧ୍ୟ ପାନୀୟ ଜଳର ଅଭାବ ପଡିବ ନାହିଁ । ଜଳଭଣ୍ଡାରରେ ୪୮ ଫୁଟ ଗଭୀରର ଜଳ ମହଜୁଦ କରି ରଖିବା ପାଇଁ ବ୍ୟବସ୍ଥା ହୋଇଅଛି ।



ଜଳ ଭଣ୍ଡାରର ଦକ୍ଷିଣ ପାର୍ଶ୍ୱରେ ଥିବା ମୁଖ୍ୟ ନିର୍ଗମନ

ମାଛକାନ୍ଦଣା ଯେ କେବଳ ଆଦିବାସୀ ଭୂୟାଁମାନଙ୍କର ଆର୍ଥିକ ମାନଦଣ୍ଡକୁ ପରିପୁଷ୍ଟ କରିବ ତାହା ନୁହେ । ଏହା କବି ଓ ସୌନ୍ଦର୍ଯ୍ୟ ପିପାସୁ ପରିଭ୍ରମଣକାରୀଙ୍କର ହୃଦୟ ବିମୋହିତ କରିବାରେ ସକ୍ଷମ ହେବ ଏବଂ ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ଏହା ଉଲ୍ଲେଖଯୋଗ୍ୟ ସ୍ଥାନ ଅଧିକାର କରିବ ।

୧୯୭୮ ଅଗଷ୍ଟ ୬ ତାରିଖ ଦିନ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ମତ୍ସ୍ୟବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସହରାଇ ଓରାମ୍ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି ଓ ଜଳଭଣ୍ଡାରରେ ମାଛ ଯାଆଁଳ ଛାଡି ଏକ ବିରାଟ୍ ମାଛଚାଷ ଯୋଜନାର ଶୁଭାରମ୍ଭ କରିଛନ୍ତି । ଆଶା କରାଯାଏ ଅଚିରେ ଏହା ଓଡ଼ିଶାର ବିକାଶ ପଥରେ ସାର୍ଥକତାର ନୂତନ ମାଇଲ ସ୍ତମ୍ଭ ପ୍ରତିଷ୍ଠା କରିବ ।

# ଓଡ଼ିଶାରେ ଆଦିବାସୀଙ୍କ ପାଇଁ
# ପଶୁପାଳନ ଯୋଜନା

**ଅଧ୍ୟାପକ ଡକ୍ଟର ବଭୂତ ଭୂଷଣ ରଥ**

ଓଡ଼ିଶାର କେନ୍ଦୁଝର ଜିଲ୍ଲାର ଭୂୟାଁ ବା ଧାଙ୍ଗଡ଼, ମୟୂରଭଞ୍ଜର ଖଡ଼ିଆ, ଫୁଲବାଣୀ ଓ କଳାହାଣ୍ଡିର କନ୍ଧ ଓ ଭତ୍ରା, ଗଞ୍ଜାମ ଓ ଓ କୋରାପୁଟ ଜିଲ୍ଲାର ଶବର, ପରୋଜାର ପରଜା, ନବରଙ୍ଗପୁରର ଗଦବା, ମାଲକାନଗିରିର କୋୟା ଏବଂ ଏହିପରି ବହୁ ଆଦିବାସୀ ଗୋଷ୍ଠୀ ବିଭିନ୍ନ ଜିଲ୍ଲାରେ ବିଛାଇ ହୋଇ ରହିଛନ୍ତି ଓ ପ୍ରଦେଶର ସମୁଦାୟ ଲୋକ ସଂଖ୍ୟାର ସେମାନେ ଶତକଡ଼ା ପ୍ରାୟ ୨୩ ଭାଗ । ଏମାନଙ୍କ ସହିତ ଆଉ ଶତକଡ଼ା ୧୫ ଭାଗ ହରିଜନ ମିଶିଲେ ଓଡ଼ିଶାର ଅନୁନ୍ନତ ଲୋକଙ୍କ ଅନୁପାତ ହେବ ଶତକଡ଼ା ପ୍ରାୟ ୩୮ ଭାଗ ।

ଆଦିବାସୀମାନଙ୍କର ଚଳଣିଚଳଣି ମୋଗଲବନ୍ଦୀ ଅଞ୍ଚଳର ଲୋକଙ୍କଠାରୁ ଭିନ୍ନ ଓ ସ୍ୱତନ୍ତ୍ର । ତେବେ ସେମାନେ ପଶୁପକ୍ଷୀ ପାଳନ କରନ୍ତି ଓ ସ୍ୱତନ୍ତ୍ର ପୂଜା ପାର୍ବଣ ତିଥିରେ ବଳି ଭୋଜ୍ୟ ଆଦି ଦିଅନ୍ତି । ସେମାନେ ଦୁଧ ଅପେକ୍ଷା ଚାଷକାର୍ଯ୍ୟ ପାଇଁ ଗାଈ ରଖନ୍ତି ଓ ମାଂସ ପାଇଁ ଛେଳି, ମେଣ୍ଢା, ଘୁଷୁରୀ ତଥା କୁକୁଡ଼ା ଆଦି ପାଳନ କରନ୍ତି । ଆଦିବାସୀ ଅଞ୍ଚଳର ଗୋରୁଗାଈମାନେ ବହୁତ କମ୍ ବା ମୋଟେ ଦୁଧ ନ ଦେଉଥିବାରୁ ଓଡ଼ିଶାର ହାରାହାରି ଗାଈଙ୍କର ଦୁଧ ଉତ୍ପାଦନ ପରିମାଣ ଦୈନିକ ମାତ୍ର ୧୮୨ ଗ୍ରାମ୍ । ହରିଆନା ରାଜ୍ୟରେ ଏହି ପରିମାଣ ୨୩୭୩ ଗ୍ରାମ୍ । ସେହିପରି ଓଡ଼ିଶାରେ ହାରାହାରି ଦୈନିକ ଦୁଗ୍ଧପାନ ପରିମାଣ ମାତ୍ର ୬୫ ଗ୍ରାମ୍ ହୋଇଥିବା ବେଳେ ହରିଆନାରେ ଏହା ୩୬୫ ଗ୍ରାମ୍ । ଆମର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଦୁଧ, ମାଛମାଂସ ଓ ଅଣ୍ଡାର ଘୋର ଅଭାବ ଥିବାରୁ ପ୍ରୋଟିନ ବା ପୁଷ୍ଟିସାର ଅଭାବଜନିତ ରୋଗ ଓ ରୋଗ ନିରୋଧିକା ଶକ୍ତି ଅଭାବରୁ ଯକ୍ଷ୍ମା ଆଦି ନାନା ସାଂଘାତିକ ରୋଗମାନ ଦେଖାଯାଏ । ଏହା ଫଳରେ କେତେକ ଆଦିବାସୀ ଗୋଷ୍ଠୀ କ୍ରମଶଃ କ୍ଷୟପ୍ରାପ୍ତ ହୋଇ ଯାଉଛନ୍ତି । ବର୍ତ୍ତମାନ ଓଡ଼ିଶାରେ ପ୍ରାୟ ଏକ କୋଟି ସତର ଲକ୍ଷ ଗୋରୁ, ପ୍ରାୟ ୧୪ ଲକ୍ଷ ମଇଁଷି, ୧୪ ଲକ୍ଷ ମେଣ୍ଢା, ୨୯ ଲକ୍ଷ ଛେଳି ଓ ପ୍ରାୟ ୮୪ ଲକ୍ଷ କୁକୁଡ଼ା ଅଛନ୍ତି । ଏମାନଙ୍କ ମଧ୍ୟରୁ ଶତକଡ଼ା ୫୪ ରୁ ଅଧିକ ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର, ମୟୂରଭଞ୍ଜ ସୁନ୍ଦରଗଡ଼, ଫୁଲବାଣୀ, ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର ଓ କୋରାପୁଟ ଆଦି ଜିଲ୍ଲାମାନଙ୍କରେ ଅଛନ୍ତି । ଏସବୁ ଅଞ୍ଚଳରେ ପଶୁପକ୍ଷୀମାନଙ୍କର ଉନ୍ନତି ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି । ଏହା ଫଳରେ ଲୋକମାନଙ୍କୁ ରୋଜଗାରର ପନ୍ଥା ମିଳିବ ଓ ପୁଷ୍ଟିକର ଖାଦ୍ୟ ଯୋଗୁଁ ସ୍ୱାସ୍ଥ୍ୟର ଉନ୍ନତି ଘଟିବ ବୋଲି ଆଶା କରାଯାଏ ।

### ଗୋପାଳନ

ଓଡ଼ିଶାରେ ଗୋପାଳନ ପାଇଁ ବହୁ ଯୋଜନା କାର୍ଯ୍ୟକାରୀ ହେଉଛି । ସେଥିରୁ କେତେକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମଧ୍ୟ ଚାଲିଛି । ତା'ଛଡ଼ା ଆଦିବାସୀ ଅଞ୍ଚଳ ପାଇଁ କେତୋଟି ସ୍ୱତନ୍ତ୍ର ଯୋଜନା ମଧ୍ୟ କାର୍ଯ୍ୟ କରୁଛି ।

### ସଘନ ଗୋ-ଉନ୍ନୟନ ଯୋଜନା

ଗୋପାଳନ ପାଇଁ ସଘନ ଗୋ-ଉନ୍ନୟନ ଯୋଜନା ବର୍ତ୍ତମାନ ସବୁଠାରୁ ବଡ଼ ପ୍ରକଳ୍ପ । ଓଡ଼ିଶାରେ ସେଭଳି ଚାରୋଟି ଯୋଜନା ଚାଲିଛି, ସେଥିରୁ ଜୟପୁର ଓ ସମ୍ବଲପୁରଠାରେ ଦୁଇଟି ଯୋଜନା କାର୍ଯ୍ୟକାରୀ ହେଉଛି । ପଚିଶ ହଜାର ପ୍ରଜନନକ୍ଷମ ଗାଈଙ୍କୁ ନେଇ ଏ ପ୍ରତ୍ୟେକ ଯୋଜନାରେ ପ୍ରଜନନ, ଉତ୍ତମ ଦାନା ଓ ଚରାର ବ୍ୟବସ୍ଥା, ରୋଗ ପ୍ରତିଷେଧ ଓ ଚିକିତ୍ସା, ଦୁଧର ବିକ୍ରିବଟା ଆଦି ଗୋପାଳନର ସମସ୍ତ ବିଭାଗ ଅଭିଜ୍ଞ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଛି । ଜୟପୁର ଓ ସମ୍ବଲପୁର ଅଞ୍ଚଳର ଆଦିବାସୀମାନେ ଏ ଯୋଜନାରୁ ଫାଇଦା ଉଠାଉଛନ୍ତି ।

କୃତ୍ରିମ ପ୍ରଜନନ ତଥା ଗ୍ରାମକେନ୍ଦ୍ର ଯୋଜନାରେ ମଧ୍ୟ ବହୁତ ଆଦିବାସୀ ଅଞ୍ଚଳ ଅନ୍ତର୍ଭୁକ୍ତ । ସ୍ଥାନୀୟ ଗୋରୁଗାଈମାନଙ୍କ ଠାରୁ ଉତ୍କୃଷ୍ଟ ଜାତିର ଷଣ୍ଢଙ୍କ ଦ୍ୱାରା ଜାତିଆ ବାଛୁରୀ ଜନ୍ମ କରାଇବା ଏହି ଯୋଜନାମାନଙ୍କର ଲକ୍ଷ୍ୟ । ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବର୍ତ୍ତମାନ ୨୫ ଗୋଟି ଗ୍ରାମ କେନ୍ଦ୍ର ବା ଡିଭିଜନ ଓ ପ୍ରାୟ ୫୨୫ ଟି କୃତ୍ରିମ ପ୍ରଜନନ କେନ୍ଦ୍ର କାର୍ଯ୍ୟ କରୁଛି । ସେ ଅଞ୍ଚଳରେ ଆଦିବାସୀ ଲୋକମାନେ ଏ ଯୋଜନାମାନଙ୍କରୁ ଉପକାର ପାଇ ପାରୁଛନ୍ତି ।

କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଓ ଗଞ୍ଜାମ ପଶୁପାଳନ ଜିଲ୍ଲାମାନଙ୍କରେ ପାର୍ବତୀୟ ଗୋ-ଉନ୍ନୟନ ବା "ହିଲ୍‌କାଟଲ ଡେଭଲପ୍‌ମେଣ୍ଟ" ଯୋଜନା କାର୍ଯ୍ୟକାରୀ ହେଉଛି । ଏ ଯୋଜନାର ମୋଟ ୨୦ଟି କେନ୍ଦ୍ରରୁ କୋରାପୁଟ ଓ ନବରଙ୍ଗପୁର ସବ୍‌ଡିଭିଜନରେ କେବଳ ୧୨ ଟି କେନ୍ଦ୍ର ସ୍ଥାପିତ ହୋଇଛି । ଆଦିବାସୀପୂର୍ଣ୍ଣ ଏ ଅଞ୍ଚଳରେ ହଜାର ହଜାର ଜାତିଆ ବାଛୁରୀ ଜନ୍ମି ଲେଣି ।

କଳାହାଣ୍ଡି ଓ ଫୁଲବାଣୀ ଜିଲ୍ଲାର ଡି. ପି. ଏ. ପି. ବା ମରୁଡ଼ିଗ୍ରସ୍ତ ଅଞ୍ଚଳରେ ଏକ ସ୍ୱତନ୍ତ୍ର ଜର୍ସୀ ଗୋରୁ ପ୍ରଜନନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ଫୁଲବାଣୀ ଜିଲ୍ଲାରେ ୩୧ଟି କେନ୍ଦ୍ରରେ କୃତ୍ରିମ ପ୍ରଜନନ ଓ ୨୬ଟି କେନ୍ଦ୍ରରେ ଷଣ୍ଢଙ୍କ ଦ୍ୱାରା ପ୍ରଜନନ କାର୍ଯ୍ୟ କରାଯାଉଛି । ସେହିପରି କଳାହାଣ୍ଡିରେ ୪୨ଟି କୃତ୍ରିମ ପ୍ରଜନନ ଓ ୧୯ଟି ପ୍ରାକୃତିକ ପ୍ରଜନନ କେନ୍ଦ୍ର ସ୍ଥାପିତ ହୋଇଛି । ଏହି ଜିଲ୍ଲାମାନଙ୍କରେ ଗୋ-ଉନ୍ନୟନ ପାଇଁ ଭାରତୀୟ ଆଗ୍ରୋଇଣ୍ଡଷ୍ଟ୍ରି ଫାଉଣ୍ଡେସନ୍ ପ୍ରତ୍ୟେକରେ ଦୁଇ ହଜାର ଗାଈ ବିଶିଷ୍ଟ ୨୦ ଟି କେନ୍ଦ୍ରରେ ବିଦେଶରୁ ଆମଦାନୀ ହୋଇଥିବା ଷଣ୍ଢଙ୍କ ଶୁକ୍ର ଦ୍ୱାରା ସ୍ଥାନୀୟ ଗାଈଙ୍କୁ ଗର୍ଭବତୀ କରାଇ ଜାତିଆ ବାଛୁରୀ ଉତାରୁଛନ୍ତି । ଏପରି ଗାଈ ଗର୍ଭବତୀ ହେବାକୁ ଦେଢ଼ଶହ ଟଙ୍କା ନିଆଯାଉଛି ଓ ଗର୍ଭର ଶେଷ ତିନି ମାସରେ ଗାଈକୁ ସୁଷମ ଦାନା ଦିଆଯାଉଛି । ତା'ଛଡ଼ା ପ୍ରତ୍ୟେକ ମାଈ ବାଛୁରୀକୁ ଦୁଇ ମାସ ବୟସରୁ ୨୬ ମାସ ପାଇଁ ସୁଷମ ଦାନା ମଧ୍ୟ ଦିଆଯାଉଛି ।

### ଦୁଗ୍ଧ ବନ୍ୟା ପ୍ରକଳ୍ପ

ଏବେ ୨୬୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ କଟକ, ଢେଙ୍କାନାଳ ଓ ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲ୍ଲାରେ ମୋଟ ୨୮ ଟି ବ୍ଲକ୍‌ରେ ଦୁଗ୍ଧ ବନ୍ୟା ବା ଅପରେସନ୍ ଫ୍ଲଡ୍ ଯୋଜନା କାର୍ଯ୍ୟକାରୀ ହେଉଛି । ଏ ଯୋଜନା ଅନୁଯାୟୀ ଉତ୍କୃଷ୍ଟ ଜାତିଆ ଗାଈ ପାଳନ କରିବା ଓ ଉତ୍ପନ୍ନ ଦୁଧକୁ ସମବାୟ ମାଧ୍ୟମରେ ବିକ୍ରିବଟା କରିବା ଅନ୍ତର୍ଭୁକ୍ତ ।

କଳାହାଣ୍ଡି, ରାୟଗଡ଼ା ଓ ଗୁଣୁପୁର ଅଞ୍ଚଳରେ ମଇଁଷିମାନଙ୍କୁ କ୍ରମୋନ୍ନତ କରିବା ପାଇଁ ଗୋଟିଏ ମଇଁଷି ଯୋଜନା କାର୍ଯ୍ୟକାରୀ ହେଉଛି । ଏଥିପାଇଁ ଗୁଣୁପୁରର ଆଦିବାସୀ ଉନ୍ନୟନ ଯୋଜନାରୁ ଅର୍ଥ ଖଟାଇ ମଇଁଷିମାନଙ୍କ ପାଇଁ ଗୋଟିଏ ଶୁକ୍ର ସଂଗ୍ରହ କେନ୍ଦ

ଅବସ୍ଥାପିତ ହୋଇଛି । ପ୍ରତ୍ୟେକ ଏକ ହଜାର ମହିଷି ବିଶିଷ୍ଟ ୨୭ ଟି କେନ୍ଦ୍ରରେ ଏ ମହିଷି ଉନ୍ନୟନ କାର୍ଯ୍ୟକ୍ରମ ଚାଲିଛି । ଏଥିରେ ଦିଲ୍ଲୀ ଓ ହରିଆନା ଅଞ୍ଚଳରେ ମୁରା ଜାତୀୟ ପୋଡ଼ମାନଙ୍କୁ ବ୍ୟବହାର କରାଯାଉଛି ।

ଏବେ ଅଳ୍ପ କେତେ ଦିନ ହେବ କଟକ, ପୁରୀ, ଢେଙ୍କାନାଳ, ସମ୍ବଲପୁର, କେନ୍ଦୁଝର ଓ କୋରାପୁଟ ଜିଲ୍ଲାମାନଙ୍କରେ ସ୍ୱତନ୍ତ୍ର ପଶୁ ଉନ୍ନୟନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ଏଥିରେ ଛୋଟଚାଷୀ, ନାମକୁମାତ୍ର ଚାଷୀ ଓ କୃଷି ଶ୍ରମିକମାନେ କେବଳ ଉପକୃତ ହେଉଛନ୍ତି । ଆଦିବାସୀମାନେ ସମସ୍ତେ ପ୍ରାୟ ଏହି ଗୋଷ୍ଠୀର ଅନ୍ତର୍ଭୁକ୍ତ ଓ ଯୋଜନା ଦ୍ୱାରା ସେମାନେ ବେଶ୍ ଲାଭବାନ୍ ହେଉଛନ୍ତି । ଏ ଯୋଜନାରେ ଏ ପ୍ରକାରର ଲୋକମାନଙ୍କୁ ବାଛୁରୀ, କୁକୁଡ଼ା ଓ ଘୁଷୁରୀ ପାଳନ ପାଇଁ ସମସ୍ତ ସୁବିଧା ଦିଆଯାଉଛି ଓ ଏଥିରେ ସବ୍‌ସିଡ଼ି ବା ସରକାରୀ ସାହାଯ୍ୟ ନିମ୍ନ ପ୍ରକାର ।

| ଚାଷୀଙ୍କ ପ୍ରକାର | | ବାଛୁରୀ ପାଳନ | କୁକୁଡ଼ା ଚାଷ | ଘୁଷୁରୀ ପାଳନ |
|---|---|---|---|---|
| କ୍ଷୁଦ୍ରଚାଷୀ | .. | ୫୦% | ୨୫% | ୨୫% (ଆଦିବାସୀ ୫୦%) |
| ନାମକୁମାତ୍ର ଚାଷୀ | .. | ୫୦% | ୩୩ ୧/୩% | ୩୩ ୧/୩% |
| କୃଷି ଶ୍ରମିକ | .. | ୬୬ ୨/୩% | ୩୩ ୧/୩% | ୩୩ ୧/୩% |

## କୁକୁଡ଼ା ଓ ଘୁଷୁରୀ ଫାର୍ମ

ଏହି ଯୋଜନା ଅନୁଯାୟୀ ସମ୍ବଲପୁର ଜିଲ୍ଲାରେ ଏକଶହ କୁକୁଡ଼ା ଫାର୍ମ ଓ କେନ୍ଦୁଝର ଓ କୋରାପୁଟ ଜିଲ୍ଲା ପ୍ରତ୍ୟେକରେ ୫୦ ଟି କରି ଘୁଷୁରୀ ଫାର୍ମ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ଥିବା ସ୍ଥଳେ ଲୋକେ ଶହ ଶହ ସଂଖ୍ୟାରେ ଫାର୍ମମାନ କରୁଛନ୍ତି । ଏଥିରେ ବହୁ ସଂଖ୍ୟାରେ ଆଦିବାସୀ ଲୋକେ ଅଛନ୍ତି ।

ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳ ପରି ଆଦିବାସୀ ବହୁଳ ଜିଲ୍ଲାମାନଙ୍କରେ ମଧ୍ୟ ଘାସ ଉତ୍ପାଦନ ପାଇଁ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି । ଅନୁଗୁଳର ପଞ୍ଚମହଲଠାରେ ୧୦୮ ଏକର ବିଶିଷ୍ଟ ଏକ ଘାସମଞ୍ଜି ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ସେହିପରି ଆନନ୍ଦପୁରର ଶାଳପଦାଠାରେ ୧୦୦ ଏକରର ଓ କଳାହାଣ୍ଡିର ଭବାନୀପାଟଣାଠାରେ ୨୦ ଏକରର ଘାସମଞ୍ଜି ଉତ୍ପାଦନ କରିବା ପାଇଁ ଫାର୍ମମାନ ହୋଇଛି । ମରୁଡ଼ିଗ୍ରସ୍ତ ଅଞ୍ଚଳ କଳାହାଣ୍ଡିରେ ୮୦ ଏକର ଓ ଫୁଲବାଣୀରେ ୭୫ ଏକର ଜମିରେ ଗୋଚର ଉନ୍ନୟନ ଓ ଘାସଚାଷ ହେଉଛି । ସିମିଳିପାଳ ଓ କୁଆଁରମୁଣ୍ଡାଠାରେ ଘାସବ୍ୟାଙ୍କରେ ଘାସ ସଞ୍ଚିତ ରଖାଯାଉଛି ।

ଉନ୍ନତ ଗୋ-ପ୍ରଜନନ, ଘାସ ଓ ଦାନା ଉତ୍ପାଦନ ସାଙ୍ଗକୁ ଓଡ଼ିଶାର ସବୁ ଅଞ୍ଚଳ ପରି ଆଦିବାସୀ ଅଞ୍ଚଳରେ ଗୋରୁରୋଗ ପ୍ରତିଷେଧ ଓ ଚିକିତ୍ସା କାର୍ଯ୍ୟ କରାଯାଉଛି । ବର୍ତ୍ତମାନ ଓଡ଼ିଶାରେ ୫୧୮ ପଶୁ-ଡାକ୍ତରଖାନା ଓ ୨୩୨୬ ଟି ପଶୁ ପରିଦର୍ଶକଙ୍କ ଗ୍ରାମ୍ୟ ଡାକ୍ତରଖାନା ରହିଛି । ସବୁ ଆଦିବାସୀ ଅଞ୍ଚଳରେ ମଧ୍ୟ ଏ ସବୁ ରହିଛି । ବର୍ତ୍ତମାନ ପ୍ରତ୍ୟେକ ବ୍ଲକ୍‌ରେ ଜଣେ ଜଣେ ଅଧିକା ପଶୁ ଡାକ୍ତର ରହି ଗାଁ ଲୋକଙ୍କୁ ଉତ୍ତମ ପଶୁପାଳନ ପାଇଁ ବିଭିନ୍ନ ମାଧ୍ୟମରେ ଶିକ୍ଷା ଦେବାର ବ୍ୟବସ୍ଥା ହେଉଛି । ଏ ଯୋଜନାରେ କେତେକ ବ୍ଲକ୍‌ରେ ମଧ୍ୟ ଅତିରିକ୍ତ ପଶୁ ଡାକ୍ତରମାନେ ନିଯୁକ୍ତି ପାଇ ସାରିଲେଣି ।

## ଛେଳି ଓ ମେଣ୍ଢା ପାଳନ

ଗୋପାଳନ ସାଙ୍ଗକୁ ଆଦିବାସୀ ଅଞ୍ଚଳରେ ଅନ୍ୟାନ୍ୟ ଅଞ୍ଚଳ ପରି ଛେଳି ଓ ମେଣ୍ଢା ପାଳନ ମଧ୍ୟ କାର୍ଯ୍ୟକାରୀ ହେଉଛି । ସମ୍ବଲପୁରର ଚିପିଲିମା ଓ ଫୁଲବାଣୀର ଖଜୁରିଆପଡ଼ାଠାରେ ଦୁଇଟି ଛେଳି ଉତ୍ପାଦନ ଫାର୍ମ କରାଯାଇଛି । ସେହିପରି ଚିପିଲିମା ଓ ବଲାଙ୍ଗୀରଠାରେ ଦୁଇଟି ମେଣ୍ଢା ଉତ୍ପାଦନ ଫାର୍ମ ପ୍ରତିଷ୍ଠା କରାଯାଇଛି । ଆଦିବାସୀ ଅଞ୍ଚଳରେ ବିଟାଲ ଜାତୀୟ ଛେଳି ଓ କୋରାଇଡେଲ ଜାତୀୟ ମେଣ୍ଢାଙ୍କ ଦ୍ୱାରା କ୍ରମ ଉନ୍ନୟନ ପ୍ରଣାଳୀରେ ଛେଳି ଓ ମେଣ୍ଢା ପ୍ରଜନନ କରାଯାଉଛି ।

## ଘୁଷୁରୀ ପାଳନ

ଆଦିବାସୀମାନେ ସାଧାରଣତଃ କୁକୁଡ଼ା ଓ ଘୁଷୁରୀ ପାଳନ୍ତି । ଏହାକୁ ଉତ୍ସାହିତ କରିବା ପାଇଁ ଉନ୍ନତ ଘୁଷୁରୀ ଯୋଗାଇ ଦେବାକୁ ଯୋଜନାମାନ ରହିଛି । କଳାହାଣ୍ଡି ଓ ଫୁଲବାଣୀର ମରୁଡ଼ିଗ୍ରସ୍ତ ଅଞ୍ଚଳରେ ଉନ୍ନତ ବା ଜାତିଆ ଘୁଷୁରୀ ଯୋଗାଇ ଦେବା ପାଇଁ ରଙ୍ଗନଗର ଫାର୍ମରେ ୨୫ ଟି ମାଈ ଓ ୩ ଟି ଅଣିରା ଘୁଷୁରୀ ନେଇ ଘୁଷୁରୀ ଛୁଆ ଉତ୍ପାଦନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଆଦିବାସୀମାନେ ଧଳା ଘୁଷୁରୀ ଅପେକ୍ଷା କଳା ଘୁଷୁରୀକୁ ପସନ୍ଦ କରୁଥିବାରୁ ବଡ଼ ଧଳା ୟର୍କସାୟାର ଜାତୀୟ ଘୁଷୁରୀ ସ୍ଥାନରେ ବର୍କସାୟାର ଓ ଲ୍ୟାଣ୍ଡରେସ ଘୁଷୁରୀ ଆମଦାନୀ ପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି ।

## କୁକୁଡ଼ା ପାଳନ

କୁକୁଡ଼ା ସହ ଆଦିବାସୀଙ୍କର କେତୋଟି ପର୍ବପର୍ବାଣୀ ମଧ୍ୟ ସଂଶ୍ଳିଷ୍ଟ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଯେଉଁ କୁକୁଡ଼ା ପାଳନ କାର୍ଯ୍ୟକ୍ରମ ଚାଲିଛି, ସେଥିରୁ ଆଦିବାସୀ ଅଞ୍ଚଳ ବାଦ୍ ପଡ଼ିନାହିଁ ।

ଓଡ଼ିଶାରେ ଯେଉଁ ତିନୋଟି ସଘନ କୁକୁଡ଼ା ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେଉଛି ସେଥିରୁ ଗୋଟିଏ ରାଉରକେଲା ଅଞ୍ଚଳରେ ଚାଲିଛି । ଏଠାରେ ୧୩୦୫ ଟି ଫାର୍ମ ଓ ଏ ସବୁରେ ମୋଟ ପ୍ରାୟ ୨୦ ହଜାର କୁକୁଡ଼ା ଅଛନ୍ତି । ଆଦିବାସୀ ଶ୍ରେଣୀର ଲୋକେ ଏ କାର୍ଯ୍ୟକ୍ରମରେ ଉପକୃତ ହେଉଛନ୍ତି । ଏଭଳି କାର୍ଯ୍ୟକ୍ରମ ହୀରାକୁଦ, ସୁନାବେଡ଼ା, ବଡ଼ବିଲ, ରାଇରଙ୍ଗପୁର, ତାଳଚେର ଆଦି ଅଞ୍ଚଳରେ ମଧ୍ୟ କାର୍ଯ୍ୟକାରୀ ହେବ ।

କଟକ, ପୁରୀ ଓ ସମ୍ବଲପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଫାର୍ମ ପିଛା ୫୦ ଟି କରି ତିନି ହଜାର ଫାର୍ମରେ କୁକୁଡ଼ା ରଖାଯିବାର ଏକ ସ୍ୱତନ୍ତ୍ର ଉନ୍ନୟନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ସେ ଅଞ୍ଚଳର ଆଦିବାସୀ ଲୋକେ ଏହି ସୁବିଧାରୁ ଫାଇଦା ଉଠାଇ ପାରନ୍ତି ।

ପୁଷ୍ଟିକର ଖାଦ୍ୟ ଯୋଗାଣ ଯୋଜନାରେ ଓଡ଼ିଶା ସାରା କୁକୁଡ଼ା ଫାର୍ମମାନ କରାଯାଇ ଶିଶୁ ଓ ଗର୍ଭବତୀ ନାରୀଙ୍କୁ ଅଣ୍ଡା ଯୋଗାଇବାର ବ୍ୟବସ୍ଥା ରହିଛି । ଏ ଯୋଜନା ଅନ୍ତର୍ଗତ କେତୋଟି କୁକୁଡ଼ା ଫାର୍ମକୁ ଆର୍ଥିକ ଅନାଟନ ଯୋଗୁଁ ଚତୁର୍ଥ ଯୋଜନା କାଳରେ ବନ୍ଦ କରି ଦିଆଯାଇଥିଲା । ଏବେ ସେସବୁ ଫାର୍ମକୁ ସମବାୟ ସଂସ୍ଥାମାନଙ୍କୁ ହସ୍ତାନ୍ତର କରାଯାଇ ପୁଣି କୁକୁଡ଼ା ରଖିବା ବ୍ୟବସ୍ଥା କରାଯାଉଛି ।

ଅତଏବ ଆଦିବାସୀମାନଙ୍କ ପାଇଁ ପଶୁପାଳନର ଯେଉଁ ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉଛି ତାହା ଯେ ଅଚିରେ ସେମାନଙ୍କର ଅର୍ଥନୀତିକ ସ୍ଥିତିକୁ ଶକ୍ତିଶାଳୀ କରିବ, ଏଥିରେ ସନ୍ଦେହ ନାହିଁ ।

ଓଡ଼ିଶା ପଶୁପାଳନ ମହାବିଦ୍ୟାଳୟ
ଭୁବନେଶ୍ୱର

# ଘୁରିଆ ଗ୍ରାମର ଅଗ୍ରଗତି

କେବଳ ଘୁରିଆ ଗାଁ କାହିଁକି, ବଲାଙ୍ଗୀର ଜିଲ୍ଲାର ଖପ୍ରାଖୋଲ ବ୍ଲକ୍ ଅନ୍ତର୍ଗତ ପ୍ରାୟ ତିନୋଟି ପଞ୍ଚାୟତରେ ୩୦ ଖଣ୍ଡ ଗାଁର ପରିବେଶ ଏକ ନୂତନ ଅନୁଭୂତିରେ ଆନ୍ଦୋଳିତ ହୋଇ ଉଠିଛି । ଏକ ନୂତନ ଦୃଷ୍ଟିଭଙ୍ଗୀରେ ୧୯୭୮ ମସିହା ଫେବୃଆରୀ ୨୭ ତାରିଖରେ ଉଦ୍‌ଘାଟିତ ହେଲା ଲୁହାସିଂହା କୃଷକ ସେବା ସମବାୟ ସମିତି ଏହି ଘୁରିଆ ଗାଁରେ । ସବୁ ଶ୍ରେଣୀର ଲୋକମାନଙ୍କ ମନରେ ପୁଲକ ଖେଳିଗଲା । ଏଇ ଅଞ୍ଚଳର ଚାଷୀ ମୂଲିଆ ଆନନ୍ଦ ବିଭୋର ହୋଇ ଉଠିଲେ ।

କେବଳ ଯେ ଆଖି ପିଛୁଳାକେ ଏହା ସମ୍ଭବ ହେଲା ତାହା ନୁହେଁ, ତା ପାଇଁ ବିଗତ ଏକ ବର୍ଷ ଅବିରତ ଉଦ୍ୟମ ଚାଲିଥିଲା । ଜାତୀୟ ବ୍ୟାଙ୍କ ପରିଚାଳନା ସଂସ୍ଥା ତରଫରୁ ଚାରି ଜଣିଆ ଏକ 'ସ୍ଥିୟର ହେଡ୍ 'ଟିମ୍' ଏ ଅଞ୍ଚଳକୁ ଆସି ସେମାନଙ୍କର ପ୍ରାଥମିକ କାର୍ଯ୍ୟ ଆରମ୍ଭ କଲେ । ପ୍ରାଥମିକ ପର୍ଯ୍ୟାୟରେ ସେମାନଙ୍କୁ ଉକ୍ତ କାର୍ଯ୍ୟରେ ସାହାଯ୍ୟ କଲେ ଏ ଅଞ୍ଚଳର ଅନେକ ସରକାରୀ କର୍ମଚାରୀ । ସେମାନଙ୍କ ମଧ୍ୟରେ ବି. ଡି. ଓ., ତହସିଲଦାର, ଏସ୍. ଡି., ଓ., ଡି. ଆର. ସି. ଏସ୍., ଏ. ଆର. ସି. ଏସ୍. ଏସ୍. ଏଫ୍. ଡି. ଏ., କଲେକ୍ଟର ଏବଂ ବଲାଙ୍ଗୀର ଆଞ୍ଚଳିକ ଗ୍ରାମ୍ୟ-ବ୍ୟାଙ୍କର ଚେୟାରମ୍ୟାନ । ପ୍ରଥମେ ସେମାନଙ୍କ ସହ-ଯୋଗିତାରେ ଏ ଅଞ୍ଚଳର ସମସ୍ତ ପ୍ରକାର ତଥ୍ୟ ସଂଗ୍ରହ କରାଗଲା । ଏହି କାମରେ ଏ ଅଞ୍ଚଳ ଲୋକଙ୍କର ସହଯୋଗିତା ଯେ ଯଥେଷ୍ଟ ଥିଲା ଏଥିରେ ସନ୍ଦେହ ନାହିଁ । ତିନୋଟି ପଞ୍ଚାୟତ ଯଥାକ୍ରମେ ଲୁହାସିଂହା, ଦମେଇପାଲି ଓ ବାଘମୁଣ୍ଡ । ଏ ଅଞ୍ଚଳ ବିଷୟରେ ସମ୍ୟକ ବିବରଣୀ ନିମ୍ନରେ ଦିଆଗଲା ।

ବିଶେଷତଃ ଏଇ ଅଞ୍ଚଳଟି ବଲାଙ୍ଗୀର ଜିଲ୍ଲାର ଅନୁନ୍ନତ ଓ ପାହାଡ଼ିଆ ଅଞ୍ଚଳ । ୧୯୭୧ ମସିହା ଜନଗଣନା ଅନୁସାରେ ଲୋକ ସଂଖ୍ୟା ୧୨,୨୦୬ । ଏଥିମଧ୍ୟରୁ ୪,୦୭୪ ଆଦିବାସୀ ଏବଂ ୧,୪୦୧ ହରିଜନ । ସଂପୂର୍ଣ୍ଣ ପରିବାରଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ଭୂମିହୀନ ଓ ଦିନ ମଜୁରିଆ । ଏ ଅଞ୍ଚଳର ଜୀବିକା ମଧ୍ୟରେ ଯଦିଓ ଚାଷ ପ୍ରଧାନ ତେବେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଅନ୍ୟତମ । ଏଥିରୁ ଭୂମିହୀନ ଓ ଦିନ ମଜୁରିଆମାନେ କୌଣସି ପ୍ରକାର ଜୀବିକା ନିର୍ବାହ ପାଇଁ ଅନ୍ନ ସଂସ୍ଥାନର ବ୍ୟବସ୍ଥା କରିବାକୁ ସକ୍ଷମ ହୁଅନ୍ତି । ହେଲେ ବି ବର୍ଷ ମଧ୍ୟରେ ଅନେକ ଦିନ ପେଟପୁରା ଖାଇବାକୁ ପାଇବା ସେମାନଙ୍କ ପାଇଁ କଷ୍ଟସାଧ୍ୟ ହୋଇ ପଡ଼େ ।

କୃଷି କ୍ଷେତ୍ରରେ ଏ ଅଞ୍ଚଳ ବହୁତ ପଛରେ ପଡ଼ି-ଯାଇଛି । କାରଣ ବର୍ଷରେ ଯେଉଁ ଗୋଟାଏ ଫସଲ ହୁଏ ତାହା ପୂର୍ଣ୍ଣତଃ ବର୍ଷାଜଳ ଉପରେ ନିର୍ଭର କରିଥାଏ । ତେଣୁ ବିଗତ କେତେ ବର୍ଷ ଧରି ମରୁଡ଼ି ଯୋଗୁଁ ଶସ୍ୟ ହାନିରେ ଏ ଅଞ୍ଚଳର ଲୋକ ପ୍ରପୀଡ଼ିତ । ଜଳସେଚନ ନିମିତ୍ତ ଆଉ ଦ୍ୱିବିଧ ଉପାୟ କାର୍ଯ୍ୟକାରୀ ନହୋଇଥିବା ଦୃଷ୍ଟିରୁ ଏହାର ପ୍ରତିକାରରେ କୌଣସି ପଦକ୍ଷେପ ନେବା ଚାଷୀ ପକ୍ଷରେ ସମ୍ଭବପର ହୋଇପାରିନାହିଁ । ଜମିରେ କୂପ ଖନନ କରି ଏହି ସମସ୍ୟାର ସମାଧାନ କରିବା ଆଶାରେ ଗ୍ରାମ୍ୟବ୍ୟାଙ୍କ, ସମବାୟ ବ୍ୟାଙ୍କ, ଭୂ-ଉନ୍ନୟନ ବ୍ୟାଙ୍କ ଏଥିପାଇଁ ଋଣ ପ୍ରଦାନ କରିବାର ବିଭିନ୍ନ ଉପାୟ ଉଦ୍‌ଭାବନ କରିଥିଲେ ହେଁ ଏହା ବହୁଳଭାବେ ଅଞ୍ଚଳର ଅସୁବିଧାଗ୍ରସ୍ତ ଚାଷୀଙ୍କ ପାଖରେ କାର୍ଯ୍ୟକାରୀ ହୋଇ ପାରି ନାହିଁ । ଜୀବିକା ନିର୍ବାହର ଅନ୍ୟାନ୍ୟ ଆନୁସଙ୍ଗିକ ପନ୍ଥା ଚାଷୀମାନଙ୍କ ପାଇଁ ପ୍ରଯୁଜ୍ୟ ହେଲେ ହେଁ ତାର କାର୍ଯ୍ୟକାରିତାକୁ ଉପଲବ୍ଧି କରି କାର୍ଯ୍ୟରେ ପରିଣତ କରିବା ଆବଶ୍ୟକମତେ ଫଳପ୍ରଦ ହୋଇ ପାରେ ନାହିଁ । ଚାଷୀମାନଙ୍କ ପରି ଏ ଅଞ୍ଚଳର ଅନ୍ୟାନ୍ୟ ଜୀବିକାଧାରୀଙ୍କ ଭିତରେ ବ୍ୟବସାୟୀ, ଗ୍ରାମ୍ୟ କାରିଗର, ଭୂମିହୀନ ତଥା ଦିନମଜୁରିଆ ମଧ୍ୟ ସମଦଶା-ପନ୍ନ । ଗ୍ରାମ୍ୟ କାରିଗର ତାର ଉତ୍ପାଦିତ ଦ୍ରବ୍ୟ ବିନିମୟରେ ଉଚିତ୍ ମୂଲ୍ୟ ପାଏ ନାହିଁ । କାରଣ ବଜାରର ପରିସ୍ଥିତି ସେମାନଙ୍କ ପାଇଁ ଅନୁକୂଳ ନୁହେଁ । ଦିନ ମଜୁରିଆ ଉଚିତ୍ ମଜୁରି ପାଏ ନାହିଁ । ସେମାନେ ସଂଖ୍ୟାଲଘୁ ସଂପ୍ରଦାୟଙ୍କ ହସ୍ତରେ କ୍ରୀଡ଼ାପୁତ୍ତଳିକା ପରି କାର୍ଯ୍ୟ କରି ଯାଆନ୍ତି । ବର୍ଷସାରା ଯେ ଏମାନେ କାର୍ଯ୍ୟ

ପାଇବେ ଏଥିରେ କୌଣସି ନିଶ୍ଚିତତା ନଥାଏ । ଯେତେବେଳେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହରେ ସେମାନେ ବ୍ୟସ୍ତ ଥାନ୍ତି ସେ ସମୟରେ ମଧ୍ୟ ସେମାନଙ୍କର ଦଶା ସୁଧୁରେ ନାହିଁ । କାରଣ ବ୍ୟବସାୟୀମାନେ ସ୍ୱଳ୍ପ ଦରରେ ସେ ସବୁ କ୍ରୟ କରନ୍ତି ।

ଗ୍ରାମ୍ୟ ଶିଳ୍ପର ଉନ୍ନତି ପାଇଁ ସମସ୍ତ ପ୍ରକାର ସୁବିଧା-ସୁଯୋଗ ଥିଲେ ବି ଲୋକମାନେ ଏଥିରେ ଅଭ୍ୟସ୍ତ ନୁହନ୍ତି

ଉକ୍ତ ୩ଟି ପଞ୍ଚାୟତର ଚାଷୀମାନଙ୍କ ସାହାଯ୍ୟରେ ଯେଉଁ ସେବା ସମବାୟ ସମିତିଟି ବିଗତ କେତେ ବର୍ଷ ଧରି କାର୍ଯ୍ୟ କରି ଆସୁଥିଲା ତାହା ଆଜି ଅକର୍ମଣ୍ୟ ହୋଇ ପଡ଼ିଛି । ଋଣ ଅନାଦେୟ ରହିବା କାରଣରୁ କେନ୍ଦ୍ର ବ୍ୟାଙ୍କରୁ ଗତ ୨/୩ ବର୍ଷ ହେଲା ଅର୍ଥ ଉଠାଣ କରିପାରୁ ନାହିଁ । ଯାହା ଫଳରେ ନିରୀହ ପ୍ରଜାକୁଳ ହଇରାଣ ଓ ଅସୁବିଧାରେ କାଳାତିପାତ କରି ଆସୁଛନ୍ତି । ତେଣୁ ସରକାରଙ୍କ ଯୋଜନାନୁସାରେ ଉକ୍ତ ସେବା ସମବାୟ ସମିତିର କାର୍ଯ୍ୟ ବନ୍ଦ କରି ନୂଆ କୃଷକ ସେବା ସମବାୟ ସମିତି ଗଠନ କରିବାର ବିକଳ୍ପ ବ୍ୟବସ୍ଥା ଆଜି ଏଠାରେ କାର୍ଯ୍ୟକାରୀ ହେଲା ଯାହାଦ୍ୱାରା ସମାଜର ପ୍ରତ୍ୟେକ ଶ୍ରେଣୀର ବ୍ୟକ୍ତି ଏଥିରୁ ମାତ୍ରାଧିକ ଫାଇଦା ଉଠାଇ ପାରିବେ ।

ଉକ୍ତ ସମିତି ଯେଉଁ ଆଭିମୁଖ୍ୟ ନେଇ ଆରମ୍ଭ ହେଲା ତାହା ବହୁମୁଖୀ । ଏହାର ଋଣ ଲଗାଣ ବ୍ୟବସ୍ଥା ଭୂମିହୀନଠାରୁ ଆରମ୍ଭ କରି ଜମି ମାଲିକ ପର୍ଯ୍ୟନ୍ତ ସମସ୍ତଙ୍କୁ ଆବଶ୍ୟକ ମତେ ସାହାଯ୍ୟ କରି ପାରିବ । ମୁଖ୍ୟତଃ ଏହା କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ, ଗ୍ରାମ୍ୟ କାରିଗର ଓ ଭୂମିହୀନ କ୍ଷେତ ମଜୁରିଆ ଶ୍ରେଣୀର ଲୋକମାନଙ୍କର ସୁବିଧାସୁଯୋଗ ପ୍ରତି ଧ୍ୟାନ ଦେବ । କେବଳ ଋଣ ଲଗାଣ ବ୍ୟତୀତ ଏହା ଋଣର ଉପଯୁକ୍ତ ବିନିଯୋଗ ନିମିତ୍ତ ତ୍ରୁଟିଶୂନ୍ୟ ନିରୀକ୍ଷଣ ବ୍ୟବସ୍ଥା, ବଳକା ଉତ୍ପାଦିତ ଦ୍ରବ୍ୟର ଖର୍ଦ୍ଦବିକ୍ରି ସୁବିଧା, ଉଚିତ ମୂଲ୍ୟରେ ଖାଉଟି ଦ୍ରବ୍ୟ ଯୋଗାଣ ପ୍ରତି ଦୃଷ୍ଟି ଦେବ । ଅର୍ଥନୈତିକ ଦିଗ ସହିତ ଏହା ଲୋକମାନଙ୍କ ସାମାଜିକ ଉନ୍ନତି ନିମିତ୍ତ ଯତ୍ନବାନ ହେବ ।

ସମିତିର ବୋର୍ଡକୁ ଆଠଜଣ ସରକାରୀ କର୍ମଚାରୀ ଓ ୩ଜଣ ଆଞ୍ଚଳିକ ବ୍ୟକ୍ତିଙ୍କୁ ମନୋନୀତ କରାଯାଇଛି । ସଂଚାଳକ, ଯେକି ସମିତିର ଦୈନନ୍ଦିନ ସମିତିର ପରିଚାଳନା ଦାୟିତ୍ୱ ନେଇଛନ୍ତି, ସେ ଅର୍ଥ ଲଗାଣକାରୀ ବ୍ୟାଙ୍କ ଦ୍ୱାରା ନିଯୁକ୍ତିପ୍ରାପ୍ତ ହୋଇଛନ୍ତି । ଏହାଛଡ଼ା ୩୦ ଖଣ୍ଡି ଗ୍ରାମ ମଧ୍ୟରୁ କେତେ ଗ୍ରାମରେ ଗ୍ରାମ୍ୟ କମିଟିମାନ ଗଠନ କରାଯାଇ ସେମାନଙ୍କୁ ସମିତିର ପରିଚାଳନା କାର୍ଯ୍ୟରେ ସକ୍ରିୟ ଅଂଶ ନେବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ବର୍ତ୍ତମାନ ଏ ସମିତି ଏହାର କାର୍ଯ୍ୟ ଏକ ସୂକ୍ଷ୍ମ ପର୍ଯ୍ୟାୟରେ ଆରମ୍ଭ କଲାଣି । ସମ୍ଭବତଃ କିଛି ଦିନ ମଧ୍ୟରେ ଏହା ପୂର୍ଣ୍ଣ ପର୍ଯ୍ୟାୟରେ ଆରମ୍ଭ କରିବ । ବର୍ତ୍ତମାନ ଏହା ଋଣ ଲଗାଣ (ବିଭିନ୍ନ ମିଆଦି) ର, ସୁନାରଣ ଓ ସଞ୍ଚୟ ଜମା କାର୍ଯ୍ୟ ଆରମ୍ଭ କଲାଣି । ଏସବୁ ପାଇଁ ବଲାଙ୍ଗୀର ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଏହାକୁ ଅର୍ଥ ଯୋଗାଣ କରୁଛନ୍ତି ।

ଜଣାଯାଏ ଏ ଅଞ୍ଚଳ ଲୋକଙ୍କ ଚାହିଦାକୁ ଲକ୍ଷ୍ୟରଖି ଲୋକଙ୍କ ଇଚ୍ଛା ଓ ପ୍ରଚେଷ୍ଟାର ଫଳ ସ୍ୱରୂପ ଏହା ଗଢି ଉଠିଛି । ଆଶା, ଏହା ଭବିଷ୍ୟତରେ ଏଭଳି ଏକ ଅନୁନ୍ନତ ଅଞ୍ଚଳର ଗ୍ରାମ୍ୟ ଜୀବନକୁ ସମୃଦ୍ଧ କରିବ ।

ଚେୟାରମ୍ୟାନ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ,
ବଲାଙ୍ଗୀର ।

## ୭ ହଜାର କୁଇଣ୍ଟାଲ କପା ସଂଗୃହୀତ

ରାଜ୍ୟରେ କପା ଚାଷର ପ୍ରସାର କ୍ରମେ ବୃଦ୍ଧି ପାଉଥିବାରୁ କେବଳ ବରଗଡ଼ ସୂତାକଳ ପକ୍ଷରୁ ୩୫ ଲକ୍ଷ ଟଙ୍କା ମୂଲ୍ୟର ୭ ହଜାର କୁଇଣ୍ଟାଲ କପା ସଂଗୃହୀତ ହୋଇଥିବା ଜଣାଯାଇଛି ।

ଚଳିତ ବର୍ଷ ୪ ହଜାର ହେକ୍ଟର ଜମିରେ ବର୍ଷାକାଳୀନ କପା ଚାଷ ହୋଇଛି । ଏଥିମଧ୍ୟରୁ ଫୁଲବାଣୀର ୭୦୦ ହେକ୍ଟର, ରାୟଗଡ଼ାର ୬୦୦ ହେକ୍ଟର ଏବଂ ପାରଳାଖେମୁଣ୍ଡି କୃଷି ଜିଲାର ୫୦୦ ହେକ୍ଟର ଜମି ଅନ୍ତର୍ଭୁକ୍ତ ।

ଗୋଟିଏ ଜମିରେ ଚିନାବାଦାମ ଚାଷ ପରେ କପାଚାଷ ଏବଂ କପା ଚାଷ ପରେ ଗହମ ଚାଷ ଲାଭପ୍ରଦ ଭାବରେ କରାଯାଇ ପାରିବ ବୋଲି ଚମ୍ପାରୀପାଢୀ କୃଷି ଗବେଷଣା କେନ୍ଦ୍ରରେ କରାଯାଇଥିବା ପରୀକ୍ଷାରୁ ଜଣାଯାଇଛି । ଉନ୍ନତ ବିହନ, କୃଷି ଯନ୍ତ୍ରପାତି ଓ କୀଟ ନାଶକ ଔଷଧ ବ୍ୟବହାର କରିବା ସଙ୍ଗେ ସଙ୍ଗେ ଆଧୁନିକ କୃଷି ପ୍ରଣାଳୀ ଅବଲମ୍ବନ କରି କପା ଉତ୍ପାଦନ ବୃଦ୍ଧି କରିବା ପାଇଁ ଚାଷୀମାନଙ୍କୁ ଉତ୍ସାହିତ କରାଯାଉଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ସେମାନଙ୍କୁ ଶତକଡ଼ା ୨୫ ଭାଗ ରିହାତି ମୂଲ୍ୟରେ ସ୍ପ୍ରେୟର ଯନ୍ତ୍ର ଯୋଗାଇ ଦିଆଯାଉଛି ।

# ମହିଳା ଓ ଆଦିବାସୀ ସାକ୍ଷର ଯୋଜନା

ସମାଜର ବିଭିନ୍ନ ସ୍ତରରେ ନ୍ୟାୟ ପ୍ରତିଷ୍ଠା କରିବାର ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଯେଉଁ ନାନାବିଧ ପ୍ରଗତିମୂଳକ କାର୍ଯ୍ୟ କରାଯାଉଛି ତନ୍ମଧ୍ୟରୁ ୧୫ ରୁ ୩୫ ବର୍ଷ ବୟସ ସୀମା ମଧ୍ୟରେ ଥିବା ବ୍ୟକ୍ତି ବିଶେଷଙ୍କର ସାକ୍ଷର ଯୋଜନା ଅନ୍ୟତମ । ସ୍ୱାଧୀନତା ପୂର୍ବରୁ ଓଡ଼ିଶାରେ ଶିକ୍ଷା ପ୍ରସାର ଦିଗରେ ଅବହେଳା ପ୍ରଦର୍ଶନ କରାଯାଇଥିବାରୁ ଏହି ରାଜ୍ୟ ଶିକ୍ଷା କ୍ଷେତ୍ରରେ ମଧ୍ୟ ଅନଗ୍ରସର ହୋଇ ରହିଛି । ଓଡ଼ିଶାରେ ନାରୀଶିକ୍ଷା ପ୍ରତି ପୂର୍ବରୁ ପ୍ରେରଣା ଓ ଉତ୍ସାହ ପରିଲକ୍ଷିତ ହେଉନଥିଲା ଏବଂ ଆଦିବାସୀ ସମାଜରେ ଶିକ୍ଷା ପ୍ରତି କାହାରି ବିଶେଷ ଆଗ୍ରହ ନଥିଲା । ଫଳରେ ରାଜ୍ୟରେ ମହିଳା ଓ ଆଦିବାସୀ ଶ୍ରେଣୀର ଲୋକେ ଆଜି ବହୁ ସଂଖ୍ୟାରେ ଅଶିକ୍ଷିତ ହୋଇ ରହିଛନ୍ତି । ଶିକ୍ଷାର ଅଭାବ ହେତୁ ମହିଳାମାନେ ଓ ଆଦିବାସୀ ଶ୍ରେଣୀର ଲୋକମାନେ ସମାଜ ପ୍ରତି ସେମାନଙ୍କର ଦାୟିତ୍ୱ ସଂପର୍କରେ ସଚେତନ ହୋଇ ପାରୁନାହାନ୍ତି । ଫଳରେ ସେମାନେ ଶୋଷଣ ଓ ନିର୍ଯ୍ୟାତନା ମଧ୍ୟରେ ଗତି କରି ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ନିଜର ଯଥାର୍ଥ ସ୍ଥିତି ବଜାୟ ରଖି ପାରିନାହାନ୍ତି ।

୧୯୭୧ ମସିହା ଜନଗଣନା ଅନୁଯାୟୀ ରାଜ୍ୟରେ ମହିଳାମାନଙ୍କ ସଂଖ୍ୟା ୧ କୋଟି ୯ ଲକ୍ଷ ୩ ହଜାର ୫୩୨ । କେବଳ ମଫସଲ ଅଞ୍ଚଳରେ କୋଟିଏରୁ ଅଧିକ ମହିଳା ରହନ୍ତି । ୧୯୭୧ ମସିହାରେ ସାକ୍ଷର ମହିଳାଙ୍କ ସଂଖ୍ୟା ମାତ୍ର ଶତକଡ଼ା ୧୩·୯୨ । ରାଜ୍ୟର ୧୩ ଟି ଜିଲା ମଧ୍ୟରୁ କଟକ, ବାଲେଶ୍ୱର ଓ ପୁରୀ ଜିଲାରେ ସାକ୍ଷର ମହିଳାଙ୍କ ସଂଖ୍ୟା ଅନ୍ୟାନ୍ୟ ଜିଲାମାନଙ୍କ ଠାରୁ ଅଧିକ । କଟକ ଜିଲାରେ ପ୍ରତି ୧୦ ଜଣ ମହିଳାଙ୍କ ମଧ୍ୟରେ ୨ ଜଣ ଓ ବାଲେଶ୍ୱର ଏବଂ ପୁରୀ ଜିଲାରେ ପ୍ରତି ୧୦ ଜଣରେ ପ୍ରାୟ ଜଣେ ସାକ୍ଷର ମହିଳା ଅଛନ୍ତି । ଅନ୍ୟାନ୍ୟ ଜିଲାମାନଙ୍କ ମଧ୍ୟରୁ କୋରାପୁଟ ଜିଲାରେ ଶହେରେ ୨·୯୭, କଳାହାଣ୍ଡି-ରେ ୩·୬୮, କେନ୍ଦୁଝରରେ ୮·୯୨, ଗଞ୍ଜାମରେ ୮·୯୫ ଓ ସୁନ୍ଦରଗଡ଼ରେ ୯·୭୭ ସାକ୍ଷର ମହିଳା ଅଛନ୍ତି ବୋଲି ଜନଗଣନା ରିପୋର୍ଟରୁ ଜଣାଯାଉଛି ।

ଗ୍ରାମ୍ୟ ସ୍ତରରେ ମହିଳାମାନେ ଗୃହର ସମସ୍ତ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟରକ୍ଷା, ପିଲାମାନଙ୍କର ଯତ୍ନ, ପରିବାର କଲ୍ୟାଣ ଓ ପୁଷ୍ଟିସାର ଖାଦ୍ୟ ବିଷୟରେ ଶିକ୍ଷାଲାଭ କରିବା ଉଚିତ ।

କୃଷି କାର୍ଯ୍ୟରେ ପୁରୁଷମାନଙ୍କ ସହିତ ମହିଳାମାନଙ୍କର ସହଯୋଗିତା ମଧ୍ୟ ଆବଶ୍ୟକ । କେତେକ ପରିବାରରେ ପୁରୁଷ ବ୍ୟକ୍ତିଙ୍କ ଅକାଳ ବିୟୋଗ ହେତୁ ମହିଳାମାନଙ୍କ ଦ୍ୱାରା କୃଷି କାର୍ଯ୍ୟ ପରିଚାଳିତ ହୋଇଥାଏ । ସମୟର ଗତି ଅନୁସାରେ ବିଜ୍ଞାନର ପ୍ରସାର ହେଉଥିବାରୁ ବୈଜ୍ଞାନିକ ପଦ୍ଧତିରେ କୃଷି କାର୍ଯ୍ୟ କରିବା ପାଇଁ ମହିଳାମାନଙ୍କର ମଧ୍ୟ ଆବଶ୍ୟକୀୟ ଶିକ୍ଷା ଆବଶ୍ୟକ ।

ବିଭିନ୍ନ ଖଣି ଖାଦାନ, ଶିଳ୍ପ କାରଖାନାମାନଙ୍କରେ ମହିଳାମାନେ ଶ୍ରମିକ ରୂପେ କାର୍ଯ୍ୟ କରନ୍ତି । ତେଣୁ ନିଜକୁ ଉତ୍କୃଷ୍ଟ ଶ୍ରମିକ ରୂପେ ଗଢ଼ିବା ଏବଂ ନିଜର ନିଯୁକ୍ତି ସଂସ୍ଥାର କାର୍ଯ୍ୟ ବିଷୟରେ ସମ୍ୟକ୍ ଜ୍ଞାନଲାଭ କରିବା ପାଇଁ ସେମାନେ ସାଧାରଣ ଶିକ୍ଷା ଲାଭ କରିବା ବାଞ୍ଛନୀୟ ।

ବହୁ ସଂଖ୍ୟକ ମହିଳା ରାସ୍ତା, କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟରେ ଶ୍ରମିକ ଭାବରେ କାର୍ଯ୍ୟ କରନ୍ତି । ଏହିସବୁ ଅସଂଗଠିତ ସଂସ୍ଥାମାନଙ୍କରେ ଶ୍ରମିକ ସଂଘ ପ୍ରଭୃତି ଅନୁଷ୍ଠାନ ନଥିବାରୁ ମହିଳାମାନେ ନ୍ୟାଯ୍ୟ ପ୍ରାପ୍ୟରୁ ବଞ୍ଚିତ ହୁଅନ୍ତି । ମହିଳାମାନଙ୍କର ପ୍ରସବକାଳୀନ ଚିକିତ୍ସା ସୁବିଧା ଛୋଟ ପିଲାଙ୍କ ପାଇଁ ଯତ୍ନର ବ୍ୟବସ୍ଥା ବା ସାଧାରଣ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା ଏହି ସଂସ୍ଥାମାନଙ୍କରେ ନଥାଏ । ତେଣୁ ଏହି କ୍ଷେତ୍ରରେ କାର୍ଯ୍ୟରତ ଥିବା ମହିଳାମାନଙ୍କୁ ସାକ୍ଷର କରାଯିବା ସହଜସାଧ୍ୟ ନହେଲେ ମଧ୍ୟ ସମାଜ ସେବା ଅନୁଷ୍ଠାନମାନଙ୍କ ଦ୍ୱାରା ସମ୍ଭବ ହୋଇପାରିବ ।

ଗ୍ରାମାଞ୍ଚଳରେ ମହିଳାମାନେ କୁଟୀର ଶିଳ୍ପରେ ସାହାଯ୍ୟ କରନ୍ତି । ବାଉଁଶ, ତାଳପତ୍ର, କାଇଁଚ କାଠି, ଲୁଗାବୁଣା ଇତ୍ୟାଦି କାର୍ଯ୍ୟରେ ମହିଳାମାନେ ଆଗ୍ରହ ସହକାରେ ଅଂଶ ଗ୍ରହଣ କରନ୍ତି । ଏସବୁ ଜିନିଷର ବିକ୍ରୟ କାର୍ଯ୍ୟ ମଧ୍ୟ ମହିଳାମାନଙ୍କ ଦ୍ୱାରା ସଂପାଦିତ ହୋଇଥାଏ । ମାଛ ଧରାଳିମାନେ ନଦୀ ଓ ସମୁଦ୍ରରୁ ମାଛ ଧରି ଆଣିଲା ପରେ ସେମାନଙ୍କର ମହିଳାମାନେ ମାଛ ବିକ୍ରୟ କରନ୍ତି । ଦକ୍ଷିଣ ଓଡ଼ିଶାରେ ସାଧାରଣତଃ କୃଷକ-ଗୃହିଣୀମାନେ କୃଷିଜାତ ଦ୍ରବ୍ୟମାନ ବିକ୍ରୟ କରନ୍ତି । ତେଣୁ ଏ କ୍ଷେତ୍ରରେ ସେମାନଙ୍କ କାର୍ଯ୍ୟର ସୁପରିଚାଳନା ଓ ଦକ୍ଷତା ବୃଦ୍ଧି ପାଇଁ ଶିକ୍ଷାର ଆବଶ୍ୟକତା ରହିଛି ।

କୃଷକ ଘରେ ଗୋରୁ, ଛେଳି, ମେଣ୍ଢା, ମଇଁଷି ଇତ୍ୟାଦି ପରିପାଳନର ଦାୟିତ୍ୱ ମଧ୍ୟ ମହିଳାମାନଙ୍କ ଉପରେ ନ୍ୟସ୍ତ ଥାଏ । ଗୋ ସଂପଦର ପ୍ରକୃତ ଯତ୍ନ ନେବା, ଖାଦ୍ୟପେୟର ବ୍ୟବସ୍ଥା କରିବା ଦିଗରେ ମହିଳାମାନଙ୍କର ମଧ୍ୟ ଶିକ୍ଷାଲାଭ କରିବା ଉଚିତ ।

ଗାଁ ଗହଳରେ ମହିଳାମାନଙ୍କୁ ସାକ୍ଷର କରିବା ପାଇଁ କେବଳ ରାତ୍ରିରେ ପଢ଼ିବା ବ୍ୟବସ୍ଥା କରିଦେଲେ ଶିକ୍ଷା ପ୍ରକଳ୍ପ ସଫଳ ହେବ ନାହିଁ । କାରଣ ମହିଳାମାନଙ୍କୁ ପଢ଼ାଇବା ପାଇଁ ସମାଜ ସେବାରେ ଆଗ୍ରହ ଥିବା ଶିକ୍ଷିତ ମହିଳା କର୍ମୀ ଆବଶ୍ୟକ । ମହିଳାମାନଙ୍କୁ ପାଠ ପଢ଼ିବା ପାଇଁ ନ ପ୍ରବର୍ତ୍ତାଇ ପ୍ରଥମେ ଘରର ସ୍ୱାସ୍ଥ୍ୟରକ୍ଷା, ପିଲାମାନଙ୍କର ଦାୟିତ୍ୱ ଓ ଗୋପାଳନ ଇତ୍ୟାଦି ବିଷୟରେ ଜାଣିବା ପାଇଁ ତାଙ୍କ ମନରେ ଆଗ୍ରହ ସୃଷ୍ଟି କରାଯାଇ ପରେ ଏବଂ ଏହିସବୁ ମାଧ୍ୟମରେ ସେମାନଙ୍କୁ ସାଧାରଣ ଶିକ୍ଷା ଦିଆଯାଇ ପାରେ ।

## ଆଦିବାସୀମାନଙ୍କର ଶିକ୍ଷା ସମସ୍ୟା

ଓଡ଼ିଶାର ପ୍ରାୟ ୬୩ ପ୍ରକାର ଭିନ୍ନ ଭିନ୍ନ ଗୋଷ୍ଠୀକୁ ନେଇ ଆଦିବାସୀ ସମାଜ ଗଠିତ । ଆଦିବାସୀମାନଙ୍କ ମଧ୍ୟରେ ୮୭ ହଜାର କନ୍ଧ, ୫୦ ହଜାର ଗଣ୍ଡ, ୪୫ ହଜାର ସାନ୍ତାଳ, ୩୪ ହଜାର ସଉରା, ୩୦ ହଜାର କୋହ୍ଲ ସଂପ୍ରଦାୟର ଲୋକ ଅଛନ୍ତି । କନ୍ଧମାନଙ୍କ ମଧ୍ୟରେ ଶତକଡ଼ା ୭.୯, ଗଣ୍ଡ ଶ୍ରେଣୀରେ ୧୩.୫, ସାନ୍ତାଳମାନଙ୍କ ମଧ୍ୟରେ ଶତକଡ଼ା ୯.୧, ସଉରା ଶ୍ରେଣୀରେ ୧୦.୧ ଏବଂ କୋହ୍ଲ ଶ୍ରେଣୀରେ ୫.୮ ସାକ୍ଷର ବ୍ୟକ୍ତି ରହିଛନ୍ତି ।

ଆଦିବାସୀମାନଙ୍କର ଜୀବନଯାପନ ପ୍ରଣାଳୀ ଓ ସାମାଜିକ ରୀତିନୀତି ଦେଖିଲେ ଜଣାଯାଏ ଯେ ସେମାନେ ଏପର୍ଯ୍ୟନ୍ତ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଅବସ୍ଥାର କ୍ରମୋନ୍ନତି ଓ ଘଟଣା ପ୍ରବାହ ବିଷୟରେ ଅଜ୍ଞ ଅଛନ୍ତି । ସେମାନଙ୍କର ଆର୍ଥିକ-ଜୀବନଧାରା ସାଧାରଣତଃ ସ୍ୱାବଲମ୍ବନଶୀଳ । ସେମାନେ ବାସଗୃହ, ପୋଷାକ ଓ ଖାଦ୍ୟ ପ୍ରଭୃତିରେ ଖୁବ୍ ଅଳ୍ପ ବ୍ୟୟ କରି ଚଳି ଯାଆନ୍ତି ।

ସ୍ୱାଧୀନତାର ୩୦ ବର୍ଷ ପରେ ମଧ୍ୟ ସେମାନେ ଜିନିଷ ବିନିମୟରେ ଜିନିଷ କିଣିବା ଅଭ୍ୟାସ ଛାଡ଼ି ନାହାନ୍ତି । ସଂପତ୍ତି-ବାଡ଼ି ପ୍ରତି ସେମାନଙ୍କର ଲୋଭ ନାହିଁ । କୌଣସି କାରଣରୁ କୋର୍ଟ କଚେରୀକୁ ଆସିବାକୁ ପଡ଼ିଲେ ସେମାନଙ୍କ ମନରେ ଅଶାନ୍ତି ଉପୁଜି ଥାଏ ।

ଆଦିବାସୀମାନେ ଓଡ଼ିଆ ଭାଷା ଅପେକ୍ଷା ନିଜ ଭାଷାରେ ଶିକ୍ଷାଲାଭ କରିବାକୁ ଭଲ ପାଆନ୍ତି । ତେଣୁ ଆଦିବାସୀ ଭାଷା ବ୍ୟତୀତ ଅନ୍ୟ ଭାଷାରେ ସେମାନଙ୍କ ସହିତ କଥା-ବାର୍ତ୍ତା କଲେ ଜନ-ସଂପର୍କ ସୁପ୍ରତିଷ୍ଠିତ ହୋଇ ପାରେନାହିଁ ।

କେତେକ ଶ୍ରେଣୀର ଆଦିବାସୀ କାମଧନ୍ଦା ଉଦ୍ଦେଶ୍ୟରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପରିବାର ସହ ବୁଲିଯାଉଥିବାରୁ ଏମାନଙ୍କ ପାଇଁ ଶିକ୍ଷା ବ୍ୟବସ୍ଥା କରିବା ମଧ୍ୟ କଷ୍ଟକର ।

ତେଣୁ ଆଦିବାସୀମାନଙ୍କ ପାଇଁ ସାକ୍ଷର କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା କଷ୍ଟକର ହେଲେ ମଧ୍ୟ ଏ ଦିଗରେ ନିଷ୍ଠାର ସହିତ କାର୍ଯ୍ୟ ଆରମ୍ଭ କରାଯାଇ ଆସ୍ତେ ଆସ୍ତେ ସମସ୍ତ ସମସ୍ୟାର ସମାଧାନ କରାଯାଇ ପାରେ ।

ଯେଉଁ ଜିଲ୍ଲାରେ ଶିଳ୍ପ ଓ ଖଣି ପ୍ରତିଷ୍ଠାନମାନଙ୍କରେ ଆଦିବାସୀ ଓ ମହିଳାମାନେ କାର୍ଯ୍ୟ କରୁଛନ୍ତି ସେଠାରେ ସଂପୃକ୍ତ କାରଖାନା ଓ ଖଣିର ମାଲିକମାନଙ୍କ ପକ୍ଷରୁ ଏମାନଙ୍କ ପାଇଁ ଶିକ୍ଷାର ବ୍ୟବସ୍ଥା କରାଯିବା ଉଚିତ ।

କୋରାପୁଟ, କଳାହାଣ୍ଡି, ଫୁଲବାଣୀ ପ୍ରଭୃତି ଜିଲ୍ଲା-ମାନଙ୍କରେ ଆଦିବାସୀମାନଙ୍କର ଶିକ୍ଷାର ହାର ଅତ୍ୟନ୍ତ କମ୍ ଥିବାରୁ ଏହି ଜିଲ୍ଲାମାନଙ୍କରେ ସାକ୍ଷର ସଂଖ୍ୟା ବୃଦ୍ଧି କରିବା ପାଇଁ ସରକାରଙ୍କ ସହିତ ସମାଜ ସେବା ଅନୁଷ୍ଠାନ-ମାନେ ସହଯୋଗ କରିବା ଉଚିତ ।

## ପାଠ୍ୟକ୍ରମ

ଆଦିବାସୀମାନଙ୍କ ପାଇଁ ଯେଉଁ ଶିକ୍ଷା କାର୍ଯ୍ୟକ୍ରମ କରାଯିବ ସେଥିରେ ପ୍ରଥମତଃ ସେମାନଙ୍କୁ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ବିଭିନ୍ନ ଅଗ୍ରଗତି ବିଷୟରେ ଅବହିତ କରାଯିବା ଦରକାର ।

ଭାରତୀୟ ସମ୍ବିଧାନରେ ସେମାନଙ୍କୁ ଯେଉଁ ସୁବିଧା ସୁଯୋଗ ଦିଆଯାଇଛି ସେ ବିଷୟରେ ମଧ୍ୟ ସେମାନେ ଜାଣିବା ଉଚିତ । ସମାଜ ପ୍ରତି ସେମାନଙ୍କର କର୍ତ୍ତବ୍ୟ ବିଷୟରେ ସେମାନେ ଅବହିତ ହେବା ବାଞ୍ଛନୀୟ ।

ସାଧାରଣ ଶିକ୍ଷା ଲାଭ କଲେ ସେମାନେ ସମବାୟ ଓ ବିଭିନ୍ନ ବ୍ୟାଙ୍କ୍‌ର ଋଣ କାରବାର ବିଷୟରେ ବୁଝି ପାରିବେ ଓ ଏଥିରେ ଆଗ୍ରହୀ ହେବେ । ଆଦିବାସୀ ସମାଜରେ ଯେଉଁ କୁସଂସ୍କାର ଓ ଅନ୍ଧବିଶ୍ୱାସ ରହିଛି ତାହା ମଧ୍ୟ ଦୂର କରାଯାଇ ପାରିବ ।

ଆଦିବାସୀମାନେ ସେମାନଙ୍କର ନିଜର ସଂସ୍କୃତି ବିଷୟରେ ଅବହିତ ହୋଇ ଏହାର ଉନ୍ନତି ଓ ସଂସ୍କାର ସଂପର୍କରେ ମଧ୍ୟ ଚିନ୍ତା କରିପାରିବେ ।

ଆଦିବାସୀ ଅଞ୍ଚଳରେ ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମର ପ୍ରସାର ସଙ୍ଗେ ସଙ୍ଗେ ସାକ୍ଷର ବ୍ୟକ୍ତିମାନେ ଯେପରି ପଢ଼ାପଢ଼ି ଅଭ୍ୟାସ ଭୁଲି ନ ଯାଆନ୍ତି ସେଥିପାଇଁ କେତେକ ମୁଖ୍ୟ ଗ୍ରାମ-ମାନଙ୍କରେ ଗ୍ରାମ୍ୟ ପାଠାଗାର ପ୍ରତିଷ୍ଠିତ ହେବା ବାଞ୍ଛନୀୟ । ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମ ସହିତ ଆଦିବାସୀ ଓ ମହିଳାମାନଙ୍କୁ ଅଧିକ ଜଡ଼ିତ କରିବା ପାଇଁ ସମୟ ସମୟରେ ଅପେରା-ମିଳିତ ନୃତ୍ୟ ଓ ଗୀତ, ଚଳଚ୍ଚିତ୍ର, ରେଡ଼ିଓ ଓ ଟେଲିଭିଜନ କାର୍ଯ୍ୟକ୍ରମମାନ ସଙ୍ଗଠିତ କରାଯିବା ଆବଶ୍ୟକ ।



# ସମାଜ କଲ୍ୟାଣ

ଶ୍ରୀ ମୋହନ ନାୟକ

ନରକୁ ନାରାୟଣ ଜ୍ଞାନରେ, ମାନବକୁ ମାଧବ ଜ୍ଞାନରେ, ଜୀବକୁ ଶିବ ଜ୍ଞାନରେ, ଜନକୁ ଜନାର୍ଦ୍ଦନ ଜ୍ଞାନରେ ବିଗ୍ରହ କଲେହେଁ ସେବା କାର୍ଯ୍ୟରେ ସଫଳତା ଲାଭ ହୋଇଥାଏ । ସେବାକାର୍ଯ୍ୟ ସମସ୍ତଙ୍କ ଭାଗ୍ୟରେ ଯୁଟିନଥାଏ । ଯେଉଁମାନଙ୍କ ଭାଗ୍ୟରେ ଏହି ସେବାର ସୁବିଧା ମିଳିଥାଏ ସେମାନେ ଯଦି ଉକ୍ତ କାର୍ଯ୍ୟକୁ ନିଃସ୍ୱାର୍ଥପରଭାବେ ଉପରଲିଖିତ ଜ୍ଞାନରେ ସଂପନ୍ନ କରିବାକୁ ଚେଷ୍ଟା ନକରନ୍ତି ତେବେ ସେମାନଙ୍କୁ ମୂର୍ଖ ବ୍ୟତୀତ ଆଉ କଣ କୁହାଯାଇ ପାରେ ।

ଭାରତର ସ୍ୱାଧୀନତା ପରେ ପରେ ଗତ ୨୫ ବର୍ଷ ତଳେ ଭାରତ ବର୍ଷରେ ନାରୀ ଜାଗରଣ, ଶିଶୁ ମଙ୍ଗଳ, ଗରିବ ବୃଦ୍ଧ, ବୃଦ୍ଧାମାନଙ୍କ ସେବା, ମଧ୍ୟମ ଓ ନିମ୍ନ ବାଳକ, ବାଳିକାମାନଙ୍କୁ ଭ୍ରମଣ ଉଦ୍ଦେଶ୍ୟରେ ସାହାଯ୍ୟ, ବୟସ୍କା ମହିଳାମାନଙ୍କୁ ଅଳ୍ପ ସମୟ ମଧ୍ୟରେ ଶିକ୍ଷାଗତଭାବେ ଯୋଗ୍ୟ କରିବା, ଅକର୍ମଣ୍ୟ ଶିଶୁ ଓ ମହିଳାମାନଙ୍କର କର୍ମ ସଂସ୍ଥାନର ବ୍ୟବସ୍ଥା, ଗର୍ଭିଣୀ ସ୍ତ୍ରୀ ଓ ଶିଶୁମାନଙ୍କ ସକାଶେ ପୌଷ୍ଟିକ ଖାଦ୍ୟ ଯୋଗାଣ, ପ୍ରସୂତିଭବନ ସ୍ଥାପନ, ଅନାଥ ଶିଶୁମାନଙ୍କର ରକ୍ଷଣାବେକ୍ଷଣ, ସହରାଞ୍ଚଳରେ ଚାକିରୀ କରୁଥିବା ମହିଳାମାନଙ୍କର ବସବାସ ପାଇଁ ହଷ୍ଟେଲ ନିର୍ମାଣ, ବିପଥଗାମୀ ମହିଳାମାନଙ୍କୁ ସୁପଥକୁ ଫେରାଇ ଆଣିବା, ବାଳ ଅପରାଧୀମାନଙ୍କୁ ଶିକ୍ଷାଦାନ ଓ ମହିଳାମାନଙ୍କ ପାଇଁ କୁଟୀର ଶିଳ୍ପ ସ୍ଥାପନ ଓ ବାଲବାଡ଼ୀ ସ୍ଥାପନ ଆଦି ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟ ପାଇଁ କେନ୍ଦ୍ର ସ୍ତରରେ ସମାଜ ମଙ୍ଗଳ ବୋର୍ଡ ଓ ପ୍ରାଦେଶିକ ସ୍ତରରେ ସମାଜ କଲ୍ୟାଣ ଉପଦେଷ୍ଟା ବୋର୍ଡମାନ ଗଠନ କରାଯାଇ ଭାରତର ବିଶିଷ୍ଟ ନାରୀନେତ୍ରୀମାନଙ୍କ ଉପରେ ଉକ୍ତ ବୋର୍ଡଗୁଡ଼ିକର ପରିଚାଳନା ଦାୟିତ୍ୱ ନ୍ୟସ୍ତ କରାଗଲା ।

କେନ୍ଦ୍ର ବୋର୍ଡ ଓ ପ୍ରାଦେଶିକ ଉପଦେଷ୍ଟା ବୋର୍ଡଗୁଡ଼ିକ ତରଫରୁ ଯେଉଁସବୁ ସମାଜ କଲ୍ୟାଣ କାର୍ଯ୍ୟ ଆରମ୍ଭ କରାଯାଇଛି ସେଥିପାଇଁ କେନ୍ଦ୍ର ସରକାର ଏବଂ ପ୍ରାଦେଶିକ ସରକାରମାନେ ଅର୍ଥ ସାହାଯ୍ୟ କରିଥାଆନ୍ତି । ସଂପୃକ୍ତ ସେବା ଅନୁଷ୍ଠାନମାନଙ୍କୁ ମଧ୍ୟ ସମାଜ ମଙ୍ଗଳ ବୋର୍ଡର ଅର୍ଥ ସହିତ ଶତକଡ଼ା ୧୦ରୁ ୫୦ ଭାଗ ଅର୍ଥ ଜନସାଧାରଣଙ୍କଠାରୁ ଚାନ୍ଦା ସ୍ୱରୂପ ଆଦାୟ କରି ମିଶାଇବାକୁ ପଡ଼ିଥାଏ ।

ଗୌରବର ବିଷୟ, ଏହି ସମାଜ କଲ୍ୟାଣ ବୋର୍ଡର ୨୫ ବର୍ଷ ପୂର୍ଣ୍ଣ ହୋଇ ୧୯୭୮ ଅଗଷ୍ଟ ୧୨ ଓ ୧୩ ତାରିଖ ଦୁଇଦିନ ବ୍ୟାପୀ ଆନ୍ଧ୍ର ପ୍ରଦେଶର ରାଜଧାନୀ ହାଇଦ୍ରାବାଦଠାରେ 'ରଜତ ଜୟନ୍ତୀ' ଉତ୍ସବ ପାଳନ ପାଇଁ ଆୟୋଜନ କରାଯାଉଛି । ଏହି ଉତ୍ସବରେ ଯୋଗ ଦେବା ପାଇଁ ସମାଜ ମଙ୍ଗଳ ବୋର୍ଡର ଚେୟାରମେନ୍ ଓ କର୍ମଚାରୀମାନଙ୍କ ସମେତ ବିଭିନ୍ନ ପ୍ରଦେଶରୁ କେତେକ ସମାଜସେବୀମାନଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଉଛି ।

ସ୍ୱାଧୀନତାର ଦୀର୍ଘ ୩୧ ବର୍ଷ ପରେ ମଧ୍ୟ ଦେଶର ସମାଜ କଲ୍ୟାଣ ଦିଗରେ ଆଶାନୁରୂପ ଫଳ ମିଳିନଥିବା ବଡ଼ ଦୁଃଖର ବିଷୟ । ସମାଜ କଲ୍ୟାଣ କାର୍ଯ୍ୟ ପାଇଁ ନିଃସ୍ୱାର୍ଥପର ଓ ହୃଦୟବାନ୍ ବ୍ୟକ୍ତିର ଆବଶ୍ୟକତା ବହୁ ପରିମାଣରେ ଦରକାର । ବର୍ତ୍ତମାନ ଭାରତର ରାଜନୈତିକ ପରିସ୍ଥିତି ଏତେ ଜଟିଳ ଯେ, ନିଃସ୍ୱାର୍ଥପର କର୍ମୀ ମିଳିବା କଷ୍ଟକର ବ୍ୟାପାର ହୋଇପଡୁଛି ।

ଯେତେବେଳେ ଭାରତରେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ସ୍ୱରାଜ୍ୟ ଆନ୍ଦୋଳନ ଚାଲିଥିଲା, ସେତେବେଳେ ସମାଜ କଲ୍ୟାଣ କାର୍ଯ୍ୟଗୁଡ଼ିକୁ "ରଚନାତ୍ମକ କାର୍ଯ୍ୟକ୍ରମ" ନାମରେ

ନାମିତ କରାଯାଇ ସ୍ୱାଧୀନତା ସଂଗ୍ରାମର ଆୟୁଧରୂପେ ବ୍ୟବହାର କରାଯାଉଥିଲା । ମହାତ୍ମା ଗାନ୍ଧୀଙ୍କର ସ୍ୱରାଜ୍ୟ ଆନ୍ଦୋଳନରେ ନୈତିକତା ଓ ଆଧ୍ୟାତ୍ମିକତା ପ୍ରତି ବିଶେଷ ଯୋର ଦିଆଯାଉଥିଲା । ନୈତିକତା ଓ ଆଧ୍ୟାତ୍ମିକତା ମାଧ୍ୟମରେ 'ସମାଜ କଲ୍ୟାଣ କାର୍ଯ୍ୟ ଚାଲୁହେବା ଦରକାର । ଯଦି ରାଜନୈତିକ ପ୍ରଭାବରେ କାର୍ଯ୍ୟ ଚାଲେ ତା'ହେଲେ ଆଶାନୁରୂପ ଫଳ ମିଳିବ ନାହିଁ ।

'ସମାଜ କଲ୍ୟାଣ' ଶବ୍ଦଟି ଉଚ୍ଚାରଣ କଲାବେଳେ ପ୍ରଥମେ ସମାଜର ଅର୍ତି ତଳେ ପଡ଼ିରହିଥିବା ଦୁର୍ବଳ ଶ୍ରେଣୀଗୁଡ଼ିକ ଆଖି ଆଗରେ ନାଚିଉଠେ । ଉଦାହରଣ ସ୍ୱରୂପ ସମାଜର ମେହେନ୍ତର ଶ୍ରେଣୀର କଲ୍ୟାଣ ବିଷୟଟି ବିଚାର କରାଯାଉ । ଆମ ସମାଜରେ ଏଭଳି ଏକ ଗୋଷ୍ଠୀ ଅଛନ୍ତି ଯେଉଁମାନେ କି କେବଳ ପରର ମଇଳା ଉଠାଇ ଜୀବିକା ନିର୍ବାହ କରୁଛନ୍ତି । ଦୁର୍ବଳ ଶ୍ରେଣୀମାନଙ୍କ ମଧ୍ୟରେ ଯେତେ ଜାତି ଅଛନ୍ତି ସେ ସମସ୍ତଙ୍କ ତୁଳନାରେ ଏମାନେ ଅତି ନିମ୍ନ ସ୍ତରରେ ପଡ଼ି ରହିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ଏଥିର ମୂଳକାରଣ ଏମାନଙ୍କର ଅଜ୍ଞାନତା ଓ ଏ ଗୋଷ୍ଠୀରେ ଶିକ୍ଷିତ ସଂଖ୍ୟା ଅତି କମ୍ । ମେହେନ୍ତର କୁଟୁମ୍ବର ସ୍ତ୍ରୀ ପୁରୁଷ ଉଭୟେ କାର୍ଯ୍ୟ ଉପଲକ୍ଷେ ବାହାରକୁ ଚାଲି ଯାଉଥିବା ହେତୁ ଗୃହର ସନ୍ତାନ ସନ୍ତତିଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ରହିନଥାଏ । ପୁନଶ୍ଚ ସେମାନେ ଗୃହର ବଡ଼ ପିଲାଙ୍କ ଦାୟିତ୍ୱରେ ଛୋଟ ପିଲାଙ୍କୁ ରଖିଦେଇ ଚାଲି ଯାଇଥାନ୍ତି । ଯାହା ଫଳରେ କି ସେ ପିଲା ନିଜର ପାଠପଢ଼ା ସମୟକୁ ପିଲା ଧରିବାରେ ନିୟୋଜିତ କରୁଛନ୍ତି । ଯାହାର ପରିଣାମ ସ୍ୱରୂପ ଅନ୍ୟାନ୍ୟ ଗୋଷ୍ଠୀଙ୍କ ଅପେକ୍ଷା ଏ ଗୋଷ୍ଠୀର ଶିକ୍ଷିତ ସଂଖ୍ୟା ଖୁବ୍ କମ୍ । ତେଣୁ ସମାଜ କଲ୍ୟାଣ ବୋର୍ଡ ପ୍ରଥମେ ଏହି ମେହେନ୍ତର ବସ୍ତିଗୁଡ଼ିକରେ ଶିଶୁପାଳନ କେନ୍ଦ୍ରମାନ ସ୍ଥାପନ କରିବା ପ୍ରଧାନ କର୍ତ୍ତବ୍ୟ ।

ମୋଟାମୋଟି ଭାବେ ମୁଁ ମୋ ନିଜ ଅନୁଭୂତିରୁ ଏତିକି କହିପାରେ ଯେ 'ସମାଜ କଲ୍ୟାଣ' ଅନୁଷ୍ଠାନଗୁଡ଼ିକୁ ଯେତେଦୂର ସମ୍ଭବ ରାଜନୈତିକ ପ୍ରଭାବରୁ ଦୂରରେ ରଖିଲେ ଉଚିତ୍ କାର୍ଯ୍ୟ ସାଧିତ ହୋଇପାରିବ । ସମାଜ କଲ୍ୟାଣ ପାଇଁ ଚିନ୍ତା କରୁଥିବା ରାଜନୈତିକ ନେତାମାନେ ଏସବୁ ଅନୁଷ୍ଠାନଗୁଡ଼ିକୁ ରାଜନୈତିକ ବାତାବରଣରୁ ପୂର୍ଣ୍ଣ ମୁକ୍ତ କଲେ ହିଁ 'ସମାଜ କଲ୍ୟାଣ' ନାମଟି ସାର୍ଥକ ହୋଇ ପାରିବ ।

ଠକର ବାପା ଆଶ୍ରମ
ନିମଖଣ୍ଡି, ବ୍ରହ୍ମପୁର
ଗଞ୍ଜାମ

## ଗୋଷ୍ଠୀ ଉନ୍ନୟନ ରାଷ୍ଟ୍ର ମନ୍ତ୍ରୀଙ୍କ ଫୁଲବାଣୀ ଜିଲ୍ଲାରେ କାମ ପାଇଁ ଶସ୍ୟ ଯୋଜନା ପରିଦର୍ଶନ ।

ଗୋଷ୍ଠୀ ଉନ୍ନୟନ ଓ ସମାଜ ମଙ୍ଗଳ ବିଭାଗ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହ ଫୁଲବାଣୀ ଜିଲାର ବୌଦ ସବ୍‌ଡ଼ିଭିଜନ୍ ଅଞ୍ଚଳରେ ଗସ୍ତ କରି ସେଠାରେ କାର୍ଯ୍ୟକାରୀ ହେଉଥିବା 'କାମ ପାଇଁ ଶସ୍ୟ' ଯୋଜନାର ଅଗ୍ରଗତି ସଂପର୍କରେ ଅନୁଧ୍ୟାନ କରିଥିଲେ ଓ ବୌଦ ସର୍କିଟ ହାଉସ୍ ଠାରେ ସ୍ଥାନୀୟ ସରକାରୀ ଓ ବେସରକାରୀ ବ୍ୟକ୍ତିମାନଙ୍କ ସଙ୍ଗେ ଏ ସଂପର୍କରେ ଆଲୋଚନା କରିଥିଲେ । ଉକ୍ତ ଯୋଜନା ଦ୍ୱାରା ନିଭୃତ ଗ୍ରାମାଞ୍ଚଳର ରାସ୍ତାଗୁଡ଼ିକରେ ମୋରମ ବିଛାଯାଇ ଲୋକଙ୍କୁ ପଙ୍କ କାଦୁଅରୁ ରକ୍ଷା କରିବା ପାଇଁ ସବୁ ପ୍ରକାର ବନ୍ଦୋବସ୍ତ ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି ଯୋଜନାକୁ ବାସ୍ତବ ରୂପରେଖ ଦେବା ପାଇଁ ଆସନ୍ତା ମାର୍ଚ୍ଚ ମାସ ମଧ୍ୟରେ ଅଧିକାଂଶ ଗ୍ରାମ୍ୟ ରାସ୍ତାକୁ ମୋରମ ରାସ୍ତାରେ ପରିଣତ କରିବାକୁ ରାଷ୍ଟ୍ର ମନ୍ତ୍ରୀ ସବଡ଼ିଭିଜନାଲ ଅଫିସରଙ୍କ ସମେତ ଅନ୍ୟାନ୍ୟ ସରକାରୀ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହା ବ୍ୟତୀତ ସ୍କୁଲ, ସେବା ସମବାୟ ସମିତି, ମହିଳା ସଂଘ ଓ ଯୁବକ ସଂଘ ଗୃହଗୁଡ଼ିକୁ ନିର୍ମାଣ କରିବା କାର୍ଯ୍ୟ ଏହି ଯୋଜନାର ଅନ୍ତର୍ଭୁକ୍ତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ ।

# ମାଲେରିଆକୁ ଠିକଣା ଜବାବ

ଡାକ୍ତର ଗୋପାଳ ଚନ୍ଦ୍ର ପଟ୍ଟନାୟକ

[ପୂର୍ବରୁ "ମାଲେରିଆ ପୁଣି ଲେଉଟିଲା" ଶୀର୍ଷକ ପ୍ରବନ୍ଧରେ ଆମଦେଶରେ ବସାବାନ୍ଧି ରହିଥିବା ବହୁ ପୁରାତନ ଏହି ମାରାତ୍ମକ ରୋଗର ଲକ୍ଷଣ, ଏହାର ବିଷମୟ ପରିଣାମ ଓ କିଛି ବର୍ଷ ପୂର୍ବ ପର୍ଯ୍ୟନ୍ତ ଏହାକୁ କିପରି ଏ ଦେଶରୁ ବିଦାୟ ଦିଆ ଯାଇଥିଲା ଓ ପୁନଶ୍ଚ ଏହା କିପରି କେଉଁବାଟେ ଆମର ଅସତର୍କତା ଯୋଗୁଁ ଆମ ଦେଶରେ ଅନୁପ୍ରବେଶ କରିଛି, ତାର ବିସ୍ତୃତ ଆଲୋଚନା କରାଯାଇଛି । ଏ ପ୍ରବନ୍ଧରେ ଏହି ମାରାତ୍ମକ ରୋଗକୁ ଏ ଦେଶରୁ ଚିର ନିର୍ବାସନ ପାଇଁ କି କି ବ୍ୟବସ୍ଥା ହେଉଛି ତାହା ଆଲୋଚିତ ହୋଇଅଛି । ସମ୍ପାଦକ ]

ସୁଦୂର ଅତୀତରେ ମାଲେରିଆ ଯୋଗୁଁ ନିରବଚ୍ଛିନ୍ନ ଦୁରବସ୍ଥା, ନିକଟ ଅତୀତରେ ଏହାର ପ୍ରାଦୁର୍ଭାବ ଓ ଅଭିବୃଦ୍ଧି, ଆଧୁନିକ ଯୁଗର ଆଶାବାଦ ସଙ୍ଗେ ନାହିଁନଥିବା ବଳିଷ୍ଠ କାର୍ଯ୍ୟାନୁଷ୍ଠାନ, ତତ୍କାଳୀନ ସାଫଲ୍ୟ, ଅତ୍ୟଧିକ ଆଶା ପୋଷଣ, ଆତ୍ମତୁଷ୍ଟି, ଶୈଥିଲ୍ୟ, ଉଦାସୀନତା, ମାଲେରିଆର ପୁନରାବର୍ତ୍ତନ, ଆଶଙ୍କା, ନୈରାଶ୍ୟ ପୁଣି ଆଶା ସଞ୍ଚାର ଓ ଭବିଷ୍ୟତ ପାଇଁ ନୂତନ ନୂତନ କର୍ମାଭିମୁଖୀ ଯୋଜନା ଏ ସବୁର ସମୀକ୍ଷା କରି ବର୍ତ୍ତମାନର ବାସ୍ତବତା ପ୍ରତି ଦୃଷ୍ଟି ରଖି ନିରୂପିତ କେତେକ ଫଳାଫଳ ତଳେ ଉଲ୍ଲେଖ କରାଗଲା:—

୧ । ବହୁ ପ୍ରଚେଷ୍ଟା, ଯୋଜନା, କାର୍ଯ୍ୟକ୍ରମ ସତ୍ତ୍ୱେ ମାଲେରିଆର ନିରାକରଣ ହୋଇ ପାରିଲା ନାହିଁ ।

୨ । ଅନ୍ତଃନିହିତ ତ୍ରୁଟିଗୁଡ଼ିକର ଆବିଷ୍କାର ସହ ଆତ୍ମସମୀକ୍ଷାର ସୁଯୋଗ ମିଳିଲା ।

୩ । ବିଗତ ୨୩ ବର୍ଷ ମଧ୍ୟରେ ମାଲେରିଆର ପ୍ରଭାବ ଓ ପ୍ରସାରକୁ ରୋକି ଦିଆଯାଇ ପାରିଲା ।

୪ । ଅନ୍ତତଃ ୨୦୦ କୋଟି ଲୋକଙ୍କୁ ମାଲେରିଆ ଦାଉରୁ ରକ୍ଷା କରାଯାଇଛି ।

୫ । ଅନ୍ତତଃ ଦୁଇ କୋଟି ଲୋକଙ୍କୁ ମୃତ୍ୟୁ ମୁଖରୁ ରକ୍ଷା କରାଯାଇଛି ।

୬ । ସବୁଜ ବିପ୍ଳବ ସମେତ କୃଷି, ଶିଳ୍ପ ଉଦ୍ୟୋଗ ଇତ୍ୟାଦି କ୍ଷେତ୍ରରେ ଉତ୍ପାଦନ ବହୁ ପରିମାଣରେ ବଢ଼ିଯାଇଛି ।

୭ । ବାଣିଜ୍ୟ, ବ୍ୟବସାୟ, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ବହୁବିଧ ଅପ୍ରତ୍ୟାଶିତ ଉନ୍ନତି ହୋଇଛି ।

(୩-୬ ଡିସେମ୍ବର ୧୯୭୬ ସ୍ୱାସ୍ଥ୍ୟହିନ୍ଦୁରେ ପ୍ରକାଶିତ ଡାକ୍ତର ବି. ରାମଚନ୍ଦ୍ର ରାଓଙ୍କର କଳନା ଉପରେ ଆଧାରିତ)

## ସବାସ୍ତବ ଆଶାବାଦର ସ୍ୱାକ୍ଷେପ

ସ୍ଥାନୀୟ ଓ ସାମୟିକ ବିଫଳ ବିଷାଦ ସତ୍ତ୍ୱେ ଆଧୁନିକ ପଟଭୂମିରେ ମାଲେରିଆ ଉପରେ ମନୁଷ୍ୟର ବିଜୟଗାନ ଆଶାକରିବା ଅଯଥାର୍ଥ ନୁହେଁ । ଆଧୁନିକ କାଳର ଅତି ନିକଟ ଅତୀତରେ ମନୁଷ୍ୟ ଚନ୍ଦ୍ର ପୃଷ୍ଠରେ ଅବତରଣ କରି ନିରାପଦରେ ଫେରି ଆସିଛି । ମଙ୍ଗଳଗ୍ରହକୁ ଯାନ ପଠାଇ ତଥ୍ୟ ସଂଗ୍ରହ କରାଯାଇଛି । ପୃଥିବୀର ମହାକାଶ ମାର୍ଗରେ କୃତ୍ରିମ ଉପଗ୍ରହ ଚଳାଇ ସେଗୁଡ଼ିକ ସାହାଯ୍ୟରେ ପୃଥିବୀ ପୃଷ୍ଠର ପର୍ଯ୍ୟବେକ୍ଷଣ ସହ ବହୁ ଅଜଣା ତଥ୍ୟ ସଂଗ୍ରହ, ତଥ୍ୟ ବିତରଣ, ସମ୍ବାଦ ସରବରାହ, ପୃଥିବୀ ବ୍ୟାପୀ ବିତରଣ ଦୂରଦର୍ଶନ ଓ ଏହି ସବୁ କୃତ୍ରିମ ଉପଗ୍ରହ ମାଧ୍ୟମରେ ଚିତ୍ର ପ୍ରକ୍ଷେପଣ ସହଜସାଧ୍ୟ ହୋଇ ପାରିଛି । ପ୍ରଜନନ ପ୍ରକ୍ରିୟାରେ ବଂଶାନୁଗତ ଜନତାତ୍ତ୍ୱିକ ଗୂଢ଼ ସଂକେତାବଳୀର (Genetic Code) ରହସ୍ୟ ଭେଦ ଏବେ ସମ୍ଭବ ହୋଇଛି । ଏହି ଜିନ୍ ପୁନର୍ନିର୍ମାଣର (Genetic Engineering) ପ୍ରୟାସ ଆରମ୍ଭ ହୋଇଛି ।

ଅନୁଭୂତି, ପର୍ଯ୍ୟବେକ୍ଷଣ, ପରୀକ୍ଷା, ନିରୀକ୍ଷା ଭିତରେ, ସୁଫଳ, କୁଫଳ ମଧ୍ୟ ଦେଇ ମାନବ ସଭ୍ୟତା ସଂସ୍କୃତି ଆଗେଇ ଚାଲିଥାଏ । ଏହା ଚିରନ୍ତନ । ମାଲେରିଆ ସଂପର୍କରେ ଗତ କେତେ ବର୍ଷ ଧରି କେତେକ ଅନୁଭୂତି ମିଳିଛି, ପରେ ପୁଣି ମିଳିଛି ତତ୍କାଳୀନ ବିଜୟ ମାଧୁର୍ଯ୍ୟ ଓ ପରେ ପରେ ବିଫଳତାର କଷାଘାତ ମଧ୍ୟ ମିଳିଛି । ଏବେ କିନ୍ତୁ ମାଲେରିଆ ସମ୍ବନ୍ଧରେ ସୁଷମ ଭାବୋଦୟ ହୋଇଛି । ନିରାଟ ବାସ୍ତବତା ପର୍ଯ୍ୟବେକ୍ଷିତ ନୂତନ ନୂତନ କର୍ମପନ୍ଥା ଉଦ୍ଭାବନ କରାଯାଇଛି । ଏ ସମ୍ବନ୍ଧରେ ଭାରତ ସରକାରଙ୍କ ଅଧୁନାତମ ତ୍ରିମୁଖୀ ଅଭିଯାନ ଉଲ୍ଲେଖଯୋଗ୍ୟ । ଏହି ତ୍ରିମୁଖୀ ଅଭିଯାନର ତିନୋଟି ମୌଳିକ ଉଦ୍ଦେଶ୍ୟ ହେଉଛି—

୧ । ମାଲେରିଆ ଜନିତ ମୃତ୍ୟୁ ନିବାରଣ ।

୨ । ଦେଶବ୍ୟାପୀ ମାଲେରିଆ ବିରୋଧ ଅଭିଯାନର ଯେଉଁସବୁ ସୁଫଳ ମିଳିଛି ତାର ସଂରକ୍ଷଣ ଓ ସଂପ୍ରସାରଣ ।

୩ । କୃଷି, ବାଣିଜ୍ୟ, ଶିଳ୍ପ ଉଦ୍ୟୋଗ କ୍ଷେତ୍ରରେ ମିଳିଥିବା ବିକାଶର ପରିରକ୍ଷଣ ଓ ପରିବର୍ଦ୍ଧନ । କର୍ମାଭିମୁଖୀ ଏହି ତ୍ରିମୁଖୀ ଅଭିଯାନରେ ସ୍ଥାନ ପାଇଛି (୧) ସରକାରୀ ଆଭିମୁଖ୍ୟ (୨) ଗଣ ସାମୁଖ୍ୟ (୩) ଗବେଷଣା ସାମୁଖ୍ୟ ।

## ଭାରତ ସରକାରଙ୍କ ଆଭିମୁଖ୍ୟ

ଭାରତ ସରକାର ଏହିପୂର୍ବରୁ କେବଳ ମାଲେରିଆ ପାଇଁ ବାର୍ଷିକ ୩୩ କୋଟି ଟଙ୍କା ଖର୍ଚ୍ଚ କରୁଥିଲେ । ଏଣିକି ବାର୍ଷିକ ୬୬ କୋଟି ଟଙ୍କା ଖର୍ଚ୍ଚ ହେବ । ରାଜ୍ୟ ସ୍ତରରେ ମାଲେରିଆ ରୋଗର ଆରୋଗ୍ୟ ପାଇଁ ଔଷଧ, ମଶାନିବାରଣ ପାଇଁ ଔଷଧ, ଯନ୍ତ୍ରପାତି, ଯାନ ବାହନ ତଥା କ୍ଷେତ୍ର କର୍ମୀମାନଙ୍କର ଦରମା ବାବଦ ସମସ୍ତ ପ୍ରାରମ୍ଭିକ ଖର୍ଚ୍ଚ ଭାରତ ସରକାର ବହନ କରିବେ । ମାଲେରିଆ ଉପରେ ସର୍ବବିଧ ଆକ୍ରମଣ ଓ ଏଥିରୁ ମିଳିଥିବା ସୁଫଳ ଗୁଡ଼ିକର ଦୃଢ଼ୀକରଣ ସଂପର୍କରେ ସମସ୍ତ ଖର୍ଚ୍ଚ ଏହି ବ୍ୟୟ ବରାଦରୁ ଚାଲିବ । ପରବର୍ତ୍ତୀ ପରିରକ୍ଷଣ କାର୍ଯ୍ୟକ୍ରମ ଚଳାଇବେବା ଭାର ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ ହେବ। ଅନ୍ୟାନ୍ୟ ସବୁପ୍ରକାର ସାହାଯ୍ୟ ତଥା ତତ୍ତ୍ୱାବଧାନ ଭାରତ ସରକାର ଯୋଗାଇ ଦେବେ । ମାଲେରିଆ ରୋଗୀ ଚିକିତ୍ସା ପାଇଁ ବର୍ଷକୁ ପ୍ରାୟ ୧୨୦ କୋଟି କ୍ଲୋରକ୍ୱିନ ବଟିକା ଯୋଗାଡ଼ କରାଯାଏ । ଏଥିରୁ ପ୍ରାୟ ୧୧୦ କୋଟି ବଟିକା ବାହାରୁ ଆମଦାନୀ କରିବାକୁ ପଡ଼େ । ମାତ୍ର ୧୦ କୋଟି ବଟିକା ଦେଶ ଭିତରେ ତିଆରି ହୁଏ । ଆଶା କରାଯାଏ ଅଧିକ ବ୍ୟୟ ବରାଦ ଯୋଗୁଁ କେହି ରୋଗୀ ଚିକିତ୍ସାରୁ ବଞ୍ଚିତ ହେବେ ନାହିଁ ।

ପ୍ରଚଳିତ ପଦ୍ଧତି ଅନୁସାରେ କେତୋଟି ଗ୍ରାମ ପାଇଁ ଜଣେ ଜଣେ ମାଲେରିଆ ନଜରଦାର (ମାଲେରିଆ ସର୍ଭେଲାନ୍ସ ୱାର୍କର) ନିଯୁକ୍ତ ହୋଇଛନ୍ତି । ସେମାନେ ଗାଁ ଗାଁ ଘର ଘର ବୁଲି ମାଲେରିଆ ରୋଗୀ ଚିହ୍ନଟ କରନ୍ତି । ପ୍ରତ୍ୟେକ ଜ୍ୱରରୋଗୀଠାରୁ ଟୋପେ ରକ୍ତ ସଂଗ୍ରହ କରି ବିଭିନ୍ନିଆ ପ୍ରତି-ମାତ୍ରାରେ କ୍ଲୋରକ୍ୱିନ୍ ସଂଗ୍ରହ କରି ଦିନିକିଆ ବଟିକା ଖୁଆଇ ଦିଅନ୍ତି । ଯେପରି କୌଣସି ମାଲେରିଆ ରୋଗୀ ଅଚିହ୍ନା ରହି ନ ଯାନ୍ତି ସେଥିପାଇଁ ପ୍ରତ୍ୟେକ ଜ୍ୱର ରୋଗୀ-ଠାରୁ ପରୀକ୍ଷା ପାଇଁ ରକ୍ତ ସଂଗ୍ରହ କରାଯାଏ । ରକ୍ତ ପରୀକ୍ଷା ଫଳ ସମୟସାପେକ୍ଷ । ସେଥିପାଇଁ ରକ୍ତରେ ମାଲେରିଆ ଜୀବାଣୁ ମିଳିଲା ବୋଲି ରିପୋର୍ଟ ମିଳିବା ପୂର୍ବରୁ ରକ୍ତ ନେବା ସାଙ୍ଗେ ସାଙ୍ଗେ ମାଲେରିଆ ଆରୋଗ୍ୟକ ଔଷଧ ପ୍ରୟୋଗ କରାଯାଏ । ଯଦି ମାଲେରିଆ ଜୀବାଣୁ ମିଳିଲା, ପାଞ୍ଚ-ଦିନିଆ ଚିକିତ୍ସା ପାଇଁ ପାଲମାକ୍ୱିନ୍ ବଟିକା ରୋଗୀକୁ ଦିଆଯାଏ । ରକ୍ତରେ ଯଦି ଜୀବାଣୁ ନ ମିଳେ ଔଷଧ କିଛି କ୍ଷତି କରିବ ନାହିଁ । ବରଂ ନାକଶୁଳା ରୋଗକୁ କାଟୁ ନ ଥିବ । ନାକଶୁଳା ରୋଗ ଆଦୌ ବିରଳ ନୁହେଁ ।

ଏତିକି ମାତ୍ର କରି ପାରିଥିଲେ ମାଲେରିଆ ନିଶ୍ଚୟ ନିର୍ମୂଳ ହୋଇ ଯାଇଥାନ୍ତା କିନ୍ତୁ ବାସ୍ତବ ପରିଭୂମିରେ ବରାଦ ଓ ବ୍ୟବସ୍ଥା କର୍ମକ୍ଷେତ୍ରରେ ସବୁବେଳେ କାର୍ଯ୍ୟକାରୀ ହୁଏନାହିଁ ଅବା ହୋଇ ପାରେ ନାହିଁ । ମାଲେରିଆ କର୍ମୀ ସବୁବେଳେ ସବୁଠାରେ ପହଞ୍ଚି ପାରିବେ ନାହିଁ । ପାଳିକରି ଗାଁ ଗାଁରେ ଘରେ ଘରେ ବୁଲିବାକୁ ହେବ । ହୁଏତ ଜ୍ୱର ପାଳି ଦିନକୁ ମାଲେରିଆ କର୍ମୀଙ୍କର ପାଳି ପଡ଼େ ନାହିଁ । ମାଲେରିଆ କର୍ମୀଙ୍କର ନିଜର ପାଳିଦିନ ରୋଗୀର ଜ୍ୱର ନ ଥିବାରୁ ସେ ଅନ୍ୟତ୍ର କାମଧନ୍ଦାରେ ଲାଗିଯାଇ ଥିବେ । ଏହି ବାସ୍ତବତା ପ୍ରତି ଦୃଷ୍ଟି ଦେଇ ଏବେ ଗାଁ ଗାଁରେ ପଞ୍ଚାୟତ୍ ମେମ୍ବର, ସରପଞ୍ଚ, ଗ୍ରାମ ସେବକ, ସ୍କୁଲ ମାଷ୍ଟର, ପୋଷ୍ଟ ମାଷ୍ଟରଙ୍କ ପାଖରେ ଓ ଆଖ ପାଖରେ ଥିବା ସମସ୍ତ ସରକାରୀ ଅନୁଷ୍ଠାନରେ ଔଷଧ ରଖିବାର ବ୍ୟବସ୍ଥା ହୋଇଛି । ସାମାନ୍ୟ ପ୍ରଶିକ୍ଷଣ ପରେ ରକ୍ତ ସଂଗ୍ରହ କରିବାର ସରଞ୍ଜାମ ମଧ୍ୟ ଯୋଗାଇ ଦେବାର ବ୍ୟବସ୍ଥା ହେଉଛି । ମାଲେରିଆ ନଜରଦାର କର୍ମୀ ପାଳିକି ପାଳି ଆସି ସଂଗୃହୀତ ରକ୍ତ ନେଇଯିବେ । ଦରକାର ଅନୁସାରେ ନିଜେ ମଧ୍ୟ ରକ୍ତ ନେବେ ଓ ଔଷଧ ଯୋଗାଇ ଦେବେ । ଏହି ଯୋଗାଡ଼ ଦ୍ୱାରା ଆଶାକରା ଯାଉଛି ପ୍ରତ୍ୟେକ ଜ୍ୱର ରୋଗୀର ରକ୍ତ ପରୀକ୍ଷା ସଙ୍ଗେ, କେହି ମାଲେରିଆ ରୋଗୀ ଚିକିତ୍ସାରୁ ବଞ୍ଚିତ ହେବେ ନାହିଁ ।

## ଗଣସାନ୍ନିଧ୍ୟ

ଜନ ସାଧାରଣଙ୍କର ସହାନୁଭୂତି, ସାହାଯ୍ୟ, ସହଯୋଗ ବିନା କର୍ମ ପନ୍ଥାରେ ସକ୍ରିୟ ଅଂଶ ଗ୍ରହଣ ବିନା ମାଲେରିଆ ଅଭିଯାନ ତଥା ଯେ କୌଣସି ଜନମଙ୍ଗଳ କାର୍ଯ୍ୟାନୁଷ୍ଠାନ ଦ୍ୱାରା ବ୍ୟକ୍ତିଗତ ଭାବେ ଓ ସାମୂହିକ ଭାବେ ସମସ୍ତଙ୍କର ମଙ୍ଗଳ ସାଧନ ହେବ ଏକଥା ଜନସାଧାରଣଙ୍କ ହୃଦୟଙ୍ଗମ ହେଲେ କାର୍ଯ୍ୟକ୍ରମରେ ସେମାନେ ଅନୁପ୍ରାଣିତ ହେବେ । ଏଥିପାଇଁ ବହୁ ପ୍ରକାରର ଶିକ୍ଷା ଦୀକ୍ଷା ଓ ବହୁ ମାଧ୍ୟମରେ ପ୍ରଚାର ଆବଶ୍ୟକ । ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ଯୁବସଂଘ ସମେତ ରାଜନୈତିକ, ସାମାଜିକ, ସାହିତ୍ୟିକ ସମସ୍ତ ପ୍ରକାରର ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକର ସାହାଯ୍ୟ ଯୋଗାଡ଼ କରି ସେମାନଙ୍କ ସଙ୍ଗେ କାନ୍ଧକୁ କାନ୍ଧ ମିଳାଇ ବିଶ୍ୱାସ କରାଇ ଜନସାଧାରଣ-ଙ୍କର ସକ୍ରିୟ ଅଂଶ ଗ୍ରହଣର ଯୋଗାଡ଼ କରାଯାଉଛି । ମାଲେରିଆ ରୋଗୀ ଚିହ୍ନଟ, ରକ୍ତ ସଂଗ୍ରହ, ଔଷଧ ପ୍ରୟୋଗ, ମଶା ବଂଶ ବୃଦ୍ଧି ସ୍ଥାନରେ ଚିହ୍ନଟ, ମଶା ନିବାରଣରେ ପୁଣି ସକ୍ରିୟ ଅଂଶ ଗ୍ରହଣ ଏହିପରି ସବୁ କାମରେ ଜନଶକ୍ତିର ଉପଯୁକ୍ତ ବିନିଯୋଗର ବ୍ୟବସ୍ଥା କରାଯାଉଛି ।

## ଗବେଷଣା କାର୍ଯ୍ୟକ୍ରମର ତ୍ୱରାନ୍ୱୟନ

ମାଲେରିଆ ସଂପର୍କରେ ଯେଉଁସବୁ ପୃଥିବୀ ବ୍ୟାପି ଗବେଷଣା ବହୁକାଳରୁ ଚାଲି ଆସିଛି ତାର କେନ୍ଦ୍ରସ୍ଥଳ ହେଉଛି ଆମ ଭାରତ ବର୍ଷ । ଭାରତ ହିଁ ଏହି କ୍ଷେତ୍ରରେ ନେତୃତ୍ୱ ଦେଇ ଆସିଛି । ବିଗତ ଦଶନ୍ଧିରେ ମାଲେରିଆ ଉପରେ ଆମର ବିଜୟ ଲାଭର ଭ୍ରାନ୍ତ ଧାରଣା ଯୋଗୁଁ ଗବେଷଣା କାମ ଧିମେଇ ଯାଇଥିଲା । ଏବେ ଯଥାର୍ଥ ଚେତାବନୀ ମିଳିବାରୁ ନୂତନ ଆଭିମୁଖ୍ୟ ନେଇ ମାଲେରିଆ ବିରୁଦ୍ଧରେ ନୂତନ ଉପାୟ, ନୂତନ ଅସ୍ତ୍ର ଉଦ୍ଭାବନ ପାଇଁ ବହୁମୁଖୀ ଗବେଷଣା ହାତକୁ ନିଆଯାଉଛି । ଏ ଗୁଡ଼ିକର ତ୍ୱରାନ୍ୱୟନ ପାଇଁ ପ୍ରଚେଷ୍ଟା ମଧ୍ୟ ଚାଲିଛି:—

୧ । ମାଲେରିଆ ଜୀବାଣୁ ଓ ମଶାଙ୍କ ଠାରୁ ଆମର ପ୍ରତିରକ୍ଷା ପାଇଁ ଯେଉଁ ସବୁ ଔଷଧ-ରସାୟନ ଉଦ୍ଭାବନ ଓ ବ୍ୟବହାର କରାଯାଇଛି, ତା ବିରୁଦ୍ଧରେ ଜୀବାଣୁ ଓ ମଶାମାନଙ୍କର ପ୍ରତିରୋଧ ଶକ୍ତି ବଢ଼ି ଯାଉଛି । ସେଗୁଡ଼ିକ ଆଉ ସେତେ କାମ କରୁ ନାହିଁ । ଏହାର ମୂଳ କାରଣ ଅନୁସନ୍ଧାନ କରି ନୂତନ ନୂତନ ଔଷଧ ରସାୟନ ସମେତ ଅନ୍ୟାନ୍ୟ ଉପାୟ ଉଦ୍ଭାବନର ପ୍ରଚେଷ୍ଟା ଚାଲିଛି ।

୨ । ମଶାମାନଙ୍କର ପ୍ରାକୃତିକ ଜୀବ ଶତ୍ରୁଙ୍କୁ ଖୋଜା ଚାଲିଛି । ପ୍ରୟୋଗ ଶାଳା ଲାବୋରେଟୋରି ଭିତରେ କେତେକ ପରୀକ୍ଷା ନିରୀକ୍ଷା ଫଳରେ ମଶାଙ୍କର କୃମୀ ଶତ୍ରୁ ବୀଜାଣୁ ଶତ୍ରୁ ଜୀବାଣୁ ଶତ୍ରୁ ଥିବାର ସନ୍ଧାନ ମିଳିଛି । ଏଗୁଡ଼ିକର କ୍ଷେତ୍ର ପ୍ରୟୋଗ ମଧ୍ୟ କରାଯାଉଛି । ସୁଫଳ ମିଳିବାର ଉଜ୍ଜ୍ୱଳ ସମ୍ଭାବନା ଅଛି ।

୩ । ଏଥି ପୂର୍ବରୁ ଉଲ୍ଲେଖ କରାଯାଇ-ଥିବା ଜିନ୍ ପୁନଃ ନିର୍ମାଣର ( Genetic Engineering) ସୁବିଧା ନେଇ ମାଲେରିଆବାହୀ ତଥା ଫାଇଲେରିଆବାହୀ ମଶାମାନଙ୍କର ପ୍ରଜନନ ନିୟନ୍ତ୍ରଣ କରିବାର ପ୍ରୟାସ ଚାଲିଛି । ଏହାଦ୍ୱାରା ଅନ୍ତତଃ ଆମର ଶତ୍ରୁ ମଶାମାନଙ୍କର ବଂଶ ବୃଦ୍ଧି ରୋକି ଦେବାର ଆଶା କରାଯାଉଛି ।

୪ । ମାଲେରିଆ ଜୀବାଣୁ ପ୍ରତିଷେଧକ ଟିକା ଉଦ୍ଭାବନ କରିବାର କାର୍ଯ୍ୟକ୍ରମ ଦ୍ରୁତଗତିରେ ଆଗେଇ ଚାଲିଛି । ଅତି ନିକଟରେ ରୋଗୀକ ବସନ୍ତ ପ୍ରତିଷେଧକ ଟିକାର ବ୍ୟାପକ ପ୍ରୟୋଗ ଦ୍ୱାରା ବସନ୍ତ ନିରାକରଣ ସମ୍ଭବ ହୋଇଛି । ବହୁ କାଳରୁ ଯେଉଁ ପଇଡ (ପୀତଜ୍ୱର) ପୋଲିଓ, ହୁପିଙ୍ଗ୍ କଫ୍, ଡିପ୍‌ଥେରିଆ, ଧନୁଷ୍ଟଙ୍କାର ବିଶୁଚିକା ଓ ଆନ୍ତ୍ରିକ ଜ୍ୱର (ଟାଇଫଏଡ୍) ବିରୁଦ୍ଧରେ ପ୍ରତିଷେଧକ ଟିକା (ଭାକ୍‌ସିନ୍) ବ୍ୟବହାର କରାଯାଉଛି । ସନ୍ତୋଷଜନକ ସୁଫଳ ମଧ୍ୟ ମିଳିଛି ।.. ମାଲେରିଆ ଜୀବାଣୁ ନିରୋଧକ ପ୍ରତିଷେଧକ ଭାକ୍‌ସିନ୍‌ର ଉଦ୍ଭାବନ ହେବା ଏକ ବିରାଟ ପଦକ୍ଷେପ । ଏହା ଫଳରେ ଚିକିତ୍ସା ଜଗତରେ ଅତିରେ ନୂଆ ଯୁଗର ସୂତ୍ରପାତ ହେବ ।



# ଦୁର୍ଘଟଣାରୁ ନିଜକୁ ରକ୍ଷା କରନ୍ତୁ

ଶ୍ରୀ ବିଶ୍ୱରଞ୍ଜନ ଦାସ

ଗତ କିଛି ବର୍ଷହେଲା ଆମ ଦେଶର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଚିତ୍ର ନୂଆ ରୂପ ନେଉଛି । ନୂଆ ନୂଆ କାରଖାନା ଗଢ଼ି ଉଠୁଛି । ବ୍ୟବସାୟ ବାଣିଜ୍ୟର ଦ୍ରୁତ ଉନ୍ନତି ଘଟୁଛି ଏବଂ ରାସ୍ତା ଘାଟର ଉନ୍ନତିଘଟୁଛି । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଆବଶ୍ୟକତାକୁ ଚାହିଁ ରାଜରାସ୍ତାରେ ଦ୍ରୁତଗାମୀ ଯାନବାହନର ସଂଖ୍ୟା ବଢ଼ି ଚାଲିଛି । ମୋଟାମୋଟି ଭାବରେ କହିବାକୁ ଗଲେ ରାସ୍ତା ଉପରେ ପଦଯାତ୍ରୀ ଓ ଯାନ ବାହନର ସଂଖ୍ୟା ଏତେ ପରିମାଣରେ ବଢ଼ି ଚାଲିଛି, ଯାହାଫଳରେ ବହୁ ସାବଧାନତା ସତ୍ତ୍ୱେ ମଧ୍ୟ ଦୁର୍ଘଟଣା ବୃଦ୍ଧି ପାଉଛି । ଏହା ବ୍ୟତୀତ ସହରର କଳକାରଖାନାମାନଙ୍କରେ କାମକରିବା ପାଇଁ ଗ୍ରାମାଞ୍ଚଳର ବହୁ ସଂଖ୍ୟକ ଲୋକ ସହରାଭିମୁଖୀ ହୋଇ ପଡ଼ିଛନ୍ତି । ସହର ବଜାରର ସୀମିତ ରାସ୍ତା ଉପରେ ପଦଯାତ୍ରୀ, ସାଇକେଲ ଆରୋହୀ ଓ ଦ୍ରୁତଗାମୀ ଯାନବାହନର ଚାପ ଅସମ୍ଭବ ରକମର ବୃଦ୍ଧି ପାଉଛି । ଏହା କେବଳ ଆମ ଦେଶର ସମସ୍ୟା ନୁହେଁ, ସମଗ୍ର ବିଶ୍ୱର ସମସ୍ୟା ହୋଇଛି । ଯାନବାହନ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ପୁଲିସ କର୍ମଚାରୀ ଓ ରାସ୍ତାଘାଟ ସହିତ ସମ୍ପୃକ୍ତ ବିଭାଗୀୟ କର୍ମଚାରୀମାନେ ଏ ନୂତନ ସମସ୍ୟାର ସମାଧାନ ପାଇଁ ଉପାୟ ଚିନ୍ତା କରିବାରେ ବ୍ୟସ୍ତ । ଯାନବାହନ ନିୟନ୍ତ୍ରଣ କରୁଥିବା ପୁଲିସ କର୍ମଚାରୀମାନେ କେବଳ ମାମୁଲି ପୁଲିସ ଭାବେ ପରିଗଣିତ ହୁଅନ୍ତି ନାହିଁ । ସେମାନେ ଏକ ସ୍ୱତନ୍ତ୍ର ଧରଣର ପୁଲିସ ବୋଲି କହିବାକୁ ହେବ ଏବଂ ସ୍ୱତନ୍ତ୍ର ରକମର ତାଲିମ ପାଇବାପରେ ଯାଇ ସେମାନଙ୍କୁ ଏ ଦାୟିତ୍ୱ ଦିଆଯାଇଥାଏ ।

ବିଶ୍ୱରେ ଚଳାଚଳ କରୁଥିବା ଦ୍ରୁତଗାମୀ ଯାନବାହନର ସଂଖ୍ୟା ପନ୍ଦର କୋଟି ହେବ ବୋଲି ଅଟକଳ କରାଯାଇଛି ଏବଂ ଏଗୁଡ଼ିକ ସମ୍ପୃକ୍ତ ଦେଶର ବିଭିନ୍ନ ରାସ୍ତାରେ ଯାତାୟତ କରୁଛି । ଆମ ଦେଶରେ ପ୍ରତି ଏକ ହଜାର ଦ୍ରୁତଗାମୀ ଯାନ ହାରାହାରି ବର୍ଷକୁ ଏକ ଶହ ବ୍ୟକ୍ତି ଦୁର୍ଘଟଣା ଘଟାଇ ଥାଏ । ଏହା ଆମେରିକାରେ ୦.୫ ଓ ବିଲାତରେ ଏକ ବୋଲି ଜଣାଯାଇଛି । ଜଣାଯାଇଛି ଯେ ଆମ ଦେଶରେ ଯେତେ ଅପମୃତ୍ୟୁ ଘଟେ ସେଥିରୁ ଶତକଡ଼ା ୧୨.୩ ରାସ୍ତାରେ ଦୁର୍ଘଟଣା ଯୋଗୁଁ ଘଟିଥାଏ ଏବଂ ଶତକଡ଼ା ୧୦.୬ ଯାନବାହନ ଦୁର୍ଘଟଣା ଯୋଗୁଁ ଘଟିଥାଏ ।

ତେବେ ଏ ସମସ୍ୟାର ସମାଧାନ ପାଇଁ କି କି ବ୍ୟବସ୍ଥା କରାଯାଇ ପାରେ ତାହା ବିଚାର୍ଯ୍ୟ । ଚାରିଗୋଟି ଉପାୟରେ ଏ ପ୍ରକାର ଦୁର୍ଘଟଣାର ସଂଖ୍ୟା ହ୍ରାସ କରାଯାଇପାରେ ଏଗୁଡ଼ିକ ହେଲା—(୧) ଯାନବାହନ ନିୟନ୍ତ୍ରଣ. (୨) ରାସ୍ତା ନିରାପତ୍ତା ସମ୍ପର୍କୀୟ ଶିକ୍ଷା (୩) ଯାନବାହନ ଚଳାଚଳ ସମ୍ପର୍କୀୟ ଆଇନ ପ୍ରଣୟନ ଏବଂ (୪) ନିୟମ ମାନି ରାସ୍ତାରେ ଚଳାଚଳ କରିବାର ଅଭ୍ୟାସ । ଏହା ବ୍ୟତୀତ ନିର୍ମାଣ ଦାୟିତ୍ୱରେ ଥିବା କର୍ମଚାରୀମାନେ ସହରାଞ୍ଚଳର ରାସ୍ତାଘାଟ ନିର୍ମାଣ ସମ୍ପର୍କରେ ସୁଚିନ୍ତିତ ଯୋଜନା କରିପାରିଲେ ବହୁ ଦୁର୍ଘଟଣା ରୋକା ଯାଇ ପାରିବ ।

ଯାନବାହନ ନିୟନ୍ତ୍ରଣ ପାଇଁ କେତେକ ସଙ୍କେତର ବ୍ୟବହାର କରାଯାଇଥାଏ ଏସବୁ ସଙ୍କେତ ସମ୍ପର୍କରେ ଜନସାଧାରଣ ଅବହିତ ହେବା ଆବଶ୍ୟକ ଏବଂ ରାସ୍ତା କଡ଼ରେ ଏ ସଙ୍କେତ ସୁସ୍ପଷ୍ଟ ଭାବରେ ପ୍ରଦର୍ଶିତ ହେବା ଆବଶ୍ୟକ । ଏହା ଫଳରେ ଯାନବାହନ ନିରାପଦରେ ଯାତ୍ରା କରି ପାରିବା ସଙ୍ଗେ ସଙ୍ଗେ ଜାତୀୟ ସମ୍ପଦର ଅପଚୟ ବନ୍ଦ ହୋଇ ପାରିବ । କାରଣ କୌଣସି ଗୋଟିଏ ରାସ୍ତାରେ ହଠାତ୍ ବହୁ ସଂଖ୍ୟକ ଯାନବାହନ ଅଟକି ରହିବା ଦ୍ୱାରା ପ୍ରତ୍ୟେକ ଯାନ ପାଇଁ ବ୍ୟବହୃତ ଜାଳେଣୀ ଖର୍ଚ୍ଚ ହୋଇଥାଏ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଲକ୍ଷ୍ୟ ସ୍ଥଳରେ ଯାନବାହନ ପହଞ୍ଚି ପାରେ ନାହିଁ । ଏହା ସାଙ୍ଗକୁ ସେଇ ସ୍ଥଳରେ ଅଟକି ରହିଥିବା ପଦଯାତ୍ରୀ ବା ସାଇକେଲ ଆରୋହୀ ମଧ୍ୟ ନିର୍ଦ୍ଧାରିତ ଲକ୍ଷ୍ୟ ସ୍ଥଳରେ ଠିକ୍ ସମୟରେ ପହଞ୍ଚି ପାରନ୍ତି ନାହିଁ ।

ଯାନବାହନ ଚଳାଚଳ ସମ୍ପର୍କୀୟ ଆଇନ୍ ପ୍ରଣୟନ କରୁଥିବା ସଂସ୍ଥା ଯାନବାହନ ନିୟନ୍ତ୍ରଣ ସଂସ୍ଥା ସହିତ ଘନିଷ୍ଠଭାବେ ସମ୍ପୃକ୍ତ ରହିବା ଆବଶ୍ୟକ । ଏହା ନ ହେଲେ ପ୍ରକୃତ ଅସୁବିଧା କେଉଁଠି ରହିଯାଉଛି ତାହା ଜାଣିବା ସମ୍ଭବପର ହେବ ନାହିଁ ଓ ତାହାର ସମାଧାନ ପାଇଁ ଉଚିତ ଧ୍ୟାନ ଦିଆ ଯାଇ ପାରିବ ନାହିଁ । ଟ୍ରାଫିକ୍ ପୁଲିସ କର୍ତ୍ତବ୍ୟ ସମ୍ପାଦନ ସମୟରେ ଯାନବାହନ ନିୟନ୍ତ୍ରଣର ବିଭିନ୍ନ ଦିଗ ପ୍ରତି ବରାବର ଧ୍ୟାନ ଦେବା ଆବଶ୍ୟକ । କେଉଁ କେଉଁ ପ୍ରକାରର ଯାନବାହନ ବହୁଳ ଭାବରେ ଦୁର୍ଘଟଣା ଘଟାଉଛି ଏବଂ ସେ ସବୁର କି ପ୍ରକାର ପ୍ରତିକାର କରାଯାଇ ପାରିବ ଏସବୁ ବିଷୟ ଗଭୀର ଭାବରେ ଅନୁଧ୍ୟାନ କରାଯିବା ଆବଶ୍ୟକ । ଏପରି ସାବଧାନତା ସତ୍ତ୍ୱେ ମଧ୍ୟ ଯଦି ଦୁର୍ଘଟଣା ଘଟେ, ତେବେ ଦୁର୍ଘଟଣାଗ୍ରସ୍ତ ଯାନ ଓ ଯାତ୍ରୀଙ୍କର ବ୍ୟବସ୍ଥା ହେବା ଆବଶ୍ୟକ । ଯଥା:—ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କର ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରିବା କିମ୍ବା ତାଙ୍କୁ ଅନ୍ୟତ୍ର ପଠାଇଦେବା ପାଇଁ ଯାନବାହନର ବ୍ୟବସ୍ଥା କରିବା, ଦର୍ଘଟଣା ସ୍ଥଳରେ ଜିନିଷପତ୍ରର ଲୁଟି ନ ହେବା ଓ ଦୁର୍ଘଟଣା ଜନିତ କ୍ଷତିଗ୍ରସ୍ତ ଯାନର ମରାମତି କାର୍ଯ୍ୟ କରାଇବାର ବନ୍ଦୋବସ୍ତ ସମ୍ପର୍କରେ ଯାନବାହନ ନିୟନ୍ତ୍ରଣ କରୁଥିବା କର୍ମଚାରୀଙ୍କୁ ତାଲିମ ଦେବା ଆବଶ୍ୟକ ।

ଭ୍ରାମ୍ୟମାଣ ଅଦାଲତ ସାହାଯ୍ୟରେ ଆଇନ ଭଙ୍ଗକାରୀ ଚାଳକମାନଙ୍କ ବିରୁଦ୍ଧରେ

କାର୍ଯ୍ୟାନୁଷ୍ଠାନ କରିବା ଫଳରେ ଚାଳକମାନଙ୍କ ମଧ୍ୟରେ ଦାୟିତ୍ୱଭାବ ଆସିଥାଏ । ତେଣୁ ଏପରି ବ୍ୟବସ୍ଥାର ପ୍ରସାର କରାଯାଇ ଦୁର୍ଘଟଣା ନିରୋଧ କରାଯାଇପାରେ । ରାଜ ରାସ୍ତାର ନିରାପତ୍ତା ବ୍ୟବସ୍ଥା ପାଇଁ ପ୍ରଶାସନ ସଂସ୍ଥା ଓ ଯାନବାହନ ନିୟନ୍ତ୍ରଣକାରୀ ସଂସ୍ଥା ମଧ୍ୟରେ ଘନିଷ୍ଠ ସମ୍ପର୍କ ସ୍ଥାପନ ଏକାନ୍ତ ଆବଶ୍ୟକ ।

ଯାନବାହନ ନିୟନ୍ତ୍ରଣ ଓ ଚଳାଚଳ ସମ୍ପର୍କରେ ଜନସାଧାରଣ ଉତ୍ତମ ଭାବରେ ଅବହିତ ନ ହେଲେ କେବଳ ଆଇନ ପ୍ରଣୟନ କରି ବିଶେଷ କିଛି ସାଫଲ୍ୟ ଅର୍ଜନ କରିହେବ ନାହିଁ । ଆଇନକୁ କିପରି ଭାବରେ ଉଚିତ ମର୍ଯ୍ୟାଦା ଦେଇ ନିରାପତ୍ତା ରକ୍ଷା କରାଯାଇ ପାରିବ ସେ ସମ୍ପର୍କରେ କେବଳ ଯେ ବୟସ୍କ ଲୋକମାନେ ଜାଣିବା ଉଚିତ ତାହା ନୁହେଁ । ଶିଶୁ ଓ ଯୁବକମାନେ ମଧ୍ୟ ସେ ସମ୍ପର୍କରେ ଅବହିତ ହେବା ଆବଶ୍ୟକ । ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷା କ୍ଷେତ୍ରରେ ମଧ୍ୟ ରାସ୍ତା ଚଳାଚଳ ନିୟମ କାନୁନ ସମ୍ପର୍କରେ ପାଠ୍ୟକ୍ରମ ରହିବା ଆବଶ୍ୟକ । ଏହାହେଲେ ଜ୍ଞାତସାରରେ ହେଉ ବା ଅଜ୍ଞାତରେ ହେଉ କୌଣସି ବ୍ୟକ୍ତି ଦାୟିତ୍ୱହୀନ ଭାବରେ ରାସ୍ତାଅବରୋଧ କରିବାରୁ ନିବୃତ୍ତ ହେବେ ଓ ନିରାପଦ ଭାବରେ ରାସ୍ତାରେ ଚଳାଚଳ କରିବାରେ ଏବଂ ଅନ୍ୟମାନଙ୍କୁ ସୁବିଧା ଦେବାରେ ଅଭ୍ୟସ୍ତ ହୋଇ ପାରିବେ । ଏହା ହୋଇପାରିଲେ ଜଣେ ଟ୍ରାଫିକ୍ ପୁଲିସର କେବଳ ଉପସ୍ଥିତି ମାତ୍ର ପଥଚାରୀମାନଙ୍କୁ ବହୁଭାବରେ ସଂଯତ କରିପାରିବ । କାରଣ ପଥଚାରୀମାନଙ୍କ ମନରେ ସଚେତନ ଭାବ ଜାଗ୍ରତ ହୋଇଯିବ.

ସାଧାରଣତଃ ରାସ୍ତାଉପରେ ବହୁ ପ୍ରକାରର ଲୋକ ଯିବା ଆସିବା କରନ୍ତି । କେହି ଉଗ୍ରସ୍ୱଭାବାପନ୍ନ ତ ଆଉ କେହି ଅଜ୍ଞ । ପୁଣି ଆଉ କିଏ ଜାଣିଶୁଣି ଲୋକମାନଙ୍କୁ ଅସୁବିଧାରେ ପକାଇ ଆତ୍ମସନ୍ତୋଷ ଲାଭ କରନ୍ତି ତ କିଏ ମାତ୍ରାଧିକ୍ୟ ନିଶା ପାନକରି ଯାନବାହନ ଚଳାଇ ଥାଆନ୍ତି । ଏମାନଙ୍କର ମାନସିକ ସ୍ଥିତି ଓ ମନସ୍ତତ୍ୱ ସମ୍ପର୍କରେ ଟ୍ରାଫିକ୍ ପୁଲିସ ସଚେତନ ହେବା ଆବଶ୍ୟକ, ନଚେତ୍ ଠିକଣା ଭାବରେ ପରିସ୍ଥିତିର ମୁକାବିଲା କରିବା ସହଜ ହେବ ନାହିଁ । ରାସ୍ତା ଘାଟରେ ଯାନବାହନ ଦୁର୍ଘଟଣାକୁ ରୋକିବା ପାଇଁ କେତେକ ଆଇନ ପ୍ରଣୟନ କରାଯାଇଛି । ମାତ୍ର ଖାଲି ଆଇନ ପ୍ରଣୟନ କରି ଦେଲେ ଦୁର୍ଘଟଣା ଆପେ ଆପେ ବନ୍ଦ ହୋଇଯିବ ନାହିଁ । ଜନସାଧାରଣ ଏ ଆଇନକୁ କିପରିଭାବରେ ଗ୍ରହଣ କରୁଛନ୍ତି ତାହା ଲକ୍ଷ୍ୟ କରିବାକୁ ପଡିବ । ଯଦି ଆଇନ କାନୁନ ମାନି ଚଳିବାକୁ ଲୋକେ କୁଣ୍ଠାବୋଧ କରୁଛନ୍ତି ବୋଲି ଜଣାଯାଏ ତେବେ ସେ ସମ୍ପର୍କରେ ବ୍ୟାପକ ପ୍ରଚାର ଆବଶ୍ୟକ । ବିଧାନ ସଭାରେ ଲୋକପ୍ରତିନିଧିମାନେ ଆଇନ ପ୍ରଣୟନ କରିଥାନ୍ତି ଏବଂ ସେହି ଆଇନକୁ ପୁଲିସ ବିଭାଗର କର୍ମଚାରୀମାନେ କାର୍ଯ୍ୟକାରୀ କରିଥାନ୍ତି । ଯଦି ଜନସାଧାରଣ ପୁଲିସ କାର୍ଯ୍ୟାନୁଷ୍ଠାନକୁ ଏ କ୍ଷେତ୍ରରେ ସହଯୋଗ ନ କରନ୍ତି ତେବେ ଲୋକ ଚକ୍ଷୁରେ ପୁଲିସ ଖାଲି ନିନ୍ଦିତ ହେବ ସିନା, ଜନସାଧାରଣଙ୍କ ଉପକାରରେ ଆଇନ ସହାୟକ ହୋଇ ପାରିବ ନାହିଁ । ଜନସାଧାରଣଙ୍କ ସହଯୋଗ ପାଇବା ପାଇଁ ଏ ସମ୍ପର୍କରେ ଜନସହଯୋଗ ସଭା ସମିତିମାନ ଆୟୋଜନ କରିବା ଆବଶ୍ୟକ ଏବଂ ପୁଲିସ କର୍ମଚାରୀମାନଙ୍କର ଦୂରଦୃଷ୍ଟି ଥିବା ଆବଶ୍ୟକ । ପୁଲିସ ସାଧାରଣତଃ ମୋଟର ଭେଇକଲ୍ ରୁଲର ୧୧୨, ୧୧୩, ୧୧୪, ୧୧୫ ଏବଂ ୧୧୬ ଧାରାଗୁଡ଼ିକ କାର୍ଯ୍ୟକାରୀ କରିଥାନ୍ତି । ଏ ଧାରାଗୁଡ଼ିକରେ ଗାଡି ଠିକଣା ଅବସ୍ଥାରେ ଅଛିକି ନାଁ, ଚାଳକଙ୍କର ଗାଡି ଚଳାଇବାର ଯୋଗ୍ୟତା ଅଛିକି ନା, ଗାଡି ଚାଳକ ଆଇନ ଅମାନ୍ୟକାରୀ ଅଥବା ବିପଜ୍ଜନକ ଗାଡିଚାଳନା କରୁଛନ୍ତି କି ନା, ଅତି ଦ୍ରୁତଗତିରେ ଗାଡି ଚଳୁଛି କି ନା, ଗାଡିର ଲାଇସେନସ୍ ଠିକଣା ଭାବରେ ଅଛିକି ନାଁ ଏହି ସବୁ ବିଷୟ ଆଇନର ପରିସରଭୁକ୍ତ ।

ସାଧାରଣ ଭାବରେ ଯେଉଁ ରାସ୍ତାରେ ବହୁ ଯାନବାହନ ଚଳାଚଳ କରିଥାଏ, ସେହି ରାସ୍ତାରେ ଦୁର୍ଘଟଣାର ସଂଖ୍ୟା ଅଧିକ । କଟକ ଭୁବନେଶ୍ୱର ରାସ୍ତାକୁ ଦୃଷ୍ଟିରେ ରଖି ଏ ବିଷୟ ଆଲୋଚନା କରାଯାଉ । ଗୋଟିଏ ସମୀକ୍ଷାରୁ ଜଣାଯାଏ ଯେ ୧୯୬୬ ମସିହାରେ ଏହି ରାସ୍ତାରେ ୩୨,୩୮୦ ଚଳାଚଳ କରିଥିଲା ବେଳେ ୧୯୭୫ ରେ ଏ ସଂଖ୍ୟା ୬୬,୫୯୦ କୁ ପହଞ୍ଚି ଗଲା । ନିମ୍ନୋକ୍ତ କାରଣ ହେତୁ ଦୁର୍ଘଟଣାମାନ ଘଟିଥିବା ପର୍ଯ୍ୟାଲୋଚନାରୁ ଜଣାଯାଇଛି ।

ଡ୍ରାଇଭରମାନଙ୍କ ତ୍ରୁଟି ଯୋଗୁ ଶତକଡ଼ା ୪୪ ଭାଗ, ପଦଯାତ୍ରୀମାନଙ୍କ ତ୍ରୁଟି ଯୋଗୁଁ ଶତକଡ଼ା ୧୫ ଭାଗ, ରାସ୍ତା ନିର୍ମାଣ ଜନିତ ତ୍ରୁଟିଯୋଗୁଁ ୨୩ ଭାଗ, ଗାଡ଼ିର ତ୍ରୁଟିଯୋଗୁଁ ୧୩ ଭାଗ ଓ ଅନ୍ୟାନ୍ୟ କାରଣରୁ ୫ ଭାଗ । ଉପରୋକ୍ତ ଦୁର୍ଘଟଣା ଅଧିକାଂଶ ରାସ୍ତାର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏବଂ ସଂଧ୍ୟା ସାତ ଘଣ୍ଟାରୁ ସକାଳ ୬ଟା ମଧ୍ୟରେ ଘଟିଛି । ବର୍ଷାଦିନେ ସାଧାରଣତଃ ୫୫ ଭାଗ ଦୁର୍ଘଟଣା ଘଟିଛି ଏବଂ ଗାଡ଼ି ଚାଳକଙ୍କ ଦୋଷରୁ ଶତକଡ଼ା ୪୪ ଭାଗ ଦୁର୍ଘଟଣା ଘଟିଥିବା ଜଣାଯାଇଛି । ଆଉ ଏକ ଉଲ୍ଲେଖଯୋଗ୍ୟ ଘଟଣା ହେଉଛି ଯେ ଉଚ୍ଚ ହାରରେ ଆର୍ଥିକ ଦଣ୍ଡ ଫଳରେ ଏ ଦୁର୍ଘଟଣା ହ୍ରାସ ପାଇପାରିଛି । ମାତ୍ର ତାହା ବୋଲି ଖାଲି ଦଣ୍ଡବିଧାନ କରି ଦୁର୍ଘଟଣା ରୋକାଯାଇ ପାରିବ, ଏହା ଭାବିବା ବୋଧହୁଏ ଭୁଲ୍ ହେବ । ଜନଜାଗରଣ ନ ହେଲେ କେବଳ ଦଣ୍ଡଦେଇ ବିଶେଷ ସୁଫଳ ମିଳି ପାରିବ ନାହିଁ ।

ଆଉ ଏକ ବିଷୟ ଏଠାରେ ଅବତାରଣା କରାଯାଇପାରେ । ରାସ୍ତାରେ ଅବାଧରେ ଚଳାଚଳ କରିବାର ସ୍ୱାଧୀନତା ଆମର ଅଛି । ମାତ୍ର ତାହାବୋଲି ଅନ୍ୟ କାହାକୁ ଅସୁବିଧାରେ ପକାଇ ଆମେ ଯଦି ସ୍ୱାଧୀନତା ଚାହୁଁ ତେବେ ତାହା ନିରର୍ଥକ ଓ ପାଗଳାମି ଛଡ଼ା ଆଉ କିଛି ନୁହେଁ । ଏ ସଂପର୍କରେ ପୁଲିସର ବ୍ୟବହାର ମଧ୍ୟ ବିଚାର୍ଯ୍ୟ । ଏ ପ୍ରକାର ପଥଚାରୀଙ୍କୁ ଧୀର, ନମ୍ର ଅଥଚ ହୃଦ୍‌ବୋଧ ହେଲା ଭଳି ଉତ୍ତର ଦେଇ ପାରିଲେ ପଥଚାରୀ ସଂଯତ ହୋଇ ପାରିବେ । ଏଠାରେ ଗୋଟିଏ କ୍ଷୁଦ୍ର ଉଦାହରଣ ଦିଆଯାଇପାରେ । ଥରେ ଆମେରିକାରେ ଜଣେ ପୃଥୁଳକାୟା ମହିଳା ରାସ୍ତାରେ ଏପରିଭାବରେ ଚାଲୁଥିଲେ ଯେ, ଯେ କୌଣସି ମୁହୂର୍ତ୍ତରେ ଦୁର୍ଘଟଣା ଘଟିବାର ସଂଭାବନା ଦେଖାଦେଲା । ଟ୍ରାଫିକ୍ ପୁଲିସ ତାଙ୍କୁ ଏଥିରୁ ବିରତ କରିବା ପାଇଁ ତାଙ୍କୁ ବୁଝାଇବାରୁ ସେ ଉତ୍ତର ଦେଲେ, ରାସ୍ତାରେ ସ୍ୱାଧୀନ ଭାବରେ ଚଳାଚଳ କରିବା ପାଇଁ ଆମେରିକାବାସୀଙ୍କର ସୁଯୋଗ ଅଛି । ଏଥିରୁ ତାଙ୍କୁ ବଞ୍ଚିତ କରାଯାଇ ନ ପାରେ । ଉତ୍ତରରେ ଟ୍ରାଫିକ୍ ପୁଲିସ ନମ୍ର ଓ ଧୀର ଭାବରେ କହିଲେ ଯେ ଆପଣ ଆପଣଙ୍କର ସ୍ୱାଧୀନତା ବିଷୟରେ ଯେତିକି ଭାବୁଛନ୍ତି ଅନ୍ୟମାନେ ସେମାନଙ୍କ ବିଷୟରେ ସେତିକି ଚିନ୍ତାକଲେ ଅବସ୍ଥା କଣ ହେବ ବିଚାରଯୁକ୍ତ । ଏତିକିରେ ଭଦ୍ରମହିଳା ଠିକଣା ବାଟକୁ ଆସିଗଲେ । ଅର୍ଥାତ୍ ସ୍ୱାଧୀନତା ଓ କର୍ତ୍ତବ୍ୟ ପାଳନ ଉଭୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏକଥା ସମସ୍ତେ ବୁଝିରଖିବା ଉଚିତ । ରାସ୍ତାରେ ଚଳାଚଳ କଲାବେଳେ ଆମେ କଣ କରିବା ଓ କଣ ନ କରିବା ସେ ବିଷୟ ପ୍ରତି ଦୃଷ୍ଟିଦେବା ଆବଶ୍ୟକ । ସେଗୁଡ଼ିକ ହେଲା—

ଅନ୍ୟ ଯାତ୍ରୀମାନଙ୍କ ପ୍ରତି ଶିଷ୍ଟ ବ୍ୟବହାର ପ୍ରଦର୍ଶନ କରିବା ।

ରାସ୍ତାର ବାମ ପାଖ ଦେଇ ଚାଲିବା ।

ଅନ୍ୟ ଗାଡ଼ିକୁ ଯିବା ପାଇଁ ଯଥେଷ୍ଟ ରାସ୍ତା ଦେବା ।

ଗାଡ଼ି ରଖିବାକୁ ଚାହିଁଲେ ହାତ ଦେଖାଇ ସଂକେତ ଦେବା ।

ଟ୍ରାଫିକ୍ ପୁଲିସର ନିର୍ଦ୍ଦେଶକୁ ମାନି ଚଳିବା ।

ରାସ୍ତା ମରାମତି ହେଉଥିବା ସ୍ଥାନରେ ଗାଡ଼ିର ଗତି ଶିଥିଳ କରିବା ।

ଗାଡ଼ିର ଦିଗ ପରିବର୍ତ୍ତନ କରିବାକୁ ଗଲାବେଳେ ଉପଯୁକ୍ତ ସଙ୍କେତ ଦେବା

ଗାଡ଼ିର ବ୍ରେକ୍ ଓ ଚକା ଠିକ୍ ଅଛିକି ନାଁ ଦେଖିନେବା ।

ଛୋଟ ପିଲା ଓ ପଶୁମାନଙ୍କ ଗତିବିଧି ଉପରେ ଦୃଷ୍ଟିଦେବା ।

ରାସ୍ତାକୁ ଦେଖି ଗାଡ଼ିର ଗତି ବଢ଼ାଇବା କିମ୍ବା କମାଇବା ।

ସଂକେତ ମିଳିବା ପରେ ସାମନା ଗାଡ଼ିର ଆଗକୁ ଯିବା ।

ନିଜେ ଅଭ୍ୟସ୍ତ ନ ଥିବା ଗାଡ଼ିରେ ଗଲାବେଳେ ଦ୍ରୁତଗତିରେ ଗାଡ଼ି ନ ଚଳାଇବା ।

ମଣିଷ ଜୀବନ ଅତି ଦୁର୍ଲଭ । ଆମ୍ଭ ଭିତ୍ତ୍ଲାଭେ ଗୋଟିଏ ମଣିଷ ଜୀବନକୁ ନଷ୍ଟ କରିଦେବା ଏକ ଅକ୍ଷମଣୀୟ ଅପରାଧ । ତେଣୁ ଦୁର୍ଘଟଣା ଜନିତ ମୃତ୍ୟୁ ହାର ହ୍ରାସ କରିବାପାଇଁ ଜନସାଧାରଣ, ଗାଡ଼ି ଚାଳକ, ପଥଯାତ୍ରୀ ଓ ପୁଲିସ ସମସ୍ତଙ୍କ ମଧ୍ୟରେ ଘନଷ୍ଠ ସହଯୋଗ ଆବଶ୍ୟକ ।

ଏ. ଆଇ. ଜି. ପୁଲିସ,
କଟକ

---


ଦ୍ରୁତ ଗତିରେ ଗାଡ଼ି ଚଳାଇବା ଖୁବ୍ ବାହାଦୁରୀ କଥା ନୁହେଁ । ନିରାପଦ ଭାବେ ଗାଡ଼ି ଚଳାଇବା ହିଁ ପ୍ରକୃତ ବାହାଦୁରୀ ।

---

---

ରାସ୍ତାରେ ଚାଲିକରି ଗଲାବେଳେ, ବା ସାଇକେଲ, ମଟରରେ ବୁଲାବେଳେ ଭାବନ୍ତୁ ନାହିଁ ଯେ ରାସ୍ତାଟି କେବଳ ଆପଣଙ୍କର । ଅନ୍ୟର ସୁବିଧା ପ୍ରତି ଦୃଷ୍ଟି ଦିଅନ୍ତୁ ।

---



---

## ଓଡ଼ିଶାରୁ ୭.୨୮ କୋଟି ଟଙ୍କାର ସାମୁଦ୍ରିକ ମତ୍ସ୍ୟ ରପ୍ତାନି

୧୯୭୭-୭୮ ରେ ବୈଦେଶିକ ରାଷ୍ଟ୍ରମାନଙ୍କୁ ସାମୁଦ୍ରିକ ମତ୍ସ୍ୟ ରପ୍ତାନି କରି ଓଡ଼ିଶା ସରକାର ୭.୨୮ କୋଟି ଟଙ୍କାର ବୈଦେଶିକ ମୁଦ୍ରା ଅର୍ଜନ କରିଛନ୍ତି । ଗତ ସେପ୍ଟେମ୍ବର ଏକଦାଶିଖ ଦିନ ଜଙ୍ଗଲ, ମତ୍ସ୍ୟ ଓ ପଶୁପାଳନ ବିଭାଗ ମନ୍ତ୍ରୀ ଶ୍ରୀ ନଟବର ପ୍ରଧାନ ବିଧାନ ସଭାରେ ଏହି ତଥ୍ୟ ପ୍ରକାଶ କରି କହିଥିଲେ ଯେ ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ, ସୁଇଜରଲଣ୍ଡ ଓ ପଶ୍ଚିମ ଜର୍ମାନୀକୁ ସର୍ବମୋଟ ୨୭୪୨ ଟନ୍ ସାମୁଦ୍ରିକ ମତ୍ସ୍ୟ ରପ୍ତାନି କରାଯାଇଛି । ଏଥି ମଧ୍ୟରୁ ୧୮୪୭ ଟନ୍ ୧୯୭୭-୭୮ରେ ଏବଂ ଅବଶିଷ୍ଟ ୧୯୭୮-୭୯ରେ ରପ୍ତାନି କରାଯାଇଛି ।

---

# ଜନସେବା କ୍ଷେତ୍ରରେ

# ସମାଜ ମଙ୍ଗଳ ବୋର୍ଡର ଭୂମିକା

ଶ୍ରୀ ବୈରାଗୀ ଚରଣ ମହାନ୍ତ

ଗତ ଅଗଷ୍ଟ ମାସ ୧୩ଓ ୧୪ତାରିଖ ଦୁଇଦିନ ଧରି ଐତିହାସିକ ନଗରୀ ହାଇଦ୍ରାବାଦଠାରେ କେନ୍ଦ୍ର ସମାଜ ମଙ୍ଗଳ ବୋର୍ଡର ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହୋଇ ଯାଇଛି । ସମଗ୍ର ଦେଶରେ ସମାଜ ମଙ୍ଗଳ କାର୍ଯ୍ୟକ୍ରମର ଅଗ୍ରଗତି କ୍ଷେତ୍ରରେ ଏହା ଏକ ମାଇଲ ଷ୍ଟମ୍ଭ ସ୍ୱରୂପ । ଗାନ୍ଧୀଜୀଙ୍କ ତିରୋଧାନ ପରେ ଦେଶର ସମାଜ ସେବା କ୍ଷେତ୍ରରେ ଯେଉଁ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ଏବଂ ଦରିଦ୍ର ନାରାୟଣଙ୍କ ପ୍ରକୃତ ସେବା ପ୍ରତି କ୍ରମେ ଯେପରି ବିମୁଖତା ସୃଷ୍ଟି ହେଉଛି ତାହାର ପରିପୂରଣ ବା ମୁକାବିଲା ପାଇଁ କେବଳ ସମାଜ ମଙ୍ଗଳ ବୋର୍ଡର ଯେ ନିଷ୍ଠା ଓ ସାମର୍ଥ୍ୟ ରହିଛି, ତାହା ଏହି ଅନୁଷ୍ଠାନର ଗତ ୨୫ ବର୍ଷ ବ୍ୟାପି କାର୍ଯ୍ୟକ୍ରମଗତ ସଫଳତାରୁ ହିଁ ପ୍ରମାଣିତ ହୋଇଛି । ସେହି ଦୃଷ୍ଟିରୁ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଦେଶର କୋଟି କୋଟି ଦୁସ୍ଥ, ଅବହେଳିତା ଓ ପରିତ୍ୟକ୍ତା ମା' ଭଉଣୀମାନଙ୍କ ପାଇଁ ସମାଜ ମଙ୍ଗଳ ସଂସ୍ଥା ହିଁ ଏକମାତ୍ର ଆଶା ଓ ଭରସାର ସ୍ଥଳ ବୋଲି କୁହାଯାଇ ପାରେ ।

ଏହି ଅବକାଶରେ ଆମ ରାଜ୍ୟ ଅବହେଳିତ ଓ ଅନଗ୍ରସର ଓଡ଼ିଶାରେ ସମାଜ ମଙ୍ଗଳ କାର୍ଯ୍ୟକ୍ରମର ସିଂହାବଲୋକନ ଆବଶ୍ୟକ । ଆମ ରାଜ୍ୟରେ ସମାଜ ମଙ୍ଗଳ ସଂସ୍ଥା ୧୯୫୪ ମସିହାରେ ପ୍ରତିଷ୍ଠିତ ହୋଇ ବିଭିନ୍ନ ସମାଜ ସେବା କ୍ଷେତ୍ରରେ କେନ୍ଦ୍ର ସମାଜ ମଙ୍ଗଳ ବୋର୍ଡର ପରିପୂରକ ସଂସ୍ଥା ଭାବେ କାର୍ଯ୍ୟକରି ଆସୁଅଛି ଏବଂ ଗତ ୨୪ ବର୍ଷ ମଧ୍ୟରେ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନ ସ୍ଥାପନ କରିବା ସଙ୍ଗେ ସଙ୍ଗେ ତାହାର ତତ୍ତ୍ୱାବଧାନ ଓ ପରିଚାଳନା ଦାୟିତ୍ୱ ମଧ୍ୟ ହାତକୁ ନେଇଛନ୍ତି । ତନ୍ମଧ୍ୟରୁ ମହିଳା ମଣ୍ଡଳ କାର୍ଯ୍ୟକ୍ରମ, ସୁଷମ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ, ସମାଜ ମଙ୍ଗଳ ସଂପ୍ରସାରଣ ଯୋଜନା (ସହରାଞ୍ଚଳ), ପିଲାମାନଙ୍କ ପାଇଁ ଅବସର ବିନୋଦନଶିବିର, ପ୍ରୌଢ଼ ମହିଳାମାନଙ୍କ ପାଇଁ ସ୍ୱଳ୍ପ ମିଆଦି ଶିକ୍ଷା କାର୍ଯ୍ୟକ୍ରମ, ପରିବାର ଓ ଶିଶୁ ମଙ୍ଗଳ ଯୋଜନା, ଅସହାୟଙ୍କ ପାଇଁ ଆଶ୍ରୟ ଅନୁଷ୍ଠାନ ନିର୍ମାଣ, କର୍ମଜୀବୀ ମହିଳା ନିବାସ ଓ ପ୍ରୌଢ଼ ମହିଳାଙ୍କ ପାଇଁ ବୃତ୍ତିମୂଳକ ତାଲିମ କାର୍ଯ୍ୟକ୍ରମ ଇତ୍ୟାଦି ଅନ୍ତର୍ଭୁକ୍ତ ।

କେବଳ ଆମ ରାଜ୍ୟ ନୁହେଁ, ସାରା ଦେଶରେ ପୁଷ୍ଟିକର ଖାଦ୍ୟସାରର ଅଭାବ । ଶିଶୁମାନଙ୍କର ଭବିଷ୍ୟତ ବିକାଶ କ୍ଷେତ୍ରରେ ଯେଉଁ ଗୁରୁତର ପ୍ରତିବନ୍ଧକ ସୃଷ୍ଟି କରିଛି ସ୍ୱାଧୀନତା ଲାଭର ଗତ ୩୧ବର୍ଷ ମଧ୍ୟରେ ତାହାର ସମାଧାନ ଏବେ ମଧ୍ୟ ହୋଇ ପାରି ନାହିଁ । ତେଣୁ ସମାଜ ମଙ୍ଗଳ ସଂସ୍ଥା ପକ୍ଷରୁ ହାତକୁ ନିଆଯାଇଥିବା 'ସୁଷମ ଖାଦ୍ୟ' କାର୍ଯ୍ୟକ୍ରମ ମାନବିକତା ଦୃଷ୍ଟିରୁ ଏକ ମହନୀୟ ପଦକ୍ଷେପ ବୋଲି କହିବାକୁ ହେବ ।


ଏଥିପାଇଁ ବୋର୍ଡ ପକ୍ଷରୁ ୧୯୭୨ ସାଲ ଠାରୁ କାର୍ଯ୍ୟ ଆରମ୍ଭ କରାଯାଇ ଏବେ ୧୬୦ଟି ବାଳବାଡ଼ିରେ ୨୨୦ଟି ପୁଷ୍ଟିକର ଖାଦ୍ୟ ଯୋଗାଣ ସଂସ୍ଥା ଓ ମଧ୍ୟାହ୍ନ ଭୋଜନ କେନ୍ଦ୍ର ପାଇଁ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଉଛି ଏବଂ ସମାଜ ମଙ୍ଗଳ ବୋର୍ଡ ଏ ବାବଦରେ ବର୍ଷକୁ ୪ ଲକ୍ଷ ୮୨ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି । ଶିଶୁମାନଙ୍କ ଚିକିତ୍ସା ବ୍ୟବସ୍ଥା ମଧ୍ୟ ଏହି ଯୋଜନାର ଅନ୍ତର୍ଭୁକ୍ତ । ଏହାଦ୍ୱାରା ୩୦ ଲକ୍ଷ ଖାଦ୍ୟ ଯୋଗାଣ ଦିବସରେ ୧୧ଶହ ଶିଶୁ ଉପକୃତ ହେଉଛନ୍ତି ।

ସେହିପରି ୧୮ରୁ ୩୦ ବର୍ଷ ବୟସ୍କା ମହିଳାମାନଙ୍କ ପାଇଁ ବୋର୍ଡ ପକ୍ଷରୁ ମାଟ୍ରିକ୍ୟୁଲେସନ ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା କରାଯାଉଛି । ତଦ୍ୱାରା ସବୁ ଦିଗରୁ ହତାଶ ହୋଇଥିବା ଦୁଃସ୍ଥ ମହିଳାମାନେ ଉଚ୍ଚଶିକ୍ଷା ଲାଭର ସୁଯୋଗ ପାଇବା ସଙ୍ଗେ ସଙ୍ଗେ ବିଭିନ୍ନ କର୍ମ ନିଯୋଗ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରାଇବାର ସୁଯୋଗ ମଧ୍ୟ ଲାଭ କରୁଛନ୍ତି । ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ପକ୍ଷେ ଏହା ନିଶ୍ଚିତ ଭାବେ ଏକ ପ୍ରଶଂସନୀୟ ପଦକ୍ଷେପ । ଏ ସମସ୍ତ ଯୋଜନା ବାବଦ ଖର୍ଚ୍ଚର ୫୦ ଭାଗ କେନ୍ଦ୍ର ସମାଜ ମଙ୍ଗଳ ବୋର୍ଡ ବହନ କରିଥାନ୍ତି । ରାଜ୍ୟ ସରକାର ଏଥିପାଇଁ ଯାହା ସାହାଯ୍ୟ ଦିଅନ୍ତି ତାହା ଏ ବାବଦ ଖର୍ଚ୍ଚ ପରିପୂରଣ ଲାଗି ଅତୁଳାଣ ହେଉଛି । ଫଳରେ ସୁଦୂର ପଲ୍ଲୀ ଅଞ୍ଚଳମାନଙ୍କରେ ନାନା ଅଭାବ ଅସୁବିଧା ମଧ୍ୟରେ ସେବା କାର୍ଯ୍ୟରେ ବ୍ରତୀ ହୋଇଥିବା ସ୍ୱେଚ୍ଛାସେବୀ କର୍ମୀମାନେ ନାନା ଅସୁବିଧା ମଧ୍ୟରେ କାଳ ଯାପନ କରୁଛନ୍ତି । ତେଣୁ ଏଭଳି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ପ୍ରତି କେନ୍ଦ୍ର ତଥା ରାଜ୍ୟ ସରକାରମାନଙ୍କର ଅର୍ଥ ସାହାଯ୍ୟ ପ୍ରଦାନ ନୀତି ତଥା ଆଭିମୁଖ୍ୟର ପରିବର୍ତ୍ତନ ହେବା ଆବଶ୍ୟକ । ବିଶେଷ କରି ଓଡ଼ିଶା ଭଳି ଅନୁନ୍ନତ ଓ ଆଦିବାସୀ ବହୁଳ ରାଜ୍ୟମାନଙ୍କ ପାଇଁ ଅଗ୍ରାଧିକାର ଭିତ୍ତିରେ ଏହାର ବିସ୍ତାର ହେବା ଉଚିତ ।

ସେବା କାର୍ଯ୍ୟକୁ କେତେକ ସହର ବା ଉନ୍ନତ ପଲ୍ଲୀ ଅଞ୍ଚଳମାନଙ୍କରେ ସୀମାବଦ୍ଧ ନ ରଖି ଯୁଗ ଯୁଗ ଧରି ବଣ ପାହାଡ଼ରେ ବାସ କରି ଆସୁଥିବା ଅତ୍ୟନ୍ତ ଅନୁନ୍ନତ ଓ ଆଧୁନିକ ସଭ୍ୟତାଲୋକରୁ ପୁରାପୁରି ଭାବେ ବଞ୍ଚିତ ଆଦିବାସୀ ହରିଜନ ସଂପ୍ରଦାୟ ମଧ୍ୟକୁ ପରିବ୍ୟାପ୍ତ କରାଯାଇ ପାରିଲେ ଜନସେବାର ଯଥାର୍ଥ ଉଦ୍ଦେଶ୍ୟ ଚରିତାର୍ଥ ହୋଇ ପାରନ୍ତା । ମାତ୍ର ସମାଜ ମଙ୍ଗଳ ବୋର୍ଡର ଏ ସୀମିତ ସମ୍ବଳ ମଧ୍ୟରେ ସେ ପରିକଳ୍ପନା କାର୍ଯ୍ୟକାରୀ ହେବା ଅତ୍ୟନ୍ତ କଠିନ ବ୍ୟାପାର । ବିଦେଶାଗତ ଖ୍ରୀଷ୍ଟିୟାନ ମିଶନାରୀମାନେ ଆଦିବାସୀ ହରିଜନ ଅଧ୍ୟୁଷିତ ଦୁର୍ଗମ ବଣ ପାହାଡ଼ମାନଙ୍କରେ ବୁଲି ଯେଉଁ ସେବା କାର୍ଯ୍ୟ କରୁଛନ୍ତି ତାହା ପଛରେ ସେମାନଙ୍କର ଐକାନ୍ତିକ ନିଷ୍ଠା ଓ କର୍ମ ସାଧନାର ପ୍ରେରଣା ସହିତ ସଂପୃକ୍ତ ଧର୍ମାନୁଷ୍ଠାନ ଓ ସେ ଦେଶ ସରକାରର ମଧ୍ୟ ଦୃଢ଼ ସମର୍ଥନ ରହିଛି । ତେଣୁ ଧର୍ମ ଦୃଷ୍ଟିରୁ ନ ହେଲେ ମଧ୍ୟ ପବିତ୍ର ଲୋକ ସେବା ଦୃଷ୍ଟିରୁ ଆମ ସରକାର ସମାଜ ମଙ୍ଗଳ ବୋର୍ଡକୁ ଆବଶ୍ୟକତା ଅନୁଯାୟୀ ଅର୍ଥ ଯୋଗାଇ ଦେବା ଆବଶ୍ୟକ । ତଦ୍ୱାରା ପ୍ରତି ଦେଶରେ ସୃଷ୍ଟି ହୋଇଥିବା ଆଦିବାସୀ ହରିଜନ ସମସ୍ୟାର ସମାଧାନ ସହିତ କେତେକ କାରଣରୁ ହରିଜନ-ଅଣ ହରିଜନମାନଙ୍କ ମଧ୍ୟରେ କେତେକ ଅଞ୍ଚଳରେ ଯେଉଁ ତିକ୍ତତା ସୃଷ୍ଟି ହୋଇଛି ତାହା ବହୁ

ପରିମାଣରେ ଦୂର ହୋଇ ପାରିବ । ତେଣୁ ସରକାର ବା ନେତୃବୃନ୍ଦ ଏ ସମସ୍ୟାକୁ ଅନ୍ୟଭାବେ ବିଚାର କରିବା ଉଚିତ୍ ନୁହେଁ । ମାତ୍ର ଦୁଃଖର କଥା ଯେ ବଜେଟର ମାତ୍ର ୦ ଦଶମିକ ୨ ଭାଗ ଅର୍ଥ ସରକାର ଏ ବିଭାଗକୁ ଅନୁଦାନ ଦେବା ଦ୍ୱାରା ଗତ ୨୫ ବର୍ଷଧରି ଏହା ଅତ୍ୟନ୍ତ ସୀମିତ ପରିସର ମଧ୍ୟରେ କାର୍ଯ୍ୟ କରି ଆସୁଛି ।

କହିବା ବାହୁଲ୍ୟ ଯେ ବହୁ ମହିୟସୀ ମହିଳାଙ୍କ ନିରବଚ୍ଛିନ୍ନ ଅବଦାନ ଯୋଗୁ ଆମ ଓଡ଼ିଶାରେ ସମାଜ ମଙ୍ଗଳ କାର୍ଯ୍ୟକ୍ରମ ସବୁ ପ୍ରକାର ଅଭାବ ଅସୁବିଧା ଓ ବାଧା ପ୍ରତିବନ୍ଧକ ସତ୍ତ୍ୱେ ମଧ୍ୟ ଆଶାନୁରୂପ ଭାବେ ସକ୍ରିୟ ଓ ଫଳପ୍ରଦ ହୋଇ ପାରିଛି । ଓଡ଼ିଶାରେ ଏହାର କ୍ଷେତ୍ର ଅତି ବ୍ୟାପକ ଏବଂ ଆବଶ୍ୟକତା ମଧ୍ୟ ପ୍ରଚୁର । ଆଜିର ପରିବର୍ତ୍ତିତ ପରିସ୍ଥିତିରେ ଆମ ରାଜ୍ୟର ଏହି ସମାଜ ସେବା କ୍ଷେତ୍ରରେ ଯେଉଁ ନୂତନ ନେତୃତ୍ୱ ଓ ଅପେକ୍ଷାକୃତ ଅନୁକୂଳ ପରିବେଶ ସୃଷ୍ଟି ହୋଇ ପାରିଛି, ରାଜ୍ୟ ସରକାର ତଥା କେନ୍ଦ୍ର ସମାଜ ମଙ୍ଗଳ ବୋର୍ଡ ତାହା ଉପଲବ୍ଧି କରି ସେ ଦିଗରେ ଅଧିକ ଅର୍ଥ ବିନିଯୋଗ ଲାଗି ଆଗଭର ହେବେ ବୋଲି ଆଶା କରାଯାଏ ।



## ରେଙ୍ଗାଲି ଅଞ୍ଚଳର ବାସଚ୍ୟୁତ ବ୍ୟକ୍ତିଙ୍କ ଥଇଥାନ ବ୍ୟବସ୍ଥା

ରେଙ୍ଗାଲି ବନ୍ଧ ଯୋଜନା କାର୍ଯ୍ୟକାରୀ ହେବା ପରେ ଯେଉଁ ବ୍ୟକ୍ତି ତଥା ପରିବାରମାନେ ବାସଚ୍ୟୁତ ହେବେ, ସେମାନଙ୍କ ଥଇଥାନ ପାଇଁ ରାଜ୍ୟ ସରକାର ଆଶୁ ପଦକ୍ଷେପ ନେଇଛନ୍ତି । ତଦନୁଯାୟୀ ନିକଟରେ ରେଙ୍ଗାଲି ପୁନର୍ବସତି ଡିଭିଜନର ନିର୍ବାହୀ ଯନ୍ତ୍ରୀ ପାଲହଡ଼ା ସବ୍-ଡିଭିଜନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ପରିସର ମଧ୍ୟରେ ଥିବା ଗୁରଗାଛିଆ ଓ ଡୁଙ୍ଗୁଡ଼ିମୁଣ୍ଡା ଗ୍ରାମରେ ଯଥାକ୍ରମେ ୨୦୦ ଓ ୩୫ ଟି ବାସଚ୍ୟୁତ ପରିବାରଙ୍କ ପାଇଁ ପୁନର୍ବସତି ଗ୍ରାମ ନିର୍ମାଣ କରିବା ଲାଗି ଟେଣ୍ଡର ଆହ୍ୱାନ କରିଛନ୍ତି । ଏହି ଗ୍ରାମ ନିର୍ମାଣ ପାଇଁ ୨ଲକ୍ଷ ୬୦ ହଜାର ଟଙ୍କାର ଅଟକଳ କରାଯାଇଛି । ଆଗାମୀ ୬ମାସ ମଧ୍ୟରେ ଏ ଗ୍ରାମ ଦୁଇଟିର ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ବାସଚ୍ୟୁତ ୨୩୫ଟି ପରିବାରଙ୍କୁ ଥଇଥାନ କରାଯିବ ।

## ଚଳିତ ବର୍ଷ ୫ ହଜାର ଧାଈଙ୍କୁ ତାଲିମ ଦିଆଯାଉଛି

ଗ୍ରାମାଞ୍ଚଳରେ ତାଲିମପ୍ରାପ୍ତ ଧାଈ ନିଯୁକ୍ତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏକ ବ୍ୟାପକ ତାଲିମ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଏବଂ ଚଳିତ ବର୍ଷ ୫ ହଜାର ଧାଈଙ୍କୁ ତାଲିମ ଦିଆଯାଉଛି ।

ଏକ ହଜାର ଜନସଂଖ୍ୟା ବିଶିଷ୍ଟ ଗ୍ରାମମାନଙ୍କରେ ଜଣେ ଲେଖାଏଁ ତାଲିମପ୍ରାପ୍ତ ଧାଈ ନିଯୁକ୍ତ କରିବା ସରକାରଙ୍କ ଲକ୍ଷ୍ୟ । ଏହି ଲକ୍ଷ୍ୟ ପୂରଣ ପାଇଁ ଗତ ବର୍ଷ ୫ ହଜାର ଧାଈଙ୍କୁ ତାଲିମ ପରେ ସନ୍ତାନ ପ୍ରସବ ସଂପର୍କୀୟ ଯନ୍ତ୍ରପାତି ସହ ଗ୍ରାମାଞ୍ଚଳରେ ମୁତୟନ କରାଯାଇଛି ।

# ସାବାସ୍ ବିଜୟୀ

[ପୂର୍ବ ବର୍ତ୍ତମାନଙ୍କ ପରି ପୁରସ୍କାର ପାଇଁ ଉପଯୁକ୍ତ ବିବେଚିତ ହୋଇଥିବା ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଗତ ସ୍ୱାଧୀନତ ଦିବସ ଉତ୍ସବରେ ଭୁବନେଶ୍ୱରଠାରେ ପଦକ, ସିଲଡ୍ ପ୍ରଭୃତି ପ୍ରଦାନ କରିଥିଲେ ।]

### ପୁଲିସ ମେଡ଼ାଲ

କୃତିତ୍ୱପୂର୍ଣ୍ଣ ସେବା ନିମନ୍ତେ ଆମ ରାଜ୍ୟର ଛଅଜଣ ପୁଲିସ୍ - କର୍ମଚାରୀ ଏବର୍ଷ ପୁଲିସ୍ ପଦକ ଲାଭ କରିଛନ୍ତି ' ଐକାନ୍ତିକ କର୍ତ୍ତବ୍ୟ-ନିଷ୍ଠା, ସାଧୁତା ଓ କାର୍ଯ୍ୟଦକ୍ଷତା ନିମନ୍ତେ ଆଇ. ଜି., ଶ୍ରୀ ବିଜନ କୃଷ୍ଣ ରାୟ, ଆଇ. ପି. ଏସ ୧୯୬୮ ମସିହା ଜନରାଜ୍ୟ ଦିବସ ଉପଲକ୍ଷେ ପୁଲିସ୍ ପଦକ ଲାଭ କରିଛନ୍ତି । ଶ୍ରୀ ରାୟ ୧୯୬୨ ରେ ମଧ୍ୟ ଅନୁରୂପ ପୁରସ୍କାର ଲାଭ କରିଥିଲେ ।

ଅଫିସିଏଟିଙ୍ଗ ଡି. ଏସ୍. ପି. ଶ୍ରୀ ପଦ୍ମ ଲୋଚନ ଦାଶ ନିଜର କୃତିତ୍ୱପୂର୍ଣ୍ଣ କାର୍ଯ୍ୟ ନିମନ୍ତେ ୧୯୬୮ ର ପୁଲିସ ପଦକ ଲାଭ କରିଛନ୍ତି । ଅଦ୍ୟାବଧି ଉତ୍ତମ କାର୍ଯ୍ୟ ପାଇଁ ସେ ୨୫ ଟି ଉତ୍ତମ ସେବା ଚିହ୍ନ, ୫ଟି ଆର୍ଥିକ ପୁରସ୍କାର ଓ ୬୯ଟି ପ୍ରଶଂସା ପତ୍ର ସମେତ ୧୦୨ଟି ପୁରସ୍କାର ଲାଭ କରିଛନ୍ତି ।

ଅଫିସିଏଟିଙ୍ଗ ଡି. ଏସ୍. ପି. ଶ୍ରୀ ଜନାର୍ଦ୍ଦନ ଦାଶ ଉଲ୍ଲେଖନୀୟ କର୍ତ୍ତବ୍ୟ ନିଷ୍ଠା ଓ ସେବା କାର୍ଯ୍ୟ ପାଇଁ ୧୯୬୮ ର ପୁଲିସ ପଦକ ପାଇଛନ୍ତି । ଅଦ୍ୟାବଧି ସେ ସର୍ବମୋଟ ୮୪ଟି ପୁରସ୍କାର ପାଇଲେଣି ।

ପୁଲିସ୍ ଇନ୍‌ସପେକ୍ଟର ଶ୍ରୀ ନରେନ୍ଦ୍ର ନାଥ ମହାନ୍ତି କଠିନ ପରିଶ୍ରମ ଓ ଉଚ୍ଚକୋଟୀର କର୍ତ୍ତବ୍ୟନିଷ୍ଠା ନିମନ୍ତେ ତାଙ୍କ କୃତିତ୍ୱପୂର୍ଣ୍ଣ ସେବାର ସ୍ୱୀକୃତି ସ୍ୱରୂପ ୧୯୬୮ ର ପୁଲିସ୍ ପଦକ ଲାଭ କରିଛନ୍ତି । ଇତିପୂର୍ବରୁ ସେ ନିଜର କର୍ତ୍ତବ୍ୟନିଷ୍ଠା ଓ ସାଧୁତା ପାଇଁ ୧୦୫ଟି ପୁରସ୍କାର ପାଇଥିଲେ ।

ହାବିଲଦାର ଶ୍ରୀ ବାଛିଦନ୍ ଘଟୁଆଳ ତାଙ୍କର କୃତିତ୍ୱପୂର୍ଣ୍ଣ କାର୍ଯ୍ୟ ନିମନ୍ତେ ୧୯୬୮ ମସିହାର ପୁଲିସ୍ ପଦକ ପାଇଛନ୍ତି । ନିରବଚ୍ଛିନ୍ନ ଭାବେ ଉଚ୍ଚକୋଟୀର ନିଷ୍ପନ୍ନ ରେକର୍ଡ ରଖି ସେ ଜଣେ କୃତୀ ପୁଲିସ କର୍ମଚାରୀ ରୂପେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି ।

କନେଷ୍ଟବଲ୍ ଶ୍ରୀ ଆରମନ୍ଦା ଜଗନ୍ନାଥ ଦୋରା ତାଙ୍କର କାର୍ଯ୍ୟଦକ୍ଷତା ଓ ସାଧୁତା ପାଇଁ ୧୯୬୮ ମସିହାର ପୁଲିସ୍ ପଦକ ଲାଭ କରିଛନ୍ତି ।

### ପ୍ୟାରେଡ୍ ପାଇଁ ପୁରସ୍କାର

୧୯୬୮ ମସିହା ରାଜ୍ୟସ୍ତରୀୟ ଜନରାଜ୍ୟ ଦିବସ ଉପଲକ୍ଷେ ଅନୁଷ୍ଠିତ ପ୍ରତିଯୋଗିତା-ମୂଳକ ପ୍ୟାରେଡ୍‌ରେ ଶ୍ରେଷ୍ଠ ବିବେଚିତ ହୋଇଥିବା ଭୁବନେଶ୍ୱରର ନିମ୍ନଲିଖିତ ଏନ୍‌ସିସି ଓ ସ୍କୁଲର ଛାତ୍ରଛାତ୍ରୀମାନେ ପୁରସ୍କୃତ ହୋଇଥିଲେ ।

ବଳୁଆ ଜଗବନ୍ଧୁ ମହାବିଦ୍ୟାଳୟ ଆକାଶ-ବାହିନୀ, ରମାଦେବୀ ମହିଳା ମହା-ବିଦ୍ୟାଳୟ, ସ୍ଥଳ ବାହିନୀ ; ଛଅ ନମ୍ବର ୟୁନିଟ୍ ଉଚ୍ଚ ବାଳିକା ବିଦ୍ୟାଳୟ, ସ୍ଥଳ ବାହିନୀ; ତପୋବନ ଉଚ୍ଚ ବିଦ୍ୟାଳୟ, ସ୍ଥଳ ବାହିନୀ; ମହିଳା ଗୃହରକ୍ଷୀ ବାହିନୀ, ଭୁବନେଶ୍ୱର; କୃଷି ମହା ବିଦ୍ୟାଳୟ, ଭୁବନେଶ୍ୱର ; ନୂଆ ନଗର ଉଚ୍ଚ ବାଳକ ବିଦ୍ୟାଳୟ, ଭୁବନେଶ୍ୱର ; ଏନ୍. ଏ. ସି. ବାଳିକା ଉଚ୍ଚ ବିଦ୍ୟାଳୟ, ପୁରୁଣା ଭୁବନେଶ୍ୱର ଏବଂ ଗାର୍ଲସ ଗାଇଡ୍, ଭୁବନେଶ୍ୱର ।

ଏହା ଛଡ଼ା ସୈନିକ ସ୍କୁଲ ଛାତ୍ରମାନଙ୍କୁ ଉତ୍ସାହିତ କରିବା ପାଇଁ ପତିବର୍ଷ ପରି ଗୋଟିଏ ସ୍ୱତନ୍ତ୍ର କପ୍ ମୁଖ୍ୟ ମନ୍ତ୍ରୀ ପ୍ରଦାନ କରିଥିଲେ ।

### ଜୀବନ ରକ୍ଷା ପଦକ

ବୁର୍ଲା ମେଡ଼ିକାଲ୍ କଲେଜର ଛାତ୍ର ମଣିପୁର ରାଜ୍ୟର ଶ୍ରୀ ଲୁଙ୍ଗ୍ ଲେଙ୍ଗ ଖ୍ୟାନ୍ନିଂ ଖୁଇ ଓ ବୁର୍ଲାର ଶ୍ରୀ ହରିଶ୍ଚନ୍ଦ୍ର ବାଲି ନିଶ୍ଚିତ ମୃତ୍ୟୁ ମୁଖରୁ ଜଣେ ବୃଦ୍ଧାକୁ ରକ୍ଷା କରିବା ଯୋଗୁଁ ଭାରତ ସରକାରଙ୍କ "ଜୀବନ ରକ୍ଷା ପଦକ" ପ୍ରଦାନ କରାଯାଇଛି । ଗତ ଜାନୁଆରୀ ୮ ତାରିଖ ଦିନ ବୁର୍ଲାରେ ଥିବା ହିରାକୁଦ ବିଦ୍ୟୁତ୍ କେନାଲର ପୋଲ ଉପରେ ଶ୍ରୀ ଖୁଇ ଓ ଶ୍ରୀ ବାଲି ଯାଉଥିବାବେଳେ ପୋଲ ତଳୁ କରୁଣ କ୍ରନ୍ଦନ ଶବ୍ଦ ଶୁଣି ଅଟକି ଗଲେ । ଅନତି ଦୂରରେ କେନାଲର ପ୍ରଖର ସ୍ରୋତରେ ଜଣେ ବୃଦ୍ଧା ଭାସି ଯାଉଥିବାର ଦେଖି ସେମାନେ ତାକୁ ରକ୍ଷା କରିବା ପାଇଁ ତତ୍-କ୍ଷଣାତ୍ ତଳେ ଥିବା କେନାଲ ସ୍ରୋତକୁ ଡେଇଁ ଦେଲେ ଓ ବୃଦ୍ଧାକୁ ନିଶ୍ଚିତ ମୃତ୍ୟୁ କବଳରୁ ଉଦ୍ଧାର କଲେ ।

### ଶ୍ରେଷ୍ଠ ମ୍ୟୁନିସିପାଲିଟି ଓ ଏନ୍. ଏ. ସି:

୧୯୬୭-୬୮ ର ଶ୍ରେଷ୍ଠ ମ୍ୟୁନିସିପାଲିଟି ଭାବରେ ଜୟପୁର, ଭବାନୀପାଟଣା ଓ ଡାଲଟେର ମ୍ୟୁନିସିପାଲିଟି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଲାଭ କରି ପୁରସ୍କୃତ ହୋଇଛନ୍ତି । ଶ୍ରେଷ୍ଠ ବିଜ୍ଞାପିତ ଅଞ୍ଚଳ ଭାବରେ ବରପାଲି ପ୍ରଥମ, ରାଇରଙ୍ଗପୁର ଦ୍ୱିତୀୟ ଓ ଭଦ୍ରକ ତୃତୀୟ ସ୍ଥାନ ଲାଭ କରି ପୁରସ୍କୃତ ହୋଇଛନ୍ତି । ଓଡ଼ିଶାର ମ୍ୟୁନିସିପାଲିଟି ସଂଖ୍ୟା ୨୬ ଓ ବିଜ୍ଞାପିତ ଅଞ୍ଚଳ ସଂଖ୍ୟା ୬୫ । ଏ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଞ୍ଚଳ ପ୍ରତିଯୋଗିତାରେ ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାରର ବ୍ୟବସ୍ଥା ପ୍ରଚଳନ କରାଯାଇଛି ।

---

### ଦୁର୍ଲଭ ଆୟୁର୍ବେଦ ଗ୍ରନ୍ଥର ପ୍ରକାଶନ

କେବଳ ଆୟୁର୍ବେଦ ସଂକ୍ରାନ୍ତ ଦୁର୍ଲଭ ଗ୍ରନ୍ଥାବଳୀ ପ୍ରକାଶନ ପାଇଁ କେରଳ ସରକାର ଏକ ପ୍ରକାଶନ ବିଭାଗ ସ୍ଥାପନ କରିଛନ୍ତି । ତାଙ୍କ ଦ୍ୱାରା "ନୀଳ-ମେଘକୃତ ତତ୍ତ୍ୱାନୁଭୂତି ବିସ୍ତର" (ମୂଲ୍ୟ ଟ ୧୫-୫୦) ଓ "ଭଦନ୍ତ ନାଗାର୍ଜୁନକୃତ ରସ ବୈଶେଷିକ ସୂତ୍ର" (ମୂଲ୍ୟ ଟ ୧୬-୨୫) ନାମକ ଦୁଇଟି ପୁସ୍ତକ ପ୍ରକାଶିତ ହୋଇଛି ।

ଏହି ଗ୍ରନ୍ଥାବଳୀ ଓ ଅନ୍ୟାନ୍ୟ ବିଶେଷ ବିବରଣୀ "ଅଧ୍ୟାପକ ଏନ୍. ଇ. ମୁଥୁସ୍ୱାମୀ, ସଂପାଦକ, ପ୍ରକାଶନ ବିଭାଗ, ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ, ତ୍ରିବାନ୍ଦ୍ରମ୍, କେରଳ" ଙ୍କ ନିକଟରୁ ମିଳିପାରିବ ।

# ପ୍ରେସ କମିଶନ

ଭାରତ ସରକାରଙ୍କ ତଥ୍ୟ ଏବଂ ବେତାର ମନ୍ତ୍ରଣାଳୟର ମଇ ୨୯, ୧୯୭୮ ତାରିଖର ବିଜ୍ଞପ୍ତି ନମ୍ବର ୨/୧/୭୭–ପ୍ରେସ ବଳରେ କେନ୍ଦ୍ର ସରକାର ଭାରତରେ ସମ୍ବାଦପତ୍ରଗୁଡ଼ିକର ଅବସ୍ଥା ସମ୍ପର୍କରେ ତଦନ୍ତ କରିବାପାଇଁ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ମାନ୍ୟବର ଶ୍ରୀ ପି. କେ. ଗୋସ୍ୱାମୀଙ୍କ ଅଧ୍ୟକ୍ଷତାରେ ଏକ ତଦନ୍ତ କମିଶନ ନିଯୁକ୍ତ କରିଛନ୍ତି । କମିଶନର ସଦସ୍ୟମାନେ ହେଲେ–

୧ । ଶ୍ରୀ ଆବୁ ଅବ୍ରାହମ୍

୨ । ଶ୍ରୀ ପ୍ରେମ୍ ଭାଟିଆ

୩ । ଶ୍ରୀ ଏସ୍. ଏନ. ଦ୍ୱିବେଦୀ

୪ । ଶ୍ରୀ ମୋଇନେଉଦ୍ଦିନ୍ ହରିଜ

୫ । ଶ୍ରୀ ଉର୍ବି ମାଥାଇ

୬ । ଶ୍ରୀ ଯଶୋଧର ଏନ୍. ମେହେଟା

୭ । ଶ୍ରୀ ଭି. କେ. ନରସିଂହ

୮ । ଶ୍ରୀ ଏଫ୍. ଏସ୍. ନରିମ୍ୟାନ୍

୯ । ଶ୍ରୀ ଅରୁଣ ସରକାର

୧୦ । ଶ୍ରୀ ଏସ୍. ଏଚ୍. ବାତ୍ସାୟନ

ଗତ ପ୍ରେସ୍ କମିଶନଙ୍କ ବିବରଣୀ ପ୍ରକାଶିତ ହେବାପରଠାରୁ ଅଦ୍ୟାବଧି ଭାରତୀୟ ପ୍ରେସ୍‌ର ଅଭିବୃଦ୍ଧି ଏବଂ ଅବସ୍ଥା ସମ୍ପର୍କରେ ଏହି କମିଶନ ତଦନ୍ତ କରିବେ ଓ ପ୍ରେସ୍‌ର ଭବିଷ୍ୟତ ଭୂମିକା ସମ୍ପର୍କରେ ମୂଲ୍ୟବାନ ପ୍ରସ୍ତାବମାନ ଉପସ୍ଥାପିତ କରିବେ । ନିକଟରେ ପ୍ରେସ୍ କମିଶନ ଏକ ବିଜ୍ଞାପନ କରିଥାରେ ଜନସାଧାରଣଙ୍କୁ ସମ୍ବାଦପତ୍ର ସମସ୍ୟା ସମ୍ପର୍କିତ ନିମ୍ନୋକ୍ତ ବିଷୟରେ ମତାମତ ଦେବାପାଇଁ ଅନୁରୋଧ କରିଥିଲେ ।

(କ) ସମ୍ବାଦପତ୍ରର ସ୍ୱାଧୀନତାକୁ ସୁନିଶ୍ଚିତ କରିବାପାଇଁ ସମ୍ବିଧାନରେ ପ୍ରଦତ୍ତ ବାକ୍ ଓ ଅଭିବ୍ୟକ୍ତିର ସ୍ୱାଧୀନତା ଯଥେଷ୍ଟ କି ନୁହେଁ, ସମ୍ବାଦ-ପତ୍ର ସଂକ୍ରାନ୍ତୀୟ ଏବଂ ସମ୍ବାଦପତ୍ରଗୁଡ଼ିକୁ ପ୍ରଭାବିତ କରୁଥିବା ନିୟମକାନୁନ୍ ଇତ୍ୟାଦି ଯଥେଷ୍ଟ ଓ ଫଳପ୍ରଦ କି ନୁହେଁ ।

(ଖ) ସରକାର, ମାଲିକ, ବିଜ୍ଞାପନ, ବ୍ୟବସାୟ, ଶ୍ରମିକ, ୟୁନିୟନ, ରାଜନୀତି ଏବଂ ଅନ୍ୟ ସମସ୍ତପ୍ରକାର ଚାପରୁ ସମ୍ବାଦପତ୍ରଗୁଡ଼ିକୁ ମୁକ୍ତକରି ରଖିବାର ଉପାୟ ।

(ଗ) ସମ୍ପାଦକୀୟ ସ୍ୱାଧୀନତାକୁ ସୁନିଶ୍ଚିତ କରିବା ନିମନ୍ତେ ସମ୍ବାଦପତ୍ର ସଂସ୍ଥାଗୁଡ଼ିକର [ଆକାରପ୍ରକାର ଏବଂ ଆର୍ଥିକ ଢାଞ୍ଚା ।

(ଘ) ତଥ୍ୟ ସଂଗ୍ରହ, ସ୍ୱୀକୃତି ପ୍ରଦାନ ଇତ୍ୟାଦି କ୍ଷେତ୍ରରେ ସରକାର ଓ ସମ୍ବାଦପତ୍ରଗୁଡ଼ିକ ମଧ୍ୟରେ ସମ୍ବନ୍ଧ ।

(ଙ) ବର୍ତ୍ତମାନର ସମ୍ବାଦ ଓ ଫିଚର ସଂସ୍ଥା ଏବଂ ସିଣ୍ଡିକେଟେଡ୍ ସେବା ସମୂହର ଗଠନ ପ୍ରଣାଳୀ ଏବଂ କାର୍ଯ୍ୟକଳାପ, ସେଗୁଡ଼ିକର ଅଭିବୃଦ୍ଧି ନିମନ୍ତେ ଆବଶ୍ୟକ ପଦକ୍ଷେପ ।

(ଚ) ପ୍ରକାଶକ, ପରିଚାଳକ, ସଂପାଦକ ଏବଂ ସାମ୍ବାଦିକମାନଙ୍କ ମଧ୍ୟରେ ସମ୍ପର୍କ ।

(ଛ) ଭାରତୀୟ ଭାଷାଗୁଡ଼ିକର ଅଭିବୃଦ୍ଧି ସାଧନର ଉପାୟ, ଗ୍ରାମାଞ୍ଚଳ ଅଭିମୁଖୀ ଏବଂ ଆଞ୍ଚଳିକ ସମ୍ବାଦପତ୍ର ।

(ଜ) ସମ୍ବାଦପତ୍ର ଶିଳ୍ପର ଅର୍ଥନୀତି ଏବଂ ସମ୍ବାଦ ପତ୍ରଗୁଡ଼ିକର ଉଚିତ ମୂଲ୍ୟର ଭିତ୍ତି ନିର୍ଦ୍ଧାରଣ କରିବାର ଉଦ୍ୟମ ଏବଂ

(ଝ) ସାମ୍ବାଦିକତା, ସମ୍ବାଦପତ୍ର ପରିଚାଳନା, ମୁଦ୍ରଣ, ଡିଜାଇନ ଏବଂ ଗ୍ରାଫିକ୍ ସମ୍ବନ୍ଧରେ ପ୍ରଶିକ୍ଷଣ ।

# ଘଟଣା ପ୍ରବାହ

୧୫-୭-୭୮ .. କଳା ଓ ସଂସ୍କୃତିର ବିକାଶ ନିମନ୍ତେ ସଙ୍ଗୀତ ତଥା ନୃତ୍ୟ କାର୍ଯ୍ୟକ୍ରମ ଉପରୁ ରାଜ୍ୟ ସରକାର "ପ୍ରମୋଦ କର" ଛାଡ଼ କରିଦେବା
ପାଇଁ ସ୍ଥିର କରିଛନ୍ତି ।

୧୯-୭-୭୮ .. ଲୋକ ସଭାରେ 'ମିସା' ଉଚ୍ଛେଦ ବିଲ୍ ଗୃହୀତ ହେଲା ।

ଜିଲ୍ଲା ତଥା ରାଜ୍ୟ ସଦର ମହକୁମାରେ ଅବସ୍ଥିତ ହାଇସ୍କୁଲଗୁଡ଼ିକ ସମେତ ପାଞ୍ଚଶହ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ରାଜ୍ୟର
ସମସ୍ତ ହାଇସ୍କୁଲଗୁଡ଼ିକର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦ୍ୱିତୀୟ ଶ୍ରେଣୀ ଗେଜେଟେଡ଼ ପାହ୍ୟା ଦେବା ପାଇଁ ଓଡ଼ିଶା
ସରକାର ନିଷ୍ପତ୍ତି କଲେ ।

୨୧-୭-୭୮ .. ଓଡ଼ିଶା ସରକାର ଅବସରପ୍ରାପ୍ତ ମାନ୍ୟବର ବିଚାରପତି ଶ୍ରୀ ବି. କେ. ପାତ୍ରଙ୍କୁ କର୍ମଚାରୀ ବେତନ ଯୁକ୍ତିଯୁକ୍ତକରଣ କମିଟି ରୂପେ
ନିଯୁକ୍ତ କଲେ ।

୨୪-୭-୭୮ .. ଓଡ଼ିଶୀ ନୃତ୍ୟ ସଙ୍ଗୀତର ମହାନ ପୁରୋଧା ତଥା ସ୍ୱନାମଧନ୍ୟ ନାଟ୍ୟକାର କବିଚନ୍ଦ୍ର ଡକ୍ଟର କାଳୀଚରଣ ପଟ୍ଟନାୟକ ଇହଲୀଳା
ସମ୍ବରଣ କଲେ ।

୨୮-୭-୭୮ .. ସୁବର୍ଣ୍ଣରେଖା ପରିକଳ୍ପନାକୁ ତୁରନ୍ତ କାର୍ଯ୍ୟକାରୀ କରିବା ସକାଶେ ଭୁବନେଶ୍ୱରଠାରେ ଅନୁଷ୍ଠିତ ବୈଠକରେ ପଶ୍ଚିମବଙ୍ଗ, ବିହାର
ଓ ଓଡ଼ିଶା ସରକାର ସୁପାରିଶ କଲେ ।

୧-୮-୭୮ .. ବିଶ୍ୱ ବିଖ୍ୟାତ କୋଣାର୍କ ମନ୍ଦିର ମୁଖଶାଳାର ୪୫ ଫୁଟ ଉଚ୍ଚରୁ ହସ୍ତୀ ଖୋଦିତ ଏକ ବିରାଟ ପ୍ରସ୍ତର ଖଣ୍ଡ ଖସି ପଡ଼ିଲା ।

ଓଡ଼ିଶା ସରକାର ସୂଚନା ଓ ଲୋକସମ୍ପର୍କ ବିଭାଗ ନାମରେ ଏକ ନୂତନ ବିଭାଗ (୨୪ ତମ ବିଭାଗ) ସୃଷ୍ଟି କଲେ ।

୩-୮-୭୮ .. ଓଡ଼ିଶା ମନ୍ତ୍ରୀମଣ୍ଡଳ ୨୦୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଉପର ଇନ୍ଦ୍ରାବତୀ ଯୋଜନା ତୁରନ୍ତ କାର୍ଯ୍ୟକାରୀ କରିବା
ନିମନ୍ତେ ଚିଫ୍ କନଷ୍ଟ୍ରକ୍ସନ ଇଞ୍ଜିନିୟର ସମେତ ଷୋହଳଟି ସିଭିଲ ଡିଭିଜନ ସୃଷ୍ଟି କରିବା ପାଇଁ ନିଷ୍ପତ୍ତି କଲେ । ଏହି
ପ୍ରୋଜେକ୍ଟ ଅନୁଯାୟୀ ପ୍ରତ୍ୟେକ ୧୨୦ ମେଗାୱାଟ ବିଶିଷ୍ଟ ୫ଟି ଜେନେରେଟିଙ୍ଗ ୟୁନିଟ୍ ପ୍ରତିଷ୍ଠା କରାଯିବ ଏବଂ ପ୍ରାୟ
୫.୪୦ ଲକ୍ଷ ଏକର ଶୁଷ୍କ ଜମିକୁ ଜଳସେଚନ ସୁବିଧା ମିଳିବ ।

୪-୮-୭୮ .. ରାଜସ୍ୱ ଓ ବାଣିଜ୍ୟ ମନ୍ତ୍ରୀ ଶ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତି ପୁରୀ ଜିଲ୍ଲା ବାଲୁଗାଁଠାରେ ଲଞ୍ଚ ଯାତ୍ରୀମାନଙ୍କ ନିମନ୍ତେ ଏକ ପ୍ରତୀକ୍ଷାଳୟର
ଭିତ୍ତି ସ୍ଥାପନ କଲେ ।

୭-୮-୭୮ .. ବିହାର, ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ସୁବର୍ଣ୍ଣରେଖା ନଦୀର ଜଳବଣ୍ଟନ ରାଜିନାମା ସ୍ୱାକ୍ଷରିତ ହେଲା ।

୧୦-୮-୭୮ .. କେନ୍ଦ୍ର ସରକାର ଚିନିର ଦର, ଗୁଲଣ ଓ ବଣ୍ଟନ ଉପରୁ ୧୯୭୮ ଅଗଷ୍ଟ ୧୬ ତାରିଖଠାରୁ ନିୟନ୍ତ୍ରଣ ଆଦେଶ ଉଠାଇଦେବା ନିମନ୍ତେ
ନିଷ୍ପତ୍ତି ଘୋଷଣା କଲେ ।

ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର ଓ ପୁରୀଠାରେ ୬,୩୨୨ଟି ବାସ ଗୃହ ନିର୍ମାଣ ନିମନ୍ତେ କେନ୍ଦ୍ର ଗୃହ ନିର୍ମାଣ ଓ
ନଗର ଉନ୍ନୟନ କର୍ପୋରେସନ ଓଡ଼ିଶା ପାଇଁ ୭.୯୬ କୋଟି ଟଙ୍କା ମଞ୍ଜୁର କଲେ ।

୧୪-୮-୭୮ .. ଭାରତର ପୂର୍ବତନ ରାଷ୍ଟ୍ରପତି ଶ୍ରୀ ଭି. ଭି. ଗିରିଙ୍କ ସହଧର୍ମିଣୀ ଶ୍ରୀମତୀ ସରସ୍ୱତୀ ଗିରି ଇହଧାମ ତ୍ୟାଗ କଲେ ।

୧୬-୮-୭୮ .. ଭୁବନେଶ୍ୱର ଓ ସିକନ୍ଦରାବାଦ ମଧ୍ୟରେ ସୁପରଫାଷ୍ଟ କୋଣାର୍କ ଏକ୍ସପ୍ରେସ୍ ଟ୍ରେନ୍ ଯାତାୟତ ଆରମ୍ଭ କଲା ।






ନଡ଼ିଆକତାରେ ତିଆରି ହେଁସର ଭଲ ସୁବିଧା ରହିଛି—ସାକ୍ଷୀଗୋପାଳ ମହିଳା ଶିଳ୍ପ ସମବାୟ ସମିତିରେ ଦୁଇଜଣ ମହିଳା ହେଁସ ପ୍ରସ୍ତୁତ କରୁଛନ୍ତି ।

# ଆଦିବାସୀ ଓ ହରିଜନ ଛାତ୍ର ଛାତ୍ରୀଙ୍କୁ ବୃତ୍ତି ପ୍ରଦାନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଓଡ଼ିଶା ରାଜ୍ୟର ସମସ୍ତ ସ୍ୱୀକୃତିପ୍ରାପ୍ତ ମଧ୍ୟ-ଇଂରାଜୀ ଓ ଉଚ୍ଚ ଇଂରାଜୀ ବିଦ୍ୟାଳୟମାନଙ୍କରେ ଷଷ୍ଠରୁ ଏକାଦଶ ଶ୍ରେଣୀ ମଧ୍ୟରେ ଅଧ୍ୟୟନ କରୁଥିବା ଓ ପୂର୍ବ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇ ନ ଥିବା ସମସ୍ତ ଆଦିବାସୀ ଓ ହରିଜନ ଛାତ୍ର ଛାତ୍ରୀଙ୍କୁ ଓଡ଼ିଶା ସରକାରଙ୍କ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ତରଫରୁ ନିମ୍ନଲିଖିତ ହାରରେ ଛାତ୍ରବୃତ୍ତି ଦିଆଯାଇଥାଏ ।

୧ । ଉଚ୍ଚ ଇଂରାଜୀ ବିଦ୍ୟାଳୟର ଛାତ୍ରାବାସରେ ରହୁଥିବା ଛାତ୍ର ଓ ସମସ୍ତ ଛାତ୍ରୀ (ଛାତ୍ରାବାସରେ ରହନ୍ତୁ ବା ନ ରହନ୍ତୁ) ମାସିକ ବୃତ୍ତିହାର..............................ଟ ୩୮.୦୦ (ଦଶମାସ ପାଇଁ)

୨ । ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଦିବାଧ୍ୟାୟୀ ଛାତ୍ରଙ୍କ ପାଇଁ ବାର୍ଷିକ ଛାତ୍ରବୃତ୍ତି (ଦଶମାସ) ..................ଟ ୭୦.୦୦ ।

୩ । ମଧ୍ୟଇଂରାଜୀ ବିଦ୍ୟାଳୟର ଛାତ୍ରାବାସରେ ରହୁଥିବା ଛାତ୍ର ଓ ସମସ୍ତ ଛାତ୍ରୀ (ଛାତ୍ରାବାସରେ ରହନ୍ତୁ ବା ନ ରହନ୍ତୁ) ମାସିକ ବୃତ୍ତି ........................ଟ ୩୦.୦୦ (ଦଶମାସ) ।

୪ । ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଦିବାଧ୍ୟାୟୀ ଛାତ୍ରଙ୍କ ପାଇଁ ବାର୍ଷିକ (ଦଶମାସ) ବୃତ୍ତି ହାର................................ ଟ୫୦.୦୦ ।

ବୃତ୍ତି ପାଇଁ ଆବଶ୍ୟକୀୟ ଦରଖାସ୍ତ ଫର୍ମ ସଂପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଜରିଆରେ ମାଗଣାରେ ଯୋଗାଇ ଦିଆଯାଇଛି । ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀମାନେ ବୃତ୍ତି ପାଇଁ ଦରଖାସ୍ତ ଦେବା ସମୟରେ ସଂପୃକ୍ତ ସରକାରୀ କର୍ମଚାରୀଙ୍କ ସମେତ ତାଙ୍କ ନିଜ ନିର୍ବାଚନ ମଣ୍ଡଳୀର ଏମ୍. ଏଲ୍. ଏ./ଏମ୍. ପି. ଙ୍କ ଠାରୁ ଜାତି ପ୍ରମାଣ ପତ୍ର ଦାଖଲ କରି ପାରିବେ ।

ଦରଖାସ୍ତ ପାଇବା ପରେ ସ୍ଥାନୀୟ ବି. ଡି. ଓ.ଙ୍କ ଅନୁମୋଦନ କ୍ରମେ ସଂପୃକ୍ତ ଏସ୍. ଡି. ଓ. ଏହି ବୃତ୍ତି ମଞ୍ଜୁର କରିଥାନ୍ତି । ପ୍ରତ୍ୟେକ ଆର୍ଥିକ ବର୍ଷର ଆରମ୍ଭରେ ଏପ୍ରିଲ ବା ମଇ ମାସରେ ଉକ୍ତ ବୃତ୍ତି ବାର୍ଷିକ ଅଟକଳର ଶତକଡ଼ା ପ୍ରାୟ ୪୦ ଭାଗ ଟଙ୍କା ଅଗ୍ରୀମ ଆକାରରେ ସମସ୍ତ ଏସ୍. ଡି. ଓ.ଙ୍କୁ ଆଗତୁରା ମଞ୍ଜୁର କରି ପଠାଇ ଦିଆଯାଇଥାଏ । ଏହା ଦ୍ୱାରା ବିଦ୍ୟାଳୟ ଗୁଡ଼ିକ ଗ୍ରୀଷ୍ମ ଅବକାଶ ପରେ ଖୋଲିବା ପରେ ଛାତ୍ରଛାତ୍ରୀମାନେ ଛାତ୍ରବୃତ୍ତି ପାଇବା ପାଇଁ ଅସୁବିଧା ଭୋଗିବେ ନାହିଁ ବୋଲି ସରକାର ଆଶା କରନ୍ତି ।

ଏସ୍. ଡି. ଓ. ମାନେ ବି. ଡି. ଓ., ସହକାରୀ ଗ୍ରାମମଙ୍ଗଳ ଅଫିସର ଓ ଗ୍ରାମମଙ୍ଗଳ ବିଭାଗର ସଂପ୍ରସାରଣ ଅଫିସରମାନଙ୍କ ଜରିଆରେ ସଂପୃକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ବୃତ୍ତି ପ୍ରଦାନ କରିଥାନ୍ତି । ବୃତ୍ତି ପ୍ରଦାନ ସମୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅନ୍ତତଃ ପକ୍ଷେ ପରିଚାଳନା କମିଟିର ଜଣେ ସଭ୍ୟ ତଥା ଛାତ୍ରାବାସର ପରିଚାଳକଙ୍କ ଉପସ୍ଥିତି ଆବଶ୍ୟକ ।

ପୂର୍ବର ଆଦେଶକୁ ବାତିଲ କରି ସରକାର ନିଷ୍ପତ୍ତି କରିଛନ୍ତି କି ବୃତ୍ତି ପାଇବା ନିମନ୍ତେ ଦରଖାସ୍ତ ଫର୍ମ ସହ ପାସ୍‌ପୋର୍ଟ ଆକାରର ଫଟୋ ସଂଲଗ୍ନ କରିବାର ଆବଶ୍ୟକତା ନାହିଁ । ବୃତ୍ତି ଟଙ୍କା ମଞ୍ଜୁର କରିବା ଓ ବଣ୍ଟନ କରିବାରେ ନିର୍ଦ୍ଦିଷ୍ଟ ଥିବା ସମୟ-ସୀମାକୁ ବିଧିବଦ୍ଧ ଭାବରେ ପାଳନ କରିବାକୁ ସମସ୍ତ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସଙ୍ଗେ ସଙ୍ଗେ ସଂପୃକ୍ତ ଏସ୍. ଡି. ଓ. ଓ ଜିଲ୍ଲା ମଙ୍ଗଳ ଅଫିସରମାନଙ୍କୁ ଜଣାଇ ଦିଆଯାଇଅଛି । ଆଦିବାସୀ ଓ ହରିଜନ ଛାତ୍ର ବୋଲି ପ୍ରମାଣପତ୍ର ଦାଖଲ କରି ବୃତ୍ତି ପାଉଥିବା ସମସ୍ତ ଛାତ୍ର ଛାତ୍ରୀଙ୍କର ତାଲିକା ସ୍ଥାନୀୟ ବ୍ଲକ ଓ ଅନୁବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦେଖା-ଯାଇ ପାରିବ । ସଂପୃକ୍ତ ଅଞ୍ଚଳର ଏମ୍. ଏଲ୍. ଏ., ଏମ୍. ପି. ଓ ପଞ୍ଚାୟତ ସମିତି ଚେୟାରମ୍ୟାନ, ବ୍ଲକ୍ ଅଫିସ ବା ଏସ୍. ଡି. ଓ.ଙ୍କ ଅଫିସରେ ଏହି ତାଲିକା ଦେଖି ପାରିବେ । ଏ ସଂପର୍କରେ କାହାରି କିଛି ଆପତ୍ତି ଅଭିଯୋଗ ଥିଲେ ସରକାରଙ୍କ ଆଦିବାସୀ ଓ ଗ୍ରାମ ମଙ୍ଗଳ ବିଭାଗକୁ ଜଣାଇବା ପାଇଁ ଅନୁରୋଧ ।

ପ୍ରକାଶ ଥାଉକି ଗତ ବର୍ଷ ମାଟ୍ରିକ୍ ପୂର୍ବବର୍ତ୍ତୀ ଶ୍ରେଣୀମାନଙ୍କରେ ପ୍ରାୟ ୮୦ ହଜାର ଛାତ୍ରଙ୍କୁ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବୃତ୍ତି ଆକାରରେ ବଣ୍ଟନ କରାଯାଇଅଛି ।

OGP—MP-VI [ Home (P. R.) ] 40—15,000—20-9-1978



୧୯୭୮ ଅଗଷ୍ଟ ୧୩ ତାରିଖ ଦିନ ଭୁବନେଶ୍ୱରସ୍ଥ ଭାରତୀୟ ବିଦ୍ୟାଭବନଠାରେ ଅନୁଷ୍ଠିତ "ଭବନସନ୍ଦର୍ଶନ" ପତ୍ରିକାର ରୌପ୍ୟଜୁବୁଲି ଉତ୍ସବ ଉପଲକ୍ଷେ ରାଜ୍ୟପାଳ ଶ୍ରୀ ବି. ଡି. ଶର୍ମା ଉଦ୍‌ବୋଧନ ଦେଉଛନ୍ତି ।



ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ସର୍ଭେର ଡାଇରେକ୍ଟର ଜେନେରାଲ ଶ୍ରୀ ଏମ୍. ଏନ୍. ଦେଶପାଣ୍ଡେ ରାଜ୍ୟ ସାଂସ୍କୃତିକ ବ୍ୟାପାର ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କ ସହିତ ଗତ ଅଗଷ୍ଟ ୧୦ ତାରିଖ ଦିନ କୋଣାର୍କ ମନ୍ଦିରରୁ ଖସି ପଡ଼ିଥିବା ପ୍ରକାଣ୍ଡକାୟ ପ୍ରସ୍ତରଖଣ୍ଡ ପର୍ଯ୍ୟବେକ୍ଷଣ କରୁଛନ୍ତି ।

Vol. XXXV No. 2 UTKAL PRASANGA Regd. No. O-247
Licence No. C. R. N. P. 5—Licensed to post without Pre-Payment

ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ୧୯୭୮ ସ୍ୱାଧୀନତା ଦିବସରେ ଭୁବନେଶ୍ୱରଠାରେ ସମ୍ବଲପୁର ଜିଲ୍ଲା ବୁର୍ଲାର ଶ୍ରୀ ହରିହର ବାରିକ୍‌ଙ୍କୁ ଅସୀମ ସାହସ ଓ ଉଲ୍ଲେଖନୀୟ ମାନବୀୟ ସେବାକାର୍ଯ୍ୟ ନିମନ୍ତେ ଭାରତ ସରକାରଙ୍କ "ଜୀବନ ରକ୍ଷା ପଦକ" ପ୍ରଦାନ କରୁଛନ୍ତି ।





ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ୧୯୭୮ ସ୍ୱାଧୀନତା ଦିବସରେ ଭୁବନେଶ୍ୱରଠାରେ ବୁର୍ଲା ମେଡ଼ିକାଲ କଲେଜରେ ଅଧ୍ୟୟନ କରୁଥିବା ମଣିପୁର ରାଜ୍ୟର ଶ୍ରୀ ଲୁଙ୍ଗ୍ ଲେଙ୍ଗ୍ ସ୍ୟାନିଂ ଙ୍କୁ ଅସୀମ ସାହସ ଓ ଉଲ୍ଲେଖନୀୟ ମାନବୀୟ ସେବାକାର୍ଯ୍ୟ ନିମନ୍ତେ ଭାରତ ସରକାରଙ୍କ "ଜୀବନ ରକ୍ଷା ପଦକ" ପ୍ରଦାନ କରୁଛନ୍ତି ।

PRINTED AT ORISSA GOVERNMENT PRESS, CUTTACK-10

